ମୃଣାଳିନୀ

ବଙ୍କିମଚନ୍ଦ୍ର



ଭାରତୀୟ ଉପନ୍ୟାସ

Digitized by srujanika@gmail.com

ମୃଣାଳିନୀ

ମୂଳ ବଙ୍ଗଳା ରଚନା : ବଙ୍କିମଚନ୍ଦ୍ର

ଓଡ଼ିଆ ଭାଷାନ୍ତର : ଶ୍ରୀ ନନ୍ଦକିଶୋର ସିଂହ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
ଗ୍ରନ୍ଥମନ୍ଦିର, ବାରାକ୍ସ, ବ୍ରହ୍ମପୁର-୧

ମୁଦ୍ରକ : ଗ୍ରାମସେବକ ସମବାୟ ପ୍ରକାଶନ ଲିଃ, କଟକ-୨

ପ୍ରଥମ ସଂସ୍କରଣ . ଡିସେମ୍ବର ୧୯୮୫

ମୂଲ୍ୟ : ଟ ୧୬-୦୦

Digitized by srujanika@gmail.com

ବଙ୍କିମଚନ୍ଦ୍ର

(ଜନ୍ମ ୨୭ ଜୁନ ୧୮୩୮ ଏବଂ ମୃତ୍ୟୁ ୮ ଏପ୍ରିଲ ୧୮୯୪)

ବନ୍ଦେ ମାତରଂ ମନ୍ତ୍ରର ଋଷି ଶ୍ରେଷ୍ଠ ଔପନ୍ୟାସିକ ବଙ୍କିମଚନ୍ଦ୍ରଙ୍କ ଜନ୍ମ ବଙ୍ଗଦେଶର ଚବିଶ ପ୍ରଗଣା ଜିଲ୍ଲାର କଣ୍ଠାଲପଡ଼ା ଗ୍ରାମରେ । ପିତା ଯାଦବଚନ୍ଦ୍ର ଚଟ୍ଟୋପାଧ୍ୟାୟ । କଣ୍ଟକରେ ନିମକମାହାଲରେ ସେ କୈଶୋର ଅବସ୍ଥାରେ ଅବସ୍ଥାନ କରିଥିଲେ । ସନ୍ନ୍ୟାସୀ ସଂପ୍ରଦାୟଙ୍କ ପ୍ରତି ବଙ୍କିମଚନ୍ଦ୍ରଙ୍କର ଆକର୍ଷଣ ଯଥେଷ୍ଟ ରହିଥିଲା । ତେଣୁ ବହୁ ଉପନ୍ୟାସରେ ସନ୍ନ୍ୟାସୀ ଚରିତ୍ରର ଚିତ୍ରଣ ଦେଖାଯାଏ ।

ଡେପୁଟି ମାଜିଷ୍ଟ୍ରେଟ ଡେପୁଟି କଲେକ୍ଟର ଭାବେ ସେ ନିଜର ଦାୟିତ୍ୱ ତୁଲାଇବା ସଙ୍ଗେ ସଙ୍ଗେ ସାହିତ୍ୟ ସାଧନା ଏବଂ ଜାତୀୟ ଭାବଧାରା ବିକାଶରେ ସେ ନିଜକୁ ଉତ୍ସର୍ଗ କରିଥିଲେ । ବଙ୍ଗଳା ଭାଷା ଓ ସାହିତ୍ୟର ପରିପୁଷ୍ଟି ସାଧନରେ ତାଙ୍କର ଅବଦାନ ଉଲ୍ଲେଖଯୋଗ୍ୟ ।

ତାଙ୍କର ଉପନ୍ୟାସ ଗୁଡ଼ିକ ମୁଖ୍ୟତଃ ତିନିଭାଗରେ ବିଭକ୍ତ, ଯଥା— ଐତିହାସିକ, ସାମାଜିକ ଏବଂ ଜାତୀୟତାମୂଳକ ।

'ମୃଣାଳିନୀ' ତାଙ୍କର ଶ୍ରେଷ୍ଠ ଉପନ୍ୟାସ ଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ରଚନାକାଳ ୧୮୬୯ ମସିହା । ଏହି ଉପନ୍ୟାସରେ ସର୍ବପ୍ରଥମେ ତାଙ୍କର ସ୍ୱଦେଶ ପ୍ରେମର ସୂଚନା ମିଳିଥାଏ । ବଖତିୟାର ଖିଲିଜି ମୁଷ୍ଟିମେୟ ଅଷ୍ଟାଦଶ ସୈନ୍ୟ ନେଇ ବଙ୍ଗ ଦେଶ ଜୟ କରିଥିଲା—ଏହି କଥା ମୁସଲିମ ଐତିହାସିକ-ମାନେ ଚିତ୍ରଣ କରିଛନ୍ତି । ବଙ୍କିମଚନ୍ଦ୍ରଙ୍କ ପକ୍ଷେ ଏହା ଅସହ୍ୟ ହୋଇଉଠିଥିଲା । ସେ ଏହାର ସତ୍ୟତା ବିଷୟରେ ସନ୍ଦିହାନ । ସମ୍ଭବତଃ ଏହାର ପ୍ରତିବାଦରେ 'ମୃଣାଳିନୀ'ର ସୃଷ୍ଟି । ଏଥିରେ ଐତିହାସିକ ଘଟଣାବଳୀର ସାମାନ୍ୟ ସୂଚନା ରହିଥିଲେ ହେଁ, ସମସାମୟିକ ସାମାଜିକ ଚିତ୍ର, ବାଲ୍ୟବିବାହ, ସତୀଦାହପ୍ରଥା ଆଦି ଦେଖିବାକୁ ମିଳିଥାଏ । ସର୍ବୋପରି ବଙ୍କିମଚନ୍ଦ୍ରଙ୍କ ଜାତୀୟତାବୋଧ ଏଥିରେ ଛନ୍ଦେ ଛନ୍ଦେ ପ୍ରତିଫଳିତ ।

Digitized by srujanika@gmail.com

ଆଗନ୍ତୁକ ବ୍ରାହ୍ମଣଙ୍କୁ ପ୍ରଣାମ କରି ସମ୍ମୁଖରେ ଦଣ୍ଡାୟମାନ ରହିଲେ । ବ୍ରାହ୍ମଣ ଆଶୀର୍ବାଦ କରି କହିଲେ—"ବତ୍ସ ହେମଚନ୍ଦ୍ର, ମୁଁ ଅନେକଦିନ ଧରି ତୁମକୁ ପ୍ରତୀକ୍ଷା କରି ବସିଛି ।"

ହେମଚନ୍ଦ୍ର ବିନୀତ ଭାବରେ କହିଲେ—ଅପରାଧ ମାର୍ଜନା କରିବେ । ଦିଲ୍ଲୀରେ ଏପର୍ଯ୍ୟନ୍ତ କାର୍ଯ୍ୟ ସିଦ୍ଧି ହୋଇନାହିଁ । ଏତଦ୍‌ବ୍ୟତୀତ ଯବନଗଣ ଆମକୁ ଅନୁସରଣ କରୁଥିଲେ । ଏଣୁ ସତର୍କତା ସହ ଆମକୁ ଆସିବାକୁ ପଡ଼ୁଛି । ତେଣୁ ଏଠାରେ ଉପସ୍ଥିତ ହେବାରେ ଏତେ ବିଳମ୍ବ ଘଟିଲା ।

ବ୍ରାହ୍ମଣ କହିଲେ—ଦିଲ୍ଲୀର ସକଳ ସମ୍ବାଦ ମୋର ଶ୍ରୁତିଗୋଚର ହୋଇଛି । ବଖ୍‌ତିଆର ଖିଲିଜିଙ୍କୁ ହାତୀ ସାହାଯ୍ୟରେ ନିହତ କରିଥିଲେ ଭଲ ହୋଇଥାନ୍ତା । ଦେବତାର ଶତ୍ରୁ ପଶୁ ହସ୍ତରେ ନିହତ ହୋଇଥାନ୍ତା । ତୁମେ କାହିଁକି ତାକୁ ବଞ୍ଚାଇବାକୁ ଗଲ ?

ହେମଚନ୍ଦ୍ର—ତାକୁ ସ୍ୱହସ୍ତରେ ବଧ କରିବି । ସେ ମୋର ପିତାଙ୍କର ଶତ୍ରୁ । ମୋର ପିତାଙ୍କୁ ରାଜ୍ୟହରା କରିଛି ସେହି ପାପିଷ୍ଠ ଯବନ । ତେଣୁ ତାକୁ ହତ୍ୟା କରିବା ନିମିତ୍ତ ମୁଁ ପ୍ରତିଜ୍ଞାବଦ୍ଧ ।

ବ୍ରାହ୍ମଣ ହାତୀ କ୍ରୋଧାନ୍ୱିତ ହୋଇ ଆକ୍ରମଣ କରିବାକୁ ଗଲାବେଳେ ତୁମେ ସେ ବଖ୍‌ତିଆରକୁ ହତ୍ୟା ନ କରି ହାତୀଟିକୁ ମାରିଲ କାହିଁକି ?

ହେମଚନ୍ଦ୍ର—ମୁଁ କଣ କାପୁରୁଷ ପରି ବନ୍ୟଯୁଦ୍ଧରେ ଶତ୍ରୁ ନିଧନ କରିବି ? ମଗଧ ବିଜେତାକୁ ଯୁଦ୍ଧରେ ଜୟ କରି ପିତୃରାଜ୍ୟ ଉଦ୍ଧାର କରିବି । ତା ନହେଲେ ମଗଧ ରାଜପୁତ୍ର ଭାବେ ମୋର ଗୌରବ ରହିଲା କେଉଁଠି ?

ହେମଚନ୍ଦ୍ରଙ୍କର ଏକଥା ଶୁଣି ବ୍ରାହ୍ମଣ ମୁହୂର୍ତ୍ତକ ପାଇଁ ଚିନ୍ତିତ ହୋଇ ପଡ଼ିଲେ । ତା ପରେ ଗମ୍ଭୀର ହୋଇ କହିଲେ—ଏ ସମସ୍ତ ଘଟଣା ଘଟିବାର କିଛୁଦିନ ଅତିକ୍ରାନ୍ତ ହୋଇଗଲାଣି । ତେଣୁ ତୁମେ ଆହୁରି ଆଗରୁ ଏଠାକୁ ଆସିବାର ଥିଲା । ତୁମେ ଏତେ ବିଳମ୍ବ କଲ କାହିଁକି ? ହଁ—ମଥୁରାକୁ ଯାଇଥିଲ ?" ତୀକ୍ଷ୍ଣ ଦୃଷ୍ଟିରେ ପ୍ରଶ୍ନ କଲେ ବ୍ରାହ୍ମଣ ।

ହେମଚନ୍ଦ୍ର ସତେ ଅବା ଏଭଳି ଏକ ପ୍ରଶ୍ନ ପାଇଁ ପ୍ରସ୍ତୁତ ନଥିଲେ । ସେ ଅଧୋବଦନ ଅବସ୍ଥାରେ ଦଣ୍ଡାୟମାନ ହୋଇ ରହିଲେ । ବ୍ରାହ୍ମଣ

Digitized by srujanika@gmail.com

ହେମଚନ୍ଦ୍ରଙ୍କର ଏ ଅବସ୍ଥା ଦେଖି କହିଲେ—"ବୁଝିଲି, ମୋର ବାରଣ ନ ମାନି ତୁମେ ତାହାଲେ ମଥୁରା ଯାଇଥିଲ । ତା ସଙ୍ଗେ ସାକ୍ଷାତ ହେଲା ?"

ଏ ପ୍ରଶ୍ନର ଉତ୍ତର ହେମଚନ୍ଦ୍ର ରୁଷ୍ଟ ଭାବେ ଦେଲେ—ସାକ୍ଷାତ ପାଇଲି ନାହିଁ—ସେ ଆପଣଙ୍କର ଦୟା । ମୃଣାଳିନୀଙ୍କୁ ଆପଣ କେଉଁଠାକୁ ପଠାଇଛନ୍ତି ?

ମାଧବାଚାର୍ଯ୍ୟ—ମୁଁ ଯେ ତାକୁ କେଉଁଠାକୁ ପଠାଇଛି ଏ ଧାରଣା ତୁମର କିପରି ଜନ୍ମିଲା ହେମଚନ୍ଦ୍ର ?

ହେମଚନ୍ଦ୍ର—ମାଧବାଚାର୍ଯ୍ୟଙ୍କ ବ୍ୟତୀତ ଏ ମନ୍ତ୍ରଣା ଆଉ କିଏ କରିପାରେ ? ମୁଁ ମୃଣାଳିନୀଙ୍କ ଧାତ୍ରୀ ମୁଖରୁ ଶୁଣିଲି—ମୃଣାଳିନୀ ମୋ ପ୍ରଦତ୍ତ ମୁଦ୍ରିକା ଦେଖାଇ କେଉଁ ଅଜ୍ଞାତ ସ୍ଥାନକୁ ଯାତ୍ରା କରିଛି । ମୋର ଏଇ ମୁଦ୍ରାଙ୍କିତ ଆପଣଙ୍କ ପାଖେପ୍ସ ଭାବେ ଗ୍ରହଣ କରିଥିଲେ । ସେଇ ମୁଦ୍ରିକା ପରିବର୍ତ୍ତେ ମୁଁ ବହୁ ମୂଲ୍ୟ ଧନରତ୍ନ ଦେବାକୁ ଚାହିଁଥିଲେ ହେଁ ଆପଣ ତାହା ଗ୍ରହଣ କରିନଥିଲେ । ସେହି ସମ୍ପର୍କରୁ ମୁଁ ସନ୍ଦିହାନ ହୋଇପଡ଼ିଥିଲି । କିନ୍ତୁ ଆପଣଙ୍କ ନିକଟରେ ମୋର ତ ଅଦେୟ କିଛି ନାହିଁ । ତେଣୁ ଦ୍ୱିଧାହୀନ ଭାବେ ମୁଁ ମୋର ମୁଦ୍ରିକା ଆପଣଙ୍କୁ ଦାନ କରିଥିଲି । କିନ୍ତୁ ମୋର ଅସାବଧାନତାର ସମୁଚିତ ପ୍ରତିଫଳ ଆପଣ ମୋତେ ପ୍ରଦାନ କରିଛନ୍ତି ।

ମାଧବାଚାର୍ଯ୍ୟ—ଯଦି ତାହା ଭାବୁଥାଅ ତେବେ ମୋ ଉପରେ ଅଯଥା କ୍ରୋଧ କରନାହିଁ । ତୁମେ ଦେବ କାର୍ଯ୍ୟ ନ କରିଲେ କିଏ ଆଉ କରିବ ? ଯବନମାନଙ୍କୁ ତୁମ ଛଡ଼ା ଆଉ କିଏ ବିତାଡ଼ିତ କରିପାରେ ? ଯବନଙ୍କୁ ପରାଜିତ କରିବା ବର୍ତ୍ତମାନ ତୁମର ଏକମାତ୍ର ଧ୍ୟେୟ ହେବା ଆବଶ୍ୟକ । ଏ ସମୟରେ ମୃଣାଳିନୀର ଭାବନା ତୁମ ମନକୁ ଆସିବା ଉଚିତ ନୁହେଁ । ମନେପକାଅ ହେମଚନ୍ଦ୍ର—ତୁମେ ମୃଣାଳିନୀ ଆଶାରେ ମଥୁରା ଧାଇଁଯାଇଥିଲ ଆଉ ସେହି କାରଣରୁ ତୁମକୁ ପିତୃରାଜ୍ୟ ହରାଇବାକୁ ପଡ଼ିଲା । ଆଜି ପୁଣି କଣ ମୃଣାଳିନୀର ବାହୁ ବନ୍ଧନରେ ଆବଦ୍ଧ ରହି ନିଜର ପୌରୁଷ ହରାଇବସିବ ? ନିଶ୍ଚେଷ୍ଟ ହେବ ? ନା—ଅସମ୍ଭବ ! ମାଧବାଚାର୍ଯ୍ୟ ଜୀବିତ ଥିବା ଯାଏ ସେକଥା ହୋଇ ପାରିବ ନାହିଁ । ସୁତରାଂ ମୃଣାଳିନୀକୁ ମୁଁ ଅଜ୍ଞାତ ସ୍ଥାନକୁ ପ୍ରେରଣ କରିଦେଇଛି । ତାକୁ ପାଇବା ତୁମ ପକ୍ଷରେ ଆଉ ସମ୍ଭବ ନୁହେଁ ।

Digitized by srujanika@gmail.com

ହେମଚନ୍ଦ୍ର ତେବେ ଆପଣଙ୍କର ଦେବକାର୍ଯ୍ୟ ଆପଣ କରନ୍ତୁ, ମୁଁ ଚାଲିଲି !

ମାଧବାଚାର୍ଯ୍ୟ—ଇଏ ତୁମର ଦୁର୍ବୁଦ୍ଧି ହେମଚନ୍ଦ୍ର !

ଏଇ କଣ ତୁମର ଦେବଭକ୍ତି ? ଦେବଗଣ ତୁମଭଳି ପୁରୁଷର ସାହାଯ୍ୟ ନିମିତ୍ତ ଅପେକ୍ଷା କରନ୍ତିନି । ତୁମ ଭଳି କାପୁରୁଷ କେବଳ ଶତ୍ରୁର ଶାସନକୁ ବରଦାସ୍ତ କରିପାରେ । ଏଇ କ୍ରୋଧ ହୁଏତ ତୁମର ଗୀତି । ରାଜପୁତ୍ର ତୁମେ । ପିତୃରାଜ୍ୟ ଶତ୍ରୁ କବଳରୁ ଉଦ୍ଧାର କରିବାପାଇଁ ତୁମେ ବ୍ୟାକୁଳ ନୁହଁ କାହିଁକି ?

ହେମଚନ୍ଦ୍ର—ରାଜ୍ୟ-ଶିକ୍ଷାଦୀକ୍ଷା-ଗର୍ବ ଅତଳସାଗରରେ ନିମଜ୍ଜିତ ହେଉ !

ମାଧବାଚାର୍ଯ୍ୟ—ନରାଧମ—ଧିକ ତୁମର ଜନ୍ମ ! ଜନନୀ କାହିଁକି ଏଭଳି କୁଳାଙ୍ଗାରକୁ ଦଶମାସ ଦଶଦିନ ଗର୍ଭରେ ଧାରଣ କରି ଯନ୍ତ୍ରଣା ଭୋଗ କରୁଥିଲେ ? ବାରବର୍ଷ ଧରି ଦେବ ଆରାଧନା ତ୍ୟାଗ କରି କାହିଁକି ତୁମଭଳି ପାଷାଣ୍ଡକୁ ସକଳ ବିଦ୍ୟା ଶିକ୍ଷା କରାଇଥିଲେ ?

ମାଧବାଚାର୍ଯ୍ୟ ଏହିପରି ତିରସ୍କାର କରି ଅନେକ ସମୟ ପାଇଁ କପାଳରେ ହାତ ଦେଇ ବସିରହିଲେ । ଧୀରେଧୀରେ ହେମଚନ୍ଦ୍ରଙ୍କର ଅନିନ୍ଦ୍ୟ ସୁନ୍ଦର ଗୌରମୁଖକାନ୍ତି ମଧ୍ୟାହ୍ନ ମାର୍ତ୍ତଣ୍ଡ ତୁଲ୍ୟ ପ୍ରଜ୍ୱଳିତ ହେବାକୁ ଲାଗିଲା । କିନ୍ତୁ ସେ ସ୍ଥିରଭାବେ ଦଣ୍ଡାୟମାନ ହୋଇ ରହିଲେ ।

ହେମଚନ୍ଦ୍ରଙ୍କର ଏହି ଅବସ୍ଥା ଲକ୍ଷ୍ୟକରି ମାଧବାଚାର୍ଯ୍ୟ କହିଲେ—ହେମଚନ୍ଦ୍ର—ଧୈର୍ଯ୍ୟଧର । ମୃଣାଳିନୀ କେଉଁଠାରେ ଅଛି ତାହା ମୁଁ ଅବଶ୍ୟ କହିବି । ତାହା ସହ ତୁମର ବିବାହର ବ୍ୟବସ୍ଥା ମଧ୍ୟ କରିବି । କିନ୍ତୁ ସେ ଶୁଭ ମୁହୂର୍ତ୍ତ ଆସିବା ପର୍ଯ୍ୟନ୍ତ ତୁମକୁ ଅପେକ୍ଷା କରିବାକୁ ହେବ । ବର୍ତ୍ତମାନ ତୁମର କର୍ତ୍ତବ୍ୟ ହେଲା ମୋର ଆଦେଶ ମାନି କାର୍ଯ୍ୟ କରିବା ।

ହେମଚନ୍ଦ୍ର ପୁନର୍ବାର ଦୃଢ଼ ସ୍ୱରରେ କହିଲେ ମୃଣାଳିନୀ କେଉଁଠାରେ ଅଛି ଏ କଥା ନ ଜାଣିବା ପର୍ଯ୍ୟନ୍ତ ମୁଁ ଯବନମାନଙ୍କୁ ବଧକରିବା ନିମିତ୍ତ ଅସ୍ତ୍ର ଧାରଣ କରିବି ନାହିଁ ।

ମାଧବାଚାର୍ଯ୍ୟ କହିଲେ—ଆଜି ମୃଣାଳିନୀ ଯଦି ମରିଯାଇଥାଏ···

Digitized by srujanika@gmail.com

ଏହି କଥା ପଦକ ଶୁଣିଲା ମାତ୍ରେ ହେମଚନ୍ଦ୍ରଙ୍କ ଚକ୍ଷୁରୁ ସତେଅବା ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ ହେବାକୁ ଲାଗିଲା । ସେ କହିଲେ—ଏଭଳି କୁକର୍ମ ବୋଧହୁଏ କେବଳ ଆପଣ ହିଁ କରିପାରନ୍ତି ।

ମାଧବାଚାର୍ଯ୍ୟ—ମୁଁ ସ୍ୱୀକାର କରୁଛି ହେମଚନ୍ଦ୍ର—ଦେବକାର୍ଯ୍ୟ ସାଧନ ନିମିତ୍ତ ମୋତେ ଏଭଳି ଏକ ନିଷ୍ଠୁର ନିଷ୍ପତ୍ତି ନେବାକୁ ପଡ଼ିଲା ।

ଏକଥା ଶୁଣି ମୁହୂର୍ତ୍ତକ ଆଗରୁ ମଧ୍ୟାହ୍ନ ମାର୍ତ୍ତଣ୍ଡ ଆଭା ଧାରଣା କରିଥିବା ହେମଚନ୍ଦ୍ରଙ୍କର ଉଜ୍ଜ୍ୱଳ ମୁଖକାନ୍ତି ବର୍ଷଣମୁଖର ମେଘ ସଦୃଶ ଅନ୍ଧକାର ହୋଇପଡ଼ିଲା । ହସ୍ତ ଦସ୍ତରେ ଧନୁରେ ଶର ସନ୍ଧାନ କରି ହେମଚନ୍ଦ୍ର କହିଲେ—ମୃଣାଳିନୀର ହତ୍ୟାକାରୀ ମୋ ହାତରୁ ରକ୍ଷା ପାଇପାରିବ ନାହିଁ । ଏଇ ହାତରେ ମୁଁ ଗୁରୁହତ୍ୟା ଓ ବ୍ରହ୍ମହତ୍ୟା କରିବି ।

ମାଧବାଚାର୍ଯ୍ୟ ସାମାନ୍ୟ ବିଚଳିତ ନ ହୋଇ ହେମଚନ୍ଦ୍ରଙ୍କୁ ଏପରି ଉତ୍କ୍ଷିପ୍ତ ହେବା ଲକ୍ଷ୍ୟ କରି ହସି ହସି କହିଲେ, "ଗୁରୁହତ୍ୟା ଓ ବ୍ରହ୍ମହତ୍ୟା କରି ତୁମେ ଯେତେ ଆନନ୍ଦ ଲଭ କରିବ—ସ୍ତ୍ରୀହତ୍ୟାକରି ମୋତେ ସେ ଆନନ୍ଦ ମିଳିବନାହିଁ । ଧୈର୍ଯ୍ୟ ଧର ହେମଚନ୍ଦ୍ର । ମୃଣାଳିନୀ ଏବେବି ଜୀବିତ । ପାରିବ ଯଦି ଯାଇ ତାକୁ ସାକ୍ଷାତ କରିବାକୁ ଚେଷ୍ଟାକର । ଏଇ ମୁହୂର୍ତ୍ତରେ ମୋ ଆଗରୁ ଚାଲିଯାଅ । ତୁମ ଭଳି ଅଯୋଗ୍ୟ ପୁରୁଷର ପାଦସ୍ପର୍ଶରେ ଏଇ ଆଶ୍ରମକୁ ଅଧିକ ସମୟ କଳୁଷିତ କରନାହିଁ । ତୁମଭଳି ଅପାତ୍ର ଉପରେ କୌଣସି ଦାୟିତ୍ୱ ଅର୍ପଣ କରିବାକୁ ମାଧବାଚାର୍ଯ୍ୟ ଚିନ୍ତା କରି ଭୁଲ କରିଛି ।"—ଏତକ କହି ସେ ପୂର୍ବବତ୍ ଜପ କରିବାକୁ ଲାଗିଲେ ।

ହେମଚନ୍ଦ୍ର ଧୀରେ ଧୀରେ ଆଶ୍ରମରୁ ବାହାରିଆସିଲେ । ଘାଟକୁ ଆସି ସେଇ ଗ୍ଲୋଟ ନୌକାଟିରେ ଆରୋହଣ କଲେ । ତାପରେ କହିଲେ—"ଦିଗ୍‌ବିଜୟ, ନୌକା ଚଳାଅ । ।"

ଦିଗ୍ ବିଜୟ—କୁଆଡ଼େ ଯିବା ?

ହେମଚନ୍ଦ୍ର—ତୁମ ଇଚ୍ଛା! ଯେଉଁଠାକୁ !

ଦିଗ୍‌ବିଜୟ ହେମଚନ୍ଦ୍ରଙ୍କର ମନୋଭାବ ବୁଝିପାରି କହିଲେ "ସେ ସ୍ଥାନ ତ ଅଳ୍ପ ବାଟ ।" ଏହା ପରେ ସେ ସ୍ରୋତର ପ୍ରତିକୂଳରେ ନୌକା ଚଳାଇଲେ ।

Digitized by srujanika@gmail.com

ହେମଚନ୍ଦ୍ର ଅନେକ ସମୟ ନୀରବ ରହିବା ପରେ ହଠାତ୍ ଚିତ୍କାର କରି ଉଠିଲେ—"ମୂର୍ଖ, ନୌକା ଏଣେ କାହିଁକି ଆଣିଲୁ ? ଯେଉଁଠାରୁ ଆସିଥିଲେ ପୁଣି ସେଇ ସ୍ଥାନକୁ ଫେରିଚାଲ ।"

ଦିଗ୍‌ବିଜୟ ଅଗତ୍ୟା ନୌକା ଫେରାଇ ପୁଣି ପ୍ରୟାଗ ଘାଟରେ ଉପସ୍ଥିତହେଲେ । ହେମଚନ୍ଦ୍ର ନୌକାରୁ ଓହ୍ଲାଇପଡ଼ି ଦ୍ରୁତ ପଦରେ ପୁନର୍ବାର ମାଧବାଚାର୍ଯ୍ୟଙ୍କର ଆଶ୍ରମରେ ପ୍ରବେଶ କଲେ । ମାଧବାଚାର୍ଯ୍ୟ ତାଙ୍କୁ ଦେଖି କହିଲେ—ପୁଣି କାହିଁକି ଆସିଲ ହେମଚନ୍ଦ୍ର ?

ହେମଚନ୍ଦ୍ର—ଆପଣ ଯାହା କହିବେ ମୁଁ ତାହାହିଁ କରିବି ଗୁରୁଦେବ । ତେବେ ମୋର ଗୋଟିଏ ମିନତି—ମୃଣାଳମା କେଉଁଠାରେ ଏତିକି ସମ୍ବାଦ ମୋତେ ଦୟାକରି ଦିଅନ୍ତୁ !

ମାଧବାଚାର୍ଯ୍ୟ - ତୁମେ ସତ୍ୟବାଦୀ । ମୋର ଆଜ୍ଞା ପାଳନ ନିମିତ୍ତ ପୁନର୍ବାର ମୋ ଆଶ୍ରମକୁ ଫେରିଆସିଥିବାରୁ ମୁଁ ସନ୍ତୁଷ୍ଟ । ଗୌଡ଼ ନଗରୀରେ ମୋର ଜନୈକ ଶିଷ୍ୟର ଗୃହରେ ମୁଁ ମୃଣାଳମାକୁ ରଖାଇ ଆସିଛି । କିନ୍ତୁ ତୁମେ ତାକୁ ବର୍ତ୍ତମାନ ସାକ୍ଷାତ କରିପାରିବ ନାହିଁ । କାରଣ ମୋର ଆଜ୍ଞା, ମୃଣାଳମା ସେଠାରେ ଅବସ୍ଥାନ କରିଥିବା ପର୍ଯ୍ୟନ୍ତ ଅନ୍ୟ ପୁରୁଷର ମୁଖ ଦର୍ଶନର ସୁଯୋଗ ମଧ୍ୟ ପାଇପାରିବ ନାହିଁ ।

ହେମଚନ୍ଦ୍ର ମୃଣାଳମା ଜୀବିତ ଏଇଥିରେ ମୋର ଆନନ୍ଦ । କୁହନ୍ତୁ ଗୁରୁଦେବ—ମୋତେ କଣ କରିବାକୁ ହେବ ?

ମାଧବାଚାର୍ଯ୍ୟ—ତୁମେ ଅତିଶୀଘ୍ର ଦିଲ୍ଲୀ ଯାଇ ଯବନମାନଙ୍କର ମନ୍ତ୍ରଣା ସମ୍ବନ୍ଧରେ ତଥ୍ୟ ଆହରଣ କର ।

ହେମଚନ୍ଦ୍ର—ଯବନଗଣ ବଙ୍ଗ ବିଜୟ ନିମିତ୍ତ ଉଦ୍ୟମ କରୁଛନ୍ତି । ଅତିଶୀଘ୍ର ବଖତିୟାର ଖିଲିଜି ସେନା ସହ ଗୌଡ଼ ଅଭିମୁଖେ ଯାତ୍ରା କରିବ ।

ମାଧବାଚାର୍ଯ୍ୟ ଏକଥା ଶୁଣି ଆନନ୍ଦିତ ହୋଇଉଠି କହିଲେ—ଏତେ-ଦିନେ ଭଗବାନ ଆମ ପ୍ରତି ସଦୟ ହେଲେ ।

ହେମଚନ୍ଦ୍ର ଏକଲୟରେ ମାଧବାଚାର୍ଯ୍ୟଙ୍କୁ ଚାହିଁରହିଲେ । ମାଧବାଚାର୍ଯ୍ୟ କହିଲେ—ମୋର କଳ୍ପିତନର ଗଣନା ଆଜି ସତ୍ୟ ପ୍ରତିପାଦିତ ହେବାକୁ ଯାଉଛି ।

Digitized by srujanika@gmail.com

ହେମଚନ୍ଦ୍ର—କିପରି ?

ମାଧବାଚାର୍ଯ୍ୟ—ଯବନରାଜ୍ୟ ଅଚିରେ ଧ୍ୱଂସହେବ ।

ହେମଚନ୍ଦ୍ର—ହୋଇପାରେ, କିନ୍ତୁ ଏତେ ସହସା କିପରି ସମ୍ଭବ ? ପୁଣି କିଏ ଏ କାମ କରିପାରିବ !

ମାଧବାଚାର୍ଯ୍ୟ—ତାହା ମଧ୍ୟ ମୋର ଗଣନାରେ ସ୍ଥିର ହୋଇସାରିଛି । ପାଶ୍ଚାତ୍ୟ ବଣିକଗଣ ବଙ୍ଗରାଜ୍ୟ ଆକ୍ରମଣ କରିବା ପରେ ଯବନ ପରାସ୍ତ ହେବ ।

ହେମଚନ୍ଦ୍ର—ଏଥିରେ ଆମର ଜୟ କିପରି ସମ୍ଭବ ! ଆମେ ତ ବଣିକ ନୋହୁଁ ?

ମାଧବାଚାର୍ଯ୍ୟ—ତୁମେହିଁ ବଣିକ ହେମଚନ୍ଦ୍ର । ମଥୁରାରେ ତୁମେ ମୃଣାଳିନୀ ପାଇଁ ଏତେ ଦିନ ଧରି ରହିଥିବାବେଳେ ସେଠାରେ କଣ ବଣିକ ଭାବେ ରହିବାର ଛଳନା କରି ନ ଥିଲ ?

ହେମଚନ୍ଦ୍ର—ତାହା ସତ୍ୟ ।

ମାଧବ—ତେଣୁ ତୁମେ ପଶ୍ଚାତ୍ୟ ବଣିକ ହୋଇ ନ ପାରିବ କାହିଁକି ? ଗୌଡ଼ ରାଜ୍ୟରେ ପ୍ରବେଶକରି ତୁମେହି ଅସ୍ତ୍ର ଧାରଣ କଲେ ଯବନ ନିପାତ ସମ୍ଭବ ହେବ । ତେଣୁ ମୋତେ ପ୍ରତିଶ୍ରୁତି ଦିଅ ହେମଚନ୍ଦ୍ର, ଆଗାମୀ କାଲି ପ୍ରତ୍ୟୁଷରୁ ଗୌଡ଼ ଯାତ୍ରା କରିବ । ଆଜି ଯେ ପର୍ଯ୍ୟନ୍ତ ଯବନମାନଙ୍କ ସହ ସଂଗ୍ରାମ ନ କରିଛ—ସେ ଯାବତ୍ ମୃଣାଳିନୀଙ୍କୁ ସାକ୍ଷାତ୍ କରିବାକୁ ଚେଷ୍ଟା କରିବ ନାହିଁ ।

ହେମଚନ୍ଦ୍ର ଦୀର୍ଘ ନିଶ୍ୱାସ ତ୍ୟାଗକରି କହିଲେ—ଗୁରୁଦେବ, ଆପଣଙ୍କ ଆଦେଶ ଅବଶ୍ୟ ପାଳନ କରିବି । କିନ୍ତୁ ମୁଁ ଏକାକୀ କିପରି ଯୁଦ୍ଧ କରିବି ?

ମାଧବାଚାର୍ଯ୍ୟ—ଗୌଡ଼େଶ୍ୱରଙ୍କର ସୈନ୍ୟବାହିନୀ ତ ଅଛନ୍ତି !

ହେମଚନ୍ଦ୍ର—କିନ୍ତୁ ସେ ସେନାବାହିନୀ ମୋର ଅଧୀନତା ସ୍ୱୀକାର କରିବେ କାହିଁକି ?

ମାଧବାଚାର୍ଯ୍ୟ—ତୁମେ ଆଗ ଯାଅ ହେମଚନ୍ଦ୍ର । ନବଦ୍ୱୀପରେ ମୁଁ ତୁମକୁ ସାକ୍ଷାତ କରିବି । ସେଠାରେ ଆମର ଭବିଷ୍ୟତ ଯୋଜନା କଥା ସ୍ଥିର କରିବା । ତା ଛଡ଼ା ଗୌଡ଼େଶ୍ୱର ମଧ୍ୟ ମୋର ଅତି ପରିଚିତ ।

ହେମଚନ୍ଦ୍ର 'ଯଥା ଆଜ୍ଞା' କହି ଗୁରୁଙ୍କୁ ପ୍ରଣାମ କରି ବିଦାୟ ନେଲେ । ମାଧବାଚାର୍ଯ୍ୟ ତାଙ୍କର ଯିବା ବାଟକୁ ଚାହିଁ ରହିଲେ ନିର୍ନିମେଷ ନୟନରେ ।

Digitized by srujanika@gmail.com

ହେମଚନ୍ଦ୍ର ଦୃଷ୍ଟିପଥରୁ ଅଦୃଶ୍ୟ ହୋଇଯିବା ପରେ ମାଧବାଚାର୍ଯ୍ୟ ମନକୁମନ କହିବାକୁ ଲାଗିଲେ - ଯାଅ ବତ୍ସ, ପ୍ରତି ପଦରେ ବିଜୟଲାଭ କର । ଏଇ ବ୍ରାହ୍ମଣର ଆଶୀର୍ବାଦ ତୁମ ସଙ୍ଗରେ ରହିଛି—ତୁମ ପାଦରେ ସାମାନ୍ୟ କୁଶ କଣ୍ଟା ମଧ୍ୟ ବିଦ୍ଧ ହେବ ନାହିଁ । ମୃଣାଳିନୀ ପକ୍ଷୀଟିକୁ ମୁଁ ତୁମପାଇଁ ପିଞ୍ଜରାରେ ସାଇତିରଖିଛି ହେମଚନ୍ଦ୍ର ! ତୁମେ ତାହାର ମଧୁର କାକଳିରେ ଆତ୍ମବିସ୍ମୃତ ହୋଇ ବର୍ତ୍ତମାନର ଗୁରୁ କର୍ତ୍ତବ୍ୟ ଭୁଲି ନଯାଅ ଏଇଥିପାଇଁ କେବଳ କେଇଟିଦିନ ତୁମ ପାଖରୁ ସେ ପକ୍ଷୀଟିକୁ ମୁଁ ଛଡ଼ାଇରଖିଛି, ତୁମ ମନରେ ଆଘାତ ଦେଇଛି ।

ପିଞ୍ଜରାବଦ୍ଧ ବିହଙ୍ଗୀ

ଲକ୍ଷ୍ମଣାବତୀନିବାସୀ ହୃଷୀକେଶ ଜଣେ ଦରିଦ୍ର ବ୍ରାହ୍ମଣ ନୁହନ୍ତି । ତାଙ୍କର ବାସଗୃହର ସୌଷ୍ଠବ ଆକର୍ଷଣୀୟ । ଅନ୍ତଃପୁରରେ ଦୁଇଜଣ ଯୁବତୀ ପ୍ରାଚୀର କାନ୍ଥରେ ଚିତ୍ର ଲେଖୁଥିଲେ । ଚିତ୍ର ଲେଖାରେ ଦୁଇଜଣ ବେଶ୍ ମନୋନିବେଶ କରିଥିଲେ ଏବଂ ମଝିରେ ମଝିରେ ହାସ ପରିହାସ ମଧ୍ୟ ଚାଲୁଥିଲା । କଥାବାର୍ତ୍ତାର କିୟଦଂଶ ଏଠାରେ ଉଲ୍ଲେଖ କରାଯାଉ । ଜଣେ ଯୁବତୀ ଅନ୍ୟ ଜଣେ ଯୁବତୀକୁ ଲକ୍ଷ୍ୟକରି କହିଲା – ମୃଣାଳିନୀ, ଉତ୍ତର ଦେଉନା କାହିଁକି ମ ? କୁହନା ମୋତେ ସେଇ ରାଜକୁମାରଙ୍କର କଥା ଶୁଣିବାକୁ ଭଲଲାଗୁଛି ।

ଏକଥା ଶୁଣି ମୃଣାଳିନୀ କହିଲା—ସଖି, ମଣିମାଳିନୀ, ତୁମର କଥା କୁହ, ମୁଁ ଆନନ୍ଦରେ ଶୁଣିବି ।

ମଣିମାଳିନୀ –ମୋ କଥା ଭାବି ଭାବି ମୁଁ ନିଜେ ତ ଜଳୁଛି—ତୁମକୁ କଣ ଶୁଣାଇବି ?

ମୃଣାଳିନୀ – ତୁମେ ତ ତୁମ ସ୍ୱାମୀଙ୍କ ଠାରୁ କିଛି ଶୁଣୁଥିବ ?

ମଣିମାଳିନୀ – ହଁ, ଆଉ କାହାଠରୁ ଶୁଣିବି ? ଛାଡ଼ ସେ କଥା – ଦେଖିଲ ସଖି ଏଇ ପଦ୍ମଫୁଲ ଚିତ୍ରଟି କପରି ହୋଇଛି !

ମୃଣାଳିନୀ – ଭଲ ହୋଇ ମଧ୍ୟ ହେଲା ନାହିଁ । ପାଣିରୁ ପଦ୍ମଟା ବହୁ ଉପରେ ରହିଛି । କିନ୍ତୁ ପୋଖରୀରେ ପଦ୍ମଫୁଲ ସେପରି ନଥାଏ । ପଦ୍ମଫୁଲର

Digitized by srujanika@gmail.com

ପାଖୁଡ଼ା ପ୍ରାୟ ଜଳକୁ ସ୍ପର୍ଶ କରୁଥାଏ । ତେଣୁ ତଚା ଠିକ୍ ସେହିପରି ଆଙ୍କ ଆଉ — ହଁ — ଯଦି ପାରି ସେଇ ପଦ୍ମଫୁଲ ପାଖରେ ଗୋଟିଏ ସୁନ୍ଦର ରାଜହଂସ ଆଙ୍କିଦିଅ ।

ମଣି — ଏଠାରେ ହଂସର କାମ କଣ ?

ମୃଣାଳିନୀ — ତୁମ ସ୍ୱାମୀ ତୁମ ପାଖେ ରହିଲାପରି ପଦ୍ମ ପାଖରେ ହଂସ ରହିବ ।

ମଣି — ଦୁଇଜଣ ବେଶ୍ ସୁନ୍ଦର ? ନୁହେଁ ! କିନ୍ତୁ ମୁଁ ହଂସ ଆଙ୍କି ପାରିବନି

ମୃଣାଳିନୀ — ତେବେ ଗୋଟିଏ କଜଳପାତି ପକ୍ଷୀ ଆଙ୍କନା !

ମଣି — କଜଳପାତି ଆଙ୍କିବି ନାହିଁ । କାରଣ ସେ ଡେଣା ମେଲି ଉଡ଼ିଯାଇ ପାରେ । ଇଏତ ମୃଣାଳିନୀ ନୁହେଁ ଯେ ତାକୁ ସ୍ନେହ ଶିକୁଳିରେ ବାନ୍ଧି ରଖି ପାରିବି ।

ମୃଣାଳିନୀ — କଜଳପାତି ଯଦି ଏପରି ଦୁଷ୍ଟ ହୁଏ ତେବେ ମୃଣାଳିନୀକୁ ଯେପରି ପିଞ୍ଜରାରେ ଆବଦ୍ଧ କରି ରଖିଛ — କଜଳପାତିକୁ ସେପରି ରଖିଦିଅ ।

ମଣି — ଆମେ କଣ ମୃଣାଳିନୀକୁ ପିଞ୍ଜରାରେ ପୂରାଇ ରଖିଛୁ — ସେ ଆପେ ଆସି ପଶିଛି ନା !

ମୃଣାଳିନୀ — ତାହା କେବଳ ମାଧବାଚାର୍ଯ୍ୟଙ୍କର କାମ ।

ମଣି — ସଖି — ମୁଁ କେତେ ଥର କହିଛି — ମାଧବାଚାର୍ଯ୍ୟଙ୍କର ସେଇ ନିଷ୍ଠୁର କର୍ମ କଥା କୁହ — କିନ୍ତୁ କାହିଁ — ଆଜଯାଏ ମତେ ତ ସେ ବିଷୟରେ ପଦେ କହିଲ ନାହିଁ । ମାଧବାଚାର୍ଯ୍ୟଙ୍କର କଥାରେ ତୁମେ କାହିଁକି ପିତୃରାଜ୍ୟ ତ୍ୟାଗକରି ଚାଲିଆସିଲ — କୁହନା — !

ମୃଣାଳିନୀ - ମାଧବାଚାର୍ଯ୍ୟଙ୍କ କଥାରେ ଆସିନାହିଁ ·ସଖି । ମାଧବାଚାର୍ଯ୍ୟଙ୍କୁ ମୁଁ ଜାଣେନା । ଇଚ୍ଛାକରି ମଧ୍ୟ ଏଠାକୁ ଆସି ନାହିଁ । ଦିନେ ସନ୍ଧ୍ୟାବେଳେ ମୋର ଜଣେ ଦାସୀ ମୋତେ ଗୋଟିଏ ମୁଦ୍ରିକା ଦେଇ କହିଲା ଯିଏ ଏଇ ମୁଦିଟି ଦେଇଛନ୍ତି ସେ ଆଜି ସନ୍ଧ୍ୟାବେଳେ ଫୁଲ ବଗିଚାରେ ଅପେକ୍ଷା କରିଥିବେ । ମୁ ଦେଖିଲି ମୁଦିଟି ଆଉ କାହାର ନୁହେଁ,ମୋର ପ୍ରିୟ······ମନର ମଣିଷ ହେମଚନ୍ଦ୍ରଙ୍କର । ଆଗରୁ ଅନେକବାର ଏଇ ମୁଦିର ସଙ୍କେତ ପାଇ ମୁଁ ତାଙ୍କୁ ନିରୋଳାରେ ସାକ୍ଷାତ କରିଛି । ତେଣୁ ଏଥର ମଧ୍ୟ ମୁଦିଟି ପାଇ ମୁଁ ଖୁସି

Digitized by srujanika@gmail.com

ହୋଇଗଲ । ସେଇ ଦାସୀର କଥା ଅନୁସାରେ ସନ୍ଧ୍ୟାବେଳକୁ ଘର ପଛପଟରେ ଥିବା ଫୁଲ ବଗିଚାକୁ ଗଲି । ଯମୁନାର ଜଳ ସ୍ପର୍ଶ କରି ଶୀତଳସମୀର ସମଗ୍ର ବଗିଚାଟିକୁ ଆନ୍ଦୋଳିତ କରୁଥାଏ । ମୋର ମନ ମଧ୍ୟ ତାଙ୍କୁ ସାକ୍ଷାତ ପାଇବାର ଆଶାରେ ନାଚିଉଠୁଥାଏ !

ମଣି—କିନ୍ତୁ ତୁମେ କୁମାରୀ ହୋଇ ଏପରି ଅନ୍ଧକାରରେ ପରପୁରୁଷକୁ ସାକ୍ଷାତ କରିବାକୁ ଆସିବା ଠିକ୍ ନୁହେଁ । କୁମାରୀ ଜୀବନରେ ପରପୁରୁଷସହ ପ୍ରଣୟରେ ମାତିବା କଣ ଭଲକଥା ?

ମୃଣାଳିନୀ—କିଏ ପରପୁରୁଷ ସଙ୍ଗୀ ? କାହାକୁ କହୁଛ ? ସେ ଯେ ମୋର ସ୍ୱାମୀ । କାୟମନୋବାକ୍ୟରେ ମୁଁ ତାଙ୍କୁହିଁ ବରଣ କରିଛି ।

ମଣି—କିନ୍ତୁ ଏଯାଏଁ ସେ ତୁମର ସ୍ୱାମୀ ହୋଇନାହାନ୍ତି ? କ୍ଷମା କରିବନି ସଖୀ—ତୁମକୁ ନିଜର ଭଉଣୀ ଭାବି ଏଭଳି ଉପଦେଶ ଦେବାକୁ ମୁଁ ସାହସ କରୁଛି ।

ମୃଣାଳିନୀ ଆଉ କିଛି କହିପାରିଲେନି । କେବଳ ଅଧୋବଦନ ହୋଇ ଠିଆ ହୋଇ ରହିଲେ । କିଛି ସମୟ ପରେ ଆଖିରୁ ଲୁହ ପୋଛି କହିଲେ—ମଣିମାଳିନୀ, ଏଇ ବିଦେଶ ଭୂଇଁରେ ମୋର ଆତ୍ମୀୟ କେହି ନାହିଁ । କାହାଠାରୁ ଭଲ କଥା ପଦେ ଶୁଣିବି ଏ ଆଶାବି ନାହିଁ । ଯିଏ ଭଲପାଏ—ଯାହା ଭରସାରେ ଏଠାକୁ ଆସିଥିଲି—ତାଙ୍କ ସହ ଏଯାଏ ବି ଦେଖା ହେଲାନି । ତେଣୁ ଏ ବିଦେଶ ଭୂଇଁରେ ତୁମେହିଁ ଏକମାତ୍ର ମୋର ଆପଣାର । ତୁମେ ମୋତେ ଭଲନପାଇଲେ ଆଉ କିଏ ଭଲ ପାଇବ ?

ମଣି—ମୁଁ ତୁମକୁ ସବୁଦା ଭଲପାଇଆସିଛି । କେବଳ ଏଇ କଥାଟି ମନେପଡ଼ିଲେ···

ମୃଣାଳିନୀ ଏ କଥା ଶୁଣି ପୁନର୍ବାର କାନ୍ଦିବାକୁ ଲାଗିଲେ । ବ୍ୟଥାତୁର କଣ୍ଠରେ କହିଲେ—ସଖୀ, ତୁମେ ମୋତେ ଭୁଲ ବୁଝନା ! ଶପଥ କରି କୁହ—ମୁଁ ଯାହା ଆଜଯାଏ ତୁମ ପାଖରେ ଗୋପନ ରଖିଛି ତାହା ଅବଶ୍ୟ କହିବି । ସେତିକ ଶୁଣିସାରିଲେ ତୁମେ ମୋତେ ଆଉ ଦୋଷ ଦେବନାହିଁ ।

ମଣି—ମୁଁ ଶପଥ କରୁଛି ସଖୀ—କୁହ ।

ମୃଣାଳିନୀ—ତୁମ ମୁଣ୍ଡରେ ଦେବତାଙ୍କ ଫୁଲ ଅଛି ତାକୁ ଛୁଇଁ ଶପଥ କର ।

Digitized by srujanika@gmail.com

ମଣିମାଳିନୀ ତାହାଙ୍କ କହେ ।

ତାହା ପରେ ମଣିମାଳିନୀ କାନରେ ମୃଣାଳିନୀ ଲଘୁ ଚପ୍ପି ଯାହା କହିଲେ ତାହା ପ୍ରକାଶ କରିବାର ଅବକାଶ ବର୍ତ୍ତମାନ ଆସିନାହିଁ । ତେବେ ପରିଣତ ଏତିକ ହେଲା–ଏକଥା ଶୁଣି ମଣିମାଳିନୀ ମୃଣାଳିନୀ ଉପରେ ସନ୍ତୁଷ୍ଟ ହେବାର ହାବଭାବ ଦେଖାଇଲେ ।

ଗୋପନ କଥା କୁହା ସବୁ ଶେଷ ହେଲା । ତାପରେ ମଣିମାଳିନୀ ମୃଣାଳିନୀଙ୍କୁ ପଚାରିଲେ—ତୁମେ ମାଧବାଚାର୍ଯ୍ୟଙ୍କ ସଙ୍ଗେ କିପରି ଆସିଲ ?

ମୃଣାଳିନୀ କହିଲେ—ମୁଁ ସେଇ ମୁଦିଟି ପାଇ ସେଦିନ ସନ୍ଧ୍ୟାବେଳେ ଫୁଲବଗିଚାକୁ ଗଲି । ଦେଖିଲି ଜଣେ ଦୂତୀ ମୋତେ ଅପେକ୍ଷା କରିଛି । ସେ କହିଲା ରାଜକୁମାର ମୋତେ ଯମୁନାକୂଳରେ ନୌକାନେଇ ଅପେକ୍ଷା କରିଛନ୍ତି । ଅନେକ ଦିନଧରି ତାଙ୍କୁ ଦେଖିନଥିଲି–ତେଣୁ ବ୍ୟସ୍ତ ହୋଇପଡ଼ି କିଛି ଚିନ୍ତା ନକରି ନୌକାଆଡ଼େ ଧାଇଁଗଲି । ଦୂରରୁ ଦେଖିଲି ନୌକାଟି ପାଖରେ ଜଣେ ଯୁବକ ଠିଆହୋଇଛନ୍ତି । ଭାବିଲି ରାଜକୁମାର ହେବେ । ମୁଁ ନୌକା ପାଖରେ ପହଞ୍ଚିଲା ମାତ୍ରେ ସେଇ ଯୁବକ ଜଣକ ମୋର ହାତଧରି ମୋତେ ନୌକା ଭିତରକୁ ନେଇଗଲେ । ସାଙ୍ଗେ ସାଙ୍ଗେ ନାଉରୀ ମଧ୍ୟ ନାଆ ଫିଟାଇ ଦେଲା । କିନ୍ତୁ ସେଇ କରସ୍ପର୍ଶରୁ ଜାଣିଲି ଏ ଯୁବକ ମୋ ମନର ମଣିଷ ହେମଚନ୍ଦ୍ର ନୁହନ୍ତି ।

ମଣି—ତାହେଲେ ତୁମେ ଚିତ୍କାର କରିଥିବ ?

ମୃଣାଳିନୀ—ଚିତ୍କାର କରିବାକୁ ଇଚ୍ଛା କରି ବି କରିପାରିଲିନି ।

ମଣି—ମୁଁ ହେଲେ କିନ୍ତୁ ସେଇ ପାଣି ଭିତରକୁ ଡେଇଁପଡ଼ିଥାନ୍ତି ।

ମୃଣାଳିନୀ—ମୁଁ ମଧ୍ୟ ଆତ୍ମହତ୍ୟା କରିପାରିଥାନ୍ତି । କିନ୍ତୁ ହେମଚନ୍ଦ୍ରଙ୍କୁ ନଦେଖି ମୁଁ ମରିପାରିବି କିପରି ସଖୀ ?

ମଣି—ତାପରେ କଣ ହେଲା ?

ମୃଣାଳିନୀ—ପ୍ରଥମେ ସେଇ ବ୍ୟକ୍ତି ଜଣକ ମୋତେ ମାଆ ବୋଲି ସମ୍ବୋଧନ କଲା । କହିଲା—ମୁଁ ତୁମକୁ ମାଆବୋଲି ଡାକୁଛି—ତୁମର ପୁଅ ଭଳି ମୁଁ । ତେଣୁ ତୁମେ କୌଣସି ଆଶଙ୍କା କରନାହିଁ । ମୋର ନାମ

Digitized by srujanika@gmail.com

ମାଧବାଚାର୍ଯ୍ୟ । ମୁଁ ହେମଚନ୍ଦ୍ରଙ୍କର ଗୁରୁ । ଭାରତବର୍ଷରେ ବହୁ ରାଜାଙ୍କ ସହ ମୋର ସମ୍ପର୍କ ରହିଛି । ମୁଁ ବର୍ତ୍ତମାନ ଏକ ଦେବକାର୍ଯ୍ୟରେ ନିୟୋଜିତ । ଏହି କାର୍ଯ୍ୟରେ ହେମଚନ୍ଦ୍ର ହିଁ ଆମର ପ୍ରଧାନ ସହାୟକ ଏବଂ ସେ କ୍ଷେତ୍ରରେ ତୁମେହିଁ ପ୍ରଧାନ ପ୍ରତିବନ୍ଧକ ।

ମୁଁ ପ୍ରତିବନ୍ଧକ! ଚମକି ପଡ଼ିଲି ମୁଁ । ମାଧବାଚାର୍ଯ୍ୟ ପୁନର୍ବାର କହିଲେ— ହଁ ମା, ତୁମେହିଁ ମାଧବାଚାର୍ଯ୍ୟର ଏଇ କାର୍ଯ୍ୟରେ ପ୍ରଧାନ ପ୍ରତିବନ୍ଧକ । ଯବନଗଣଙ୍କୁ ପରାଜିତ କରି ହିନ୍ଦୁରାଜ୍ୟର ପୁନରୁଦ୍ଧାର କରିବା ସୁସାଧ୍ୟ କାର୍ଯ୍ୟ ନୁହେଁ । ହେମଚନ୍ଦ୍ରଙ୍କ ବ୍ୟତୀତ ଆଉ କେହି ଏହି ଦୁରୂହ କର୍ମରେ ହାତ ଦେଇ ପାରିବେ ନାହିଁ । ମାତ୍ର ତୁମକୁ ପାଖରେ ପାଇଲେ ହେମଚନ୍ଦ୍ର ସମସ୍ତ ଭୁଲିଯାଇ ତୁମରି ପ୍ରଣୟରେ ଲିପ୍ତ ରହିବେ । ତାଙ୍କ ପାଖରେ କର୍ତ୍ତବ୍ୟ ତୁଚ୍ଛ ହୋଇଯିବ ।

ମୁଁ ତେଣୁ ଦୃଢ଼ଭାବରେ କହିଲି – ତାହାହେଲେ ମୋର ମୃତ୍ୟୁ ପରେ ଯବନଗଣଙ୍କୁ ହତ୍ୟା କରିବାର ପଥ ସୁଗମ ହୋଇ ଉଠିବ । ବୋଧହୁଏ ଆପଣଙ୍କର ଶିଷ୍ୟ ଆପଣଙ୍କ ହସ୍ତରେ ମୁଦ୍ରିକା ଦେଇଥିଲେ ମୋତେ ନେଇ ହତ୍ୟା କରିବାପାଇଁ ।

ମଣି—ସାହସ କରି ଏକଥା କହିପାରିଲ କିପରି ସଖି ?

ମୃଣାଳିନୀ—ମୁଁ ସେତେବେଳେ କ୍ରୋଧରେ କମ୍ପି ଉଠୁଥାଏ । ତେଣୁ କଣ କହିଲି ମୁଁ ଜାଣେନା । ତେବେ ମାଧବାଚାର୍ଯ୍ୟ ମୋ କଥାରେ ରାଗି ନଯାଇ ଓଲଟି ମୃଦୁ ହସି କହିଲେ—ମୁଁ ଯେ ଏଭଳିଭାବେ ତୁମକୁ ଅପହରଣ କରି ନେଇଆସିଛି ଏକଥା ହେମଚନ୍ଦ୍ର ଜାଣେନା ।

ମାଧବାଚାର୍ଯ୍ୟଙ୍କର ଏଇ କଥା ଶୁଣି ମୁଁ ମନେମନେ ଭାବିଲି—ହେମଚନ୍ଦ୍ରଙ୍କର ତ ଏଥିରେ କିଛି ଦୋଷ ନାହିଁ—ତେଣୁ ତାଙ୍କୁ ନଦେଖି ଏ ଜୀବନ ତ୍ୟାଗ କରିବି କିପରି ? ମୋର ମନୋଭାବ ସମ୍ଭବତଃ ମାଧବାଚାର୍ଯ୍ୟ ଜାଣି ପାରିଲେ । ତେଣୁ ସେ କହିଲେ ମା, ତୁମକୁ ପ୍ରାଣତ୍ୟାଗ କରିବାକୁ ହେବନାହିଁ ---କିନ୍ତୁ ହେମଚନ୍ଦ୍ରଙ୍କୁ ପାଇବା ଆଶା ତ୍ୟାଗ କରିବାକୁ ପଡ଼ିବ । ଏଥିରେ ହେମଚନ୍ଦ୍ରଙ୍କର ପରମ ମଙ୍ଗଳ । ଯେଉଁ କାର୍ଯ୍ୟ କରି ସେ ରାଜସିଂହାସନରେ ବସି ତୁମକୁ ରାଜମହିଷୀ କରିପାରିବ— ସେହିଭଳି କାର୍ଯ୍ୟରେ ତୁମର ସହଯୋଗ କରିବା କର୍ତ୍ତବ୍ୟ ମାତ୍ର । ତୁମରି ପ୍ରଣୟ ଯୋଗୁ ସେ ଆଜି ଖାଲି କାପୁରୁଷ ପରି

Digitized by srujanika@gmail.com

ନାରୀର ପଣତ ତଳେ ଛପିରହିଛୁ, ତେଣୁ ତୁମେ ତାକୁ ସାଉପର ବଞ୍ଚିବାକୁ ସୁଯୋଗ ଦିଅ ।

ମୁଁ ସେହିପରି କ୍ରୋଧରେ ଥରି ଥରି କହିଲି ମୋ ସହିତ ସାକ୍ଷାତ କରି ସେ ଯଦି ଭୀରୁ ପାଲଟି ଯାଇଛନ୍ତି ତେବେ ଆଜି ତାଙ୍କୁ ସାକ୍ଷାତ କରିବା ପ୍ରୟୋଜନ ନାହିଁ ।

ମାଧବାଚାର୍ଯ୍ୟ କହିଲେ—ମାଆ, ରାଗିଯାଅନା । ହେମଚନ୍ଦ୍ରଙ୍କ ଅପେକ୍ଷା ମୋର ବିବେଚନା ଶକ୍ତି ଯଥେଷ୍ଟ ଅଧିକ । ଏଣୁ ଯାହା ଭଲ ମୁଁ ତାହାହିଁ କରିବାକୁ ଯାଉଛି । ଏଥିରେ ତୁମେ ସମ୍ମତ ହୁଅ ବା ନ ହୁଅ—ମୁଁ ମୋର କର୍ତ୍ତବ୍ୟ କରିଯିବି । ମୁଁ ତୁମକୁ ଅନ୍ୟ ଏକ ରାଜ୍ୟକୁ ନେଇଯିବି । ଗୌଡ଼-ରାଜ୍ୟର ଏକ ଶାନ୍ତଶୀଳ ବ୍ରାହ୍ମଣ ପରିବାରରେ ତୁମେ ନିର୍ଭୟରେ ରହିପାରିବ । ସେ ନିଜର କନ୍ୟାପରି ତୁମର ଯତ୍ନ ନେବେ । ବର୍ଷକ ପରେ ମୁଁ ତୁମକୁ ପୁଣି ତୁମ ପିତାଳୟକୁ ନେଇ ଆସିବି । ଆଜି ସେହି ସମୟରେ ହେମଚନ୍ଦ୍ର ଯେଉଁ ଅବସ୍ଥାରେ ଥାଆନ୍ତୁ ନା କାହିଁକି ତୁମ ସହ ତାଙ୍କର ବିବାହ ନିଶ୍ଚୟ କରାଇବି—ମୁଁ ଏଇ ଶପଥ କରୁଛି ।

ମାଧବାଚାର୍ଯ୍ୟଙ୍କର ଏହି କଥା ଶୁଣି ମୁଁ ଆଉ କିଛି କହିପାରିଲି ନାହିଁ । ହସି ବି ପାରିଲିନି, କାନ୍ଦି ବି ପାରିଲିନି । ତାପରେ ଏଠାରେ ଆସି ରହିଛି ।

ଭିଖାରୁଣୀ

ଦୁଇସଖୀ ଏହିପରି କଥାବାର୍ତ୍ତା ହେଉଥିବା ବେଳେ ହଠାତ୍ ଏକ କୋମଳ କଣ୍ଠରୁ ମଧୁର ସଙ୍ଗୀତ ଭାସି ଆସିଲା—

ମଥୁରାବାସିନୀ ମଧୁର ହାସିନୀ
ଶ୍ୟାମ ବିଳାସିନୀରେ !

ମୃଣାଳିନୀ କହିଲେ—କେଉଁଠାରୁ ଏ ଗୀତ ଶୁଣାଯାଉଛି ?

ମଣିମାଳିନୀ କହିଲେ—ସଦରଦରଜା ବାହାରେ ଶୁଣାଯାଉଛି ।

Digitized by srujanika@gmail.com

ପୁଣି ସଙ୍ଗୀତର ସ୍ୱର ଭାସି ଆସିଲା –

କହଲେ ନାଗରୀ ତୋତେ ପରହରି
ହେଲା କା' ପୁର ବାସିନୀରେ ।

ମୃଣାଳିନୀ ପୁଣି ପ୍ରଶ୍ନ କଲେ – କିଏ ଗାଉଛି ସଖୀ ?

ମଣି – ବୋଧହୁଏ କେଉଁ ଭିଖାରୁଣୀ !

ପୁଣି ଗୀତ ଶୁଣାଗଲା –

"ବୃନ୍ଦାବନଧନ ମୋହିନୀ ମୋହନ
କାହିଁ ଗଲା ଗୃହ ଦୂରେ
ତା'ର ବନା ଘେଇ ପାଗଳିନୀ ହୋଇ
ଦେଶେ ଦେଶେ ଘୂରି ବୁଲେ ।"

ମୃଣାଳିନୀ ସଚେତନା ସେଇ ସଙ୍ଗୀତ ପ୍ରତି ଧୀରେ ଧୀରେ ଆକୃଷ୍ଟ ହୋଇପଡୁଥିଲେ । ସେ ମଣିମାଳିନୀଙ୍କୁ ଉକ୍ତ ସ୍ୱର ଭିକାରୁଣୀକୁ ଡାକି ଆଣିବାକୁ କହିଲେ । ମଣିମାଳିନୀ ତତ୍‌କ୍ଷଣାତ୍ ଗାୟିକାକୁ ଡାକି ଆଣିଲେ । ଗାୟିକା ମଧ୍ୟ କୋମଳ ମଧୁର କଣ୍ଠରେ ଗାଇବାକୁ ଲାଗିଲା –

"ବକତ ନନ୍ଦନ ଯମୁନା ପୁଳିନେ
ବହୁତ ପିପାସାରେ
ଚନ୍ଦ୍ରମା ମାଳତୀ ସେ ମଧୁଯାମିନୀ
ଆସେନା ମେଣ୍ଟେନା ଆଶାରେ
ସେ ନିଶି ସୁମରି ...... "

ଗୀତଟି ସରିବା ପୂର୍ବରୁ ମଣିମାଳିନୀ ତାଙ୍କୁ ନିଜ ଅନ୍ତଃପୁରକୁ ନେଇଗଲେ । ଗାୟିକା ସେଠାରେ ସଙ୍ଗୀତଟିର ଅବଶିଷ୍ଟାଂଶ ଗାଇଲା –

ସେ ନିଶା ସୁମରି ମରେ ଝୁରି ଝୁରି
କହଲେ ସୁନ୍ଦରୀ କହ
ସେ ମୁରଲୀଧର କାହିଁ ଚାଲିଗଲା
କପର ସନ୍ଦେ ହରଷ ।

Digitized by srujanika@gmail.com

ଭିକାରୁଣୀ ଗୀତଟି ବନ୍ଦ କରିଦେବାରୁ ମୃଣାଳନୀ ତାକୁ ପୁନର୍ବାର ମୂଳରୁ ଶେଷଯାଏ ଆଉ ଥରେ ଗାଇବାକୁ ଅନୁରୋଧ କଲେ ।

ଗାୟିକାଟିର ବୟସ ଷୋହଳ କି ସତର । ଷୋଡ଼ଶୀ, ଖର୍ବାକୃତି ଏବଂ କୃଷ୍ଣାଙ୍ଗୀ । କୃଷ୍ଣାଙ୍ଗୀ ସତ କିନ୍ତୁ କୁରୂପା ନୁହେଁ । ତାହାର କେଶ ପରିଷ୍କାର ଓ ସୁମାର୍ଜିତ । ଓଷ୍ଠାଧାର କ୍ଷୁଦ୍ର ଓ ରକ୍ତଭ । ମୁଖ ପ୍ରଫୁଲ୍ଲ, ଚକ୍ଷୁ ଦୁଇଟି ଚଞ୍ଚଳ ଓ ହାସ୍ୟମୟ । କେଶଗୁଚ୍ଛ ସୂକ୍ଷ୍ମ । ଗ୍ରୀବାର ଉପରେ ମୋହିନୀ କବରୀ, କବରୀକୁ ଘେରି ରହିଛି ଯୁଇ ଫୁଲର ମାଳା, ଯୌବନର କାଞ୍ଚନ ସ୍ପର୍ଶରେ ଶରୀରର ପ୍ରତିଟି ଅଂଶ ସୌଷ୍ଠବ, ଲାସ୍ୟମୁଖର ହୋଇଉଠୁଥିଲା, ସତେଅବା କୃଷ୍ଣ ପ୍ରସ୍ତର ଖଣ୍ଡରେ କେଉଁ ଏକ ଦକ୍ଷଶିଳ୍ପୀର କୁଶଳୀହସ୍ତରେ ଅଙ୍କିତ ଚିତ୍ରଲାଟିଏ । ପରିଚ୍ଛଦ ଅତି ସାମାନ୍ୟ, କିନ୍ତୁ ତାହା ପରିଷ୍କାର । ଅଂଗ ତାର ନିରାଭରଣ ନୁହେଁ । କିନ୍ତୁ ଯାହା କିଛି ଅଳଙ୍କାର ପିନ୍ଧିଥିଲେ ସେଗୁଡ଼ିକ ଭିଖାରୁଣୀ ପାଇଁ ଯଥାର୍ଥ । ଗଳାରେ କାଠର ମାଳି । ନାକରେ ଛୋଟ ଗୋଟିଏ ତିଳକ । ଭ୍ରୂ ଦ୍ୱୟ ମଧ୍ୟବର୍ତ୍ତୀ କପାଳରେ ଗୋଟିଏ ଛୋଟ ଚନ୍ଦନ ଟିପା । ଆଉ ହାତରେ ପିତ୍ତଳର ଦୁଇଟି ବଳୟ ।

ମୃଣାଳନୀଙ୍କର ଅନୁରୋଧରେ ଭିକାରୁଣୀଟି ପୂର୍ବ ଗୀତଟିକୁ ସମ୍ପୂର୍ଣ୍ଣଭାବେ ଗାଇବାକୁ ଲାଗିଲା । ଗୀତଟି ସମାପ୍ତ ହେବାପରେ ମୃଣାଳନୀ କହିଲେ-- ତୁମେ ସୁନ୍ଦର ଗାଉଛ ! ସଖୀ ମଣିମାଳନୀ, ଏହାକୁ କିଛି ଦିଅଗୋ !

ମଣିମାଳନୀ ପୁରସ୍କାର ଆଣିବାକୁ ଚାଲିଯିବା ପରେ ମୃଣାଳନୀ ଭିକାରୁଣୀକୁ ଡାକି ପଚାରିଲେ—ତୁମର ନାମ କଣ ?

ଭିକାରୁଣୀ—ମୋର ନାମ ? ମୋର ନାମ ଗିରିଜାୟା ।

ମୃଣାଳନୀ—ତୁମ ଘର କେଉଁଠି ?

ଭିକାରୁଣୀ—ଏଇ ସହରରେ ରହେ ।

ମୃଣାଳନୀ—ତୁମେ କଣ ଗୀତ ଗାଇ ସମୟ କଟାଅ ?

ଭିକାରୁଣୀ—ଆଉ କିଛି ତ ଜାଣେନା···

ମୃଣାଳନୀ—ତୁମେ ଏ ଗୀତ କେଉଁଠାରୁ ଶିଖିଲ ?

ଭିକାରୁଣୀ—ଯେତେବେଳେ ଯେଉଁଠାରେ ଯାହା ପାଏ ଶିଖିନିଏ ।

ମୃଣାଳନୀ—ଏଇ ଗୀତଟି କେଉଁଠୁ ଶିଖିଥିଲ ?

Digitized by srujanika@gmail.com

ଭିକାରୁଣୀ—ଜଣେ ବଣିକ ମୋତେ ଶିଖାଇଛନ୍ତି ।

ମୃଣାଳିନୀ—ସେ ବଣିକ କେଉଁଠାରେ ରହନ୍ତି ?

ଭିକାରୁଣୀ—ଏଇ ସହରରେ ଅଛନ୍ତି ।

ଏଇ କଥା ପଦକରେ ମୃଣାଳିନୀ ହର୍ଷୋତ୍ଫୁଲ୍ଲ ହୋଇ ଉଠିଲା । ସତେ ଅବା ସୂର୍ଯ୍ୟଙ୍କୁ ଦେଖି ପ୍ରଭାତର ପଦ୍ମକଳି ବିକଶିତ ହୋଇ ଉଠିଲା । ସେ ପୁଣି ପଚାରିଲେ-‥ସେ ବଣିକ ଜଣକ କି ବ୍ୟବସାୟ କରନ୍ତି ।

ଭିକାରୁଣୀ—ସମସ୍ତେ ଯେଉଁ ବ୍ୟବସାୟ କରନ୍ତି ?

ମୃଣାଳିନୀ—ତେବେ କହନା କି ବ୍ୟବସାୟ ?

ଭିକାରୁଣୀ—କଥାର ବ୍ୟବସାୟ ।

ମୃଣାଳିନୀ—ଏହା ବୋଧେ ଏକ ନୂତନ ବ୍ୟବସାୟ । ସେଥିରେ କଣ କିଛି ଲାଭ ହୁଏ ।

ଭିକାରୁଣୀ ହଁ ଲାଭ ଅଛି । ଲାଭ ହେଲା ପ୍ରେମ ଆଉ କ୍ଷତି ହେଲା କାନ୍ଦଣା ।

ଭିକାରୁଣୀ କିଛି କହିବା ପୂର୍ବରୁ ମୃଣାଳିନୀ ଫିକ୍ କରି ହସି ଦେଲେ । ଆଉ ହସି ହସି ପୁଣି ପଚାରିଲେ—ତୁମେ ବି ଜଣେ ଚତୁର ବ୍ୟବସାୟୀ । ଦେଖିବା ତୁମ ପାଖରେ ବ୍ୟବସାୟ ପାଇଁ କି ଦ୍ରବ୍ୟ ଅଛି ।

ଭିକାରୁଣୀ—ଯେଉଁ ଦ୍ରବ୍ୟ ଅଛି ତାହା ଦେଖି ହୁଏନା, କେବଳ ଶୁଣି ହୁଏ ।

ମୃଣାଳିନୀ—ଭଲ କଥା, ଶୁଣାଅ ।

ଗିରିଜାୟା ଏଥର ଗାଇବାକୁ ଲାଗିଲେ—

"ଯମୁନାର ଜଳେ ମୋର କି ନିଧି ମିଳିଲା ।
ଝାମ୍ପ ଦେଇ ପଶି ଜଳେ ଯତନେ ଆଣିଲି ତାରେ
ପରଖିଲି କୁତୂହଳେ ସେହି ରତନ
ନିଦ୍ରାର ଆବେଶେ ମୋର ଘରେ ପଶି ସେଇ ଚୋର
କଣ୍ଠ କାଟି ହାର ନେଲେ ଉଚ୍ଛନ୍ନ ।"

ମୃଣାଳିନୀ ଉଦାସ ଆଖିରେ ଚାହିଁଲେ ଗିରିଜାୟାକୁ, ତାପରେ ସ୍ମିତ ହସି ପଚାରିଲେ - ଏସବୁ କେଉଁ ଚୋରର କଥା ?

Digitized by srujanika@gmail.com

ଗିରିଜାୟା—ବଣିକ କହୁଛନ୍ତି ସ୍ବୈର ଧନରେ ତାଙ୍କ ବ୍ୟବସାୟର ।

ମୃଣାଳିନୀ - ତାଙ୍କୁ କହିଦେବ—ସ୍ୱୈର ବ୍ୟବସାୟ କଲେ ସାଧୁ ଲୋକର ପ୍ରାଣ ରକ୍ଷା ହୁଏନା !

ଗିରିଜାୟା—ବୁଝିଲି—କହିଦେବ । ହେଲେ—

"ହୃଦୟରେ ଯେଉଁ ପଦ୍ମ ଥିଲ ମୁଁ ସାଇତି
କାହିଁ ସେ ପଂକଜ ତାର ମୃଣାଳ କେଉଁଠି ?"

ମୃଣାଳିନୀ ସସ୍ନେହ କୋମଳ ସ୍ୱରରେ ପଚାରିଲେ—ମୃଣାଳ କେଉଁଠି—ଏଇ ସନ୍ଧାନ ମୁଁ ଦେଇପାରେ—ମନେରଖିପାରିବୁ ତ !

ଗିରିଜାୟା—ପାରିବ —କୁହନା ।

ମୃଣାଳିନୀ କହିଲେ—

"କଣ୍ଟକେ ଗଢ଼ିଲ ବିଧି ମୃଣାଳ ଅଧମେ
ଜଳେ ତାରେ ବୁଡ଼ାଇଲ ପୀଡ଼ଣ ମରମେ ।
ରାଜହଂସ ଦେଖି ଏକ ନୟନ ରଂଜନ
ଚରଣ ଦୁଇଟି ତାର କରିଲ ବନ୍ଧନ ।
ରାଜହଂସ କହେ କାହିଁ କରିବ ଗମନ
ହୃଦୟ କମଳେ ପାତି ଦିଅ ଗୋ ଆସନ ।
ଆସିଣ ବସିଲ ହଂସ ହୃଦୟ କମଳେ
କଂପିଲ ମୃଣାଳ ସହ ମୃଣାଳିନୀ ଜଳେ ।
ଅକସ୍ମାତ କଳା ମେଘ ଘୋଟିଲ ଆକାଶେ
ଉଡ଼ିଲ ମରାଳ ରାଜ ମାନସ ବିଳାସେ ।
ଭାଙ୍ଗିଲ ହୃଦୟ ପଦ୍ମ ତାର ବେଗଭରେ
ବୁଡ଼ିଣ ଅତଳ ଜଳେ ମୃଣାଳିନୀ ମରେ ।"

"କଣ – ଏତେ ବଡ଼ ଗୀତଟା ମନେରଖିପାରିବ ତ ଗିରିଜାୟା ?" ପଚାରିଲେ ମୃଣାଳିନୀ । ଗିରିଜାୟା ହସି ହସି କହିଲେ—ଏତକ ପାରିବିନି !

ଏତିକିବେଳେ ମଣିମାଳିନୀ ଆସୁଥିବାର ପାଦ ଶବ୍ଦ ଶୁଣାଗଲା । ତେଣୁ ମୃଣାଳିନୀ ତରବର ହୋଇ ଗିରିଜାୟାଙ୍କୁ କହିଲେ –"ଆଜି ଆଉ କିଛୁ କାମ ନାହିଁ । ତୁମେ ଯାଇ ତୁମ ବଣିକକୁ ସାକ୍ଷାତ କର । ତାଙ୍କଠାରୁ କିଛି କହିବ ଆଣିବ ! ଯଦି ମୋର କିଛୁ କଣିବାର ଥାଏ କଣିନେବ ।" ମଣିମାଳିନୀ

Digitized by srujanika@gmail.com

ମୃଣାଳିନୀଙ୍କର ଅତି ବିଶ୍ୱସ୍ତ ସହଚରୀ ହେଲେହେଁ—ବାପାଙ୍କ ଆଦେଶ ବିରୁଦ୍ଧରେ ଯାଇ ସେ ଯେ ମୃଣାଳିନୀଙ୍କୁ କିଛି ସାହାଯ୍ୟ କରିବ ଏକଥା ଆଶା କରାଯାଇନପାରେ । ତେଣୁ ମଣିମାଳିନୀଙ୍କୁ ଲୁଚାଇ ଏଇ କେଇ ପଦ କଥା ଇଙ୍ଗିତରେ ଗିରିଜାୟାଙ୍କୁ କହିଦେଲେ ମୃଣାଳିନୀ ।

ଗିରିଜାୟା ପୁରସ୍କାର ଗ୍ରହଣ କରି ବିଦାୟ ନେବାକୁ ବସିଲେ । ବିଦାୟ ଦେବା ପୂର୍ବରୁ ମୃଣାଳିନୀ ନିଜର ଖଣ୍ଡିଏ ପୁରୁଣା ଲୁଗା ତାକୁ ଦେଇ ଗିରିଜାୟାର କାନ ପାଖରେ କହିଲେ—''ଦେଖ, କାଲି ପର୍ଯ୍ୟନ୍ତ ଅପେକ୍ଷା କରିବାର ଧୈର୍ଯ୍ୟ ମୋର ନାହିଁ । ଯଦି ପାର ଆଜି ରାତି ପ୍ରଥମ ପ୍ରହରକୁ ଏଇ ଗୃହର ଉତ୍ତରପଟ ପ୍ରାଚୀର ନିକଟକୁ ଆସିବ । ପାର ଯଦି ତୁମେ ବଣିକଙ୍କୁ ସଙ୍ଗରେ ନେଇ ଆସିବ । ମୁଁ ଅପେକ୍ଷା କରିଥିବ ।''

ଗିରିଜାୟା ବୁଝିପାରି କହିଲେ - ହଁ, ମୁଁ ନିଶ୍ଚୟ ଆସିବି !

ମୃଣାଳିନୀ ଗିରିଜାୟାର ଯିବା ବାଟକୁ ଏକ ଧ୍ୟାନରେ ଚାହିଁ ରହିଥାନ୍ତି । ଏତିକିବେଳେ ମଣିମାଳିନୀ ପଚାରିଲେ—ସଖୀ, ଭିକାରୁଣୀ କାନରେ କଣ ଚୁପି ଚୁପି କହୁଥିଲ କି ?

ମୃଣାଳିନୀ କହିଲେ—କଣ ଆଉ କହିବି-ଏଇ ମନର କଥା ପଦେ ଦୁଇପଦ !

ମଣିମାଳିନୀ କହିଲେ—''ଏ କି କଥା --ଭିକାରୁଣୀଟା ପାଖରେ କି ମନର କଥା କହିଲ ମ !'' ଏତିକି କହି ମୁହଁ ମୋଡିଦେଲେ ମଣିମାଳିନୀ

ଦୂତୀ

ଲକ୍ଷ୍ମଣାବତୀ ନଗରୀର ସର୍ବଧନ ବଣିକ ଗୃହରେ ହେମଚନ୍ଦ୍ର ଅବସ୍ଥାନ କରୁଥିଲେ । ଗୃହ ସମ୍ମୁଖରେ ଏକ ବିରାଟ ଅଶୋକବୃକ୍ଷ । ତାହାର ତଳେ ଅପରାହ୍ଣରେ ବସି ହେମଚନ୍ଦ୍ର ଗୋଟିଏ ଫୁଲଭରା ଅଶୋକ ଶାଖାକୁ ଛୁରୀଦ୍ୱାରା ଖଣ୍ଡ ଖଣ୍ଡ କରୁଥିଲେ ଅନ୍ୟମନସ୍କ ଭାବେ । ହେମଚନ୍ଦ୍ରଙ୍କ ହାବଭାବରୁ ଜଣା ପଡୁଥିଲା ସତେଅବା ସେ କାହାର ପ୍ରତୀକ୍ଷାରେ ରହିଛନ୍ତି । ସମ୍ଭବତଃ ଯାହାର ପ୍ରତୀକ୍ଷାରେ ଥିଲେ, ସେ ଆସିଲା ନାହିଁ । ଏତିକିବେଳେ ଭୃତ୍ୟ ଦିଗ୍-ବିଜୟ ଆସିବାରୁ ହେମଚନ୍ଦ୍ର ପଚାରିଲେ—ଦିଗ୍‌ବିଜୟ, ଭିକାରୁଣୀ ଏପର୍ଯ୍ୟନ୍ତ ଫେରିଲାନାହିଁ । ମୁଁ ବଡ଼ ବ୍ୟସ୍ତ । ତୁମେ ଥରେ ତାହାର ସନ୍ଧାନ ନିଅ ।

Digitized by srujanika@gmail.com

'ଯଥା ଆଜ୍ଞା'କହି ଭୃତ୍ୟ ବିଦାୟ ନେଲା ଗିରିଜାୟାର ସନ୍ଧାନରେ । ନଗରର ରାଜପଥରେ ଗିରିଜାୟା ସଙ୍ଗେ ତାର ସାକ୍ଷାତ ହେଲା ।

ଗିରିଜାୟା କହିଲା—କି ଦିଗ୍‌ବିଜୟ, କେଉଁ ଦିଗ୍‌ବିଜୟ କରିବାକୁ ବାହାରିଲ ?

ଦିଗ୍‌ବିଜୟ କହିଲା—ତୁମରି ଦିଗ ।

—ମୁଁ କଣ ଗୋଟାଏ ଦିଗ ? ତୁମର ଦିଗ ଜ୍ଞାନ ନାହିଁ ।

ଦିଗ୍‌ବିଜୟ—ନିପଟ ଗର୍ବିବ କଥା--ତୁମେ ଯେ ଅନ୍ଧକାର । ଚାଲ, ପ୍ରଭୁ ତୁମକୁ ଡକାଇପଠାଇଛନ୍ତି ।

ଗିରିଜାୟା—କାହିଁକି ?

ଦିଗ୍‌ବିଜୟ—ତୁମ ସଙ୍ଗେ ବୋଧେ ମୋର ବିବାହ ସ୍ଥିର କରିବା ପାଇଁ ।

ଗିରିଜାୟା—ତୁମ ମୁହଁରେ ନିଆଁ ଦେବାପାଇଁ ବୋଧହୁଏ ଆଜି କେହି ମିଳିଲେ ନାହିଁ ।

ଦିଗ୍‌ବିଜୟ—ନା, ସେ କାମ ତୁମ ଛଡ଼ା ଆଉ କିଏ କରିବ ? ହଉ ହଉ ଚାଲ ।

ଗିରିଜାୟା—ହଉ—ଘୋଡ଼ାମୁହାଁ—ଚାଲ ।

ଏହିପରି ଥଟ୍ଟା ପରିହାସ ଭିତରେ ଦିଗ୍‌ବିଜୟ ଓ ଗିରିଜାୟା ହେମଚନ୍ଦ୍ରଙ୍କ ପାଖକୁ ଚାଲିଲେ । ହେମଚନ୍ଦ୍ରଙ୍କ ପାଖକୁ ଯିବାପାଇଁ ଗିରିଜାୟାକୁ ଇଙ୍ଗିତ କରି ଭୃତ୍ୟ ଦିଗ୍‌ବିଜୟ ଆଗେଇ ଚାଲିଗଲେ ।

ହେମଚନ୍ଦ୍ର ଅନ୍ୟମନା ହୋଇ ଧୀରେ ଧୀରେ ଗୁଣୁଗୁଣୁ ସ୍ୱରରେ କଣ ଗୀତଟିଏ ଗାଉଥିଲେ । ଗିରିଜାୟାକୁ ଦେଖିବା ମାତ୍ରେ ହେମଚନ୍ଦ୍ରଙ୍କର ମୁଖ ଆନନ୍ଦରେ ପ୍ରଫୁଲ୍ଲ ହୋଇଉଠିଲା । ସେ କହିଲେ—ଗିରିଜାୟା, ଆଶା କଣ ପୂରଣ ହେଲା ?

ଗିରି—କାହାର ଆଶା--ମୋର ନା ଆପଣଙ୍କର ?

ହେମ—ମୋର ଆଶା । ତୋର ଆଶା ମେଣ୍ଟିଲେ ମୋର ମଧ୍ୟ ମେଣ୍ଟିବ ।

ଗିରି—ଆପଣଙ୍କର ଆଶା କିପରି ମେଣ୍ଟିବ ? ଲୋକେତ କହନ୍ତି - ରାଜ-ରାଜୁଡ଼ାଙ୍କ ଆଶା କେବେହେଲେ ମେଣ୍ଟେନା ।

ହେମ – ମୋର ତ ଆଶା ଅତି ସାମାନ୍ୟ । ତା ଛଡ଼ା ମୁଁ ତ ରାଜାରାଜୁଡ଼ା ନୁହେଁ ।

Digitized by srujanika@gmail.com

ଗିରି—ଯଦି କେବେ କେଉଁଠି ମୃଣାଳିନୀର ସନ୍ଧାନ ପାଏ ତେବେ ଏକଥା ତାଙ୍କୁ କହିବି ନିଶ୍ଚୟ ।

ଏକଥା ଶୁଣି ହେମଚନ୍ଦ୍ରଙ୍କର ମୁଖ ବିଷଣ୍ଣ ହୋଇଗଲା । ସେ ଦୀର୍ଘ ନିଶ୍ୱାସ ତ୍ୟାଗ କରି କହିଲେ, "ଗିରିଜାୟା—ଆଜି ବି କଣ ମୃଣାଳିନୀର ସାକ୍ଷାତ ପାଇଲ ନାହିଁ ? ଆଜି କେଉଁ ଗାଆଁକୁ ଗୀତ ଗାଇବାକୁ ଯାଇଥିଲ ?

ଗିରି---ବହୁତ ନୂଆ ନୂଆ ଜାଗାକୁ ଗୀତ ଗାଇବାକୁ ଗଲିଣି । ସେଗୁଡ଼ିକର ନାଁ କହି ଲାଭ କଣ ! ଅନ୍ୟ କଥା କଣ କହିବାର ଅଛି ଯଦି କୁହନ୍ତୁ ।

ହେମଚନ୍ଦ୍ର ଆହୁରି ବିଷଣ୍ଣ ହୋଇପଡ଼ିଲେ । ସତେ ଯେପରି ତାଙ୍କ ପାଖରେ ଆଉ ଅନ୍ୟ କଥା କିଛି ନାହିଁ । ସେ ଧୀରେ ଅସ୍ପଷ୍ଟ ସ୍ୱରରେ କହିଲେ—ବୁଝିଲି, ବିଧାତା ବଡ଼ ବିମୁଖ । ହଉ—ପୁଣି କାଲି ସନ୍ଧାନରେ ଯିବ ।

ଗିରିଜାୟା ପ୍ରଣାମ କରି ଛଳନାରେ ବିଦାୟ ନେବାକୁ ବସିଲା । ଗିରିଜାୟାକୁ ରୁହାଇ ହେମଚନ୍ଦ୍ର କହିଲେ—'ଗିରିଜାୟା, ତୁମେ ହସୁନାହଁ ସତ, କିନ୍ତୁ ତୁମ ଆଖି କହେ ତୁମେ କିଛି ଶୁଭ ସମ୍ବାଦ ନେଇ ଆସିଛ ।"

ଗିରିଜାୟା ଏ କଥା ଶୁଣି ଗାମ୍ଭୀର୍ଯ୍ୟ ପ୍ରକାଶ କରି କହିଲେ—ନାଁ, ସେମିତି କିଛି ଖବର ତ ମୋ ପାଖରେ ନାହିଁ ।

ହେମଚନ୍ଦ୍ର ଦୀର୍ଘ ନିଶ୍ୱାସ ତ୍ୟାଗ କରି କହିଲେ—"ଏତେ ଚେଷ୍ଟା ସତ୍ତ୍ୱେ ଯଦି ମୃଣାଳିନୀର ସନ୍ଧାନ ନ ମିଳିଲା ତେବେ ଆଉ ବୃଥା ଆଶା ପୋଷଣ କରି ଏଠାରେ ପଡ଼ି ରହି ଲାଭ କ'ଣ ?" ତାପରେ ଗିରିଜାୟାକୁ କହିଲେ—ଗିରିଜାୟା, କାଲି ତୁମର ଏହି ନଗରୀରୁ ବିଦାୟ ନେଇଯିବ ।"

ଗିରିଜାୟା କହିଲେ—ହିଁ-ତାହାହିଁ କରନ୍ତୁ । ତାପରେ ମୁରୁକି ହସି ଧୀରେ ଧୀରେ ଗାଇବାକୁ ଲାଗିଲେ—

ଶୁଣ ଧୀରେ କାନ ଡେରି ବାଜଇ ମୁରଲି ବନେ ବନେ ଏକାରେ ।

ହେମଚନ୍ଦ୍ର କହିଲେ—ସେ ଗୀତ ସେତିକି ଥାଉ--ଅନ୍ୟ ଗୀତ ଗାଅ ।

ଗିରିଜାୟା ଏ କଥା ଶୁଣି ପୁଣି ସ୍ୱର ଧରି ଗାଇଲେ—"ଯେଉଁ ଫୁଲ ଫୁଟେ ସଖୀ ଗୃହର ଅଙ୍ଗନେ, ସିଏ କିଆଁ ଉଡ଼ିଯାଏ ଉତ୍ତଳ ପବନେ ।"

ହେମଚନ୍ଦ୍ର କହିଲେ—ପବନ ଫୁଲକୁ ଉଡ଼ାଇ ନେଲେ ଦୁଃଖ କରିବାର କଣ ଅଛି ? ଭଲ ଗୀତଟିଏ ଗାଇଲେ ଖୁସି ଲାଗନ୍ତା ।

Digitized by srujanika@gmail.com

ଗିରିଜାୟା ପୁଣି ଗାଇଲେ—"କଣ୍ଟକେ ଗଢ଼ିଲ ବିଧି ମୃଣାଳ ଅଧମେ
ଜଳେ ତାରେ ଡୁବାଇଲେ ପୀଡ଼ଣ ମରମେ ।

ହେମଚନ୍ଦ୍ର ଚମକପଡ଼ି କହିଲେ—କଣ ? କଣ କହିଲ ? ମୃଣାଳ ?

ଗିରିଜାୟା କଟାକ୍ଷପାତ କରି ପୁଣି ଥରେ ଗାଇ ଉଠିଲେ—

"କଣ୍ଟକେ ଗଢ଼ିଲେ ବିଧି ମୃଣାଳ ଅଧମେ
ଜଳେ ତାକୁ ଡୁବାଇଲେ ପୀଡ଼ଣ ମରମେ
ରାଜହଂସ ଦେଖି ଏକ ନୟନ ରଞ୍ଜନ
ଚରଣ ଦୁଇଟି ତାର କଢିଲେ ବନ୍ଧନ ।"

ଏତକ ଗାଇଦେଇ ଗିରିଜାୟା କହିଲା—"ନା, ନା, ଏ ଗୀତଟା ଭଲ ନୁହେଁ । ମୁଁ ଅନ୍ୟ ଗୀତଟିଏ ଗାଏ ।" ହେମଚନ୍ଦ୍ର କିନ୍ତୁ ଅଧୀର ହୋଇ ଉଠି କହିଲେ—ନା-ନା ଗିରିଜାୟା,ଅନ୍ୟ ଗୀତ ନୁହେଁ--ଏଇ ଗୀତଟି ସମ୍ପୂର୍ଣ୍ଣଭାବେ ଗାଅ । ଏହାପରେ ଗିରିଜାୟା ସମ୍ପୂର୍ଣ୍ଣଭାବେ ଗାଇବାକୁ ଲାଗିଲେ—

ରାଜହଂସ କହେ କାହିଁ କରିବ ଗମନ
ହୃଦୟ କମଳେ ପାତ ହଂସ ଗୋ ଆସନ ।
ଆସିଣ ବସିଲା ହଂସ ହୃଦୟ କମଳେ
କମ୍ପିଲା ମୃଣାଳ ସହ ମୃଣାଳିନୀ ଜଳେ ।

ହେମଚନ୍ଦ୍ର ଏ ଗୀତ ଶୁଣି ଭାବବିହ୍ୱଳଭାବେ କହିଲେ--ଗିରିଜାୟା ସତ କୁହ ତୁମେ ଏ ଗୀତ କେଉଁଠାରୁ ଶିଖିଲ ?

ଗିରିଜାୟା ହେମଚନ୍ଦ୍ରଙ୍କ ପ୍ରଶ୍ନର ଉତ୍ତର ନ ଦେଇ ହସି ହସି ପୁଣି ଗାଇଲେ—

"ଅକସ୍ମାତେ କଳାମେଘ ଘୋଟିଲା ଆକାଶେ
ଉଡ଼ିଲେ ମରାଳ ସହ ମାନସ ବିଳାସେ ।
ଭାଙ୍ଗିଲା ହୃଦୟ ପଦ୍ମ ତାର ବେଗ ଭରେ
ଡୁବିଣ ଅଗାଧ ଜଳେ ମୃଣାଳିନୀ ମରେ ।"

ହେମଚନ୍ଦ୍ର ବାଷ୍ପାକୁଳ କଣ୍ଠରେ କହିଲେ—ଗିରିଜାୟା, ଏ ଗୀତ ତୁମେ ମୋର ପ୍ରାଣପ୍ରିୟା ମୃଣାଳିନୀଠାରୁ ଶିଖିଛ । ଏ ଗୀତ ତାଛଡ଼ା ଆଉ କେହି ଜାଣେନା । ସତକୁହ ଗିରିଜାୟା, ତୁମେ ତାକୁ କେଉଁଠାରେ ଦେଖାପାଇଲ ?

ଗିରିଜାୟା—ଦେଖିଲି ମୁଁ ସରୋବରେ କମ୍ପୁଛି ପବନଭରେ
ମୃଣାଳ ଉପରେ ମୃଣାଳିନୀ ।

Digitized by srujanika@gmail.com

ହେମ—ସେତକ ବାକ୍ୟଭୂଷଣ ଥାଉ ଗିରିଜାୟା । କହ ମୋର ମୃଣାଳିନୀ କେଉଁଠାରେ ?

ଗିରି—ଏଇ ନଗରରେ ।

ହେମ—ତାହାତ ମୁଁ ବହୁ ଆଗରୁ ଜାଣେ, ତେବେ ସେ କେଉଁ ସ୍ଥାନରେ ଅଛି ନିର୍ଦ୍ଦିଷ୍ଟ ଭାବେ କୁହ ।

ଗିରି—ହୃଷୀକେଶ ଶର୍ମାର ଗୃହରେ ।

ହେମ—ସତ କହୁଛ - ତୁମେ ନିଜେ ଦେଖିଛ ସେଠାରେ ?

ଗିରି—ହଁ ନିଜେ ସାକ୍ଷାତ କରିଛି ।

ହେମଚନ୍ଦ୍ରଙ୍କ ଆଖିରୁ ଦୁଇଟୋପା ଲୁହ ଝରିପଡ଼ିଲା । ସମ୍ଭବତଃ ସେ ଅଶ୍ରୁ ଆନନ୍ଦର । ସେ ପୁନର୍ବାର କହି ଉଠିଲେ—ଏଠାରୁ ତାହା କେତେ ଦୂର ଗିରିଜାୟା !

ଗିରି—ବହୁଦୂର ।

ହେମ - କେଉଁ ଦିଗକୁ ଯିବାକୁ ପଡ଼ିବ ?

ଗିରି—ଏଠାରୁ ପ୍ରଥମେ ଦକ୍ଷିଣ ଦିଗକୁ ଯାଇ ତା ପରେ ପୂର୍ବକୁ, ତାପରେ ଉତ୍ତର ପୁଣି ତାପରେ ପଶ୍ଚିମ ।

ହେମ - ମୋ ସାଙ୍ଗରେ ପରିହାସ ଖେଳିବାର ବେଳ ଏ ନୁହେଁ ଗିରିଜାୟା !

ଗିରି—ଶାନ୍ତ ହୁଅ—ବାଟ କହିଦେଲେ କ'ଣ ଆପଣ ଯାଇପାରିବେ ? ଚାଲନ୍ତୁ ମୁଁ ଆପଣଙ୍କୁ ସାଙ୍ଗରେ ନେଇଯିବି ।

ମେଘମୁକ୍ତ ଆକାଶର ସୂର୍ଯ୍ୟ ପରି ହେମଚନ୍ଦ୍ରଙ୍କ ମୁଖ ଆନନ୍ଦରେ ଉଦ୍‌ଭାସିତ ହୋଇ ଉଠିଲା । ସେ ଅଧୀର ହୋଇ ପଚାରିଲେ—କୁହ ଗିରିଜାୟା, ମୃଣାଳିନୀ ତୁମକୁ ଦେଖି କ'ଣ କହିଲେ ?

ଗିରି—ତାହାତ ମୁଁ ଗୀତରେ କହିଛି—"ବୁଡ଼ିଣ ଅଗାଧ ଜଳେ
ମୃଣାଳିନୀ ମରେ ।"

ହେମ ମୃଣାଳିନୀ କପରି ଅଛି ?

ଗିରି - ଦେଖିଲି ତାଙ୍କ ଦେହ ଭଲ ଅଛି । ହେଲେ ...

ହେମ—ହଁ—କୁହ, ରହିଗଲ କାହିଁକି ?

ଗିରି—ଦେହରେ ଅଳଙ୍କାର, ଭଲ ଲୁଗା, ତାହାଛଡ଼ା ହୃଷୀକେଶ ବ୍ରାହ୍ମଣଙ୍କ ଝିଅର ସେ ସଖୀ ।

Digitized by srujanika@gmail.com

ହେମ---ଲୁଗା ବା ଗହଣା କଥା ମୁଁ ପଚାରୁନାହିଁ । ବୃଦ୍ଧ ତାଙ୍କର ମନର ଅବସ୍ଥା କପରି ?

ଗିରି---ବର୍ଷାକାଳର ପଦ୍ମପରି ।

ହେମ---ଅପର ଗୃହରେ ସେ କପରି ଅଛନ୍ତି ?

ଗିରି—ଠିକ୍ ଏଇ ଅଶୋକସ୍ତବକ ନିଜର ଘରରେ ନଜେ ନଇଁଗଲା ପରି ।

ହେମ—ଗିରିଜାୟା, ବୟସରେ ତୁମେ ବାଳିକା ସତ—ହେଲେ ବ୍ୟବହାରରେ ତ ବେଶ୍ ପରିପକ୍ୱ ! ଟିକେ ପରିହାସ ନ କରି କୁହ ମୃଣାଳିନୀ ଆଜି କଣ କହୁଥିଲା ।

ଗିରି—ସେ ଧନ ଜାଣନ୍ତି ···

ସମ୍ଭବତଃ ଗିରିଜାୟା ପୁନର୍ବାର ଗୀତରେ ପ୍ରକାଶ କରିବାକୁ ଯାଉଥିଲା । ହେମଚନ୍ଦ୍ର ତାର କେଶ ଆକର୍ଷଣ କରି କହିଲେ—ପୁଣି ବାହାରିଲା ଗୀତଟା ? ଗିରିଜାୟା କହିଲା—ଅରେ ଛାଡ଼—ଛାଡ଼ନା—କହୁଛି—କହୁଛି ···

ହେମଚନ୍ଦ୍ର କେଶ ଛାଡ଼ିଦେଲେ । ତାପରେ ଗିରିଜାୟା ଆଦ୍ୟନ୍ତ ପ୍ରାନ୍ତଯାଏ ସବୁ କଥା କହିବାକୁ ଲାଗିଲେ । ଶେଷରେ କହିଲେ - ମହାବୀର, ଆପଣ ଯଦି ମୃଣାଳିନୀଙ୍କୁ ଦେଖିବାକୁ ଚାହାଁନ୍ତି ତେବେ ମୋ ସାଙ୍ଗରେ ଆଜ ରାତ୍ରର ପ୍ରଥମ ପ୍ରହରରେ ଗନ୍ତବ୍ୟ ସ୍ଥଳକୁ ଚାଲନ୍ତୁ ।"

ଗିରିଜାୟା କଥା ଶୁଣିସାରିବା ପରେ ହେମଚନ୍ଦ୍ର ଅନେକ ସମୟ ଧରି ନିର୍ବାକରେ ଅଶୋକ ବୃକ୍ଷ ତଳେ ପଦଚାରଣ କରିବାକୁ ଲାଗିଲେ । ତାପରେ ସେ ଗୃହ ମଧ୍ୟକୁ ପ୍ରବେଶ କଲେ ଓ ଖଣ୍ଡିଏ ଚିଠି ଆଣି ଗିରିଜାୟା ହାତରେ ଦେଇ କହିଲେ—ଗିରିଜାୟା, ମୃଣାଳିନୀଙ୍କୁ କହିଦେବ ବର୍ତ୍ତମାନ ତାଙ୍କ ସଙ୍ଗେ ସାକ୍ଷାତ୍ କରିବାର ଅଧିକାର ମୋର ନାହିଁ । ତୁମେ ଦୟାକରି ତାଙ୍କୁ ସାକ୍ଷାତ କରି ମୋର ଏ ଚିଠି ଖଣ୍ଡିକ ତାଙ୍କୁ ଦେଇଦେବ । ଆଉ କହିବ--ଭଗବାନଙ୍କ ଆଶୀର୍ବାଦ ଥିଲେ ଏଇ ବର୍ଷକ ମଧ୍ୟରେ ତାଙ୍କ ସହ ମୋର ସାକ୍ଷାତ ହେବ । ମୋର ଏ ଚିଠି ପାଇ ମୃଣାଳିନୀ କଣ କହିବ ଦୟାକରି ମୋତେ ଆସି କହିଯିବ ।

ଗିରିଜାୟା ବିଦାୟ ନେଲେ । ହେମଚନ୍ଦ୍ର ବହୁ ସମୟ ଧରି ସେଇ ଅଶୋକ ବୃକ୍ଷ ତଳେ ଶଲ୍ମଳ ଘାସର ତୃଣଶଯ୍ୟାରେ ଶୟନ କଲେ । ନିଜ ହାତ ଉପରେ ମୁଣ୍ଡ ରଖି ନମ୍ରଦୃଷ୍ଟିରେ ସେ ପୃଥିବୀ ବକ୍ଷକୁ ଚାହିଁ ଘନଘନ ଦୀର୍ଘ ନିଶ୍ୱାସ

Digitized by srujanika@gmail.com

ମାଣିବାରେ ଲାଗିଲେ । ଏତିକିବେଳେ ହଠାତ୍ ତାଙ୍କର ପୃଷ୍ଠ ଦେଶରେ କାହାର କର ସ୍ପର୍ଶ ପାଇ ସେ ଚମକି ଉଠି ଦେଖନ୍ତି ସମ୍ମୁଖରେ ମାଧବାଚାର୍ଯ୍ୟ । ମାଧବାଚାର୍ଯ୍ୟ କହିଲେ— ବତ୍ସ, ଉଠ ! ମୁଁ ତୁମ ଉପରେ ଯେତିକି ଅସନ୍ତୁଷ୍ଟ ସେତିକି ସନ୍ତୁଷ୍ଟ । ଏପରି ଚକିତ ଭାବେ ମୋତେ ଚାହିଁ ରହିଛ କାହିଁକି ?

ହେମଚନ୍ଦ୍ର—ଆପଣ ଏ ସ୍ଥାନକୁ କିପରି ଆସିଲେ ?

ମାଧବାଚାର୍ଯ୍ୟ ହେମଚନ୍ଦ୍ରଙ୍କ ପ୍ରଶ୍ନର ଉତ୍ତର ନ ଦେଇ କହିଲେ—ତୁମେ ଏପର୍ଯ୍ୟନ୍ତ ନବଦ୍ୱୀପ ନଯାଇ ଏଠାରେ ରହିଥିବାରୁ ମୁଁ ଅସନ୍ତୁଷ୍ଟ । ଆଜି ମୃଣାଳିନୀର ସନ୍ଧାନ ପାଇ ମଧ୍ୟ ତୁମେ ମୋର ଆଦେଶ ମାନି ତାକୁ ସାକ୍ଷାତ କରିବାକୁ ଯାଇନାହଁ ଏଥିପାଇଁ ମୁଁ ଖୁବ୍ ଆନନ୍ଦିତ । ତୁମକୁ ମୁଁ ତିରସ୍କାର କରୁନାହିଁ । କିନ୍ତୁ ଏଠାରେ ତୁମେ ଅଧିକ କାଳ ଆଉ ରହିବା ଶ୍ରେୟସ୍କର ନୁହେଁ । ମୃଣାଳିନୀଠାରୁ ତୁମ ପତ୍ରର ପ୍ରତ୍ୟୁତ୍ତର ପାଇବା ପର୍ଯ୍ୟନ୍ତ ମଧ୍ୟ ଅପେକ୍ଷା କରିବା ମଙ୍ଗଳକର ନୁହେଁ । ବେଗବାନ୍ ହୃଦୟକୁ ବିଶ୍ୱାସ ନାହିଁ । ମୁଁ ଆଜି ନବଦ୍ୱୀପ ଯାତ୍ରାକରିବି । ତୁମେ ମଧ୍ୟ ମୋ ସଙ୍ଗରେ ଯିବ । ନୌକା ପ୍ରସ୍ତୁତ ଅଛି । ସମସ୍ତ ଅସ୍ତ୍ରଶସ୍ତ୍ର ଧରି ବାହାରିପଡ଼ ।

ହେମଚନ୍ଦ୍ର କେବଳ ଶୁଣିଯାଉଥିଲେ ମାଧବାଚାର୍ଯ୍ୟଙ୍କର କଥା ? ଶେଷରେ ପଦଟିଏ କହିଲେ—ମୁଁ ଜାଣିପାରୁନି--ଆପଣ କଣ ଅନ୍ତର୍ଯ୍ୟାମୀ ! ସକଳ କଥା ଆପଣଙ୍କୁ ଜଣାଗଲା କିପରି ?

ଏହାପରେ ହେମଚନ୍ଦ୍ର ଗୃହ ମଧ୍ୟକୁ ଯାଇ ବଣିକଜନକଠାରୁ ବିଦାୟ ନେଇ ମାଧବାଚାର୍ଯ୍ୟଙ୍କର ଅନୁଗାମୀ ହେଲେ ।

ବ୍ୟାଧର ଜାଲରେ ହରଣୀ

ମୃଣାଳିନୀ ଏବଂ ଗିରିଜାୟା ରାତ୍ରର ପ୍ରଥମ ପ୍ରହରରେ ହୃଷୀକେଶଙ୍କ ଘରର ପାଚେରୀ ପାଖେ ଭେଟା ଭେଟି ହେଲେ । ମୃଣାଳିନୀ ଗିରିଜାୟାକୁ ଦେଖିବା ମାତ୍ରେ ପଚାରିବସିଲେ —କାହିଁ, ହେମଚନ୍ଦ୍ର କେଉଁଠାରେ ?

ଗିରିଜାୟା କହିଲେ—ସେ ଆସିନାହାନ୍ତି ।

"ଆସି ନାହାନ୍ତି" ଏଇ ପଦକ ଗିରିଜାୟା ମୁଖରୁ ଶୁଣିବା ମାତ୍ରେ ମୃଣାଳିନୀଙ୍କର ମର୍ମସ୍ଥଳ ସତେ ଅବା ଫାଟିଗଲା । କିଛି କ୍ଷଣ ନୀରବତା ପରେ ମୃଣାଳିନୀ ଶୋକ ଗଦ୍‌ଗଦ କଣ୍ଠରେ ପଚାରିଲେ—କାହିଁକି ଆସିଲେ ନାହିଁ ?

Digitized by srujanika@gmail.com

ଗିରିଜାୟା—"ସେ କଥା ମୁଁ ଜାଣେନା । ସେ ଏଇ ଚିଠି ଖଣ୍ଡିକ ଦେଇଛନ୍ତି ।" ମୃଣାଳିନୀ ଚିଠି ଖଣ୍ଡିକ ନେଲେ ସତ ହେଲେ କିପରି ପଢ଼ିବେ ଏଇ ଚିନ୍ତାରେ ପଡ଼ିଲେ । ବାହାରେ ଅନ୍ଧାର । ଘର ଭିତରେ ଆଲୁଅ ଜାଳି ପଢ଼ିଲେ ମଣିମାଳିନୀ ଜାଣିନେବ । ମୃଣାଳିନୀଙ୍କର ମନୋଭାବ ଜାଣି ପାରି ଗିରିଜାୟା କହିଲେ--ବ୍ୟସ୍ତ ହୁଅନା । ମୁଁ ଏଇଠାରେ ଆଲୋକର ବ୍ୟବସ୍ଥା କରି ଦେଉଛି । ଏଇ ଦେଖନା, ମୁଁ ଜାଣିଶୁଣି ଆଗରୁ ଦୀପ ତେଲ ଏବଂ ଚକ୍‌ମକି ପଥର ଆଣିଛି ।

ଏହାପରେ ଗିରିଜାୟା ଚକ୍‌ମକି ପଥର ସାହାଯ୍ୟରେ ନିଆଁ ଜାଳି ଦୀପ ଲଗାଇ ଦେଲେ । ମାତ୍ର ଚକ୍‌ମକି ପଥରର ଶବ୍ଦ ହୃଷୀକେଶଙ୍କ ଗୃହର ଜଣେ ବ୍ୟକ୍ତି କାନରେ ସମ୍ଭବତଃ ଶୁଭିଲା । ତେଣୁ ଦୀପ ଜଳିବା ମାତ୍ରେ ଉକ୍ତ ବ୍ୟକ୍ତି ଜଣକ ମଧ୍ୟ ସନ୍ତର୍ପଣରେ ଏହା ଲକ୍ଷ୍ୟ କଲା । ଏଣେ ମୃଣାଳିନୀ ଆକୁଳ ହୃଦୟରେ ହେମଚନ୍ଦ୍ରଙ୍କ ପ୍ରେରିତ ପତ୍ର ପାଠ କରିବାକୁ ଲାଗିଲେ ।

"ମୃଣାଳିନୀ, କ'ଣ କହି ମୁଁ ତୁମକୁ ପତ୍ର ଲେଖିବି ଭାବିପାରୁନି । ମୋରି ପାଇଁ ତୁମେ ଗୃହତ୍ୟାଗୀ ହୋଇ ପର ଗୃହରେ ଆସି କଷ୍ଟରେ କାଳାତିପାତ କରୁଛ । ଦୈବ କୃପାରୁ ତୁମର ସମ୍ବାଦ ପାଇଲେ ମଧ୍ୟ ତୁମକୁ ସାକ୍ଷାତ କରିବା ଅବସ୍ଥାରେ ନାହିଁ । ତୁମେ ମୋତେ ଯାହା ଭାବ, ମୁଁ ନିରୁପାୟ, ଏକ ବିଶେଷ ବ୍ରତରେ ମୁଁ ନିଯୁକ୍ତ । ଏହି ବ୍ରତ ପ୍ରତି ଅବହେଳା କଲେ ମୁଁ କୁଳାଙ୍ଗାର ପଦବାଚ୍ୟ ହେବି । କାରଣ ଏହି ବ୍ରତର ସାଧନା ପାଇଁ ମୁଁ ଗୁରୁଙ୍କ ନିକଟରେ ପ୍ରତିଜ୍ଞାବଦ୍ଧ । ତେଣୁ ଏ ସ୍ଥାନରେ ତୁମ ସହ ସାକ୍ଷାତ କରି ପାରୁନି । ମାତ୍ର ଗୋଟିଏ ବର୍ଷ ବିତିଗଲେ ତୁମ ସହ ସାକ୍ଷାତର ପଥ ପରିଷ୍କାର ହୋଇଯିବ । ମୁଁ ତୁମକୁ ମୋର ରାଜପୁରର କୁଳବଧୂ ରୂପେ ନେଇଆସିବି । ଏଇ ଅଳ୍ପବୟସ୍କା ପ୍ରଗଳ୍‌ଭା ବାଳିକା ହସ୍ତରେ ପ୍ରେରିତ ପତ୍ର ଖଣ୍ଡି ପାଇ ତାର ଉତ୍ତର ଦେବ ।"

ମୃଣାଳିନୀ ଚିଠିଟି ପଢ଼ିସାରି ଗିରିଜାୟାଙ୍କୁ କହିଲେ "ମୋ ପାଖରେ କାଗଜ କଲମ କିଛି ନାହିଁ—କିପରି ବା ଚିଠି ଲେଖିବି ? ତେଣୁ ତୁମେ ତୁମ ମୁହଁରେ ମୋ ଚିଠିର ଉତ୍ତର ନେଇଯାଅ । ତୁମେ ବିଶ୍ୱାସୀ, ତେଣୁ ପୁରସ୍କାର ସ୍ୱରୂପ ମୋର ଏଇ ଅଳଙ୍କାର ନିଅ ।"

Digitized by srujanika@gmail.com

ଗିରିଜାୟା କହିଲେ···ଉତ୍ତର କାହା ପାଖକୁ ନେବ ? ସେ ତ ମୋତେ ପତ୍ର ଦେଇ ଆଜ ସନ୍ଧ୍ୟାରେ ନବଦ୍ୱୀପ ଯାତ୍ରାକଲେ ।

ମୃଣାଳିନୀ···ନବଦ୍ୱୀପ ?

ଗିରି···ହଁ ନବଦ୍ୱୀପ ।

ମୃଣାଳିନୀ···ଏଇ ସନ୍ଧ୍ୟାରେ ?

ଗିରି···ହଁ ଏଇ ସନ୍ଧ୍ୟାରେ । ଶୁଣିଲି ତାଙ୍କର ଗୁରୁ ଆସି ତାଙ୍କୁ ସଙ୍ଗରେ ନେଇଗଲେ ।

ଏହାପରେ ମୃଣାଳିନୀ କିଛି ସମୟ ଚିନ୍ତା କରି କହିଲେ --- ଗିରିଜାୟା, ତେବେ ତୁମେ ବିଦାୟ ନିଅ । ମୁଁ ଆଉ ବେଶି ସମୟ ବାହାରେ ରହିବା ଠିକ୍ ହେବ ନାହିଁ ।

ଗିରିଜାୟା ବିଦାୟ ନେଇଗଲେ ଗୁଣୁ ଗୁଣୁ ସ୍ୱରରେ ଗୀତ ଗାଇ ଗାଇ । ମୃଣାଳିନୀ ସେଇ ଅସ୍ପଷ୍ଟ ସଙ୍ଗୀତ ଶୁଣି ଶୁଣି ଘର ଭିତରେ ପ୍ରବେଶ କଲେ । ମୃଣାଳିନୀ ଘର ଭିତରକୁ ଯାଇ କବାଟ ବନ୍ଦ କରିବାକୁ ଯାଉଛନ୍ତି—ଏହି ସମୟରେ ପଛପଟରୁ କିଏ ଆସି ତାଙ୍କ ହାତକୁ ଜାବୁଡ଼ି ଧରିଲା । ମୃଣାଳିନୀ ଚମକି ଉଠିଲେ । ସେଇ ଲୋକଟି କହିଲା—ଆହାଃ ସୁନ୍ଦରୀଶିରୋମଣି, ତେବେ ତୁମର ପ୍ରେମବାଞ୍ଛା ଧରାପଡ଼ିଯାଇଛି ? ସତ କହିଲ—ଯେଉଁ ଲୋକଟି ପାଇଁ ତୁମେ ଏତେ ଆକୁଳରେ ପ୍ରତୀକ୍ଷା କର ଏଠାରେ ଛପିରହିଅଛ ସେ କିଏ ?

ମୃଣାଳିନୀ ରାଗରେ ଗର୍ଜି କହିଲେ—ବ୍ୟୋମକେଶ, ବ୍ରାହ୍ମଣ କୁଳର ପାଷାଣ୍ଡ, ହାତ ଛାଡ଼ି କହୁଛି !

ବ୍ୟୋମକେଶ ହେଉଛି ହୃଷୀକେଶର ପୁତ୍ର । ସେ ମୂର୍ଖ ଓ ଦୁଷ୍ଟଚରିତ୍ର । ମୃଣାଳିନୀ ପ୍ରତି ତାର ଆଶକ୍ତି ଯଥେଷ୍ଟ । ତେଣୁ ମୃଣାଳିନୀ ତାଙ୍କ ଘରେ ରହିବା ଦିନରୁ ସେ ସୁଯୋଗ ଖୋଜୁଥିଲା । ଆଜ ସୁଯୋଗ ପାଇଲା । ବଳ ପ୍ରୟୋଗ କରିବାକୁ ପଶ୍ଚାତ୍‌ପଦ ହେଲାନାହିଁ ।

ମୃଣାଳିନୀ ତାଙ୍କ ହାତ ଛାଡ଼ିବାକୁ କହିବାରୁ ବ୍ୟୋମକେଶ କହିଲା—କାହିଁକି ହାତ ଛାଡ଼ିବ ? ଏ ହାତକୁ ପାଇ କେହି କଣ କେବେ ଛାଡ଼ିପାରେ ? ଆଉ ସେ ଛଡାଛଡ଼ି କଥା ଛାଡ଼ି ସୁନ୍ଦରୀ ! ମୁଁ କଣ ମନୁଷ୍ୟ ନୁହେଁ ? ଅନ୍ୟ ଜଣଙ୍କ ମନ ବୁଝି ତାପାଖକୁ ଲୁଚି ଲୁଚି ଏ ଅନ୍ଧାର ଭିତରେ ଚାଲିଆସିଥିଲ ତାର ମନୋରଞ୍ଜନ ପାଇଁ—ତେବେ ମୋର ମନୋରଞ୍ଜନ କର ସୁନ୍ଦରୀ !

Digitized by srujanika@gmail.com

ମୃଣାଳିନୀ—କୁଳାଙ୍ଗାର, ଯଦି ହାତ ନଛାଡ଼ିବୁ ତେବେ ଏହିକ୍ଷଣି ପାଟିକରି ଘରର ସମସ୍ତଙ୍କୁ ଡାକିଛାଡ଼ିବି ।

ବ୍ୟୋମକେଶ—ବେଶ୍, ଡାକେ, ସମସ୍ତେ ଉଠି ଆସନ୍ତୁ । ମୁଁ କହିବି—ଲୁଚି ଲୁଚି ପର ପୁରୁଷ ସଙ୍ଗେ କେଳି କରିବାକୁ ଅଭିସାରିକା ବାହାରକୁ ଆସିଥିଲେ; ମୋ ପାଖରେ ଧରାପଡ଼ିଯାଇଛନ୍ତି ।

ମୃଣାଳିନୀ ଏହାପରେ ତାକୁ ଠେଲିଦେଇ ନିଜର ହାତ ଛଡ଼ାଇବାକୁ ଚେଷ୍ଟା କଲେ—କିନ୍ତୁ ପାରିଲେନାହିଁ ।

ବ୍ୟୋମକେଶ କହିଲା—ଆହାସୁନ୍ଦରୀ, ଏତେ ବ୍ୟସ୍ତ କାହିଁକି ? ମୋର ମନର ସାଧ ମେଣ୍ଟିଗଲେ ମୁଁ ବଳେ ତୁମକୁ ଛାଡ଼ି ଦେବିନି ; ଆସ କୋଳକୁ ଆସ । ଦିନସାରା ତୁମକୁ ମୋ ଭଉଣୀ ମଣିମାଳିନୀ ଜଗି ରହିଛନ୍ତି । ଆଜି ସୁଯୋଗ ପାଇଛି —ଛାଡ଼ିବି କିପରି ?

ମୃଣାଳିନୀ କାନ୍ଦି କାନ୍ଦି ହୋଇ କହିଲେ—ମୁଁ ବି ତୁମର ଭଉଣୀ ।

ବ୍ୟୋମକେଶ—ତୁମେ ମୋର ଲେଖାଯୋଖା ଭଉଣୀ···ପ୍ରାଣାଧିକା ସାଧିକା ସର୍ବାର୍ଥସାଧିକା ।

ଏତିକି କହି ବ୍ୟୋମକେଶ ମୃଣାଳିନୀଙ୍କୁ ଟାଣିଟାଣି ନେଇଗଲେ । ମୃଣାଳିନୀଙ୍କୁ ମାଧବାଚାର୍ଯ୍ୟ ଅପହରଣ କରି ନେଇ ଆସିଲାବେଳେ ସେ ଯେପରି ଚିତ୍କାର କରି ନ ଥିଲେ, ବର୍ତ୍ତମାନ ଠିକ୍ ସେହିପରି ନୀରବ ରହିଲେ । ମାତ୍ର ସେଇ ମୂଢ଼ ବ୍ରାହ୍ମଣକୁ ପଦାଘାତ କରି ଦୂରେଇ ଦେଲେ । ପଦାଘାତ ପାଇ ବ୍ୟୋମକେଶ ପଡ଼ିଗଲା ସତ ହେଲେ ନିର୍ଲଜ୍ଜ ଭଳି କହିବାକୁ ଲାଗିଲା—ଆହା—ହା, ମୁଁ ଆଜି ଏଇ ପାଦ ସ୍ପର୍ଶ ପାଇ ଧନ୍ୟ । ଏଇଥିରେ ମୋର ମୁକ୍ତି । ଆହା ସୁନ୍ଦରୀ—ତୁମେ ମୋର ଦ୍ରୌପଦୀ, ମୁଁ ତୁମର ଜୟଦ୍ରଥ ।

ଠିକ୍ ସେତିକିବେଳେ ପଛରୁ ଆଉ ଜଣେ କିଏ କହିବାର ଶୁଣାଗଲା—ମୁଁ ତୁମର ଅର୍ଜୁନ ।

ଅକସ୍ମାତ୍ ବ୍ୟୋମକେଶ ଚିତ୍କାରକରିଉଠିଲା—ରାକ୍ଷସୀ, ଏହି ତୋ ହାତରେ କଣ ବିଷ ଅଛି ! ବ୍ୟୋମକେଶ ପିଠିରେ ହାତ ମାରି ଦେଖେତ ଝରଝର ରକ୍ତ ବହି ଚାଲିଛି । ମୃଣାଳିନୀ ବ୍ୟୋମକେଶ କବଳରୁ ଖସିଯାଇ ମଧ୍ୟ ଘର ଭିତରକୁ ଗଲେନାହିଁ । ବ୍ୟୋମକେଶ ପିଠିକୁ କିଏ କାମୁଡ଼ିଲା—ସିଏ ମଧ୍ୟ ଜାଣିପାରିଲେ ନାହିଁ—କାରଣ ସେ ନିଜେତ କାମୁଡ଼ି ନ ଥିଲେ । ତେବେ ସେ ଦେଖିବାକୁ

Digitized by srujanika@gmail.com

ପାଇଲେ ଗୋଟିଏ ଝଙ୍କାକୃତି ବାଳିକା କ୍ଷିପ୍ରଗତିରେ ଗୃହପାଉଛି । ସମ୍ଭବତଃ ଗିରିଜାୟା ତାର ପଛେ ପଛେ ଚାଲି ଯାଉଛି ।

ପଳାୟନ କରିବା ମୃଣାଳିନୀର ସ୍ୱଭାବ ନୁହେଁ । ସେ ପଳାୟନ କଲେନାହିଁ । ବ୍ୟୋମକେଶ ପ୍ରାଙ୍ଗଣରେ ଠିଆ ହୋଇ ଆର୍ତ୍ତ ଚିତ୍କାର କରିଉଠିଲେ, ତାପରେ କାତର ସ୍ୱରରେ'ମରିଗଲି 'ମରିଗଲି' କହି ନିଜ ଶୋଇବାଘରଆଡ଼େ ଚାଲିଗଲେ । ତାଙ୍କର ପାଟିରେ ସମସ୍ତ ଘରଲୋକ ଉଠିପଡ଼ିଲେ । ହୃଷୀକେଶ ପୁଅକୁ ଏପରି ଚିତ୍କାର କରିବାର କାରଣ ପଚାରିଲେ । ବ୍ୟୋମକେଶ କହିଲା—ମୃଣାଳିନୀ ପରପୁରୁଷ ସଙ୍ଗେ ଅଭିସାର କରିବାକୁ ଯାଉଥିଲା—ମୁଁ ତାକୁ ଧରିବାରୁ ସେ ମୋ ପିଠିକୁ କାମୁଡ଼ିଦେଇଛି ।

ହୃଷୀକେଶ ପୁଅର କୁ-ଅଭିପ୍ରାୟ ଜାଣି ପାରିଲେ ନାହିଁ । ମୃଣାଳିନୀ ଠିକ୍ ସେତିକବେଳେ ବାହାରୁ ଘର ଭିତରକୁ ଆସୁଥିବାର ଦେଖି ନିଜ ପୁଅ କଥା ବିଶ୍ୱାସ କରିଗଲେ । ସେଠାରେ ସେ ମୃଣାଳିନୀକୁ କିଛିନକହି ନିଃଶବ୍ଦରେ ଗଜଗାମିନୀ ମୃଣାଳିନୀଙ୍କର ପଛେ ପଛେ ଶୋଇବା ଘରକୁ ଆସିଲେ ।

ହୃଷୀକେଶ

ହୃଷୀକେଶ ମୃଣାଳିନୀଙ୍କ ପଛେ ପଛେ ଯାଇ ଶୋଇବା ଘରେ କହିଲେ— "ମୃଣାଳିନୀ, ତୁମର ଏଣେ କ ଚରିତ୍ର ?

ମୃଣାଳିନୀ—ମୋର ଚରିତ୍ର ସମ୍ବନ୍ଧରେ ଆପଣଙ୍କର ଏ ପ୍ରଶ୍ନ କାହିଁକି ?

ହୃଷୀକେଶ—ତୁମେ କାହାର କନ୍ୟା ଏବଂ ତୁମର ଚରିତ୍ର କଣ ମୁଁ ଅବଶ୍ୟ କିଛି ଜାଣେନା । କେବଳ ଗୁରୁଙ୍କ ଅନୁରୋଧରେ ମୁଁ ତୁମକୁ ଆମ ଘରେ ସ୍ଥାନ ଦେଇଛି । ଏମିତିକି ତୁମେ ମୋ କନ୍ୟା ମଣି ପାଖରେ ଗୋଟିଏ ଶେଯରେ ଶୟନକର । ଅଥଚ ତୁମର ଏଇ କୁଳଟା ପ୍ରବୃତ୍ତି ଦେଖି ମୁଁ ଆଚମ୍ବିତ ହେଉଛି ।

ମୃଣାଳିନୀ—ମୋର ଚରିତ୍ର ସମ୍ବନ୍ଧରେ ଏ ପ୍ରକାର ମନ୍ତବ୍ୟ ଯିଏ ଦେଉଛି, ସେ ମିଥ୍ୟାବାଦୀ ।

ମୃଣାଳିନୀଙ୍କ ମୁହଁରୁ ଏଇ କଥା ଶୁଣି ହୃଷୀକେଶର ଅଧର କ୍ରୋଧରେ କମ୍ପିବାକୁ ଲାଗିଲା । ସେ କହିଲେ—"ପାପିଷ୍ଠା, ମୋର ଘରେ ରହି ମୋରି

Digitized by srujanika@gmail.com

ଅନ୍ତରେ ପ୍ରତିପାଳିତ ହୋଇ, ମୋତେ ପୁଣି ମିଥ୍ୟାବାଦୀ କହିବାକୁ ସାହସ କଲୁ । ତୁ ଏଇ ମୁହୂର୍ତ୍ତରେ ଏ ଘରୁ ବାହାରି ଯାଆ । ହୁଏତ ଏଥିରେ ମାଧବାଚାର୍ଯ୍ୟ ରାଗ କରିବେ, କରନ୍ତୁ । ତା ବୋଲି ଏଭଳି ଏକ କାଳନାଗୁଣିକୁ ଘରେ ରଖିବ !

ମୃଣାଳିନୀ—ଆପଣଙ୍କ କଥା ମୁଁ ଅବଶ୍ୟ ପାଳିବି । ଆଗାମୀ କାଲି ମୋତେ ଆଉ ଆପଣଙ୍କ ଘରେ ଦେଖିବାକୁ ପାଇବେନି ।

ହୃଷୀକେଶ ମୃଣାଳିନୀ ମୁହଁରୁ ଏଭଳି ଉତ୍ତର ଆଶା କରି ନଥିଲେ । ମୃଣାଳିନୀ ଏ ଘରୁ ଚାଲିଗଲେ ନିରାଶ୍ରୟ ହୋଇପଡ଼ିବ ଜାଣି ମଧ୍ୟ ଉସୁଭିତା ନୁହେଁ—ତେଣୁ ସେ ନିଶ୍ଚୟ ସେଇ ପରପୁରୁଷ ପାଖକୁ ଚାଲିଯିବ । ହୃଷୀକେଶ ସେଭଳି ଧାରଣା ପୋଷଣ କଲେ ଏବଂ ମୃଣାଳିନୀ ପ୍ରତି ତାଙ୍କର ମନୋଭାବ ଆହୁରି କଠୋର ହୋଇପଡ଼ିଲା । ତେଣୁ ସେ ତିରସ୍କାର କରି କହିଲେ—କାଲି ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବା ଦରକାର ନାହିଁ, ଏଇ ମୁହୂର୍ତ୍ତରେ ବାହାରିଯାଆ !

ମୃଣାଳିନୀ—ଯଥା ଆଜ୍ଞା ! ମୁଁ ସଖୀ ମଣିମାଳିନୀ ନିକଟରୁ ବିଦାୟ ନେଇ ଆଜି ଏ ଘର ଛାଡ଼ି ଚାଲିଯିବି ।

ହୃଷୀକେଶ—ମଣିମାଳିନୀ ସହ ତୋ ଭଳି କୁଳଟାର କି କଥାବାର୍ତ୍ତା !

ଏକଥା ଶୁଣି ମୃଣାଳିନୀଙ୍କ ଆଖିରୁ ଲୁହ ଝରିପଡ଼ିଲା । ସେ ଥରି ଥରି କଣ୍ଠରେ କହିଲେ—"ଆପଣଙ୍କ ଇଚ୍ଛା ଅବଶ୍ୟ ପୂରଣ ହେବ । ମୁଁ ମଣିମାଳିନୀଙ୍କ ସହ କଥାବାର୍ତ୍ତା ନ କରି ଏଇ ମୁହୂର୍ତ୍ତରେ ଏଇଠାରୁ ବିଦାୟ ନେଇଯାଉଛି । ଆସିଥିଲି ଯେଉଁ ଲୁଗା ଖଣ୍ଡିକ ପିନ୍ଧି ସେଇ ଲୁଗାଖଣ୍ଡିକ ପିନ୍ଧି ଏକବସ୍ତ୍ର ହୋଇ ଚାଲିଯାଉଛି । ଯାଉଛି ମୋର ପ୍ରଣାମ ଗ୍ରହଣ କରନ୍ତୁ ।"

ହୃଷୀକେଶ ଆଉ କିଛି କହିବା ପୂର୍ବରୁ ମୃଣାଳିନୀ ଘର ଛାଡ଼ି ବାହାରିଗଲେ । ମାତ୍ର ସେତେବେଳକୁ ବ୍ୟୋମକେଶର ଚିତ୍କାର ଶୁଣି ଘରର ଅନ୍ୟମାନଙ୍କ ସହ ମଣିମାଳିନୀ ମଧ୍ୟ ଉଠିପଡ଼ି ମୃଣାଳିନୀର ଶୋଇବାଘର ପାଖକୁ ବାପା ଯାଇଥିବାର ଦେଖିଲେ ।

ମଣିମାଳିନୀ ତାଙ୍କ ଭାଇ ବ୍ୟୋମକେଶ ସହ କଥାବାର୍ତ୍ତା କରି ମୃଣାଳିନୀ ପ୍ରତି ତାର ଦୁର୍ବ୍ୟବହାର ସୂଚନା ପାଇବା ମାତ୍ରେ ତାକୁ ଭର୍ତ୍ସନା କରିବାକୁ ଲାଗିଲେ । ଭାଇକୁ ଭର୍ତ୍ସନା କରି ମଣିମାଳିନୀ ମୃଣାଳିନୀ ଶୋଇବା ଘର ଆଡ଼କୁ

Digitized by srujanika@gmail.com

ଆସିବା ବେଳକୁ ମୃଣାଳିନୀ ଦ୍ରୁତପଦରେ ଘରଗୁଡ଼ ଚାଲି ଯାଉଛନ୍ତି । ତେଣୁ ସେ ପଚାରିଲେ—ସଖି, ଏତେ ରାତିରେ କୁଆଡ଼େ ଚାଲିଯାଉଛ ?

ମୃଣାଳିନୀ—ସଖୀ, ତୁମେ ଘାବ୍ଭାଗବା ହୁଅ । ମୋ ସହିତ କଥାବାର୍ତ୍ତା କରନାହିଁ । ଏଥିରେ ତୁମ ବାପା ଅସନ୍ତୁଷ୍ଟ ହେଉଛନ୍ତି ।

ମଣି—ଇଏ କ କଥା କହୁଛ ମୃଣାଳିନୀ ? ତୁମେ କାନ୍ଦୁଛ କାହିଁକି ? ସଖୀ, ମୋର କଥା ମାନ, ଫେରିଚାଲ । ବାପା ନବୁଝି ନ ଶୁଣି ତୁମ ଉପରେ ରାଗ କରିଛନ୍ତି ।

ମାତ୍ର ମୃଣାଳିନୀ ଆଉ ହୃଷୀକେଶଙ୍କ ଘରକୁ ଫେରିଲେ ନାହିଁ । ସଚ୍ଚାସାଧ୍ୱୀ ସେ । ଅଟଳ ଅଚଳ ଶିଳାଖଣ୍ଡ ପରି ଦୃଢ । ସେ ବା କିପରି ଫେରନ୍ତେ ଏ ଅପମାନ ପାଇ ? ତେଣୁ ମଣିମାଳିନୀ ବାପାଙ୍କ ପାଖକୁ ଫେରିଆସିଲେ ।

ତେବେ ମୃଣାଳିନୀ ଯାଇ ଗିରିଜାୟାଙ୍କୁ ପୂର୍ବସ୍ଥାନରେ ଭେଟିଲେ । ମୃଣାଳିନୀ କହିଲେ—ତୁମେ ଏଠାରେ କଣ ସେତିକବେଳୁ ଠିଆ ହୋଇ ରହିଛ ?

ଗିରିଜାୟା—ମୁଁ ତୁମକୁ ପଳାଇଆସ କହିଥିଲି । ମାତ୍ର ତୁମେ ଆସୁଛ କି ନା ଜାଣିବାପାଇଁ ଏଠାରେ ଅପେକ୍ଷା କରି ରହିଛି ।

ମୃଣାଳିନୀ—ତୁମେ କଣ ବ୍ରାହ୍ମଣଙ୍କ ଚିଠିକୁ କାମୁଡ଼ିଛ ?

ଗିରି—ସେଥିରେ କ୍ଷତି କଣ ?

ମୃଣାଳିନୀ—ମୁଁ କାଲି ଦେଖିଥିଲି ତୁମେ ଗୀତ ଗାଇ ଗାଇ ଚାଲିଗଲ !

ଗିରି—ତାହାପରେ ତୁମର କଥାବାର୍ତ୍ତା ଶୁଣି ଦେଖିଲି ସେଇ ପୋଡ଼ାମୁହାଁ ବ୍ରାହ୍ମଣଟା । ସିଏ ମୋତେ ଥରେ କଳାପିମ୍ପୁଡ଼ି କହି ଥଟ୍ଟା କରିଥିଲା । ତେଣୁ ସୁଯୋଗ ପାଇ ପ୍ରତିଶୋଧ ନେଇନେଲି । ହଁ ଛାଡ଼ ସେ କଥା, ବର୍ତ୍ତମାନ ଯିବ କୁଆଡ଼େ ?

ମୃଣାଳିନୀ—ତୁମର ଘରଦ୍ୱାର ଅଛି ?

ଗିରି—ଅଛି । ପତ୍ରକୁଡ଼ିଆଟିଏ ।

ମୃଣାଳିନୀ—ସେଠାରେ ଆଉ କିଏ ଅଛନ୍ତି ?

ଗିରି—ଜଣେ ବୁଢ଼ୀ,—ମୁଁ ତାଙ୍କୁ ଆଈ ବୋଲି ଡାକେ ।

ମୃଣାଳିନୀ—ତାହାହେଲେ ଚାଲ ତୁମ ଘରକୁ ଯିବା ।

ଗିରି—ଚାଲ । ସେଇକଥା ମୁଁ ମଧ୍ୟ ଭାବିଥିଲି ।

Digitized by srujanika@gmail.com

ଏହାପରେ ଦୁଇଜଣ ଗ୍ଭଲିଲେ । ଯିବାବାଟରେ ଗିରିଜାୟା କହିଲା—କିନ୍ତୁ ସେତ ପରକୁଡ଼ିଆ, ସେଠାରେ ବା କେତେଦିନ ରହିପାରିବ ?

ମୃଣାଳିନୀ– କାଲି ସକାଳୁ ଅନ୍ୟତ୍ର ଗ୍ଭଲିଯିବି ।

ଗିରି—କେଉଁଠାକୁ ? କ'ଣ ମଥୁରା ?

ମୃଣାଳିନୀ—ମଥୁରାରେ ଆଉ ମୋର ସ୍ଥାନ ନାହିଁ ।

ଗିରି—ତେବେ କେଉଁଠାକୁ ?

ମୃଣାଳିନୀ—ଯମାଳୟ ।

ଏହାପରେ ଦୁଇଜଣ କିଛି ସମୟ ଚୁପ୍ ହୋଇ ରହିଲେ । ତାପରେ ମୃଣାଳିନୀ କହିଲେ—ଏ କଥା କଣ ତୁମେ ବିଶ୍ୱାସ କରୁଛ ?

ଗିରି—ବିଶ୍ୱାସ କରିବିନି କିପରି ! ଯମାଳୟ ବୋଲି ·ଗୋଟାଏ ସ୍ଥାନ ତ ଅଛି ! ତେବେ ଆଉ ଗୋଟିଏ ସ୍ଥାନକୁ ଗଲେ କିମିତି ହୁଅନ୍ତା !

ମୃଣାଳିନୀ—କେଉଁଠାକୁ ?

ଗିରି—ନବଦ୍ୱୀପ !

ମୃଣାଳିନୀ—ଗିରିଜାୟା ! ତୁମେ ଭିକାରୁଣୀ ବେଶରେ କେଉଁ ଏକ ମାୟାବିନୀ । ତୁମେ ଯିଏ ହୁଅନା କାହିଁକି- ତୁମେହିଁ ମୋର ହିତୈଷୀ । ତୁମରି କଥା ମାନି ନବଦ୍ୱୀପ ହିଁ ଯିବି ।

ଗିରି—ସେଠାକୁ ଏକା ଯିବେ ?

ମୃଣାଳିନୀ—ସାଥୀ କେଉଁଠାରୁ ପାଇବି ?

ଗୀରି— ଗାଇ ଗାଉ)

ମୋହ ଦରଶନ ଆଶେ ଧାଏଁ ଗ୍ଭତକିନୀ
କିଏ ଯିବ ଆସ ଆସ ସଙ୍ଗେ ମୋ ସଜନୀ ।

ମୃଣାଳିନୀ—ଇଏ କି ରହସ୍ୟ ଗିରିଜାୟା !

ଗିରି—ମୁଁ ଯିବି ।

ମୃଣାଳିନୀ – ସତ କହୁଛ ଯିବ ?

ଗିରି—ହଁ । ଯିବି ।

ମୃଣାଳିନୀ – କାହିଁକି ଯିବ ?

ଗିରି—ଆମର ସବୁ ସ୍ଥାନ ସମାନ ।

Digitized by srujanika@gmail.com

ଦ୍ୱିତୀୟ ଖଣ୍ଡ

ଗୌଡ଼େଶ୍ୱର

ସୁବର୍ଣ୍ଣ ସଭାମଣ୍ଡପରେ ନବଦ୍ୱୀପର ରାଜାଧିରାଜ ଗୌଡ଼େଶ୍ୱର ବିରାଜମାନ ହୋଇଛନ୍ତି । ଶ୍ୱେତପ୍ରସ୍ତର ବେଦିକା ଉପରେ ରତ୍ନପ୍ରବାଳ ଖଚିତ ସିଂହାସନ । ରତ୍ନପ୍ରବାଳମଣ୍ଡିତ ଛତ୍ର ତଳେ ବର୍ଷୀୟାନ ନରପତି ଉପବେଶନ କରିଛନ୍ତି । ମସ୍ତକ ଉପରେ ସ୍ୱର୍ଣ୍ଣ କଙ୍କଣୀ ସୁବେଷ୍ଟିତ । ବିଚିତ୍ର କାରୁକାର୍ଯ୍ୟ ଖଚିତ ଶୁଭ୍ର ଚନ୍ଦ୍ରାତପ ଶୋଭାପାଉଛି । ଏକ ଦିଗରେ ସ୍ୱତନ୍ତ୍ର ଆସନରେ ବିଭୂତି ମଣ୍ଡିତ ଅନନ୍ୟମୂର୍ତ୍ତି । ବ୍ରାହ୍ମଣମଣ୍ଡଳୀ ସଭା ପଣ୍ଡିତଙ୍କୁ ପରିବେଷ୍ଟନ କରି ବସିଛନ୍ତି । ଯେଉଁ ଆସନରେ ଦିନେ ହଳାୟୁଧ ଉପବେଶନ କରୁଥିଲେ ସେ ଆସନରେ ବର୍ତ୍ତମାନ ଏକ ଅପରିଣାମଦର୍ଶୀ ସ୍ମୃତିକାର ଅଧିଷ୍ଠିତ । ଅନ୍ୟ ଦିଗରେ ମହାମାତ୍ୟ ଧର୍ମାଧିକାରୀଙ୍କୁ ଅଗ୍ରବର୍ତ୍ତୀ କରି ପ୍ରମୁଖ ରାଜପୁରୁଷଗଣ ଉପବେଶନ କରୁଥିଲେ । ଭାଟଗଣ ଉଭୟ ପାର୍ଶ୍ୱରେ ଶ୍ରେଣୀବଦ୍ଧଭାବେ ଦଣ୍ଡାୟମାନ । ଏହି ସମସ୍ତଙ୍କ ମଧ୍ୟରେ ସ୍ୱତନ୍ତ୍ରଭାବେ କୁଶାସନ ମାତ୍ର ଗ୍ରହଣ କରି ପଣ୍ଡିତବର ମାଧବାଚାର୍ଯ୍ୟ ଉପବେଶନ କରିଛନ୍ତି ।

ରାଜସଭାର ନିୟମିତ କାର୍ଯ୍ୟାବଳୀ ଶେଷ ହେବାରୁ ସଭାଭଙ୍ଗର ଉଦ୍ୟୋଗ ହେଲା । ସେହି ସମୟରେ ମାଧବାଚାର୍ଯ୍ୟ ନରପତିଙ୍କୁ ସମ୍ବୋଧନ କରି କହିଲେ, "ମହାରାଜ ! ବ୍ରାହ୍ମଣର ବାଚାଳତା ମାର୍ଜନା କରିବେ । ଆପଣ ରାଜନୀତି-ବିଶାରଦ । ବର୍ତ୍ତମାନ ରାଜନ୍ୟମଣ୍ଡଳୀ ମଧ୍ୟରେ ଆପଣହିଁ ସର୍ବାପେକ୍ଷା ବହୁଦର୍ଶୀ । ପ୍ରଜାପାଳନ ଓ ଶତ୍ରୁଦଳନ ରାଜାଙ୍କର ପରମ ଓ ପ୍ରଧାନ କର୍ତ୍ତବ୍ୟ, ଏହା ଆପଣଙ୍କୁ ଅବିଦିତ ନୁହେଁ । ତେଣୁ ଆପଣ ଏହି ଶତ୍ରୁମାନଙ୍କୁ ଦମନ କରିବା ନିମିତ୍ତ କି ଉପାୟ ଚିନ୍ତା କରୁଛନ୍ତି ?

ରାଜା କହିଲେ—ଆପଣ କି ଆଦେଶ କରୁଛନ୍ତି ? ସମସ୍ତ ଘଟଣା ଏ ବର୍ଷୀୟାନ ରାଜାର ଶ୍ରୁତିଗୋଚର ହୋଇନାହିଁ ।

ମାଧବାଚାର୍ଯ୍ୟଙ୍କର ପୁନରୁକ୍ତିକୁ ପ୍ରତୀକ୍ଷା ନ କରି ଧର୍ମାଧିକାରୀ ପଶୁପତି କହିଲେ "ମହାରାଜାଧିରାଜ, ମାଧବାଚାର୍ଯ୍ୟ ରାଜାଙ୍କଠାରୁ ଜାଣିବାକୁ ଚାହାଁନ୍ତି ଶତ୍ରୁଦମନ

Digitized by srujanika@gmail.com

ପାଇଁ କି ବ୍ୟବସ୍ଥା କରାଯାଇଛି ? ବଙ୍ଗେଶ୍ୱରଙ୍କର କେଉଁ ଶତ୍ରୁ ଏ ଯାବତ୍ ଅବଦମିତ ହୋଇନାହାନ୍ତି, ତାହା ଏ ପର୍ଯ୍ୟନ୍ତ ମାଧବାଚାର୍ଯ୍ୟ ବ୍ୟକ୍ତ କରିନାହାନ୍ତି । ସେ ଦସ୍ୟୁ କିଏ ସବିଶେଷ ବିବରଣୀ ଦିଅନ୍ତୁ ।

ମାଧବାଚାର୍ଯ୍ୟ ଏଥର ଅଳ୍ପ ହସି ରାଜାଙ୍କ ଶ୍ରୁତିଗୋଚର ହେଲାଭଳି ଉଚ୍ଚ-ସ୍ୱରରେ କହିଲେ —ମହାରାଜ, ତୁର୍କ ସେନା ପ୍ରାୟ ସମୁଦାୟ ଆର୍ଯ୍ୟାବର୍ତ୍ତ କରଗତ କରିସାରିଛନ୍ତି । ତାଛଡ଼ା ମଗଧରାଜାଙ୍କୁ ପଦାନତ କରିବା ପରେ ଗୌଡ଼ରାଜ୍ୟ ଆକ୍ରମଣ କରିବାର ଅଭିସନ୍ଧି ସେମାନଙ୍କର ରହିଛି ।

ରାଜା ଏଥର ମାଧବାଚାର୍ଯ୍ୟଙ୍କର ବକ୍ତବ୍ୟ ବୁଝିପାରିଲେ । ସେ କହିଲେ— ତୁର୍କମାନଙ୍କ କଥା କହୁଛନ୍ତି—ସେମାନେ କଣ ଆସିଛନ୍ତି ?

ମାଧବାଚାର୍ଯ୍ୟ—ଈଶ୍ୱର ରକ୍ଷା କରିଛନ୍ତି, ସେମାନେ ଏ ପର୍ଯ୍ୟନ୍ତ ଏଠାକୁ ଆସିନାହାନ୍ତି । କିନ୍ତୁ ସେମାନେ ଆସିଗଲେ ଆପଣ କିପରି ସେମାନଙ୍କ ଆକ୍ରମଣ ପ୍ରତିହତ କରିବେ ?

ରାଜା ବ୍ୟସ୍ତ ହୋଇ କହିଲେ—ମୁଁ କ'ଣ କରିବି ? କଣ ବା କରିପାରିବି ? ମୋର ଏଇ ସ୍ଥାଣୁ ଶରୀର, ବୃଦ୍ଧ ଅବସ୍ଥାରେ ମୁଁ ବା କଣ କରିପାରିବି ? ବର୍ତ୍ତମାନ ମୁଁ ମୃତ୍ୟୁର ଦ୍ୱାରଦେଶରେ । ତୁର୍କଗଣ ଆସିଲେ ଆସନ୍ତୁ, ମୋର ବା ଏଥିରେ କଣ କରିବାର ଅଛି ?

ରାଜାଙ୍କ ମୁଖରୁ ଏକଥା ଶୁଣିବା ପରେ ସମଗ୍ର ସଭାସ୍ଥଳୀରେ ଶ୍ମଶାନର ନୀରବତା ଖେଳିଗଲା । କେବଳ ମହାସାମନ୍ତଙ୍କର କୋଷ ମଧ୍ୟସ୍ଥ ଅସି ଈଷତ୍ ଝନତ୍କାର ଶବ୍ଦ କରି ଅକାରଣରେ ଥରି ଉଠିଲା । ଅଥଚ ଅଧିକାଂଶ ଶ୍ରୋତୃବର୍ଗ ମୁଖରୁ କଥାଟିଏ ବି ସ୍ଫୁରିଲା ନାହିଁ । ମାଧବାଚାର୍ଯ୍ୟଙ୍କ ଚକ୍ଷୁରୁ କେବଳ ବିନ୍ଦୁଏ ଅଶ୍ରୁ ଝରିପଡ଼ିଲା ।

ଏହି ନୀରବତା ଭଙ୍ଗକରି ସର୍ବପ୍ରଥମେ ସଭାପଣ୍ଡିତ ଦାମୋଦର କହିଲେ — ଆଚାର୍ଯ୍ୟ, ଆପଣ ଅବୁଝ ହେଇପଡ଼ୁଛନ୍ତି । ରାଜାଙ୍କ ବାସ୍ତବିକ ଶାସ୍ତ୍ର ସମ୍ମତ । ଶାସ୍ତ୍ରର ଋଷି ବାକ୍ୟ ଅନୁସାରେ ତୁର୍କ ଏ ଦେଶ ଅଧିକାର କରିବେ ହିଁ କରିବେ । ଏହା ବିଧିନିର୍ଦ୍ଦିଷ୍ଟ । ଯାହା ଭବିତବ୍ୟ ତାହା ଅବଶ୍ୟ ଘଟିବ । ତେଣୁ ଏଥିପାଇଁ ବ୍ୟସ୍ତହୋଇ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାର ଆବଶ୍ୟକତା କଣ ଅଛି ?

Digitized by srujanika@gmail.com

ଦାମୋଦର ଗଳାଖଙ୍କାରି କହିଲେ – ବିଷ୍ଣୁ ପୁରାଣରେ ଅଛି ଯଥା...

ମାଧବାଚାର୍ଯ୍ୟ – ତୁମର ସେ ପୁରାଣ କଥା ସେତିକି ଥାଉ । ଯଥାତଥା ନକହି ସମଗ୍ର ବିଷ୍ଣୁ ପୁରାଣ ମଗାଇ ଦେଖାଇ ଦିଅନ୍ତୁ କେଉଁଠାରେ ତୁର୍କୀ ଏ ଦେଶ ଆକ୍ରମଣ କରିବା ପାଇଁ ଲେଖାହୋଇଛି ।

ଦାମୋଦର – ମୁଁ କଣ ଏତେ ଭୁଲ କହୁଛି ? ମନୋଯବାଣ-ମନ୍ତ୍ରରେ ଏକଥା ଲେଖା ଅଛି କି ନା !

ମାଧବାଚାର୍ଯ୍ୟ—ଗୌଡ଼େଶ୍ୱରଙ୍କର ସଭାପଣ୍ଡିତ କଣ ମାନବଧର୍ମ ଶାସ୍ତ୍ରରେ ପାରଦର୍ଶୀ ନୁହନ୍ତି ?

ଦାମୋଦର—ଆହା-ଅପୂର୍ବ ! ଆପଣଙ୍କ ବାକ୍ୟ ଶୁଣି ମୁଁ ବିହ୍ୱଳ ହୋଇ-ପଡ଼ୁଛି । ସ୍ୱୟଂ ସରସ୍ୱତୀ ମଧ୍ୟ ଆପଣଙ୍କ ବାକ୍ୟ ଶ୍ରବଣ କରି ଆତ୍ମବିସ୍ମୃତ ହୋଇପଡ଼ିବେ । ଆପଣଙ୍କ ସମ୍ମୁଖରେ ଗ୍ରନ୍ଥର ନାମ ସ୍ମରଣର ଆବଶ୍ୟକତା ନାହିଁ । ତେବେ କବିତାଟି ଶ୍ରବଣ କରନ୍ତୁ ।

ମାଧବାଚାର୍ଯ୍ୟ – ଗୌଡ଼େଶ୍ୱରଙ୍କ ସଭାପଣ୍ଡିତ ଅନୁଷ୍ଟୁପ ଛନ୍ଦରେ କବିତା ରଚନା କରିବାଟା ଅସମ୍ଭବ କଥା ନୁହେଁ । କିନ୍ତୁ ମୁଁ ମୁକ୍ତ କଣ୍ଠରେ ଘୋଷଣା କରିବାକୁ ଚାହେଁ—ତୁର୍କୀଜାତିଦ୍ୱାରା ଗୌଡ଼ ବିଜୟ ବିବରଣୀ କୌଣସି ଶାସ୍ତ୍ରରେ ଉଲ୍ଲେଖନାହିଁ ।

ପଶୁପତି —ଆପଣ କଣ ସର୍ବଶାସ୍ତ୍ରଜ୍ଞ ?

ମାଧବାଚାର୍ଯ୍ୟ – ଆପଣଙ୍କ ଶକ୍ତିରେ ଥିଲେ ମୋତେ ଅଶାସ୍ତ୍ରଜ୍ଞଭାବେ ପ୍ରତିପାଦନ କରନ୍ତୁ ।

ଏତିକିବେଳେ ସଭାମଣ୍ଡିତଙ୍କର ଜଣେ ବାଚସ୍ପତି କହିଲେ—ମୁଁ ପାରିବ ! ଆତ୍ମପ୍ରଶଂସା ଶାସ୍ତ୍ରବିରୁଦ୍ଧ । ଯେଉଁ ବ୍ୟକ୍ତି ନିଜେ ନିଜର ବଡ଼ିମା ପ୍ରକାଶ କରେ ସେ ପଣ୍ଡିତ ହେଲେବି ମୂର୍ଖ ପଦବାଚ୍ୟ ।

ମାଧବାଚାର୍ଯ୍ୟ –ମୂର୍ଖ ଯେ ନୁହେଁ –ମୂର୍ଖ ହେଉଛନ୍ତି ତିନିଜଣ । ଯେଉଁ ବ୍ୟକ୍ତି ଆତ୍ମରକ୍ଷା ପାଇଁ ଯତ୍ନ କରେନାହିଁ, ଯେ ଏଇ ଯତ୍ନହୀନତାକୁ ସମର୍ଥନ କରେ ଏବଂ ଯେ ଆତ୍ମବୁଦ୍ଧିର ଅଜ୍ଞାତ ବିଷୟ ଉପରେ ତର୍କ ବିତର୍କ କରେ ଏଇ ତିନି ଜଣ ମୂର୍ଖ । ମାତ୍ର ଆପଣ ହେଉଛନ୍ତି ଏଇ ତିନି ମୂର୍ଖର ଗୁଣାବଳୀର ଏକ ଅଦ୍ଭୁତ ମିଶ୍ରଣ ।

Digitized by srujanika@gmail.com

ମାଧବାଚାର୍ଯ୍ୟଙ୍କର ଏଇ କଥା ଶୁଣି ସଭା ପଣ୍ଡିତ ସମେତ ସକଳ ସଭାସଦ୍‌ଗଣ ଅଧୋବଦନ ହୋଇ ବସିରହିଲେ । ପଶୁପତି କହିଲେ—ଯବନ ଆସିଛନ୍ତି—ଆମେ ଯୁଦ୍ଧ ଅବଶ୍ୟ କରିବୁ !

ମାଧବାଚାର୍ଯ୍ୟ--ସାଧୁ-ସାଧୁ ! ଆପଣଙ୍କର ଯଶ ଶତ ମୁଖରେ ମୁଖରିତ । ଆପଣ ଉପଯୁକ୍ତ କଥା ହିଁ କହିଛନ୍ତି । ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ । ତେବେ ମୋର ଆପଣଙ୍କୁ ଗୋଟିଏ ପ୍ରଶ୍ନ—ଯୁଦ୍ଧ କରିବା କଥା ନିଶ୍ଚୟ ଜାଣି ଆପଣ ଏ ପର୍ଯ୍ୟନ୍ତ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇନାହାନ୍ତି କାହିଁକି ?

ପଶୁପତି—ଆପଣଙ୍କ ସହ ଏ ସମ୍ବନ୍ଧରେ ଗୋପନରେ ମନ୍ତ୍ରଣା କରିବାର ଆବଶ୍ୟକତା ରହିଛି । ସଭା ସ୍ଥଳରେ କିଛି କହିହେବ ନାହିଁ । କିନ୍ତୁ ପ୍ରକାଶ୍ୟରେ ଏଠାରେ ଏତିକି କହିପାରେ, ଯେତିକି ସଂଖ୍ୟାର ଅଶ୍ୱାରୋହୀ, ପଦାତିକ ତଥା ନୌ-ସେନା ସଂଗୃହୀତ ହୋଇଛନ୍ତି ତାହା ଆପଣ ନଗରୀ ପର୍ଯ୍ୟଟନ କଲେ ଜାଣିପାରିବେ ।

ମାଧବାଚାର୍ଯ୍ୟ---ମୁଁ ମଧ୍ୟ କିଛି କିଛି ଜାଣିପାରିଛି ।

ପଶୁପତି— ଜାଣି ମଧ୍ୟ ଏପରି ପ୍ରସ୍ତାବ କରୁଛନ୍ତି କାହିଁକି ?

ମାଧବାଚାର୍ଯ୍ୟ—ପ୍ରସ୍ତାବର ତାତ୍ପର୍ଯ୍ୟ ହେଉଛି ଆପଣଙ୍କ ଭଳି ଜଣେ ବୀର ପୁରୁଷ ଏଠାରେ ସମାଗତ । ମଗଧର ଯୁବରାଜ ହେମଚନ୍ଦ୍ରଙ୍କର ବଳବୀର୍ଯ୍ୟ ଓ ଯଶ ପୌରୁଷର ସୂଚନା ପାଇଥିବେ ।

ପଶୁପତି —ହଁ, ଶରୀରରେ ଶୁଣିଅଛି—ଆଉ ମଧ୍ୟ ଶୁଣିଛି ସେ ଆପଣଙ୍କ ଶିଷ୍ୟ । ତେବେ ଏଭଳି ବୀରପୁରୁଷ ଯେଉଁ ରାଜ୍ୟର ଯୁବରାଜ —ସେଇ ମଗଧ ରାଜ୍ୟ ଶତ୍ରୁ କରଗତ ହେଲା କିପରି ?

ମାଧବାଚାର୍ଯ୍ୟ ଯବନ ଆକ୍ରମଣ ସମୟରେ ଯୁବରାଜ ମଗଧରେ ନଥିଲେ ।

ପଶୁପତି— ସେ ମହାଶୟ ବର୍ତ୍ତମାନ କଣ ନବଦ୍ୱୀପ ଆସିଛନ୍ତି ?

ମାଧବାଚାର୍ଯ୍ୟ -- ହଁ, ଆସିଛନ୍ତି । ରାଜ୍ୟ ଅପହରଣକାରୀ ଯବନ ଏଇ ଗୌଡ଼ ରାଜ୍ୟକୁ ଆସିଥିବା ଜାଣି ସେ ପ୍ରତିଶୋଧ ନେବାପାଇଁ ଏଠାକୁ ଧାଇଁ ଆସିଛନ୍ତି । ଗୌଡ଼ରାଜ୍ୟ ତାଙ୍କ ସଙ୍ଗେ ସନ୍ଧି ସ୍ଥାପନ କରନ୍ତୁ ଏବଂ ଉଭୟେ ମିଳିତଭାବେ ଶତ୍ରୁ ଦମନ ନିମିତ୍ତ ଚେଷ୍ଟା କରନ୍ତୁ । ଏଥିରେ ଉଭୟଙ୍କର ମଙ୍ଗଳ ।

Digitized by srujanika@gmail.com

ପଶୁପତି—ରାଜବଲ୍ଲଭ ଗଣ ଏଇ ମୁହୂର୍ତ୍ତରୁ ତାଙ୍କର ପରିଚର୍ଯ୍ୟା ପାଇଁ ନିଯୁକ୍ତ ହେବେ । ତାଙ୍କର ରହଣି ନିମିତ୍ତ ଯଥାଯୋଗ୍ୟ ବାସଗୃହ ନିର୍ଦ୍ଦିଷ୍ଟ ରହିବ । ସନ୍ଧି ନିବନ୍ଧର ମନ୍ତ୍ରଣା ଯଥା ସମୟରେ ସ୍ଥିର ହେବ ।

ଏହା ପରେ ସଭାଭଙ୍ଗ ହେବାର ରାଜାଜ୍ଞା ଘୋଷିତ ହେଲା

କୁସୁମନିର୍ମିତା

ଗୌଡ଼ରାଜାଙ୍କ ନିର୍ଦ୍ଦେଶରେ ଉପନଗର ପ୍ରାନ୍ତରେ ଗଙ୍ଗା ତୀରବର୍ତ୍ତୀ ଏକ ସୁରମ୍ୟ ଅଟ୍ଟାଳିକାରେ ହେମଚନ୍ଦ୍ରଙ୍କର ରହିବାର ସୁବ୍ୟବସ୍ଥା କରାଗଲା । ହେମଚନ୍ଦ୍ର ମଧ୍ୟ ମାଧବାଚାର୍ଯ୍ୟଙ୍କର ପରାମର୍ଶ ଅନୁଯାରେ ସେହିଠାରେ ଅବସ୍ଥାନ କଲେ ।

ନବଦ୍ୱୀପରେ ଜନାର୍ଦ୍ଦନ ନାମକ ଜଣେ ବ୍ରାହ୍ମଣ ବାସକରୁଥିଲେ । ବୟସ ଯଥେଷ୍ଟ ଅଧିକ ହୋଇଯାଇଥିବାରୁ ସେ ପ୍ରାୟ ଦୃଷ୍ଟିଶକ୍ତି ଓ ଶ୍ରବଣଶକ୍ତି ହରାଇ-ଥିଲେ । ଏତଦ୍‌ବ୍ୟତୀତ ସେ ନିଃସହାୟ । ସହଧର୍ମିଣୀ ମଧ୍ୟ ଶକ୍ତିହୀନା । କିଛିଦିନ ତଳେ ଏମାନଙ୍କର ପର୍ଣ୍ଣକୁଟୀର ଖଣ୍ଡି ପ୍ରବଳବାତ୍ୟାରେ ନଷ୍ଟ ହୋଇ ଯାଇଥିଲା । ସେହି ଦିନରୁ ଏମାନେ ଏଇ ଅଟ୍ଟାଳିକାର ଏକ ବଡ଼ ପ୍ରକୋଷ୍ଠର ଗୋଟିଏ କୋଣରେ ରାଜାଙ୍କର ଅନୁମତି ନେଇ ଅବସ୍ଥାନ କରୁଥିଲେ ।

ଯୁବରାଜ ହେମଚନ୍ଦ୍ର ଆସି ରହିବା କଥା ଶୁଣି ସେମାନେ ଉକ୍ତ ଅଟ୍ଟାଳିକା ଛାଡ଼ି ଯିବାପାଇଁ ପ୍ରସ୍ତୁତ ହେଉଥିଲେ । ମାତ୍ର ହେମଚନ୍ଦ୍ର ଏକଥା ଜାଣି ବଡ଼ ଦୁଃଖିତହେଲେ । ଏତେବଡ଼ ଅଟ୍ଟାଳିକା ତାଙ୍କର କଣ ହେବ ? ତେଣୁ ସେ ଏଠାରେ ରହିବା ସଙ୍ଗେ ସଙ୍ଗେ ଉକ୍ତ ଦରିଦ୍ର ବ୍ରାହ୍ମଣ ରହିବାରେ ତାଙ୍କର ଆପତ୍ତି ନାହିଁ ବୋଲି ଜଣାଇଦେଲେ । ଏଣୁ ସେ ତାଙ୍କର ଅନୁଚର ଦିଗବିଜୟଙ୍କୁ ଉକ୍ତ ବ୍ରାହ୍ମଣ ପରିବାରକୁ ଗୃହତ୍ୟାଗ ନକରିବାକୁ ସମ୍ବାଦ ଦେବାପାଇଁ କହିଲେ । ଦିଗ୍‌ବିଜୟ ଅଳ୍ପ ହସି କହିଲେ—ଏ କାର୍ଯ୍ୟ ଭୃତ୍ୟ ଦ୍ୱାରା ସମ୍ଭବ ନୁହେଁ । ବ୍ରାହ୍ମଣ ମୋ କଥା ଆଦୌ କାନକୁ ନେବେନାହିଁ ।

ବ୍ରାହ୍ମଣ ବଧିର ହୋଇଥିବାରୁ ବସ୍ତୁତଃ ବହୁକଥା ଶୁଣିପାରୁନଥିଲେ । ମାତ୍ର ହେମଚନ୍ଦ୍ର ଭାବିଲେ ବ୍ରାହ୍ମଣ ଅଭିମାନ କରି ଭୃତ୍ୟର କଥା ଶୁଣିଲେ ନାହିଁ । ତେଣୁ ସେ ନିଜେ ଯାଇ ବ୍ରାହ୍ମଣଙ୍କୁ ପ୍ରଣାମ କଲେ ।

Digitized by srujanika@gmail.com

ଜନାର୍ଦ୍ଦନ ଆଶୀର୍ବାଦ କରି ପଗ୍ଚରିଲେ—ତୁମେ କିଏ ?

ହେମଚନ୍ଦ୍ର ମୁଁ ଆପଣଙ୍କର ସେବକ ।

ଜନାର୍ଦ୍ଦନ—କଣ କହିଲ—ତୁମର ନାମ ରାମକୃଷ୍ଣ ?

ହେମଚନ୍ଦ୍ର ଜାଣିଲେ ବ୍ରାହ୍ମଣଙ୍କୁ ଶୁଭୁ ନାହିଁ । ତେଣୁ ସେ ଆଉ ଟିକେ ବଡ଼ ପାଟିରେ କହିଲେ—ମୋର ନାମ ହେମଚନ୍ଦ୍ର ।

ଜନାର୍ଦ୍ଦନ—ଭଲ ବାପ ଭଲ । ପ୍ରଥମେ ତୁମ କଥା ଟିକେ ଶୁଣିପାରିଲି ନାହିଁ ଏବେ ଜାଣିଲି ତୁମର ନାମ ହନୁମାନ ଦାସ ।

ହେମଚନ୍ଦ୍ର ବୁଝିଲେ ତଥାପି ବୁଢ଼ାଙ୍କୁ ଶୁଭିଲା ନାହିଁ । ତେଣୁ ସେ ଆହୁରି ବଡ଼ପାଟିରେ କହିଲେ—ନବଦ୍ୱୀପ ଧିପତିଙ୍କର ଏଇ ଅଟ୍ଟାଳିକାରେ ମୁଁ ରହିବା କଥା ଶୁଣି ଆପଣ ଏହା ତ୍ୟାଗ କରିବାକୁ ଗୃହ୍ଣ ଛନ୍ତି ?

ଜନାର୍ଦ୍ଦନ ସବୁ ଶୁଣିଲାପରି ଉତ୍ତର ଦେବାକୁ ଯାଇ କହିଲେ—ନା - ନା-ବର୍ତ୍ତମାନ ଗଙ୍ଗା ସ୍ନାନ କରିବାକୁ ଯାଉନାହିଁ । ଯିବାପାଇଁ ଉଦ୍ୟୋଗ କରୁଛୁ ।

ହେମଚନ୍ଦ୍ର ଅତ୍ୟନ୍ତ ଉଚ୍ଚ ସ୍ୱରରେ କହିଲେ—ସ୍ନାନ ଯଥା ସମୟରେ କରିବେ । ବର୍ତ୍ତମାନ ମୋର ଏକମାତ୍ର ଅନୁରୋଧ—ଆପଣ ଏ ଗୃହ ଛାଡ଼ି ଯାଆନ୍ତୁ ନାହିଁ ।

ଜନାର୍ଦ୍ଦନ—ଘରେ ଖାଇବ ନାହିଁ—ଆଉ କଣ ତୁମ ଘରେ ? ଆଜି କଣ ତୁମର କାହାର ଶ୍ରାଦ୍ଧ ?

ହେମଚନ୍ଦ୍ର—ଭଲକଥା—ବ୍ରାହ୍ମଣଭୋଜନୀ ପରେ ଦକ୍ଷିଣାସ୍ୱରୂପ ଆପଣ ଏଇ ଘରେ ଆଗରୁ ଯେପରି ଥିଲେ ସେହିପରି ରହନ୍ତୁ ।

ଜନାର୍ଦ୍ଦନ—ହଁ, ବାପ ଭଲ ଭଲ ! ବ୍ରାହ୍ମଣ ଭୋଜନ ପରେ ନିଶ୍ଚୟ ଦକ୍ଷିଣା ଦେବା କଥା । ଆଚ୍ଛା କହିଲ ବାପ, ତୁମ ଘର କେଉଁଠି ?

ହେମଚନ୍ଦ୍ର ଦେଖିଲେ ଯେତେ ବଡ଼ପାଟିରେ କହିଲେ ମଧ ବ୍ରାହ୍ମଣଙ୍କ ଶ୍ରୁତି-ଗୋଚର ହେବା ସମ୍ଭବ ନୁହେଁ । ତେଣୁ ସେ ହତାଶ ହୋଇ ଫେରୁଥିଲେ । ଏହି ସମୟରେ କେହି ଜଣେ ପଛରୁ ତାଙ୍କର ଉତ୍ତରୀୟ ଟାଣି ଧରିଲା । ହେମଚନ୍ଦ୍ର ଫେରି ଗୃହିଁ ଦେଖିଲେ ଜଣେ ଅନିନ୍ଦ୍ୟ ସୁନ୍ଦରୀ ଦେବୀପ୍ରତିମା—ସତେ ଅବା କୁସୁମକୁମାରୀ । ବର୍ଣ୍ଣ ସିଂହାସନର ପୁତ୍ତଳିକାଟିଏ ନୁହେଁ ତ ? ନା—ହେମଚନ୍ଦ୍ର ଅନୁଭବ କଲେ ଏହି ଦେବୀ ପ୍ରତିମା ପ୍ରସ୍ତରର ନୁହେଁ କି ଫୁଲରେ ନିର୍ମିତ ନୁହେଁ -ଏହା ସଜୀବ ରକ୍ତମାଂସର । ଅପୂର୍ବ ସୌନ୍ଦର୍ଯ୍ୟଭରା ନବ-ଯୌବନା ତରୁଣୀ । ହେମଚନ୍ଦ୍ରଙ୍କ ମନରେ ପୁଣି ପ୍ରଶ୍ନ ଉଠିଲା—ଏହି ପ୍ରତିମା

Digitized by srujanika@gmail.com

କଣକ ତରୁଣୀ ନା ବାଳିକା ? ଏତିକିବେଳେ ବୀଣାଜିଣା କଣ୍ଠରେ ସୁନ୍ଦରୀ କହିଲେ--ଆପଣ ବ ତାଙ୍କୁ ଯାହା କହିଗଲେ ସେ ଶୁଣି ପାରିଲେ ନାହିଁ ।

ହେମଚନ୍ଦ୍ର—ତାହାହିଁ ଅନୁଭବ କରୁଛି । କିନ୍ତୁ ତୁମେ କିଏ ?

ବାଳିକା ମୁଁ ··· ମୋର ନାମ ମନୋରମା ।

ହେମଚନ୍ଦ୍ର – ଇଏ ତୁମର ପିତାମହ ?

ମନୋରମା – ଆପଣ ପିତାମହଙ୍କୁ କଣ କହୁଥିଲେ ?

ହେମଚନ୍ଦ୍ର—ଶୁଣିଲି ଆପଣମାନେ ଏ ଘର ଛାଡ଼ି ଚାଲି ଯାଉଛନ୍ତି, ତେଣୁ ମୁଁ ବାରଣ କରିବା ପାଇଁ ଆସିଛି ।

ମନୋରମା --ଏ ଘରକୁ ଜଣେ ରାଜପୁତ୍ର ଆସୁଛନ୍ତି—ସେ ଆମକୁ କାହିଁକି ଏଠାରେ ରହିବାକୁ ଆଦେଶ ଦେବେ ?

ହେମଚନ୍ଦ୍ର—ମୁଁ ସେଇ ରାଜପୁତ୍ର । ଆପଣମାନଙ୍କୁ ମୋର ଅନୁରୋଧ-ଆପଣ-ମାନେ ଏଠାରେ ରହନ୍ତୁ ।

ମନୋରମା —କିନ୍ତୁ କାହିଁକି ?

ହେମଚନ୍ଦ୍ର—କାହିଁକିର ଉତ୍ତର ନାହିଁ । ତେବେ ଧର ତୁମର ଜଣେ ଭାଇ ଆସି ଏଠାରେ ରହନ୍ତ—ତ ହେଲେ ତୁମେ ଭଉଣୀ ହୋଇ ଭାଇକୁ ଛାଡ଼ି ଚାଲିଯାଆନ୍ତ ?

ମନୋରମା—ଆପଣ କଣ ମୋର ଭାଇ ?

ହେମଚନ୍ଦ୍ର—ଆଜିଠାରୁ ମୁଁ ତୁମର ଭାଇ ହେଲି··· କ'ଣ ତେବେ ବୁଝିଲ ।

ମନୋରମା—ହଁ—ବୁଝିଲି । କିନ୍ତୁ ଭଉଣୀ ବୋଲି ମୋତେ କେବେ ଆସି ଗାଳିଦେବେନିତ ?

ହେମଚନ୍ଦ୍ର, ମନୋରମାଙ୍କ ବାକ୍ ଚାତୁରୀରେ ମୁଗ୍ଧ ହୋଇ ଉଠିଥିଲେ ! ଭାବିଲେ ଇଏ କଣ କେଉଁ ଏକ ଅଲୌକିକ ସରଳା ବାଳିକା ନା ଜଣେ ମାୟାବିନୀ ? ହେମଚନ୍ଦ୍ର ପଚାରିଲେ—ତୁହ କାହିଁକି ତୁମକୁ ତିରସ୍କାର କରିବ ?

ମନୋରମା—ମୁଁ ଯଦି କିଛି ଅପରାଧ କରେ ?

ହେମଚନ୍ଦ୍ର—ଦୋଷ ଦେଖିଲେ କିଏ ଗାଳି ନଦେବ ?

ମନୋରମା ମୁଗ୍ଧ ହୋଇ କହିଲେ--ମୁଁ କେବେହେଲେ ଭାଇ ଦେଖିନାହିଁ । ଭାଇଙ୍କୁ କଣ ଲଜ୍ଜା କରାଯାଏ ?

Digitized by srujanika@gmail.com

ହେମଚନ୍ଦ୍ର—ନା ।

ମନୋରମା—ତାହେଲେ ମୁଁ ତୁମକୁ ଲାଜ କରିବି ନାହିଁ—ତୁମେ ମୋତେ ଲାଜ କରିବ !

ଏକଥା ଶୁଣି ହେମଚନ୍ଦ୍ର ହସିଲାପରି କହିଲେ—ଆଚ୍ଛା, ସେ କଥା ପଛେ । ତେବେ ମୁଁ ମୋର କଥା ତୁମ ପିତାମହଙ୍କୁ ଜଣାଇପାରିଲି ନାହିଁ—ଏଥିପାଇଁ କି ଉପାୟ କରାଯାଇ ପାରେ ?

ମନୋରମା—"ଆଚ୍ଛା, ତୁମେ ତ କହି ପାରିଲ ନାହିଁ—ମୁଁ କହିଦେଉଛି ଦେଖ ।" ଏହାପରେ ମନୋରମା ଖୁବ୍ ଧୀରେ ଧୀରେ ବଧିର ପିତାମହଙ୍କୁ ହେମଚନ୍ଦ୍ରଙ୍କର ବକ୍ତବ୍ୟ ବୁଝାଇଦେଲେ ।

ବ୍ରାହ୍ମଣ ଏଥିରେ ଅତ୍ୟନ୍ତ ଆନନ୍ଦିତ ହୋଇ ରାଜପୁତ୍ରଙ୍କୁ ଆଶୀର୍ବାଦ କଲେ । ତାପରେ କହିଲେ—"ମନୋରମା ବ୍ରାହ୍ମଣୀଙ୍କୁ କହ ରାଜପୁତ୍ର ତାଙ୍କର ନାତି । ଆଶୀର୍ବାଦ କରନ୍ତୁ ।" ଏହାପରେ ବ୍ରାହ୍ମଣ ନିଜ ସ୍ତ୍ରୀକୁ ଡାକ ଡାକ ବୁଲିଲେ । ବୃଦ୍ଧା ସେତେବେଳେ ଗୃହକର୍ମରେ ବ୍ୟସ୍ତ ଥିଲେ । ବୃଦ୍ଧ ବ୍ରାହ୍ମଣଙ୍କ ଡାକ ତାଙ୍କୁ ଶୁଭିଲା ନାହିଁ । ତେଣୁ ଜନାର୍ଦ୍ଦନ ବିରକ୍ତ ହୋଇ କହିଲେ—ବ୍ରାହ୍ମଣୀଟାର ଏଇ ବଡ଼ ଦୋଷ—କାନକୁ ଖୁବ୍ କମ୍ ଶୁଣାଯାଏ ।

ନୌକାଯାତ୍ରା

ହେମଚନ୍ଦ୍ର ସେଇ ଉପବନ ଗୃହରେ ଅବସ୍ଥାନ କଲେ । ବର୍ତ୍ତମାନ ମୃଣାଳିନୀ କେଉଁଠି ? ସେ ଯେ ଜଳଦାପିତା, ସଦାସ୍ମିତା—ସେ କେଉଁଠି ?

ପ୍ରଦୋଷ କାଳରେ ପଶ୍ଚିମାକାଶରେ ରକ୍ତିମ ମେଘମାଳା କାଞ୍ଚନ ବର୍ଣ୍ଣ ତ୍ୟାଗ କରି କ୍ରମେ କ୍ରମେ କୃଷ୍ଣବର୍ଣ୍ଣ ଧାରଣ କଲେ । ରଜନୀର ତମିର ଆବରଣରେ ଗଙ୍ଗାର ବିଶାଳ ବକ୍ଷ ମଧ୍ୟ ଅସ୍ପଷ୍ଟ ହୋଇ ଉଠିଲା । ଆକାଶରେ ନକ୍ଷତ୍ରଗଣ ଶୋଭାପାଇଲେ । ନଦୀ ବୃକ୍ଷରେ ନୈଶ ସମୀରଣ କିଞ୍ଚିତ ପ୍ରଖର ବେଗରେ ପ୍ରବାହିତ ହେବାକୁ ଲାଗିଲା । ବଣିକଗଣ ନୌକାଗୁଡ଼ିକୁ ତଟଦେଶରେ ବାନ୍ଧି ରାତି ଯାପନ ନିମିତ୍ତ ପ୍ରସ୍ତୁତ ହେବାକୁ ଲାଗିଲେ । ଠିକ୍ ସେହି ସମୟରେ ନିକଟ ଗୋଟିଏ ନୌକା ଅନ୍ୟ ନୌକାଠାରୁ କିଞ୍ଚିତ ଦୂରରେ ଗୋଟିଏ ଘାଟ ସମ୍ମୁଖରେ ବନ୍ଧାହେଲା । ଘାଟ ସେଇ ନୌକାଟିରେ ଦୁଇଜଣ ମାତ୍ର ଆରୋହୀ ।

Digitized by srujanika@gmail.com

ଦୁଇଜଣଯାକ ସ୍ତ୍ରୀଲୋକ । ଏଇ ଦୁଇଜଣ ନିଶ୍ଚିତଭାବେ ମୃଣାଳିନୀ ଏବଂ ଗିରିଜାୟା ବୋଲି ପାଠକେ ଅନୁମାନ କରିସାରିଥିବେ ।

ଗିରିଜାୟା ମୃଣାଳିନୀଙ୍କୁ ସମ୍ବୋଧନ କରି କହିଲେ—"ଆଜି ଦିନଟି କଟିଗଲା ।" ମୃଣାଳିନୀ କୌଣସି ଉତ୍ତର ଦେଲେନାହିଁ । ଗିରିଜାୟା ପୁନର୍ବାର କହିଲେ—"କାଲିର ଦିନଟି ମଧ୍ୟ କଟିବ, ତା ପରଦିନ ବି କଟିଯିବ—କାହିଁକି ନକଟିବ ?"

ମୃଣାଳିନୀ ଗିରିଜାୟାର ଏପ୍ରକାର ପରିହାସ ଶୁଣି ମଧ୍ୟ ନିରୁତ୍ତର ରହିଲେ, କେବଳ ମାତ୍ର ଦୀର୍ଘନିଶ୍ୱାସ ତ୍ୟାଗର ଶବ୍ଦ ଶୁଣାଗଲା ।

ଗିରିଜାୟା କହିଲେ—ଠାକୁରାଣୀ, ଇଏ କ ଢଙ୍ଗ ମ ! ଦିନଗୁଡ଼ା ଖାଲି ଚିନ୍ତାକରି ଲାଭ କଣ ? ଆମେ ଆସିବା ଦ୍ୱାରା ଯଦି ଭୁଲ କରିଛ ବୋଲି ଭାବୁଛ ତାହାଲେ ଚାଲ ଏଠୁ ଫେରିଯିବା ।

ମୃଣାଳିନୀ ଏଥର ନୀରବତା ଭଙ୍ଗ କରି କହିଲେ--କେଉଁଠାକୁ ଯିବା ?

ଗିରିଜାୟା—ହୃଷୀକେଶର ଘରକୁ ଫେରିଯିବା ।

ମୃଣାଳିନୀ--ନା —ବରଂ ଗଙ୍ଗାଜଳରେ ବୁଡ଼ି ମରିବି —ସେଠାକୁ ଯିବିନାହିଁ ।

ଗିରିଜାୟା—ଚାଲ ତେବେ ମଥୁରା ଯିବା ।

ମୃଣାଳିନୀ—ମୁଁ ତ କହିଛି ଗିରିଜାୟା, ମଥୁରାରେ ମୋର ଆଉ ସ୍ଥାନ ନାହିଁ । କୁଳଟାର ଅପବାଦ ପାଇ ଅର୍ଦ୍ଧରାତ୍ରିରେ ଯେ ପିତାଳୟ ତ୍ୟାଗକରି ଚାଲିଆସିଛି କେଉଁ ମୁହଁ ନେଇ ଆଉ ସେଠାକୁ ଫେରିଯିବ ?

ଗିରିଜାୟା—କିନ୍ତୁ ତୁମେତ ନିଜ ଇଚ୍ଛାରେ ଚାଲି ଆସିନ । ଚାଲିଆସିବା ପଛରେ କିଛି ମନ୍ଦ ଉଦ୍ଦେଶ୍ୟ ତ ନାହିଁ--ତେଣୁ ଫେରିଯିବାରେ କ୍ଷତି କଣ ?

ମୃଣାଳିନୀ ସେ କଥା କେହି ବିଶ୍ୱାସ କରିବେ ନାହିଁ । ଯେଉଁ ବାପଘରେ ମୁଁ ଅଲିଅଳି ଝିଅ ହୋଇ ବଢ଼ିଆସିଅଛି—ସେଠାରେ ଘୃଣାର ପାତ୍ର ହୋଇ କିପରି ବା ରହିପାରିବି ?

ଗିରିଜାୟା ଅନ୍ଧାର ଭିତରେ ଦେଖିପାରିଲେନି ମୃଣାଳିନୀ ଏଇ କେଇପଦ କଥା କହିବା ଭିତରେ ତାଙ୍କ ଆଖିରୁ ଲୁହ ଝର ଝର ବୋହିଯାଉଛି । ଗିରିଜାୟା କହିଲେ—ତେବେ କେଉଁଠାକୁ ଯିବା ଠାକୁରାଣୀ !

ମୃଣାଳିନୀ—ଯେଉଁଠାକୁ ଆସିଛେ ସେଇଠାକୁ ।

Digitized by srujanika@gmail.com

ଗିରିଜାୟା—ସେଠାକୁ ଆସିଲେତ—ଆନନ୍ଦର ହେବା କଥା । ଯାହାକୁ ଦେଖିବାପାଇଁ ଏତେ ବ୍ୟାକୁଳ ତାଙ୍କର ପାଖକୁ ଆସିଛ । ଏଥିରେ ଦୁଃଖ କରିବାର କଣ ଅଛି ?

ମୃଣାଳିନୀ—ନଦୀୟା ଭୂଇଁରେ ମୋ ସଙ୍ଗେ ହେମଚନ୍ଦ୍ରଙ୍କର ସାକ୍ଷାତ ହେବା ସମ୍ଭବ ନୁହେଁ ।

ଗିରି—କାହିଁକି ? ସେ କଣ ସେଠାରେ ନାହାନ୍ତି ?

ମୃଣାଳିନୀ—ସେଠାରେ ଅଛନ୍ତି ସତ—କିନ୍ତୁ ତୁମେତ ଜାଣିଛ ଏଇ ବର୍ଷକ ଭିତରେ ସେ ମୋ ସହିତ ସାକ୍ଷାତ କରିବେ ନାହିଁ ବୋଲି ବ୍ରତ ଆଚରଣ କରିଛନ୍ତି । ମୁଁ କଣ ସେ ବ୍ରତ ଭଙ୍ଗ କରାଇବି ?

ଗିରିଜାୟା ଏକଥା ଶୁଣି ନୀରବ ରହିଲେ । ମୃଣାଳିନୀ ପୁଣି କହିଲେ— ତାଙ୍କୁ ସାକ୍ଷାତ କରି ମୁଁ କଣ ବା କହିବି ? ମୁଁ କଣ ବା କରିବି ! ମୁଁ କଣ କହିପାରିବି ହୃଷୀକେଶ ଉପରେ ରାଗକରି ମୁଁ ଚାଲି ଆସିଛି । ଅଥବା ହୃଷୀକେଶ ମୋତେ କୁଳଟା ଅପବାଦ ଦେଇ ଘରୁ ତଡ଼ିଦେଇଛି—ଏକଥା ବି କଣ କହିପାରିବି ?

ଗିରି—ତେବେ ନଦୀୟାରେ ହେମଚନ୍ଦ୍ରଙ୍କ ସହ ଆପଣଙ୍କ ସାକ୍ଷାତ ସମ୍ଭବ ନୁହେଁ ।

ମୃଣାଳିନୀ—ନା—ସମ୍ଭବ ନୁହେଁ ।

ଗିରି—ତେବେ ଏଠାକୁ ଆସିଲ କାହିଁକି ?

ମୃଣାଳିନୀ—ସେ ମୋତେ ଦେଖି ନ—ପାରନ୍ତି କିନ୍ତୁ ମୁଁ ତ ଗୋପନରେ ତାଙ୍କୁ ଦେଖି ପାରିବି ! ତାଙ୍କୁ ଥରେ ଦେଖିବାପାଇଁ ଧାଇଁଆସିଛି ।

ଗିରିଜାୟା ଏକଥା ଶୁଣି ହସିତ ପାରିଲେନି—କହିଲେ ତାହେଲେ ମୁଁ ପଦେ ଗୀତ ଗାଉଛି !

ଏହାପରେ ସେ ଗୀତ ଗାଇଲେ—

"ଶ୍ୟାମ ତୋ ଚରଣେ ଢ଼ାଳିଦେଲି ମୋ ପରାଣ
ତୋ ପାଇଁ ସାଇତା ତନୁ ମନ ଯଉବନ ।
ଏତିକି ମିନତି ମୋର ଆହେ ପ୍ରିୟତମ
ହବାଇଣି ଏ ଦାସୀକୁ ଦେବ ଦରଶନ ।"

Digitized by srujanika@gmail.com

ଠାକୁରାଣୀ—ତୁମେ ତାଙ୍କୁ ଦେଖି ଜୀବନ ଧାରଣ କରିବ । ମୁଁ ତ ତୁମର ଦାସୀ, ମୋର ତ ତାଙ୍କୁ ଦେଖି ପେଟ ପୂରିବ ନାହିଁ—ତାହେଲେ ମୁଁ ବଞ୍ଚିବ କେମିତି ?

ମୃଣାଳିନୀ—ମୁଁ କିଛି କିଛି ହାତକାମ ଜାଣେ—ଏଇ ଯେମିତି ମାଳା ଗୁନ୍ଥିବା, କାଗଜରେ ଛବି ଆଙ୍କିବା, କପଡ଼ାରେ ଫୁଲ ପକାଇବା ।

ଗିରି—ମୁଁ ମଧ୍ୟ ଗୀତ ଗାଇ ଜାଣେ । ଦ୍ୱାରେ ଦ୍ୱାରେ ବୁଲି ଗୀତ ଗାଇବ । ତ'ଣ ଠାକୁରାଣୀ—ବର୍ତ୍ତମାନ ସେଇ "ମୃଣାଳ ଅଧମେ ......" ଗୀତଟା ଗାଇବ ?

ମୃଣାଳିନୀ ଗିରିଜାୟାର ଏପ୍ରକାର ପରିହାସ ଶୁଣି କିଛି ରାଗ, କିଛି ଆନନ୍ଦ ଭିତରେ ପଡେିବ କହି ପାରିଲେନ—ଖାଲି ତାଙ୍କୁ ଥରଟେ ଚାହିଁଦେଲେ । ସେଇ କଟାକ୍ଷ ଭିତରେ ପୂରି ରହିଥିଲା ପ୍ରୀତି, ଅଭିମାନ, କ୍ରୋଧ ଏବଂ ଆନନ୍ଦ । ଗିରିଜାୟା ସତେଅବା ସେଇ ଚାହାଣି ଭିତରେ ଗୀତ ଗାଇବାକୁ ଉତ୍ସାହିତ ହେଲେ । ତେଣୁ ସେ କହିଲେ—ଠାକୁରାଣୀ, ତୁମେ ଯଦି ଏମିତି ମୋତେ ଚାହିଁବନା ମୁଁ ମନଭରି ଗୀତ ଗାଇବ । ଏହା କହୁ କହୁ ଗିରିଜାୟା ଆରମ୍ଭ କରିଦେଲେ—

ଆଶାର ତରଣୀ ମୋର ଭାସଇ ତରଙ୍ଗେ
କେ ଅଛ ନାଉରୀ ଆସ ଆସ ମୋର ସଙ୍ଗେ ।

ମୃଣାଳିନୀ କହିଲେ—ଯଦି ଏତେ ଭୟ ତେବେ ଏକୁଟିଆ ଏଠାକୁ ଆସିଲ କାହିଁକି ?

ଗିରିଜାୟା ପୁଣି ଗାଇବାକୁ ଲାଗିଲେ—

ଭାବିଥିଲି ନଉକା ମୋ ଭାସିଯିବ ରଙ୍ଗେ
ଗଗନେ ଗରଜେ ଘନ ବହେ ଖର ସମୀରଣ
କୂଳ ତେଜି ଆସିଲି ମୁଁ ମରିବ ଆତଙ୍କେ ।

ମୃଣାଳିନୀ—ତାହେଲେ କୂଳକୁ ଫେରିଯାଉନା କାହିଁକି ?

ଗିରିଜାୟା—ଭାବିଥିଲି ଯିବ ଫେରି ଧୀରି ଧୀରେ ବାହି ତରି
କୂଳ ଦେଖେ କଣ୍ଟକିତ ବେଷ୍ଟିତ ଭୁଜଙ୍ଗେ ।

ମୃଣାଳିନୀ—ତାହେଲେ କୂଳକୁ ନଫେରି ବୁଡ଼ି ମରିଯିବା ଭଲ ।

Digitized by srujanika@gmail.com

ଗିରିଜାୟା—ମଣିବାରେ କିଛି କ୍ଷତି ହୁଅନ୍ତା ନାହିଁ—କିନ୍ତୁ···

ଯାହାକୁ କଲି ନାଉଣ୍ଡ ବାନ୍ଧିବାକୁ ଏଇ ତଣ୍ଟ
ସେ କେବେ ନହେଲା ଗାଦ ତରଣୀର ଅଙ୍ଗେ ।

ମୃଣାଳିନୀ—ଗିରିଜାୟା, ଇଏ କେଉଁ ଅପ୍ରେମିକର ଗୀତ କହିଲ ?

ଗିରି—କାହିଁକି ଗୋ ?

ମୃଣାଳିନୀ—ମୁଁ କିନ୍ତୁ ତଣ୍ଟିକି ବୁଡ଼ାଇ ଦେଇଥାନ୍ତି ?

ଗିରି—ସତେନା କ'ଣ ?

ମୃଣାଳିନୀ—ସତେ ।

ଗିରି—ତେବେ ତୁମେ ପାଣି ଭିତରେ ନିଶ୍ଚୟ ଅମୂଲ୍ୟ ରତ୍ନର ସନ୍ଧାନ ପାଇଛ ।

ବାତାୟନେ

ହେମଚନ୍ଦ୍ର କିଛିଦିନ ସେଇ ଉପବନ ଗୃହରେ ବାସ କରିବାକୁ ଲାଗିଲେ । ବ୍ରାହ୍ମଣ ବଧିର ହୋଇଥିବାରୁ ତାଙ୍କ ସଙ୍ଗେ ସାକ୍ଷାତ ହେଲେ ମଧ୍ୟ ଯାହାକିଛି ଇଙ୍ଗିତରେ ଆଳାପ ହେଉଥିଲା । ମାତ୍ର ମନୋରମା ସଙ୍ଗେ ପ୍ରତ୍ୟହ ସାକ୍ଷାତ ହେଉଥିଲା । କେତେବେଳେ ବଳେ ବଳେ ଆସି ହେମଚନ୍ଦ୍ରଙ୍କ ସଙ୍ଗେ ସେ କଥା କହୁଥିଲା ତ ଆଉ କେତେବେଳେ କିଛି ନକହି ଅନ୍ୟ ସ୍ଥାନକୁ ଚାଲିଯାଉଥିଲା । ମନୋରମାର ଏଇ ପ୍ରକାର ପ୍ରକୃତି ହେମଚନ୍ଦ୍ରଙ୍କୁ ବିସ୍ମୟକର ବୋଧହେଲା; ପ୍ରଥମତଃ ତାର ବୟସକୁ ଚାହିଁଲେ ବାଳିକା ବୋଲି କୁହାଯାଇପାରେ । କିନ୍ତୁ ସେ ଯେପରି ଗମ୍ଭୀର ହୋଇ ରହୁଥିଲା ତହିଁରେ ବାଳିକାସୁଲଭ ଚପଳତା ନଥିଲା । ହେମଚନ୍ଦ୍ର କେବେକେବେଳେ ତାକୁ ଦେଖି ଭାବନ୍ତି ମନୋରମା କିଣ ଏବେ ବି କୁମାରୀ ! ଦିନେ ତେଣୁ ସେ କଥାଛଳରେ ମନୋରମାକୁ ଡାକି ପଚାରିଲେ—ମନୋରମା ତୁମ ଶଶୁରଘର କେଉଁଠାରେ ?

ମନୋରମା—କହିପାରିବିନି !

ହେମଚନ୍ଦ୍ର—ତୁମକୁ ବୟସ କେତେ ହେଲା ?

ମନୋରମା—କହିପାରିବିନି !

Digitized by srujanika@gmail.com

ସତେ ଅବା ' କଣ୍ଠପାରବତ" ଏତକ ଛଡ଼ା ଅନ୍ୟ କିଛି ଉତ୍ତର ମନୋରମା ପାଖରେ ନଥିଲା ।

ମାଧବାଚାର୍ଯ୍ୟ ହେମଚନ୍ଦ୍ରଙ୍କୁ ଉପବନ ଗୃହରେ ରଖାଇବାର ସୁବନ୍ଦୋବସ୍ତ କରି ଦେଶପର୍ଯ୍ୟଟନରେ ବାହାରିଗଲେ । ଉଦ୍ଦେଶ୍ୟ ଥିଲା—ଏହି ସମୟରେ ଗୌଡ଼ଦେଶ ଅଧୀନସ୍ଥ ରାଜାଗଣ ନବଦ୍ୱୀପରେ ସୈନ୍ୟସାମନ୍ତସହ ଏକତ୍ରିତ ହୋଇ ତାଙ୍କୁ ସାହାଯ୍ୟ କରିବାକୁ ଯେ ପ୍ରବର୍ତ୍ତାଇବେ । ହେମଚନ୍ଦ୍ର ମାଧବାଚାର୍ଯ୍ୟଙ୍କୁ ପ୍ରତୀକ୍ଷା କରି ରହିଲେ । କିନ୍ତୁ ଏଠାରେ କର୍ମ ନଥାଇ ନୀରବରେ ବସିରହିବା ହେମଚନ୍ଦ୍ରଙ୍କ ପାଇଁ ବଡ଼ କ୍ଲାନ୍ତିକର ବୋଧ ହେଲା । ତେଣୁ ସେ ବେଳେ ବେଳେ ଭାବିଲେ—ଦିଗ୍‌ବିଜୟଙ୍କୁ ଏଠାରେ ରଖାଇଦେଇ ସେ ନିଜେ ଅଶ୍ୱ ନେଇ ଥରେ ଗୌଡ଼ ରାଜ୍ୟ ଭ୍ରମଣ କରି ଆସିବେ । କିନ୍ତୁ ସେଠାରେ ମୃଣାଳିନୀ ସଙ୍ଗେ ସାକ୍ଷାତ ହେଲେ ତାଙ୍କର ବ୍ରତ ଭଙ୍ଗ ହୋଇଯିବ ।

ଅନ୍ୟ ପକ୍ଷରେ ମୃଣାଳିନୀଙ୍କ ସହ ସାକ୍ଷାତ ନ ହେଲେ ଗୌଡ଼ ଯିବାରେ ଲାଭ ବା କଣ ? ହେମଚନ୍ଦ୍ର ଗୌଡ଼ରାଜ୍ୟ ପର୍ଯ୍ୟଟନ କରିବାକୁ ଗଲେନାହିଁ ସତ, କିନ୍ତୁ ମୃଣାଳିନୀର ଚିନ୍ତାରେ ସେ ଦିନକୁଦିନ ଅସ୍ଥିର ହେବାକୁ ଲାଗିଲେ । ପ୍ରଦୋଷ କାଳରେ ମୁକ୍ତ ବାତାୟନ ପଥ ଦେଇ ସେ ପ୍ରକୃତିର ଶୋଭା ଦର୍ଶନ କରି ତାଙ୍କ ମୁଖମଣ୍ଡଳ ଗମ୍ଭୀର ହୋଇ ଉଠୁଥିଲା । ଚନ୍ଦ୍ରାଲୋକିତ ରଜନୀ, ନକ୍ଷତ୍ର ଖଚିତ ବସ୍ତୃତ ନିର୍ମଳ ଆକାଶରେ କେଉଁଠି କେମିତି ସ୍ତର ସ୍ତର ହୋଇ ସୁସଜ୍ଜିତ ଶ୍ୱେତବାଦଲମାଳା । ଏଣେ ଅଦୂରବର୍ତ୍ତିନୀ ଭାଗୀରଥୀ ମଧ୍ୟ ବାତାୟନ ପଥ ଦେଇ ବେଶ୍ ପରିଷ୍କାର ଭାବେ ଦୃଷ୍ଟିପଥରେ ହେମଚନ୍ଦ୍ରଙ୍କର ଧରା ଦେଉଥିଲା । ଭାଗୀରଥୀ ବର୍ତ୍ତମାନ ପୂର୍ଣ୍ଣଗର୍ଭା । ବାତାୟନ ପଥଦେଇ ସମୀରଣ ଗୃହ ମଧ୍ୟକୁ ପ୍ରବେଶ କରୁଥାଏ । ଏହି ସମୀରଣ ଗଙ୍ଗାର ତରଙ୍ଗ ବିକ୍ଷିପ୍ତ ଜଳକଣା ସଂସ୍ପର୍ଶରେ ଶୀତଳ ଏବଂ ନିଶା ଆଗମନରେ ପ୍ରସ୍ଫୁଟିତ କାନନକୁସୁମ ରାଜିର ସୁରଭିରେ ସୁରଭିତ । ଏହି ସମୀରଣ ବାତାୟନ ଦେଇ ହେମଚନ୍ଦ୍ରଙ୍କ ଅଙ୍ଗ ସ୍ପର୍ଶ କରିବା ପୂର୍ବରୁ ଆନ୍ଦୋଳିତ କରୁଥିଲା ଚନ୍ଦ୍ରକିରଣ-ଉଜ୍ଜ୍ୱଳ ତଟଦେଶର ବୃକ୍ଷରାଜି ଓ ନବାମ୍ରଟାର କାଶଚଣ୍ଡୀ ବଣକୁ । ହେମଚନ୍ଦ୍ର ଆତ୍ମବିଭୋର ହୋଇଉଠୁଥିଲେ ଧୀରେ ଧୀରେ ପ୍ରକୃତିର ଏଇ ଅପରୂପ ଶୋଭାରେ ।

Digitized by srujanika@gmail.com

ଅକସ୍ମାତ୍ ବାତାୟନ ପଥ ଦେଇ ପ୍ରବେଶ କରୁଥିବା ଚନ୍ଦ୍ରକିରଣ ବାଧାପ୍ରାପ୍ତହେଲା । ଗୃହ ମଧ୍ୟରେ ଅନ୍ଧକାର ଘୋଟିଗଲା ମୁହୂର୍ତ୍ତକ ପାଇଁ । ହେମଚନ୍ଦ୍ର ଚମକି ଉଠିଲେ । ଆକାଶରେ କାହିଁ ଘନକୃଷ୍ଣ ବାଦଲ ଖଣ୍ଡ ପୂର୍ଣ୍ଣଚନ୍ଦ୍ରକୁ ଆଚ୍ଛାଦିତ କରିନାହିଁ ତ ! ତେବେ କେଉଁଥିପାଇଁ ଏ ଅନ୍ଧକାର ? ଏ ଘନଘଟା ? ହେମଚନ୍ଦ୍ର ଲକ୍ଷ୍ୟ କରି ଦେଖିଲେ—ବାତାୟନ ପାଖରେ ଗୋଟିଏ ମନୁଷ୍ୟର ମସ୍ତକ । ବାତାୟନ ଯଥେଷ୍ଟ ଉଚ୍ଚରେ ଥିବାରୁ ସେଇ ମଣିଷର ମୁଣ୍ଡଟି ଛଡ଼ା ଅନ୍ୟ କୌଣସି ଅବୟବ ଦେଖିବା ସମ୍ଭବ ହେଉନାହିଁ ଗୃହ ମଧ୍ୟରେ ଦଣ୍ଡାୟମାନ ରହି । ସେହି ଆଗନ୍ତୁକର ମୁଖଟି ବିଶାଳ ଶ୍ମଶ୍ରୁ ଆଚ୍ଛାଦିତ । ମସ୍ତକରେ ଉଷ୍ଣୀଷ (ପଗଡ଼ି) । ଉଷ୍ଣୀଷଶୋଭିତ ଏବଂ ଶ୍ମଶ୍ରୁଯୁକ୍ତ ଏକ ମନୁଷ୍ୟ ଦେଖି ହେମଚନ୍ଦ୍ର ଶଯ୍ୟାଉପରୁ ଲମ୍ଫ ପ୍ରଦାନ କରି ଅସି ଧାରଣ କଲେ । କିନ୍ତୁ ମୁହୂର୍ତ୍ତକ ମଧ୍ୟରେ ସେଇ ମନୁଷ୍ୟ ମୁଣ୍ଡଟି ଅପସରିଗଲା ଦୃଷ୍ଟିପଥରୁ ।

ହେମଚନ୍ଦ୍ର ଅସି ହସ୍ତରେ ଦ୍ୱାର ଖୋଲି ବାହାରକୁ ଆସିଲେ । ବାତାୟନ ନିକଟକୁ ଆସି ଦେଖନ୍ତି କେହି ନାହିଁ । ଗୃହର ଚତୁଃପାର୍ଶ୍ୱରେ ଗଙ୍ଗା-ତୀରରେ ଏବଂ ବନ ମଧ୍ୟରେ ହେମଚନ୍ଦ୍ର ଇତସ୍ତତଃ ଅନୁସନ୍ଧାନରେ ବ୍ୟସ୍ତ ରହିଲେ । କିନ୍ତୁ ଆଉ କାହାରି ସନ୍ଧାନ ପାଇଲେ ନାହିଁ ।

ହେମଚନ୍ଦ୍ର ବାଧ୍ୟହୋଇ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ପିତୃଦତ୍ତ ଯୁଦ୍ଧ ପରିଚ୍ଛଦରେ ଆପାଦମସ୍ତକ ମଣ୍ଡିତ ଥାଇ ପଦଚାରଣ କଲେ ଅସ୍ଥିର-ଭାବେ । ମୁଖମଣ୍ଡଳ ତାଙ୍କର ଗମ୍ଭୀର ହୋଇ ଉଠିଲା—ଠିକ ଯେପରି ଚନ୍ଦ୍ରିକା ନିର୍ମଳ ଆକାଶ ଅକସ୍ମାତ୍ କୃଷ୍ଣ ବାଦଲର ଘନ ଘୋଟିରେ ଗମ୍ଭୀର ହୋଇଯାଏ । ସେଇ ରାତିରେ ସେ ଅସ୍ତ୍ର ଧାରଣ କରି ଯାତ୍ରା ଆରମ୍ଭ କଲେ—କାରଣ ଶିରସ୍ତ୍ରାଣମଣ୍ଡିତ ଶ୍ମଶ୍ରୁଯୁକ୍ତ ମୁଖମଣ୍ଡଳ ଦେଖିବା ଅର୍ଥ ବଙ୍ଗ ଦେଶକୁ ତୁର୍କୀ ଆସିବାର ସୂଚନା ।

ବାପୀ କୂଳେ

ଅକାଳ ଜଳଦ ଉଦୟ ସଦୃଶ ଭୀମମୂର୍ତ୍ତି ରାଜପୁତ୍ର ହେମଚନ୍ଦ୍ର ତୁର୍କୀଗଣ ଅନ୍ୱେଷଣରେ ନିଷ୍କ୍ରାନ୍ତ ହେଲେ । ବ୍ୟାଘ୍ର ତାର ଶିକାରକୁ ଦେଖି ଯେପରି

Digitized by srujanika@gmail.com

ବେଗରେ ଧାଇଁଗଲାପରି ହେମଚନ୍ଦ୍ର ତୁର୍କୀଙ୍କୁ ଦେଖିବାମାତ୍ରେ ଦୌଡ଼ିଗଲେ । ମାତ୍ର କେଉଁଠାରେ ସେ ଶତ୍ରୁକୁ ଭେଟିବେ ତାହାର ସ୍ଥିରତା ନଥିଲା । ହେମଚନ୍ଦ୍ର ଗୋଟିଏ ମାତ୍ର ତୁର୍କୀ ସେନା ସେଇ ବାତାୟନ ଫାଙ୍କରେ ଦେଖିବାକୁ ପାଇଥିଲେ । ତେଣୁ ସେ ଭାବିଲେ ହୁଏତ ତୁର୍କୀସେନା ନଗର ସନ୍ନିକଟରେ କେଉଁଠି ଆତ୍ମଗୋପନ କରିଛନ୍ତି । କିମ୍ବା ସେଇ ଶତ୍ରୁ ଧୃଷ୍ଟ ଜଣକ ତୁର୍କୀ ସେନାଙ୍କର ପ୍ରହରୀ । ଯଦି ତୁର୍କୀସେନା ଆସିଥାନ୍ତି ତେବେ ସେ ଏକାକୀ କଣ ସେମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିପାରିବେ ? କିନ୍ତୁ ପରିସ୍ଥିତି ଅନୁଧ୍ୟାନ ନକରି ହେମଚନ୍ଦ୍ର କଣ ସ୍ଥିର ରହିପାରିବେ ? ଯବନ ନିଧନରେ ତାଙ୍କର ଅସୀମ ଆନନ୍ଦ । ତେଣୁ ଦ୍ରୁତପଦରେ ହେମଚନ୍ଦ୍ର ରାଜପଥାଭିମୁଖେ ଅଗ୍ରସର ହେଲେ ।

ଉପବନ ଗୃହରୁ ରାଜପଥ କିଛି ଦୂରରେ ଅବସ୍ଥିତ । ରାଜପଥକୁ ଯିବା ପୂର୍ବରୁ ଉପବନ ଗୃହରୁ ନିର୍ଜନ ଗ୍ରାମ୍ୟପଥ ଅତିକ୍ରମ କରିବାକୁ ପଡ଼ିଥାଏ । ହେମଚନ୍ଦ୍ର ସେଇ ବାଟେ ବାଟେ ଚାଲିଲେ । ସେଇ ପଥ ପାର୍ଶ୍ୱରେ ସୁବିସ୍ତୃତ ସୁରମ୍ୟ ସୋପାନ ଶୋଭିତ ଗୋଟିଏ ଦୀର୍ଘିକା (ଦୀଘି)ଥିଲା । ଦୀର୍ଘ ପାଖରେ ଅନେକ ଶାଳ, ବକୁଳ, ଅଶୋକ, ଚମ୍ପକ, କଦମ୍ବ, ଅଶ୍ୱତ୍ଥ, ବର, ଆମ୍ବ, ତେନ୍ତୁଳ ପ୍ରଭୃତି ବୃକ୍ଷ । ବୃକ୍ଷଗୁଡ଼ିକର ପଲ୍ଲବଭରା ଶାଖାର ଘନଗୁମ୍ଫାରେ ଉକ୍ତ ସ୍ଥାନଟି ଅନ୍ଧକାରଛନ୍ନ । ଦିବସରେ ମଧ୍ୟ ରାତ୍ରୀରେ ସୂଚନା । କିମ୍ବଦନ୍ତୀ କହେ ସେଇ ସରୋବର ନିକଟରେ ଭୂତ ଆଦି ବିହାର କରନ୍ତି । ଏଇ କୁସଂସ୍କାର ସମସ୍ତଙ୍କ ମନକୁ ଏଭଳି ଆଚ୍ଛନ୍ନ କରି ରହିଥିଲା ଯେ ଭୟରେ କେହି ସେ ସ୍ଥାନକୁ ଯାଉ ନ ଥିଲେ । ଯଦି ବା କେହି ଯାଉଥିଲେ ଦିନବେଳା । ହେଲେବି ଏକାକୀ କେହି ଯାଉନଥିଲେ । ରାତ୍ରୀ କାଳରେ ସେ ସ୍ଥାନକୁ ଏକାକୀ ଯିବା କଥା କେହି ଭାବିପାରୁନଥିଲେ ।

ପୌରାଣିକ ଧର୍ମର ଆଧିପତ୍ୟ ସମୟରେ ହେମଚନ୍ଦ୍ର ଭୂତ ଆଦିର ଅସ୍ତିତ୍ୱ ସ୍ୱୀକାର କରିବାରେ ଦ୍ୱିଧାବୋଧ କରୁନାହାଁନ୍ତି । କିନ୍ତୁ ପ୍ରେତ ଭୟରେ ନିଜ ଗନ୍ତବ୍ୟ ପଥରେ ଯିବାକୁ ସଙ୍କୋଚ କରିବେ ଏଭଳି ଭୀରୁତା ତାଙ୍କ ଚରିତ୍ରରେ ଦେଖାଯିବା ସମ୍ଭବ ନୁହେଁ । ତେଣୁ ନିର୍ଭୀକଭାବେ ସେ ପାର୍ଶ୍ୱବର୍ତ୍ତୀ ଦୀର୍ଘ ଦେଇ ଚାଲିଗଲେ । ସେଇ ଦୀର୍ଘ ପାର୍ଶ୍ୱ ସ୍ଥାନଟି ସମ୍ବନ୍ଧରେ ତାଙ୍କର ଭୂତଭୟ ଅବଶ୍ୟ ନଥିଲା । କିନ୍ତୁ ପ୍ରକୃତ ତଥ୍ୟ ଜାଣିବାର କୌତୂହଳ ଅବଶ୍ୟ ଥିଲା । ତେଣୁ ସେ

Digitized by srujanika@gmail.com

ଯିବା ପଥରେ ଅପଲକ ନେତ୍ରରେ ସେଇ ସ୍ଥାନକୁ ନିରୀକ୍ଷଣ କରି ଆଗେଇ ଚାଲିଥିଲେ । ସେ ସୋପାନ ଗୁଡ଼ିକର ନିକଟବର୍ତ୍ତୀ ହେଲେ । ହଠାତ୍ ସେ ଚମକି ପଡ଼ିଲେ । ତାଙ୍କ ମନରେ ଧାରଣା ଆସିଲା କିମ୍ବଦନ୍ତୀ କଣ ସତ୍ୟ! ହେମଚନ୍ଦ୍ର ଦେଖିଲେ ପୁଷ୍କରିଣୀର ସର୍ବନିମ୍ନ ପାହାଚରେ ଜଣେ ସ୍ତ୍ରୀଲୋକ ଶୁଭ୍ରବସ୍ତ୍ର ପରିଧାନ କରି ବସି ପାଦ ଦୁଇଟି ପାଣି ଭିତରକୁ ବଢ଼ାଇଦେଇଛି । ଚନ୍ଦ୍ରାଲୋକରେ ଝଲସି ଉଠୁଛି ତାର କୃଷ୍ଣ ଚିକ୍କଣ କେଶଗୁଚ୍ଛ । ପ୍ରେତ ଭୀତ ହେମଚନ୍ଦ୍ର ନିଃଶବ୍ଦରେ ଚାଲିଯାଉଥିଲେ । କିନ୍ତୁ ମନେ ମନେ ଭାବିଲେ—ଯଦି ମନୁଷ୍ୟ ତେବେ ଏତେ ରାତ୍ରିରେ ଏଇ ନିର୍ଜନ ସ୍ଥାନରେ କାହିଁକି ? ଏହା ଛଡ଼ା ହୁଏତ ଏଇ ଭୂତକୁ ଦେଖିପାରିଥିବ । ଏଇ ସନ୍ଦେହରେ ହେମଚନ୍ଦ୍ର ପୁଣି ଫେରି ଆସିଲେ । ନିର୍ଭୟରେ ସେଇ ବାପୀ ତୀରର ସୋପାନ ଶ୍ରେଣୀ ଦେଇ ସେଇ ସ୍ତ୍ରୀ ଲୋକ ଆଡ଼କୁ ଅଗ୍ରସର ହେଲେ । ପେତ୍ନୀ ହେମଚନ୍ଦ୍ରଙ୍କୁ ଦେଖି ସେଇ ସ୍ଥାନରେ ବସିରହିଲା । ହେମଚନ୍ଦ୍ର ତାର ନିକଟରୁ ନିକଟ ତର ହେଲେ । ସେ ସ୍ତ୍ରୀଲୋକଟି ଉଠି ଠିଆହେଲା । ହେମଚନ୍ଦ୍ରଙ୍କ ଆଡ଼କୁ ଆସିଲା । ହସ୍ତଦ୍ୱାରା ସେ ମୁଖ ଉପରେ ପଡ଼ିଥିବା ଘନ କେଶଗୁଚ୍ଛକୁ ସ୍ୱହସ୍ତରେ ଅପସାରଣ କରିଦେଲା । ହେମଚନ୍ଦ୍ର ତାର ମୁହଁ ଦେଖିଲେ । ଅନୁଭବ କଲେ ସେ ପେତ୍ନୀ ନୁହେଁ । ପ୍ରେତ୍ନୀ ହୋଇଥିଲେ ହେମଚନ୍ଦ୍ର ଆଶ୍ଚର୍ଯ୍ୟ ହୋଇ ନ ଥାନ୍ତେ । ଶେଷରେ ହେମଚନ୍ଦ୍ର କହିଲେ—ସୁନ୍ଦରୀ, ତୁମେ ଏଠାରେ କାହିଁକି ?

ସେଇ ସୁନ୍ଦରୀ ସ୍ତ୍ରୀଲୋକଟି କହିଲା—ମୁଁ ଏଠାକୁ ଅନେକ ଥର ଆସେ—କିନ୍ତୁ ତୁମେ ଏଠାରେ କାହିଁକି ?

ହେମଚନ୍ଦ୍ର—ମୋର କାମ ଅଛି !

ସୁନ୍ଦରୀ—ଏଇ ରାତ୍ରିରେ କି କାମ ?

ହେମ—ସେ କଥା ପରେ କହିବି—ପ୍ରଥମେ କୁହ ତୁମେ ଏଠାରେ କାହିଁକି ?

ସୁନ୍ଦରୀ – ତୁମର ଏ ବେଶ କାହିଁକି ? ହାତରେ ଶୂଳ, ଅଣ୍ଟାରେ ତରବାରୀ, ତରବାରୀ ଦେହରେ ଏଇ ଉଜ୍ଜ୍ୱଳ ବସ୍ତୁ କଣ ? ବୋଧହୁଏ ହୀରା ! ମସ୍ତକର ଏଇ ଶିରୋଭୂଷଣରେ ମଧ୍ୟ ହୀରକ ବୋଧେ ଚମକି ଉଠୁଛି । ତୁମେ ଏତେ ହୀରା ପାଇଲ କେଉଁଠୁ ?

ହେମ—ମୋର ଥିଲା ।

Digitized by srujanika@gmail.com

ସୁନ୍ଦରୀ—ଏଇ ରାତ୍ରିଟାରେ ଏତେ ଘୋର ପିନ୍ଧି କୁଆଡ଼େ ଯାଉଛ ? ଚୋର ଚୋରୀ କରି ନେଇପାରେ !

ହେମ—ମୋ ପାଖରୁ ଚୋର ଚୋରୀ କରିବାର ସାହସ କରିପାରିବ ନାହିଁ ।

ସୁନ୍ଦରୀ—ତେବେ ଏତେ ରାତ୍ରରେ ଏତେ ଅଳଙ୍କାର ଦେହ ଦିବାର ଉଦ୍ଦେଶ୍ୟ କଣ ! ତୁମେ କଣ ବିବାହ କରିବାକୁ ଯାଉଛ ?

ହେମ—ତୁମର କଣ ଧାରଣା ସୁନ୍ଦରୀ ?

ସୁନ୍ଦରୀ—ଅସ୍ତ୍ର ଶସ୍ତ୍ର ଧରି କେହି ବିବାହ କରିବାକୁ ବାହାରେନା ? ତୁମେ ବୋଧହୁଏ ଯୁଦ୍ଧ କରିବାକୁ ଯାଉଛ ।

ହେମ—କାହା ସଙ୍ଗେ ଯୁଦ୍ଧ କରିବି ? କିନ୍ତୁ ତୁମେତ ଏ ଯାଏ କହିଲ ନାହିଁ- ଏଠାକୁ କାହିଁକି ଆସିଛ ?

ସୁନ୍ଦରୀ—"ମୁଁ ସ୍ନାନ କରିବାକୁ ଆସିଥିଲି । ସ୍ନାନ ସାରି କେଶ ଶୁଖାଉଥିଲି । ଏଇ ଦେଖ ଏଯାଏ ମୋର କେଶ ଓଦା ରହିଛି ।" ଏତକ କହି ନିଜର ଓଦା କେଶ ଗୁଚ୍ଛକୁ ସେ ହେମଚନ୍ଦ୍ରଙ୍କୁ ଧରାଇଦେଲା ।

ହେମ—ଏତେ ରାତ୍ରରେ ପୁଣି ସ୍ନାନ କରୁଛ କାହିଁକି ?

ସୁନ୍ଦରୀ—ଉତ୍ତାପ ମୋର ଅସହ୍ୟ !

ହେମ—ତେବେ ଗଙ୍ଗାରେ ସ୍ନାନ କଲ ନାହିଁ କାହିଁକି ?

ସୁନ୍ଦରୀ—ଗଙ୍ଗାଜଳ ଅପେକ୍ଷା ଏ ଜଳ ଅଧିକ ଶୀତଳ ।

ହେମ—ତୁମେ କଣ ସର୍ବଦା ଏଠାକୁ ଆସ ?

ସୁନ୍ଦରୀ—ଆସେ !

ହେମ—ମୁଁ ତୁମକୁ ବିବାହ କଲେ ତୁମେ କଣ ଏହିପରି ଆସିବ ?

ସୁନ୍ଦରୀ—ଆଗ ବିବାହ ହେଉ !

ହେମଚନ୍ଦ୍ର ହସିଉଠି କହିଲେ—ତୁମ ମୁଖରେ ବୋଧହୁଏ ଲଜ୍ଜା ନାହିଁ । ନିଜର ବିବାହ କଥା ଏତେ ପରିଷ୍କାର ଭାବେ କହିପାର ?

ସୁନ୍ଦରୀ—ଏଥିରେ ମୋତେ ଗାଳିଦେବାର କଣ ଅଛି ?

ହେମ—ଛାଡ଼ ସେ କଥା । ଏଇ ବାଟେ କେହି ଯିବାର ତୁମେ ଦେଖିଛ !

ସୁନ୍ଦରୀ—ଦେଖିଛି !

ହେମ—ତାହାର ବେଶ ପୋଷାକ କିପରି ?

ସୁନ୍ଦରୀ—ତୁର୍କୀ ପରି ।

Digitized by srujanika@gmail.com

ହେମ—ତୁର୍କୀ ବୋଲି କପରି ଜାଣିଲ ? ତୁମେ କଣ ଆଗରୁ ତୁର୍କୀ ଲୋକ ଦେଖିଛ !

ସୁନ୍ଦରୀ—ହଁ ଦେଖିଛି ।

ହେମ—କେଉଁଠାରେ ?

ସୁନ୍ଦରୀ—ଯେଉଁଠି ଦେଖେ—ତୁମେ କଣ ତାକୁ ଅନୁସରଣ କରିବ ?

ହେମ—ହଁ—ମୁଁ ଅନୁସରଣ କରିବ । କୁହ ସେ କେଉଁବାଟେ ଗଲା ?

ସୁନ୍ଦରୀ—କାହିଁକି ?

ହେମ—ତାକୁ ହତ୍ୟା କରିବି !

ସୁନ୍ଦରୀ—ମଣିଷ ମାରି ଲାଭ କଣ ?

ହେମ—ତୁର୍କୀ ଆମର ପରମ ଶତ୍ରୁ ।

ସୁନ୍ଦରୀ—ଗୋଟିଏ ଶତ୍ରୁକୁ ମାରିଦେଲେ କଣ ଶାନ୍ତି ମିଳିବ ?

ହେମ—ମୁଁ ଯେତେ ତୁର୍କୀ ଦେଖିବି ସମସ୍ତଙ୍କୁ ହତ୍ୟା କରିବ ।

ସୁନ୍ଦରୀ—ଏକାକୀ ପାରିବ ?

ହେମ—ପାରିବ ।

ସୁନ୍ଦରୀ ତେବେ ମୋ ସାଙ୍ଗେ ସାବଧାନତାର ସହ ଆସ !

ହେମଚନ୍ଦ୍ର କିଛି ସମୟ ଇତସ୍ତତଃ ହେବାକୁ ଲାଗିଲେ । ପବନ ଯୁଦ୍ଧରେ ଏଇ ବାଳିକା ଜଣେ କଣ ପଥପ୍ରଦର୍ଶିକା ? ସୁନ୍ଦରୀ ହେମଚନ୍ଦ୍ରଙ୍କ ମନୋଭାବ ବୁଝିପାରିଲା । ତାପରେ କହିଲା—ମୋତେ ବାଳିକା ଭାବି ଅବିଶ୍ୱାସ କରୁଛ ବୋଧହୁଏ ?

ହେମଚନ୍ଦ୍ର ପୁଣି ସେଇ ସୁନ୍ଦରୀକୁ କିଛି ସମୟ ଅନାଇ ରହିଲେ—ଆଶ୍ଚର୍ଯ୍ୟ ହେଲେ । ଭାବିଲେ—ଇଏ କଣ ପ୍ରକୃତରେ ମାନବୀ ?

ପଶୁପତି

ଗୌଡ଼ରାଜ୍ୟର ଧର୍ମାଧିକାରୀ ପଶୁପତି ଜଣେ ଅସାଧାରଣ ବ୍ୟକ୍ତି । ତାଙ୍କୁ ଦ୍ୱିତୀୟ ଗୌଡ଼େଶ୍ୱର କହିଲେ ଅତ୍ୟୁକ୍ତି ହେବନାହିଁ । ରାଜା ବୃଦ୍ଧ, ବାର୍ଦ୍ଧକ୍ୟ ଯୋଗୁ ପରମତାବଲମ୍ବୀ ଏବଂ ରାଜକାର୍ଯ୍ୟରେ ଆଦୌ ଯତ୍ନବାନ ହେଉ ନଥିଲେ । ତେଣୁ ପ୍ରଧାନ ଅମାତ୍ୟ ଧର୍ମାଧିକାରୀ ହସ୍ତରେ ପ୍ରକୃତ ଶାସନ ଡୋରି

Digitized by srujanika@gmail.com

ରହିଥିଲା । ଫଳରେ ରାଜସମ୍ପଦ ଓ ଐଶ୍ୱର୍ଯ୍ୟ ବଳରେ ସେ ପ୍ରାୟ ଗୌଡ଼େଶ୍ୱରଙ୍କର ସମକକ୍ଷ ହୋଇପାରିଥିଲେ ।

ପଶୁପତିଙ୍କର ବୟସ ପ୍ରାୟ ପଞ୍ଚତିରିଶି ହେବ । ସେ ଖୁବ୍ ସୁଦର୍ଶନ ଓ ସୁପୁରୁଷ । ଶରୀର ଦୀର୍ଘ, ବିଶାଳ ବକ୍ଷ, ବିସ୍ତୃତ ଲଲାଟ । ଦୀର୍ଘ ନାସିକା, ଚକ୍ଷୁ ଦ୍ୱୟ କ୍ଷୁଦ୍ର କିନ୍ତୁ ଉଜ୍ଜ୍ୱଳ । ତମ୍ର କାଞ୍ଚନ ଜିଣି ଶରୀରର ରଙ୍ଗ ମୁଖକାନ୍ତି ଜ୍ଞାନଗାମ୍ଭୀର୍ଯ୍ୟବ୍ୟଞ୍ଜକ । ରାଜସଭାରେ ତାଙ୍କ ପରି ସର୍ବଗୁଣସମ୍ପନ୍ନ ତଥା ସୁଶ୍ରୀପୁରୁଷ ଆଉ କେହି ନ ଥିଲେ । ଲୋକେ କହନ୍ତି ତାଙ୍କପରି ପଣ୍ଡିତ ଏବଂ ବିଚକ୍ଷଣ ବ୍ୟକ୍ତି ଗୌଡ଼ରାଜ୍ୟରେ ଆଉ କେହି ନାହାନ୍ତି । ପଶୁପତି ଜାତିରେ ବ୍ରାହ୍ମଣ । କିନ୍ତୁ ତାଙ୍କର ଜନ୍ମସ୍ଥାନ ସମ୍ବନ୍ଧରେ କିଛି ଜଣାଯାଏନା । କଥିତ ଅଛି, ତାଙ୍କର ପିତା ଜଣେ ଶାସ୍ତ୍ରଜ୍ଞ ଦରିଦ୍ର ବ୍ରାହ୍ମଣ ଥିଲେ । ପଶୁପତି ବୁଦ୍ଧି ବିଦ୍ୟା ବଳରେ ଗୌଡ଼ରାଜ୍ୟର ପ୍ରଧାନ ପଦବୀରେ ଅଧିଷ୍ଠିତ ହୋଇଥିଲେ ।

ପଶୁପତି ଯୌବନାବସ୍ଥାରେ କାଶୀ ଧାମରେ ପିତାଙ୍କ ନିକଟରେ ରହି ଶାସ୍ତ୍ର ଅଧ୍ୟୟନ କରୁଥିଲେ । ସେଠାରେ କେଶବ ନାମକ ଏକ ବଙ୍ଗୀୟ ବ୍ରାହ୍ମଣ ରହୁଥିଲେ । ହେମବତୀ ନାମକ ଅ.ଠ ବର୍ଷର ଗୋଟିଏ ଝିଅ ସେହି ବ୍ରାହ୍ମଣର ଥିଲା । ତାସହ ପଶୁପତିଙ୍କର ବିବାହ ସମ୍ପନ୍ନହୋଇଥିଲା । କିନ୍ତୁ କର୍ମ ଅଦୃଷ୍ଟରେ ବିବାହ ରାତିରେ କେଶବ ନିଜର ସେଇ ଆଠବର୍ଷର କନ୍ୟାକୁ ଧରି କେଉଁ-ଆଡ଼େ ନିରୁଦ୍ଦିଷ୍ଟ ହୋଇଗଲେ । ବାପ ଝିଅ କାହାରି ଆଉ ସନ୍ଧାନ ମିଳିଲା ନାହିଁ । ପଶୁପତି ଏଯାଏ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିନାହାନ୍ତି । ସେ ଆଜି ଏକ ବିରାଟ ଅଟ୍ଟାଳିକାରେ ଅବସ୍ଥାନ କରିଛନ୍ତି ସତ, କିନ୍ତୁ ପତ୍ନୀବିହୀନ ସେଇ ଅଟ୍ଟାଳିକାରେ ନା ଅଛି ଶାନ୍ତି ନା ଅଛି ସୁଖ ସମ୍ଭୋଗ ।

ସେଇ ନିର୍ଜନ ଅଟ୍ଟାଳିକାର ଏକ ବିସ୍ତୃତ କକ୍ଷରେ ଆଜି ପଶୁପତି ଏକାକୀ ପାପଟିଏ ଜାଳି ବସିରହିଛନ୍ତି । ଏଇ କକ୍ଷର ପଶ୍ଚାଦ୍‌ଭାଗରେ ଆମ୍ର କାନନ । ଆମ୍ର କାନନ ମଧ୍ୟକୁ ପ୍ରବେଶ କରିବା ନିମିତ୍ତ ଏଇ ଅଟ୍ଟାଳିକାରେ ରହିଛି ଏକ ଗୁପ୍ତପଥ । ସେଇ ଗୁପ୍ତଦ୍ୱାରରେ ରାତିକାଳରେ କେହି ଆସି ଧୀରେ ଧୀରେ କରାଘାତ କରିବାର ଶୁଣାଗଲା । ଦ୍ୱାର ଖୋଲାଗଲା । ଜଣେ ବ୍ୟକ୍ତି ଗୃହ ଭିତରକୁ ପ୍ରବେଶ କଲେ । ସେ ଜଣେ ମୁସଲମାନ । ହେମଚନ୍ଦ୍ର ସମ୍ଭବତଃ ଏଇ ବ୍ୟକ୍ତିକୁ ଝରକା ପାଖରେ ଦେଖିଥିଲେ । ପଶୁପତି ତାଙ୍କୁ ଏକ ସ୍ୱତନ୍ତ୍ର ଆସନରେ ବସିବାକୁ କହି ତାଙ୍କୁ ଏକ ଧ୍ୟାନରେ ନିରୀକ୍ଷଣ କରୁଥିଲେ । ସମ୍ଭବତଃ ସେ

Digitized by srujanika@gmail.com

କେତେଦୂର ବିଶ୍ୱାସଯୋଗ୍ୟ ତାହାହିଁ ଲକ୍ଷ୍ୟ କରୁଥିଲେ । ମୁସଲମାନ ଜଣକ ମଧ୍ୟ ନିଜକୁ ଜଣେ ବିଶ୍ୱସ୍ତ ବଶମ୍ବଦ ଭାବେ ପ୍ରତିପାଦିତ କରିବାକୁ ଚେଷ୍ଟା କରୁଥିଲେ ।

ପଶୁପତି ସଂସ୍କୃତରେ କହିଲେ—ବୁଝିଲି ଆପଣ ଭୃର୍କ୍ଷ ସେନାପତିଙ୍କର ବିଶ୍ୱାସର ପାତ୍ର—ସୁତରାଂ ମୋର ମଧ୍ୟ ବିଶ୍ୱାସର ପାତ୍ର । ଆପଣଙ୍କର ନାମ ବୋଧେ ମହମ୍ମଦ ଅଲ୍ଲି ? ତାହାହେଲେ ସେନାପତିଙ୍କର ଅଭିପ୍ରାୟ ପ୍ରକାଶ କରନ୍ତୁ ।

ଯବନ ମଧ୍ୟ ସଂସ୍କୃତରେ ଉତ୍ତର ଦେଲା । ଏହି ସଂସ୍କୃତରେ ତିନଭାଗ ପାର୍ଶୀ ମିଶ୍ରିତ କହିଲେ ଠିକ୍ ହେବ । ଯେଉଁ କେତେ ଭାଗ ସଂସ୍କୃତ ତାହା ମଧ୍ୟ ଭୁଲ । କୌଣସି ଭାରତୀୟ ସେଭଳି ସଂସ୍କୃତ କହିବାର ଶୁଣାଯାଏନା । ବୋଧହୁଏ ତାହା ମହମ୍ମଦ ଆଲ୍ଲିଙ୍କର ନିଜସ୍ୱ ସଂସ୍କୃତ । ପଶୁପତି ବହୁ କଷ୍ଟରେ ତାହା ବୁଝିବାକୁ ଚେଷ୍ଟା କରିଥିଲେ । ପାଠକଗଣ ଅବଶ୍ୟ ବୁଝିବାପାଇଁ ଏତେଟା ଚେଷ୍ଟା କରିବାର ଆବଶ୍ୟକତା ନାହିଁ । ମୁଁ ନିଜେ ସେଇ ନୂତନ ସଂସ୍କୃତର ଅନୁବାଦ କରି କହୁଛି । ଯବନ କହିବାର ସାରମର୍ମ ହେଲା—ଖିଲିଜି ସାହେବଙ୍କର ଅଭିପ୍ରାୟ ଆପଣଙ୍କୁ ଅବଗତ । ବିନା ଯୁଦ୍ଧରେ ଗୌଡ଼ ବିଜୟ କରିବା ତାଙ୍କର ଅଭିଳାଷ । କିନ୍ତୁ କି ସର୍ତ୍ତରେ ଏହି ରାଜ୍ୟ ଆପଣ ତାଙ୍କୁ ସମର୍ପଣ କରିବେ ?

ପଶୁପତି—ମୁଁ ଏ ରାଜ୍ୟ ତାଙ୍କ ହସ୍ତରେ ସମର୍ପଣ କରିବି କି ନା ତାହା ଅବଶ୍ୟ ଏଯାଏ ନିଶ୍ଚିତ ନୁହେଁ । ସ୍ୱଦେଶ ପ୍ରତି ବିଶ୍ୱାସଘାତକତା କରିବା ମହା ଅପରାଧ । କିନ୍ତୁ ମୁଁ ଏ କାମ କାହିଁକି କରିବି ?

ଯବନ—ଉତ୍ତମ ! ତାହାହେଲେ ମୁଁ ଯାଉଛି । କିନ୍ତୁ ଆପଣ ଖିଲିଜଙ୍କ ନିକଟକୁ ଦୂତ ପ୍ରେରଣ କରିବାର ଅଭିପ୍ରାୟ କଣ ଥିଲା ?

ପଶୁପତି—ସେ କେତେଦୂର ଯୁଦ୍ଧ ପ୍ରତି ଆଗ୍ରହୀ ତାହା ଜାଣିବାପାଇଁ ।

ଯବନ—ମୁଁ ସେ କଥା ଆପଣଙ୍କୁ ଜଣାଇଦେବାକୁ ମଧ୍ୟ ଚାହେଁ । ଯୁଦ୍ଧରେ ତାଙ୍କର ଅମାପ ଆନନ୍ଦ ।

ପଶୁପତି—ମନୁଷ୍ୟ ଯୁଦ୍ଧ ପରି ଯୁଦ୍ଧେ ତ ! କିନ୍ତୁ ହସ୍ତୀ ଯୁଦ୍ଧରେ କପରି ଆନନ୍ଦ !

ମହମ୍ମଦ ଅଲ୍ଲୀ ଏଣୁ ରାଗିଯାଇ କହିଲେ—"ଗୌଡ଼ ବିରୁଦ୍ଧରେ ଯୁଦ୍ଧ ଅର୍ଥ ପଶୁ ବିରୁଦ୍ଧରେ ଯୁଦ୍ଧ । ବୋଧହୁଏ ପରିହାସ କରିବାପାଇଁ ଆପଣ ଏହା

Digitized by srujanika@gmail.com

କହୁଛନ୍ତି । କିନ୍ତୁ ମନେରଖନ୍ତୁ, ଆମେ ଯୁଦ୍ଧ ଜାଣୁ, ବ୍ୟଙ୍ଗ ଜାଣୁନା ।" ଏହିପରି କହୁ କହୁ ମହମ୍ମଦ ଅଲ୍ଲୀ ଯିବାପାଇଁ ଉଦ୍ୟତ ହେଲେ । ପଶୁପତି କହିଲେ— "ଅଳ୍ପ ସମୟ ଅପେକ୍ଷା କରନ୍ତୁ । ହଁ—ଶୁଣନ୍ତୁ — ଯବନ ହସ୍ତରେ ଏଇ ରାଜ୍ୟ ସମର୍ପଣ କରି ଦେବାରେ ମୋର ଦ୍ୱିଧା ନାହିଁ । କିନ୍ତୁ ଏଥିପାଇଁ ଉପଯୁକ୍ତ ପାରିତୋଷିକର ଆବଶ୍ୟକତା ରହିଛି—ଏ କଥା କଣ ଯବନରାଜାଙ୍କୁ ବୁଝେଇବାକୁ ପଡ଼ିବ ?"

ମହମ୍ମଦ ଅଲ୍ଲୀ—ଆପଣ କଣ ଚାହାଁନ୍ତି ?

ପଶୁପତି—ଖିଲଜି କଣ ଦେବାକୁ ଚାହାଁନ୍ତି ?

ମହମ୍ମଦ—ଆପଣଙ୍କର ଯାହା ଅଛି ସମସ୍ତ ସେହିପରି ରହିବ । ଆପଣଙ୍କର ଧନ, ଜୀବନ, ରାଜପଦ ସବୁ ଅକ୍ଷୁଣ୍ଣ ରହିବ ।

ପଶୁପତି—ତାହାହେଲେ ମୁଁ ପାଇଲି କଣ ? ଆପଣ ଯାହା କହିଲେ ସେ ସବୁ ମୋର ଅଛି । ତାହାହେଲେ କେଉଁଆଶାରେ ମୁଁ ଏତେବଡ଼ ପାପକର୍ମ କରିବାକୁ ଯିବି ?

ମହମ୍ମଦ—କିନ୍ତୁ ଆମକୁ ସାହାଯ୍ୟ ନକଲେ ଆପଣଙ୍କର ସେ ସବୁ କିଛି ରହିବ ନାହିଁ । ବରଂ ତା ବଦଳରେ ଯୁଦ୍ଧକଲେ ଆପଣଙ୍କ ଧନ, ଜୀବନ, ପଦବୀ ଗୋଟାଏ ମୁହୂର୍ତ୍ତରେ ଲୋପପାଇଯିବ ।

ପଶୁପତି—ସେ କଥା ଯୁଦ୍ଧ ଶେଷରେ କୁହାଯାଇପାରେ । ଆମେ ଯେ ଯୁଦ୍ଧ କରିବାପାଇଁ ଏକାନ୍ତ ଭାବେ ଅନିଚ୍ଛୁକ ସେ କଥା ଆପଣ ଭାବନ୍ତୁ ନାହିଁ । ବିଶେଷତଃ ମଗଧରେ ଆପଣମାନଙ୍କ ବିରୁଦ୍ଧରେ ବିଦ୍ରୋହର ସୂତ୍ରପାତ ହୋଇଛି-ସେ ସମ୍ବାଦ ଆମକୁ ଅଜଣା ନୁହେଁ । ତେଣୁ ସେଇ ବିଦ୍ରୋହ ଦମନ ନିମିତ୍ତ ବର୍ତ୍ତମାନ ଖିଲଜି ବ୍ୟସ୍ତ । ଏଣୁ ଗୌଡ଼ ଜୟ କରିବାର ଅଭିପ୍ରାୟ ତାଙ୍କୁ ଅନ୍ତତଃ କିଛିଦିନ ପାଇଁ ତ୍ୟାଗ କରିବାକୁ ପଡ଼ିବ । ମୋର ପ୍ରାପ୍ୟ ସେ ଦେବାକୁ ଅସ୍ୱୀକାର କରନ୍ତୁ—କିଛି ଯାଏ ଆସେନା । ମାତ୍ର ତାଙ୍କ ବିରୁଦ୍ଧରେ ଯୁଦ୍ଧ କରିବାପାଇଁ ବର୍ତ୍ତମାନ ହେଉଛି ଆମ ପାଇଁ ପ୍ରକୃଷ୍ଟ ସମୟ । ଯେତେବେଳେ ବିହାରରେ ବିଦ୍ରୋହୀ ସେନା ଜାଗିଉଠିବେ, ଗୌଡ଼ରାଜ୍ୟ ମଧ୍ୟ ସୈନ୍ୟ ନେଇ ଝାମ୍ପ ଦେବ ଖିଲଜି ବିରୁଦ୍ଧରେ !

ମହମ୍ମଦ ଅଲ୍ଲୀ—ଏଥିରେ କ୍ଷତି କଣ ? ଗୋଟାଏ ହାତୀକୁ ପିମ୍ପୁଡ଼ି କାମୁଡ଼ିବା ବେଳେ ବା ମଶା କାମୁଡ଼ିଲେ କଣ ହାତୀ ମରିଯାଏ । ବିହାର ରାଜ୍ୟ

Digitized by srujanika@gmail.com

ବିଦ୍ରୋହ ବେଳେ ତୁମ ଗୌଡ଼ ରାଜ୍ୟର ଆକ୍ରମଣ ଠିକ୍ ସେହିପରି । ତେବେ ତୁମର ପୁରସ୍କାର ପରିମାଣଟା ଯିବା ପୂର୍ବରୁ ଥରେ ଶୁଣିବାକୁ ଚାହେଁ ।

ପଶୁପତି—ତେବେ ଶୁଣନ୍ତୁ । ମୁଁ କର୍ମ ନ ପ୍ରକୃତରେ ଗୌଡ଼ର ଈଶ୍ୱର । କିନ୍ତୁ ଲୋକେ ମୋତେ ଗୌଡ଼େଶ୍ୱର କହନ୍ତି ନାହିଁ । ମୁଁ ତେଣୁ ପ୍ରକୃତରେ ଗୌଡ଼େଶ୍ୱର ହେବାକୁ ଚାହେଁ । ସେନ୍‌ବଂଶ ଲୋପପାଇ ଏବଂ ପଶୁପତି ଗୌଡ଼ ରାଜ୍ୟର ଅଧୀଶ୍ୱର ହେଉ ଏହାହିଁ ମୋର ଏକାନ୍ତ କାମନା ।

ମହମ୍ମଦ ଅଲ୍ଲୀ—ସେଥିରେ ଆମର କି ଲାଭ ? ଆମେ ଆପଣଙ୍କୁ ଗୌଡ଼ର ଶାସନ ଦେଲେ କଣ ପାଇବୁ ?

ପଶୁପତି—ରାଜକର ମାତ୍ର । ମୁସଲମାନ ରାଜାଙ୍କ ଅଧୀନରେ ମୁଁ ଜଣେ କରଦ ରାଜାଭାବେ ରହିବାକୁ ଚାହେଁ ।

ମହମ୍ମଦ ଅଲ୍ଲୀ ବେଶ୍, ଭଲ କଥା । ରାଜା ଯଦି ଆପଣଙ୍କର ଏପରି ଅଧୀନସ୍ଥ ଏବଂ ଆପଣ ଯଦି ପ୍ରକୃତରେ ଗୌଡ଼େଶ୍ୱର, ତାହାହେଲେ ସିଂହାସନ ଅଧିକାର ପାଇଁ ଆମର ସାହାଯ୍ୟର ଆବଶ୍ୟକତା କଣ ଅଛି ? ଏହାଛଡ଼ା ଆମକୁ ବା ବୃଥାଟାରେ କର ଦେବେ କାହିଁକି ?

ପଶୁପତି—ତାହା ମଧ୍ୟ ସ୍ପଷ୍ଟ କରି କହିଦେଉଛି—ଏଥିରେ ଆଦୌ ଛଳନା ନାହିଁ । ପ୍ରଥମତଃ ବୃଦ୍ଧ ସେନରାଜ ମୋର ପ୍ରଭୁ । ଏହାଛଡ଼ା ସେ ମୋତେ ଖୁବ୍ ସ୍ନେହ କରନ୍ତି । କ୍ଷମତା ବଳରେ ମୁଁ ତାଙ୍କୁ ସିଂହାସନଚ୍ୟୁତ କଲେ ଲୋକ ମୁଖରେ ନିନ୍ଦିତହେବି । କିନ୍ତୁ ଆପଣମାନେ ନାମକୁ ମାତ୍ର ରାଜ୍ୟ ଆକ୍ରମଣ କରି ମୋର ସାହାଯ୍ୟରେ ରାଜ୍ୟ ଅଧିକାର କରି ମୋତେ ସିଂହାସନରେ ବସାଇଲେ ସେ ନିନ୍ଦା ମୋତେ ହେବ ନାହିଁ । ଦ୍ୱିତୀୟତଃ ଯଦି କେବେ ରାଜ ବଂଶର ଅନୁଗତ ପ୍ରଜା ବିଦ୍ରୋହ କରନ୍ତି ତେବେ ଆପଣଙ୍କ ସାହାଯ୍ୟରେ ସେ ବିଦ୍ରୋହ ସହଜରେ ଦମନ ହୋଇପାରିବ । ଏହାଛଡ଼ା ତୃତୀୟତଃ ମୁଁ ନିଜେ ରାଜା ହେଲେ ସେନ୍ ରାଜାଙ୍କ ସହ ଆପଣଙ୍କର ଯେପରି ଶତ୍ରୁତା ରହିଛି ମୋ ସଙ୍ଗେ ତାହାହିଁ ଲାଗି ରହିବ । ଅବଶ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତ - ମାତ୍ର ଜୟ ପରାଜୟର ସ୍ଥିରତା ନାହିଁ । ଜୟ ହେଲେ ମୋର କିଛି ଲାଭ ହେବ ନାହିଁ, କିନ୍ତୁ ପରାଜୟ ହେଲେ ନିଶ୍ଚିତ ଭାବେ ମୋର କିଛି କ୍ଷତି ରହିଛି । ଏହାଛଡ଼ା ସର୍ବଦା ଶତ୍ରୁ ବିରୁଦ୍ଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିଲେ ରାଜ୍ୟରେ ସୁଶାସନ ଅସମ୍ଭବ ।

Digitized by srujanika@gmail.com

ମହମ୍ମଦ—ଆପଣ ରାଜନୀତିରେ ଧୁରନ୍ଧର ଏଥିରେ ସନ୍ଦେହ ନାହିଁ । ଆପଣଙ୍କ କଥା ମୁଁ ପୂର୍ଣ୍ଣରୂପେ ବିଶ୍ୱାସ କରୁଛି । ମୁଁ ମଧ୍ୟ ପରିଷ୍କାର ଭାବେ ଖିଲିଜିଙ୍କ ମତ ବ୍ୟକ୍ତ କରୁଛି । ସେ ଅବଶ୍ୟ ବର୍ତ୍ତମାନ ବହୁ ଚିନ୍ତାରେ ବ୍ୟସ୍ତ । କିନ୍ତୁ ଏଇ ହିନ୍ଦୁସ୍ଥାନରେ ଯବନରାଜ ଏକେଶ୍ୱର ହେବେ ଏହା ଧ୍ରୁବ ସତ୍ୟ । ଅନ୍ୟ କୌଣସି ରାଜାଙ୍କୁ ଆମେ ରଖିବାକୁ ଚାହୁଁନା । ଆପଣଙ୍କୁ ଗୌଡ଼ର ଶାସନକର୍ତ୍ତା କରିବୁ ସତ, କିନ୍ତୁ ଆପଣ ଖିଲିଜିଙ୍କର ପ୍ରତିନିଧି ହୋଇ ରହିବେ - ଠିକ୍ ଯେପରି ଦିଲ୍ଲୀରେ କୁତବୁଦ୍ଦିନ ହୋଇଛନ୍ତି ମହମ୍ମଦ ଘୋରୀଙ୍କର ପ୍ରତିନିଧି- ଠିକ୍ ଯେପରି ବଖତିୟାର ଖିଲିଜିଙ୍କର ପ୍ରତିନିଧି ପୂର୍ବଦେଶରେ କୁତବୁଦ୍ଦିନ୍ । ଆପଣ ଠିକ ସେହିପରି ବଖତିଆର୍‌ଙ୍କର ପ୍ରତିନିଧି ଭାବେ ଗୌଡ଼ର ରାଜା ହୋଇ ରହିପାରନ୍ତି । ଆପଣ କ'ଣ ଏଥିରେ ସମ୍ମତ ?

ପଶୁପତି—ମୁଁ ଏଥିରେ ସମ୍ମତ !

ମହମ୍ମଦ—ଉତ୍ତମ ! କିନ୍ତୁ ମୋର ଆଉ ଗୋଟାଏ ପ୍ରଶ୍ନ—ଆପଣ ଯାହା ଅଙ୍ଗୀକାର କରିଛନ୍ତି ତାହା ସାଧନ କରିବାରେ ଆପଣଙ୍କର କି କ୍ଷମତା ରହିଛି ?

ପଶୁପତି— ମୋର ବିନାନୁମତିରେ ଜଣେ ବି ସୈନ୍ୟ ଆପଣଙ୍କ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବେ ନାହିଁ । ପାଞ୍ଚଜଣ ଅନୁଚର ସହ ଖିଲିଜିଙ୍କୁ ରାଜ-ପ୍ରାସାଦରେ ପ୍ରବେଶ କରିବାପାଇଁ କହିବେ । କେହି ପଚାରିବେ ନାହିଁ ଆପଣ-ମାନେ କିଏ – ସେ ଦାୟିତ୍ୱ ମୁଁ ନେଉଛି ।

ମହମ୍ମଦ—ଆଉ ମଧ୍ୟ ଗୋଟିଏ କଥା ଜାଣିବାକୁ ଚାହେଁ । ଏଠାରେ ଯବନଙ୍କର ପରମ ଶତ୍ରୁ ହେମଚନ୍ଦ୍ର ଅବସ୍ଥାନ କରୁଛନ୍ତି । ଆଜ ରାତି ମଧ୍ୟରେ ତାର ଛିନ୍ନଶିର ଆମର ଶିବିରକୁ ପଠାଇବାକୁ ହେବ ।

ପଶୁପତି—ଆପଣ ଆସି ଛେଦନ କରନ୍ତୁ । ଶରଣାପନ୍ନକୁ ହତ୍ୟାକରି ମୁଁ ପାପ ଅର୍ଜନ କରିବାକୁ ଚାହେଁନା ।

ମହମ୍ମଦ --ଆମ ଦ୍ୱାରା ତାହା କିଣ ସମ୍ଭବ ? ଯବନ ଆସିବା ସମ୍ବାଦ ପାଇବା ମାତ୍ରେ ସେ ନଗରୀ ତ୍ୟାଗକରି ପଳାଇଯାଇପାରେ । ଆଜ ନିଶ୍ଚିତ ରୂପେ ଲୋକ ପଠାଇ ତାଙ୍କୁ ହତ୍ୟା କର ।

ପଶୁପତି—ବେଶ୍ ତାହାହିଁ ହେବ ।

ମହମ୍ମଦ—ମୁଁ ମଧ୍ୟ ସନ୍ତୁଷ୍ଟ । ବର୍ତ୍ତମାନ ମୁଁ ଖିଲିଜିଙ୍କ ପାଖକୁ ଯାଉଛି ।

ପଶୁପତି—ଯଥା ଆଜ୍ଞା । ହଁ –ଆଉ ଏକ କଥା···

Digitized by srujanika@gmail.com

ମହମ୍ମଦ—ପଗ୍ଭରନ୍ତୁ···

ପଶୁପତି—ଆପଣଙ୍କ ହାତରେ ରାଜ୍ୟ ଅର୍ପଣ କରିବା ପରେ ଆପଣ ଯଦି ମୋତେ ବହିଷ୍କୃତ କରନ୍ତି ?

ମହମ୍ମଦ—ଆମେତ ମାତ୍ର କେଇଜଣ ଅନୁଚର ସହ ରାଜପୁରୀରେ ପ୍ରବେଶ କରିବୁ । ଏଣୁ ଆପଣଙ୍କ କଥାମତେ କାର୍ଯ୍ୟ ନ କଲେ ଆପଣ ଆମକୁ ବହିଷ୍କାର କରିଦେବେ ।

ପଶୁପତି—ଆଜ୍ଞ ଆପଣ ଯଦି ଅଳ୍ପ ସେନା ନେଇ ନ ଆସନ୍ତି ?

ମହମ୍ମଦ—ତେବେ ଯୁଦ୍ଧ କରିବେ ।

ଏତିକ କହି ପଶୁପତିଙ୍କର ଅନ୍ୟ କୌଣସି ପ୍ରଶ୍ନ ଶୁଣିବା ପୂର୍ବରୁ ସେ ବିଦାୟ ନେଇଗଲେ ।

କଟୁଆଳ

ମହମ୍ମଦ ଅଲ୍ଲୀ ଦୃଷ୍ଟିପଥରୁ ଅନ୍ତର୍ହିତ ହେବା ପରେ ଅନ୍ୟ ଜଣେ ବ୍ୟକ୍ତି ଗୃହର ଦ୍ୱାର ନିକଟକୁ ଆସି ମୃଦୁ ସ୍ୱରରେ କହିଲା--ଭିତରକୁ ପ୍ରବେଶ କରିପାରିବି ?

ପଶୁପତି କହିଲେ—ଆସ !

ପ୍ରବେଶ କଲା ଜଣେ କଟୁଆଳ । ସେ ପ୍ରଣାମ କରିବା ପରେ ପଶୁପତି ପଗ୍ଭରିଲେ—ଶାନ୍ତଶୀଳ, ସମସ୍ତ ସମ୍ବାଦ କୁଶଳତ ?

ଶାନ୍ତଶୀଳ -- ଆପଣ ଗୋଟି ଗୋଟି କରି ସମ୍ବାଦ ପଗ୍ଭରନ୍ତୁ ମୁଁ ସମସ୍ତ ପ୍ରଶ୍ନର ଗୋଟି ଗୋଟି କରି ଉତ୍ତର ଦେବି ।

ପଶୁପତି—ଯବନଗଣ ଯେଉଁ ସ୍ଥାନରେ ଅଛନ୍ତି ସେଠାକୁ ଯାଇଥିଲକି ?

ଶାନ୍ତ—ସେଠାକୁ କେହି ଯାଇ ପାରିବେ ନାହିଁ ।

ପଶୁ—କାହିଁକି ?

ଶାନ୍ତ—ତାହା ଅତି ନିବିଡ ଏବଂ ଦୁର୍ଭେଦ୍ୟ ଅରଣ୍ୟ ।

ପଶୁ—କୁଠାର ହସ୍ତରେ ବୃକ୍ଷ ଛେଦି ଛେଦି ଗଲନାହିଁ କାହିଁକି ?

ଶାନ୍ତ—ବାଘଭାଲୁଙ୍କର ଦୌରାତ୍ମ୍ୟତ କମ୍ ନୁହେଁ ?

ପଶୁ—ଅସ୍ତ୍ରଶସ୍ତ୍ର ସହ ଗଲନାହିଁ କାହିଁକି ?

Digitized by srujanika@gmail.com

ଶାନ୍ତ—ଯେଉଁ କେତେଜଣ କାଠୁରିଆ ବାଘ ଘାଲୁ ମାରି ଜଙ୍ଗଲ ଭିତରେ ପ୍ରବେଶ କରିଥିଲେ ସେମାନେ ସମସ୍ତେ ଯବନ ହାତରେ ନିହତ ।

ପଶୁ—ତୁମେ ବି ଆସିନଥାନ୍ତ ।

ଶାନ୍ତ—ଆସି ନଥିଲେ ଆପଣଙ୍କୁ ସମ୍ବାଦ କିଏ ଦେଇଥାନ୍ତା ?

ପଶୁପତି ହସି ହସି କହିଲେ—ତୁମେଇ ଆସିଥାନ୍ତ !

ଶାନ୍ତଶୀଳ ପ୍ରଣାମ କରି କହିଲେ—ସେଇଥିପାଇଁତ ମୁଁ ସମ୍ବାଦ ଦେବାପାଇଁ ଧାଇଁଆସିଛି ।

ପଶୁପତି ଆନନ୍ଦିତ ହୋଇ କହିଲେ—କିପରି ସେଠାକୁ ଗଲ ?

ଶାନ୍ତ—ପ୍ରଥମେ ଉଷ୍ଣୀଷ, ଅସ୍ତ୍ର ଶସ୍ତ୍ର ଏବଂ ତୁର୍କ ସେନାଙ୍କର ପୋଷାକ ସଂଗ୍ରହ କଲି । ତାକୁ ପିଠିରେ ବାନ୍ଧି କାଠୁରିଆମାନଙ୍କ ସାଙ୍ଗେ ମିଶି ବଣକୁ ଗଲି । ଯବନସେନା କାଠୁରିଆମାନଙ୍କୁ ମାରିବାପାଇଁ ଆସିବାରୁ ମୁଁ ଗଛ ଆଢ଼ୁଆଳକୁ ଯାଇ ତୁର୍କସେନାଙ୍କ ବେଶ ପୋଷାକ ପିନ୍ଧି ପକାଇଲି । ତାପରେ ସେଇ ଛଦ୍ମବେଶରେ ସ୍ୱଚ୍ଛନ୍ଦେ ବୁଲିବାକୁ ଲାଗିଲି ।

ପଶୁ—ତୁମର ବୁଦ୍ଧି ପ୍ରଶଂସନୀୟ । ଯବନ ସେନାଙ୍କ ସଂଖ୍ୟା କେତେ ହେବ ?

ଶାନ୍ତ—ସେଇ ଅରଣ୍ୟରେ ଯେତେ ରହିପାରିବା କଥା ସେଥିରୁ କମ୍ ନାହାନ୍ତି—ବୋଧହୁଏ ପଚିଶ ହଜାର ହେବ ।

ପଶୁପତି—ଭ୍ରୂକୁଞ୍ଚିତ କରି କିଛି ସମୟ ପାଇଁ ସ୍ତବ୍ଧ ହୋଇଗଲେ । ତାପରେ ପୁଣି ପଚାରିଲେ—ସେମାନଙ୍କର କଥାବାର୍ତ୍ତା କିଛି ଶୁଣିବାକୁ ପାଇଲ କି ?

ଶାନ୍ତ—ବହୁ କଥା ଶୁଣିଛି । କିନ୍ତୁ ସେମାନଙ୍କର ଭାଷା ଜାଣିନଥିବାରୁ ପଦେହେଲେ ବୁଝି ପାରିଲି ନାହିଁ । ତେବେ ମହମ୍ମଦ ଅଲ୍ଲୀ ଏଠାକୁ ଆସିବା ଯୋଗୁ ମୁଁ ବିପଦର ଆଶଙ୍କା କରୁଛି ।

ପଶୁ—କାହିଁକି ?

ଶାନ୍ତ—ସେ ଏଠାକୁ ଆସିବା କଥା ଗୋପନ ହୋଇ ରହିନାହିଁ—ଅନ୍ୟ କେହି କେହି ମଧ୍ୟ ଜାଣିଛନ୍ତି ।

ପଶୁ—କିପରି ଜାଣିଲ ?

ଶାନ୍ତ—ମୁଁ ଆପଣଙ୍କୁ ଦର୍ଶନ କରିବାକୁ ଆସିବା ବାଟରେ ଦେଖିଲି ବୃକ୍ଷତଳେ ଜଣେ ବ୍ୟକ୍ତି ଲୁଚି ରହିଛି । ତାର ଶରୀରରେ ଯୁଦ୍ଧର ପୋଷାକ ।

Digitized by srujanika@gmail.com

କଥାବାର୍ତ୍ତା କରି ଜାଣିଲି ସେ ଆପଣଙ୍କ ଗୃହକୁ ମହମ୍ମଦ ଅଲ୍ଲି ପ୍ରବେଶ କରିବାର ଦେଖିଛି ଏବଂ ତାହାର ପ୍ରତ୍ୟକ୍ଷ.ରେ ରହିଛି । ଅନ୍ଧକାରରେ ତାକୁ ଚିହ୍ନି ପାରିଲି ନାହିଁ ।

ପଶୁ—ତା ପରେ ?

ଶାନ୍ତ—ମୁଁ ତାକୁ ଚରଗୃହରେ କାରାରୁଦ୍ଧ କରି ରଖିଆସିଛି ।

ପଶୁପତି ଶାନ୍ତଶୀଳକୁ ଧନ୍ୟବାଦ ଦେଇ କହିଲେ—କାଲି ପ୍ରଭାତରେ ସେ ବ୍ୟକ୍ତି ପ୍ରତି ବହିତ ବ୍ୟବସ୍ଥା କରାଯିବ । ଆଜ ରାତିଟା ସେ କାରାରୁଦ୍ଧ ଭାବେ କାଳକାଟୁ । ବର୍ତ୍ତମାନ ତୁମକୁ ଅନ୍ୟ ଏକ କାର୍ଯ୍ୟ କରିବାକୁ ହେବ । ଯବନ ସେନାପତିର ଇଚ୍ଛା ଆଜ ରାତି ମଧ୍ୟରେ ମଗଧ ରାଜପୁତ୍ରର ଛିନ୍ନ ମସ୍ତକ ଦର୍ଶନ କରିବ । ତାହା ତୁମକୁ ବର୍ତ୍ତମାନ କରିବାକୁ ହେବ ।

ଶାନ୍ତ—ଏ କାର୍ଯ୍ୟ ନିତାନ୍ତ ସହଜ ନୁହେଁ । ତାହାଛଡ଼ା ରାଜପୁତ୍ର ଶିମ୍ପୁତ୍ରିକ ମାତ୍ର ନୁହେଁ !

ପଶୁ—ମୁଁ ତୁମକୁ ଏକୁଟିଆ ତାଙ୍କ ପାଖକୁ ଯାଇ ଯୁଦ୍ଧ କରିବାପାଇଁ କହୁନାହିଁ । ତୁମେ କେତେ ଜଣ ଲୋକ ନେଇ ତାଙ୍କ ଗୃହ ଆକ୍ରମଣ କର ।

ଶାନ୍ତ—ଲୋକେ କଣ କହିବେ ?

ପଶୁ—ଲୋକେ କହିବେ ଦସ୍ୟୁଗଣ ତାଙ୍କୁ ହତ୍ୟା କରି ପଳାୟନ କରିଛନ୍ତି ।

ଶାନ୍ତ—ଯଥା ଆଜ୍ଞା—ମୁଁ ଚାଲିଲି ।

ପଶୁପତି ଶାନ୍ତଶୀଳକୁ ପୁରସ୍କାର ଦେଇ ବିଦାୟ ଦେଲେ । ତାପରେ ଗୃହର ଅଭ୍ୟନ୍ତରସ୍ଥ ବିଚିତ୍ର ସୂକ୍ଷ୍ମ କାରୁକାର୍ଯ୍ୟ ଖଚିତ ମନ୍ଦିରରେ ସ୍ଥାପିତ ଅଷ୍ଟଭୁଜାମୂର୍ତ୍ତି ନିକଟକୁ ଯାଇ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲେ । କରଯୋଡ଼ି ଭକ୍ତିଭାବରେ ଇଷ୍ଟଦେବୀଙ୍କର ସ୍ତୁତି କରି କହିଲେ—"ଜନନୀ, ବିଶ୍ୱପାଳିନୀ, ମୁଁ ଅକୂଳ ସାଗରରେ ଝାସଦେଇଛି—ମୋତେ କୂଳ ଦେଖାଅ ମା—ଉଦ୍ଧାର କର । ମୁଁ ଜନନୀସ୍ୱରୂପା ଜନ୍ମଭୂମିକୁ କେବେହେଲେ ଦେବଦ୍ୱେଷୀ ଯବନଙ୍କୁ ବିକ୍ରୟ କରି ପାରିବ ନାହିଁ । କେବଳ ମାତ୍ର ଏତିକି ମୋର ପାପ ଅଭିସନ୍ଧି ମା—ବୃଦ୍ଧ ସେନ୍ ରାଜାଙ୍କ ସ୍ଥାନରେ ମୁଁ ରାଜାହେବି । ଯେପରି କଣ୍ଟାଦ୍ୱାରା କଣ୍ଟା କାଢ଼ି ଦୁଇଟିଯାକ କଣ୍ଟାକୁ ଫିଙ୍ଗି ଦିଆଯାଏ, ସେଇଭଳି ଯବନ ସହାୟତାରେ ରାଜ୍ୟଲାଭ କରି ସାହାଯ୍ୟକାରୀ ଯବନଗଣଙ୍କୁ ନିପାତ କରେ । ଏ କଣ ପାପ ମା ? ଯଦି ଏଥିରେ

Digitized by srujanika@gmail.com

ପାପହୁଏ, ଯାବଜ୍ଜୀବନ ପ୍ରଜାଗଣଙ୍କର ମଙ୍ଗଳ ପାଇଁ କର୍ମକରି ସେ ପାପରୁ ମୁକ୍ତ ପାଇବାକୁ ଚାହେଁ । ମା ଜଗତ୍ ପ୍ରସବିନୀ, ବିଶ୍ୱମଙ୍ଗଳକାରିଣୀ, ମୋର ଏଇ କାମନା ପୂର୍ଣ୍ଣକର ମା ।'' ଏହିପରି ନାନାଭାବେ ସ୍ତୁତିକରି ପଶୁପତି ପୁନର୍ବାର ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲେ । ତାପରେ ଉଠି ଶୟନକକ୍ଷକୁ ଯିବା ବାଟରେ ଦେଖିଲେ ଏକ ଅପୂର୍ବ ଦୃଶ୍ୟ । ଦେବୀ ମନ୍ଦିରର ଦ୍ୱାରଦେଶରେ ଦଣ୍ଡାୟମାନ ଜୀବନମୟୀ, ପ୍ରତିମାରୂପିଣୀ ଯୁବତୀ ! ପଶୁପତି ପ୍ରଥମେ ଚମକି ଉଠିଲେ । ପରେ ଆନନ୍ଦାତିଶଯ୍ୟରେ ଉତ୍‌ଫୁଲ୍ଲ ହୋଇଉଠିଲେ ।

ଯୁବତୀ ସ୍ୱର୍ଣାନନ୍ଦିତ କଣ୍ଠରେ କହିଲେ—''ପଶୁପତି''

ପଶୁପତି ଦେଖିଲେ—ଏଇ ଅନନ୍ୟ ସୁନ୍ଦରୀ ଯୁବତୀ ମନୋରମା ଛଡ଼ା ଆଉ କେହି ନୁହେଁ ।

ମୋହିନୀ

ଯେତେବେଳେ ରତ୍ନପ୍ରଦୀପଦୀପ୍ତ ଦେବୀ ମନ୍ଦିରର ଚନ୍ଦ୍ରାଲୋକ ବିଭାସିତ ଦ୍ୱାରଦେଶରେ ମନୋରମାଙ୍କୁ ଦେଖି ପଶୁପତିଙ୍କର ହୃଦୟ ଉତ୍‌ଫୁଲ୍ଲ ହୋଇ ଉଠିଲା । ମନୋରମା ଏକ ସାଧାରଣ ଉଚ୍ଚତା ବିଶିଷ୍ଟ ବାଳିକା । ବାଳିକା କହିଲେ ଭୁଲ ହେବନାହିଁ, କାରଣ ମୁଖକାନ୍ତି ଅତୀବ କୋମଳ ଓ ମଧୁର । ବାଳିକା ବୟସର ଔଦାର୍ଯ୍ୟ ଲାଗିରହିଛି ସେ ମୁଖରେ । ସୁତରାଂ ବାଳିକାର ବୟସ ପନ୍ଦର ଷୋହଳ ହୋଇପାରେ । ହେମଚନ୍ଦ୍ରଙ୍କର ଏହି ଅନୁମାନ ମିଥ୍ୟା କହିବା ଠିକ୍ ହେବନାହିଁ ।

ମନୋରମାଙ୍କର ବୟସ ଯେତେ ହେଉନା କାହିଁକି ତାର ରୂପରାଶି ଅତୁଳ । ବାଲ୍ୟ କୈଶୋର, ଯୌବନ, ସକଳ ଅବସ୍ଥାରେ ସେପରି ରୂପ ବାସ୍ତବିକ ଦୁର୍ଲଭ । ସ୍ୱର୍ଗର ଅପ୍ସରା ଭଳି ଚରମ ରୂପବତୀ ମନୋରମା ଆସି ଦେବୀ ମନ୍ଦିର ଦ୍ୱାରଦେଶରେ ଦଣ୍ଡାୟମାନ । ବାପୀ ଜଳାର୍ଦ୍ର ଆବଦ୍ଧ କେଶରାଶିର କିୟଦଂଶ ଏକ ହସ୍ତରେ ଧରି, ଗୋଟିଏ ପାଦ ସାମାନ୍ୟ ଆଗକୁ ବଢ଼ାଇ, ଯେଉଁ ଏକ ଅପୂର୍ବ ଭଙ୍ଗୀରେ ମନୋରମା ଦଣ୍ଡାୟମାନା, ତାହା ଅପୂର୍ବ, ଅତୁଳନୀୟ । ସେଇ ମାଧୁର୍ଯ୍ୟମଣ୍ଡିତ ଶରୀର ଉପରେ ଦେବୀ ପାର୍ଶ୍ୱସ୍ଥିତ ରତ୍ନଦୀପର ଆଲୋକ

Digitized by srujanika@gmail.com

ପଡିତ ହେଲା । ପଶୁପତି ଅତୃପ୍ତ ନୟନରେ ଦେଖିବାକୁ ଲାଗିଲେ ସେଇ ଅପୂର୍ବ ଅତୁଳନୀୟ ସୌନ୍ଦର୍ଯ୍ୟରାଶି ପରିବେଷ୍ଟିତ ମନୋରମାକୁ ।

ମୋହଭଙ୍ଗ

ପଶୁପତି ଅତୃପ୍ତ ନୟନରେ ଦେଖିବାକୁ ଲାଗିଲେ । ଦେଖୁ ଦେଖୁ ମନୋରମାଙ୍କର ସୌନ୍ଦର୍ଯ୍ୟ ସାଗରରେ ଏକ ଅପୂର୍ବ ମହିମା ଦେଖିବାକୁ ପାଇଲେ ! ପଶୁପତି ଦେଖିଲେ ମନୋରମାଙ୍କର ସୁକୁମାର ମୁଖମଣ୍ଡଳ ଗମ୍ଭୀର ହୋଇଗଲା । ଅପୂର୍ବ ତେଜ ଅଭିବ୍ୟକ୍ତ ସଙ୍ଗେ ପ୍ରଗଳ୍ଭ ବୟସର ଦୁର୍ଲଭ ଗାମ୍ଭୀର୍ଯ୍ୟ ବିରାଜିତ ହେଲା । ସରଳତାକୁ ଆଚ୍ଛାଦିତ କରି ଉଦୟ ହେଲା ପ୍ରତିଭା ।

ପଶୁପତି କହିଲେ—ମନୋରମା, ଏତେ ରାତିରେ ଏଠାକୁ କାହିଁକି ଆସିଛ ? ଏ କ'ଣ ? ଆଜି ତୁମର ଏ ଭାବ କାହିଁକି ?

ମନୋରମା—ମୋର କି ଭାବ ଦେଖିଲେ ?

ପଶୁପତି—ତୁମର ଦୁଇଟି ମୂର୍ତ୍ତି । ଗୋଟିଏ ମୂର୍ତ୍ତି ଆନନ୍ଦମୟୀ ସରଳା ବାଳିକା । ମୁଁ ତୁମକୁ ସେଇ ଭାବରେ ଦେଖିବାକୁ ଚାହେଁ । ତୁମେ ସେହି ରୂପରେ ଆସିଲ ନାହିଁ କାହିଁକି ? ସେଇ ରୂପ ଦେଖିଲେ ମୋର ହୃଦୟ ଶୀତଳ ହୁଏ । ମାତ୍ର ତୁମର ବର୍ତ୍ତମାନର ଏଇ ଗମ୍ଭୀର ତେଜସ୍ୱିନୀ, ପ୍ରତିଭାମୟୀ; ପ୍ରଖର ବୁଦ୍ଧିଶାଳିନୀ ରୂପ ଦେଖିଲେ ମୁଁ ଭୟଭୀତ ହୋଇପଡ଼େ । ଆଜି ଏଇ ରୂପରେ ମୋତେ ଭୟଭୀତ କରିବାପାଇଁ ତୁମେ କାହିଁକି ଆସିଛ ?

ମନୋରମା—ପଶୁପତି, ତୁମେ ଏତେ ରାତିରେ ଜାଗିରହି କ'ଣ କରୁଛ ?

ପଶୁପତି—ମୁଁ ରାଜକାର୍ଯ୍ୟରେ ବ୍ୟସ୍ତଥିଲି---କିନ୍ତୁ ତୁମେ······

ମନୋରମା—ପଶୁପତି, ପୁଣି ମୋତେ ମିଛ କହିଲ ! ରାଜକାର୍ଯ୍ୟ ନା ନିଜକାର୍ଯ୍ୟ ?

ପଶୁପତି—ହେଲା ଏବେ ନିଜ କାର୍ଯ୍ୟ । ଯେ ରାଜକାର୍ଯ୍ୟ ନେଇ ବା ନିଜ କାର୍ଯ୍ୟନେଇ ମୁଁ ତ ସର୍ବଦା କାର୍ଯ୍ୟ ବ୍ୟସ୍ତ ରହୁଥାଏ । କିନ୍ତୁ ତୁମ ମୁହଁରେ ଆଜି ଏ ପ୍ରଶ୍ନ କାହିଁକି ?

ମନୋରମା—ମୁଁ ସବୁ ଶୁଣିଛି ।

Digitized by srujanika@gmail.com

ପଶୁପତି—କ'ଣ ଶୁଣିଛ ?

ମନୋରମା—ଯବନ ସାଙ୍ଗରେ ପଶୁପତିର ମନ୍ତ୍ରଣା । ଶାନ୍ତଶୀଳ ସଙ୍ଗେ ମନ୍ତ୍ରଣା—ସମସ୍ତ ମୁଁ ଏହି ଦ୍ୱାରଦେଶରେ ଦଣ୍ଡାୟମାନ ରହି ଶୁଣିପାରିଛି ।

ପଶୁପତିଙ୍କର ମୁଖମଣ୍ଡଳରେ ସତେ ଅବା କଳାମେଘର ଛାୟା ଘୋଟିଗଲା । ସେ ବହୁ ସମୟ ଧରି ଚିନ୍ତାମଗ୍ନ ରହି କହିଲେ···"ଭଲହେଲା" ସବୁକଥା ମୁଁ ତୁମକୁ କହିଥାନ୍ତି—ନହେଲା ତୁମେ ନିଜେ ଶୁଣିନେଲ । ତୁମକୁ କୋଉ କଥା ଅବା ଅଜଣା ?

ମନୋରମା – ପଶୁପତି, ତୁମେ ରାଜାହେଲେ ମୋତେ ତ୍ୟାଗ କରୁଛ ?

ପଶୁପତି – କାହିଁକି ମନୋରମା ! ତୁମରି ପାଇଁ ମୋର ଏଇ ମନ୍ତ୍ରଣା ! ମୁଁ ମଧ୍ୟ ରାଜଭୃତ୍ୟ । ଇଚ୍ଛା ଅନୁସାରେ କାର୍ଯ୍ୟ କରିପାରୁନାହିଁ । ବର୍ତ୍ତମାନ ବିଧବା ବିବାହ କରିଲେ ମୁଁ ସମାଜରୁ ବାସନ୍ଦ ହେବି । କିନ୍ତୁ ମୁଁ ଯେତେବେଳେ ସ୍ୱୟଂ ରାଜା ହେବି ସେତେବେଳେ ତୁମକୁ ବିବାହ କଲେ ବି ମୋତେ କେହି ବାସନ୍ଦ କରିପାରିବେ ନାହିଁ । ବଲ୍ଲାଳ ସେନଙ୍କ ପରି ମୁଁ ମଧ୍ୟ ବିଧବା ବିବାହ ପ୍ରଚଳନ କରିବି ।

ମନୋରମା ଦୀର୍ଘନିଶ୍ୱାସ ତ୍ୟାଗ କରି କହିଲେ – ପଶୁପତି, ସେସବୁ କେବଳ ଆମର ସ୍ୱପ୍ନ । ତୁମେ ରାଜା ହେଲେ ମୋର ସେ ସ୍ୱପ୍ନ ଭଙ୍ଗହେବ । ମୁଁ କେବେହେଲେ ତୁମର ରାଣୀ ହୋଇ ପାରିବି ନାହିଁ ।

ପଶୁପତି—କାହିଁକି ମନୋରମା ?

ମନୋରମା—କାହିଁକି ? ତୁମେ ରାଜ୍ୟଭାର ଗ୍ରହଣ କରିବା ପରେ ମୋତେ ଆଉ କଣ ଭଲ ପାଇ ପାରିବ ? ଏଇ ରାଜ୍ୟ ଆଉ ରାଜ୍ୟ ଶାସନ ତୁମ ହୃଦୟରେ ପ୍ରଧାନ ସ୍ଥାନ ଗ୍ରହଣକରିବ । ସେତେବେଳେ ମୋ ପ୍ରତି ତୁମର ଆଦର ଆଉ ରହିବ ନାହିଁ । ଆଉ ତୁମେ ମୋତେ ଭଲ ନପାଇଲେ ମୁଁ କାହିଁକି ତୁମର ପବିତ୍ର ଶୃଙ୍ଖଳରେ ବାନ୍ଧିହୋଇ ରହିବି ?

ପଶୁପତି—ଏ କଥା ତୁମେ ମନକୁ ଆଣନା—ମନୋରମା ! ଆଗ ତୁମେ, ପଛେ ମୋ ରାଜ୍ୟ । ମୁଁ ସର୍ବଦା ଏହିଭଳି ତୁମ ପାଖେ ରହିଥିବି ।

ମନୋରମା—ରାଜା ହୋଇ ରାଜ୍ୟ ଅପେକ୍ଷା ରାଜମହିଷୀକୁ ଅଧିକ ଆଦର କଲେ ରାଜ୍ୟ ଶାସନରେ ବ୍ୟାଘାତ ଘଟିବା ସ୍ୱାଭାବିକ । ଶାସନରେ ବିଶୃଙ୍ଖଳା

Digitized by srujanika@gmail.com

ଦେଖାଯିବ । ତୁମେ ସିଂହାସନଚ୍ୟୁତ ମଧ୍ୟ ହୋଇପାର । କାରଣ ସ୍ତ୍ରୈଣ ରଜାର ରାଜ୍ୟ ଶାସନରେ ଅଧିକାର ନାହିଁ ।

ପଶୁପତି ପ୍ରଶଂସମାନ ନେତ୍ରରେ ମନୋରମାର ମୁଖକୁ ଚାହିଁ ରହିଲେ । କହିଲେ—ଯାହାର ସ୍ତ୍ରୀ ସରସ୍ୱତୀ ପରି ପଣ୍ଡିତା ତାହାର ଆଉ ଭୟ କଣ ? ତୁମ ପାଇଁ ରାଜ୍ୟ ତ୍ୟାଗ କରିବାକୁ ହେଲେହେଁ ମୋର ଦୁଃଖ ନାହିଁ ।

ମନୋରମା—ରାଜ୍ୟ ତ୍ୟାଗ କରିବାକୁ ଚାହୁଁ ଯଦି ରାଜ ସିଂହାସନ ଗ୍ରହଣ ପାଇଁ ଏତେ ଆଗ୍ରହୀ କାହିଁକି ?

ପଶୁପତି—କେବଳ ତୁମର ପାଣିଗ୍ରହଣ ନିମିତ୍ତ ।

ମନୋରମା—ସେ ଆଶା ତ୍ୟାଗ କର ପଶୁପତି । ତୁମେ ରାଜ୍ୟ ଲାଭ କରିବା ପରେ ମୁଁ କେବେହେଲେ ତୁମର ପତ୍ନୀତ୍ୱ ସ୍ୱୀକାର କରିବି ନାହିଁ ।

ପଶୁପତି— କାହିଁକି ମନୋରମା, ମୋର ଅପରାଧ କଣ ?

ମନୋରମା—ତୁମେ ବିଶ୍ୱାସଘାତକ । ବିଶ୍ୱାସଘାତକକୁ ମୁଁ ଭକ୍ତି କରିପାରିବି ନାହିଁ କିମ୍ବା ଭଲପାଇ ପାରିବିନାହିଁ ।

ପଶୁପତି—ମୁଁ ବିଶ୍ୱାସଘାତକ ହେଲି କିପରି ?

ମନୋରମା—ତୁମର ପ୍ରତିପାଳକ ପ୍ରଭୁଙ୍କୁ ରାଜ୍ୟଚ୍ୟୁତ କରିବାର କଳ୍ପନା କରୁଛ । ଶରଣାଗତ ରାଜପୁତ୍ରକୁ ହତ୍ୟା କରିବାର କଳ୍ପନା କରୁଛ । ଏହାଠାରୁ ବଳି ବିଶ୍ୱାସଘାତକ କର୍ମ ଆଉ କଣ ଥାଇପାରେ ? ଯେ ପ୍ରଭୁର ନିକଟରେ ଅବିଶ୍ୱାସୀ ସେ ସ୍ତ୍ରୀ ନିକଟରେ କେଉଁଭଳି ଭାବରେ ବିଶ୍ୱାସଭାଜନ ହୋଇ-ପାରିବ ?

ପଶୁପତି ନୀରବ ରହିଲେ । ରାଜସିଂହାସନ ଓ ମନୋରମା ଉଭୟଙ୍କୁ ପାଇବାପାଇଁ ସେ ବ୍ୟାକୁଳ । ରାଜ୍ୟଲାଭ ପାଇଁ ପ୍ରଯତ୍ନ କଲେ ମନୋରମାର ପ୍ରଣୟଲାଭ ଅସମ୍ଭବ । ଏଣେ ମନୋରମାର ପ୍ରଣୟ ପାଇବାକୁ ହେଲେ ରାଜପଦ ହରାଇବାକୁ ପଡ଼ିବ । ଏହିଭଳି ଏକ ଦ୍ୱନ୍ଦ୍ୱରେ ପଡି ତାଙ୍କର ଚିତ୍ତ ଆନ୍ଦୋଳିତ ହେବାକୁ ଲାଗିଲା । ଭାବିଲେ—ଯଦି ମନୋରମାକୁ ପାଏ ତେବେ ଭିକ୍ଷାମୁଠାଏ ମଧ୍ୟ ଅମୂଲ୍ୟ ସମ୍ପତ୍ତି ପରି—ରାଜସିଂହାସନ କଣ ହେବ ? କିନ୍ତୁ ପୁଣି ମନକୁ ଭାବନା ଆସିଲା—ମନୋରମାକୁ ବିବାହ କଲେ ଲୋକନିନ୍ଦା ହେବ, ଜନସମାଜରେ କଳଙ୍କିତ ହେବା, ଜାତି ନଷ୍ଟ ହେବ, ସମସ୍ତେ ମୋତେ ଘୃଣା କରିବେ । ଏ ସବୁ

Digitized by srujanika@gmail.com

କପର ସମ୍ଭବ ! ପଶୁପତି ଏଭଳି ଭାବନା ଭିତରେ ବୁଡ଼ିରହି କିଛି ଉତ୍ତର ଦେଇ ପାରିଲେ ନାହିଁ ।

ମନୋରମା ପଶୁପତିଙ୍କୁ ନୀରବ ରହିବା ଦେଖି କହିଲେ—ଶୁଣ ପଶୁପତି, ତୁମେ ମୋ କଥାର ଉତ୍ତର ଦେଲ ନାହିଁ—ମୁଁ ଯାଉଛି । କିନ୍ତୁ ଏଇ ମୋର ପ୍ରତିଜ୍ଞା—ମୁଁ ଏ ଜନ୍ମରେ ତୁମଭଳି ବିଶ୍ୱାସଘାତକର ମୁଖ ଦେଖିବି ନାହିଁ ।

ମନୋରମା ଫେରିଯିବାକୁ ଉଦ୍ୟତ ହେବାରୁ ପଶୁପତି କାନ୍ଦି ଉଠିଲେ । ମନୋରମା ପୁଣି ଫେରିଆସି ପଶୁପତିଙ୍କର ହାତ ଧରିଲେ । ପଶୁପତି ମନୋରମାର ମୁଖକୁ ଚାହିଁ ଦେଖିଲେ ପୂର୍ବର ସେଇ ପ୍ରତିଭାମୟୀ ଦେବୀମୂର୍ତ୍ତି ଅଦୃଶ୍ୟ ହୋଇଯାଇଛି । ଅନ୍ୟପକ୍ଷରେ କୁସୁମକୁମାରୀ ବାଳିକା ପଶୁପତିଙ୍କର ହାତ ଧରି ତାଙ୍କ ଆଗେ ସଚେଷ୍ଟା ରୋଦନ କରୁଛନ୍ତି ।

ମନୋରମା କହିଲେ—ପଶୁପତି, କାନ୍ଦୁଛ କାହିଁକି ?

ପଶୁପତି ଲୁହ ପୋଛି କହିଲେ—ତୁମର ଏଇ ନିଷ୍ଠୁର ବାଣୀ ଶୁଣି ।

ମନୋରମା—ମୁଁ କଣ କହିଲି ଯେ ?

ପଶୁପତି—ତୁମେ ମୋତେ ତ୍ୟାଗ କରିବାକୁ କହିଲ—ଆଉ କଣ କହିଥାନ୍ତ ?

ମନୋରମା—ନାଁ—ମୁଁ ଆଉ ସେ କଥା କହିବି ନାହିଁ ।

ପଶୁପତି—ତାହାହେଲେ ତୁମେ ମୋର ରାଜମହିଷୀ ହେବ ।

ମନୋରମା—ହେବି ।

ପଶୁପତି ପୁନର୍ବାର ଆନନ୍ଦ ସାଗରରେ ଉଚ୍ଛୁକ ହୋଇଉଠିଲେ । ଉଭୟେ ଅଶ୍ରୁପୂର୍ଣ୍ଣ ଲୋଚନରେ ଉଭୟଙ୍କ ମୁଖପ୍ରତି ଚାହିଁ ବସି ରହିଲେ । ହଠାତ୍ ପକ୍ଷୀ ଉଡ଼ିଲପରି ମନୋରମା ଦୃଷ୍ଟିପଥାନ୍ତରେ ଅନ୍ତର୍ହିତ ହେଲେ ପଶୁପତିଙ୍କ ନିକଟରୁ ।

ତଣ୍ଟାନ୍ତ

ଆଗରୁ ଜଣାପଡ଼ିଛି—ବାପୀ ତୀରରେ ହେମଚନ୍ଦ୍ର ମନୋରମାଙ୍କ ନିକଟକୁ ଯାଇ ଯବନର ସନ୍ଧାନରେ ବାହାରିଥିଲେ । ମନୋରମା ଧର୍ମାଧିକାରୀ ଘରଠାରୁ

Digitized by srujanika@gmail.com

ନିଛି ଦୂରରେ ରହି ହେମଚନ୍ଦ୍ରଙ୍କୁ କହିଲେ—"ସାମନାରେ ଏଇ ଅଟ୍ଟାଳିକା ଦେଖୁଛ ?"

ହେମ ଦେଖୁଛି ।

ମନୋରମା —ସେଇ ଅଟ୍ଟାଳିକା ମଧ୍ୟକୁ ଯବନ ପ୍ରବେଶ କରିଛି ।

ହେମଚନ୍ଦ୍ର—କାହିଁକି ?

ଏ ପ୍ରଶ୍ନଟିର ଉତ୍ତର ମନୋରମା ସିଧାସଳଖ ଦେଲେନାହିଁ । କହିଲେ— ତୁମେ ଗଛ ଆଡୁଆଳରେ ଛପିରହ —ଯବନ ଏଇ ବାଟରେ ଫେରିଆସିବ ।

ହେମ ତୁମେ କୁଆଡେ ଯିବ ?

ମନୋରମା—ମୁଁ ମଧ୍ୟ ସେଇ ଅଟ୍ଟାଳିକା ମଧ୍ୟକୁ ଯାଉଛି ।

ହେମଚନ୍ଦ୍ର ମନୋରମାର ଏଇ ଗୃହସହ କ ସମ୍ପର୍କ ଅଛି ଭାବିପାରିଲେ ନାହିଁ । ସତେଅବା ମନୋରମା ଧୀରେ ଧୀରେ ରହସ୍ୟମୟୀ ହୋଇପଡୁଥିଲେ ହେମଚନ୍ଦ୍ରଙ୍କ ଆଖିରେ । ସେ ଯାହାହେଉ ତାଙ୍କ କଥା ରକ୍ଷାକରି ସେ ବୃକ୍ଷ ଅନ୍ତରାଳରେ ଲୁଚି ରହିଲେ । ମନୋରମା ମଧ୍ୟ ଗୁପ୍ତପଥ ଦେଇ ଧର୍ମାଧିକାରୀଙ୍କର ଗୃହ ଅଭ୍ୟନ୍ତରକୁ ପ୍ରବେଶ କଲେ ।

ଏହି ସମୟରେ ଶାନ୍ତଶୀଳ ପଶୁପତିଙ୍କ ଗୃହକୁ ଆସୁଥିଲେ । ସେ ବୃକ୍ଷ ଅନ୍ତରାଳରେ ହେମଚନ୍ଦ୍ରଙ୍କୁ ଦେଖି ସନ୍ଦେହ କରି ତାଙ୍କ ପାଖକୁ ଗଲେ । ପଚାରିଲେ—କିଏ ତୁମେ ? ଏଠାରେ କଣ କରୁଛ ? ଶାନ୍ତଶୀଳ ପ୍ରଥମେ ଦୂରରୁ ଭାବିଥିଲେ ହୁଏତ ଇଏ ଗୋଟାଏ ଚୋର । ତାଙ୍କ ପାଖକୁ ଯାଇ ବହୁମୂଲ୍ୟ ରତ୍ନଖଚିତ ପୋଷାକ ଓ ଅସ୍ତ୍ରଶସ୍ତ୍ର ସଜ୍ଜିତ ଅବସ୍ଥାରେ ଜଣେ ଯୁବକଙ୍କୁ ଦେଖି ତାଙ୍କର ସେ ଧାରଣା ବଦଳିଗଲା । ତେଣୁ ସେ ସମ୍ଭ୍ରମରେ ପଚାରିଲେ—ଆପଣ କିଏ ?

ହେମଚନ୍ଦ୍ର —ମୁଁ ଯିଏ ହୁଏ ତୁମର କ'ଣ ଅଛି ?

ଶାନ୍ତଶୀଳ—ଆପଣ ଏଠାରେ କଣ କରୁଛନ୍ତି ?

ହେମ—ମୁଁ ଏଠାରେ ଯବନ ଅନୁସନ୍ଧାନରେ ରହିଛି ।

ଶାନ୍ତଶୀଳ ଚମକି ପଡ଼ି କହିଲେ —ଯବନ କେଉଁଠାରେ ?

ହେମ—ଏଇ ଗୃହ ମଧ୍ୟରେ ପ୍ରବେଶ କରିଛି ।

ଶାନ୍ତଶୀଳ ଭୟରେ କହିଲେ —ଏଇ ଗୃହ ମଧ୍ୟରେ ଯବନ ପ୍ରବେଶ କଲା କାହିଁକି ?

Digitized by srujanika@gmail.com

ହେମ—ମୁଁ ତାହା ଅବଶ୍ୟ ଜାଣେନା ।

ଶାନ୍ତ—ତେବେ ଏ ଘରକୁ ଯବନ ଆସିବା କଥା କପରି ଜାଣିଲ ?

ହେମ—ସେକଥା ତୁମର ଜାଣି ଲାଭ କ'ଣ ?

ଶାନ୍ତ - ଏ ଘର ମୋର । ତେଣୁ ଏ ଘରେ ଯଦି ଯବନ ପ୍ରବେଶ କରିଥାଏ ତେବେ ନିଶ୍ଚୟ କୌଣସି ମନ୍ଦ ଉଦ୍ଦେଶ୍ୟ ନେଇ ଆସିଛୁ ଏଥିରେ ସନ୍ଦେହନାହିଁ । ଆପଣ ଯୋଦ୍ଧା ତଥା ଯବନବିଦ୍ୱେଷୀ । ଯଦି ଆଗ୍ରହ ଥାଏ ତେବେ ମୋ ସଙ୍ଗେ ଆସନ୍ତୁ ଉଭୟେ ମିଶି ଯବନକୁ ଶାସ୍ତି ଦେବା ।

ହେମଚନ୍ଦ୍ର ଶାନ୍ତଶୀଳ ସଙ୍ଗେ ଗଲେ । ଶାନ୍ତଶୀଳ ସିଂହଦ୍ୱାର ଦେଇ ପଶୁପତିର ଗୃହରେ ହେମଚନ୍ଦ୍ର ସହ ପ୍ରବେଶ କଲେ ଏବଂ ଗୋଟିଏ ପ୍ରକୋଷ୍ଠ ମଧ୍ୟକୁ ନେଇଯାଇ କହିଲେ —ଏଇ ଗୃହରେ ମୋର ସକଳ ଧନସମ୍ପତ୍ତି ରହିଛି । ଆପଣ ଦୟାକରି ଏଇଠାରେ ଜଗିରହିଥାନ୍ତୁ । ମୁଁ ଟିକେ ଖୋଜି ଆସେ ଯବନ କେଉଁଠାରେ ଲୁଚିରହିଛି ।

ଏତିକଥା କହି ଶାନ୍ତଶୀଳ ହେମଚନ୍ଦ୍ରଙ୍କୁ ସେଠାରେ ରଖି ବାହାରକୁ ଚାଲି ଆସିଲେ । ହେମଚନ୍ଦ୍ର ଆଉ କିଛି କହିବା ପୂର୍ବରୁ କକ୍ଷଦ୍ୱାର ରୁଦ୍ଧ ହୋଇଗଲା । ହେମଚନ୍ଦ୍ର ଶାନ୍ତଶୀଳଙ୍କ ଚକ୍ରାନ୍ତରେ ସେଇ ପ୍ରକୋଷ୍ଠରେ ବନ୍ଦୀ ହୋଇ ରହିଲେ ।

ମୁକ୍ତି

ମନୋରମା ପଶୁପତିଙ୍କ ନିକଟରୁ ବିଦାୟ ନେଇ ଦ୍ରୁତପଦରେ ଶୟନଗୃହକୁ ଚାଲିଆସିଲେ । ପଶୁପତି ସହ ଶାନ୍ତଶୀଳ କଥାବାର୍ତ୍ତାବେଳେ ମନୋରମା ଶୁଣିଥିଲେ ଯେ ସେଇ ଶୟନଗୃହରେ ହେମଚନ୍ଦ୍ର ବନ୍ଦୀହୋଇ ରହିଛନ୍ତି । ସେ ଶୟନଗୃହର ଦ୍ୱାର ଖୋଲି କହିଲେ—"ହେମଚନ୍ଦ୍ର, ବାହାରକୁ ଚାଲିଆସ !"

ହେମଚନ୍ଦ୍ର ଗୃହ ମଧ୍ୟରୁ ବାହାରକୁ ଚାଲି ଆସିଲେ । ମନୋରମା ତାଙ୍କ ସଙ୍ଗେ ସଙ୍ଗେ ଆସିଲେ । ହେମଚନ୍ଦ୍ର ପଚାରିଲେ—ମୋତେ ଏଠାରେ ବନ୍ଦୀକରି ରଖାଯାଇଥିଲା କାହିଁକି ?

ମନୋରମା—ତାହା ପରେ କହିବି ।

Digitized by srujanika@gmail.com

ହେମ—ଯେଉଁ ବ୍ୟକ୍ତି ମୋତେ ବନ୍ଦୀକରି ଘ୍ନଲଗଲା ସେ କିଏ ?

ମନୋରମା—ଶାନ୍ତଶୀଳ ।

ହେମ—ଶାନ୍ତଶୀଳ କିଏ ?

ମନୋରମା—କଟୁଆଳ ।

ହେମ—ଏ ଘର କଣ ତାର ?

ମନୋରମା—ନା

ହେମ—ତେବେ କାହାର ?

ମନୋରମା—ପରେ କହିବି ।

ହେମ—ଯବନ କୁଆଡ଼େ ଗଲା ?

ମନୋରମା—ଶିବିରକୁ ଯାଇଛି ।

ହେମ—ଶିବିରକୁ ? ତେବେ କେତେ ଯବନ ସୈନ୍ୟ ଆସିଛନ୍ତି ?

ମନୋରମା—ପ୍ରାପ୍ତ ପଚଶ ହଜାର ।

ହେମ—ଶିବିର କେଉଁଠାରେ ?

ମନୋରମା—ମହାବନରେ ।

ହେମ—ମହାବନ କେଉଁଠାରେ ?

ମନୋରମା—ଏହି ନଗରର ଉତ୍ତର ଦିଗରେ କିଛି ଦୂରରେ ।

ହେମଚନ୍ଦ୍ର କପାଳରେ ହାତ ରଖି ଭାବିବାକୁ ଲାଗିଲେ । ମନୋରମା କହିଲେ—କ'ଣ ଭାବୁଛ ? ତୁମେ କ'ଣ ସେମାନଙ୍କ ସଙ୍ଗେ ଯୁଦ୍ଧ କରିବ ?

ହେମ—ପଚଶ ହଜାର ସଙ୍ଗେ ଜଣେ ଯୁଦ୍ଧ କରିବା କଣ ସମ୍ଭବ ?

ମନୋରମା—ତେବେ କଣ କରିବେ ? କ'ଣ ଘରକୁ ଫେରିଯିବେ ?

ହେମ—ନା ଘରକୁ ଯିବିନାହିଁ ।

ମନୋରମା—କେଉଁଠାକୁ ତେବେ ଯିବେ ?

ହେମ—ମହାବନକୁ ।

ମନୋରମା—ଯୁଦ୍ଧ ତ କରିବେ ନାହିଁ—ତେବେ ମହାବନକୁ ଯିବାର ଅଭିପ୍ରାୟ ?

ହେମ—ଯବନଗଣଙ୍କୁ ଦେଖିବାକୁ ।

ମନୋରମା—ଯୁଦ୍ଧତ କରିବେ ନାହିଁ, ଖାଲି ଦେଖି ଲାଭ କ'ଣ ?

Digitized by srujanika@gmail.com

ହେମ—ଦେଖିଲେ ଜାଣିପାରିବ କି ଉପାୟରେ ତାଙ୍କୁ ମାରିପାରିବ ।

ମନୋରମା ଚମକି ଉଠିଲେ । କହିଲେ—କୋଡ଼ିଏ ହଜାର ଲୋକଙ୍କୁ ମାରି ଦେବେ ! କି ସର୍ବନାଶ ! ଛି—ଛି ···

ହେମ—ମନୋରମା, ତୁମେ ଏ ସମସ୍ତ ସମ୍ବାଦ କେଉଁଠାରୁ ପାଇଲ ?

ମନୋରମା—ଆହୁରି ଗୁରୁତର ସମ୍ବାଦ ଅଛି । ଆଜି ରାତିରେ ତୁମକୁ ମାରିବା ପାଇଁ ତୁମ ଘରକୁ ଦସ୍ୟୁଦଳ ଆସିବେ । ଏଣୁ ତୁମେ ଘରକୁ ଯାଅନାହିଁ ।

ଏହା କହି ମନୋରମା ହେମଚନ୍ଦ୍ରଙ୍କର ଆଉ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ଅପେକ୍ଷା ନ କରି ଊର୍ଦ୍ଧ୍ୱଶ୍ୱାସରେ ପଳାୟନକଲେ ।

ଅତଥିସତ୍କାର

ହେମଚନ୍ଦ୍ର ଗୃହକୁ ପ୍ରତ୍ୟାବର୍ତ୍ତନ କରି ଏକ ସୁନ୍ଦର ସୁସଜ୍ଜିତ ଅଶ୍ୱ ଆରୋହଣ କରି ମହାବନ ଅଭିମୁଖେ ଯାତ୍ରାକଲେ । ନଗର ପାରିହୋଇଗଲେ- ତାପରେ ପ୍ରାନ୍ତର । ପ୍ରାନ୍ତରର କିୟଦଂଶ ଅତିକ୍ରମ କରିଛନ୍ତି—ହଠାତ୍ ସ୍କନ୍ଧ- ଦେଶରେ ଗୁରୁତର ଯନ୍ତ୍ରଣା ଅନୁଭବ କଲେ । ଦେଖିଲେ ଗୋଟିଏ ତୀର ଆସି ତାଙ୍କର ସ୍କନ୍ଧଦେଶ ବିଦ୍ଧ କରିଛି । ପଛରୁ ଅଶ୍ୱର ପଦଧ୍ୱନି ଶୁଣାଗଲା । ହେମଚନ୍ଦ୍ର ଫେରି ଦେଖିଲେ ତିନିଜଣ ଅଶ୍ୱାରୋହୀ ତାଙ୍କୁ ଅନୁସରଣ କରୁଛନ୍ତି । ହେମଚନ୍ଦ୍ର ଅଶ୍ୱର ମୁଖ ଫେରାଇ ସେମାନଙ୍କ ଆଗମନକୁ ପ୍ରତୀକ୍ଷା କରିବାକୁ ଲାଗିଲେ । ସେ ଅକସ୍ମାତ୍ ଦେଖିଲେ ତିନିଜଣଯାକ ଅଶ୍ୱାରୋହୀ ତାଙ୍କପ୍ରତି ଶର ସନ୍ଧାନ କଲେ । ହେମଚନ୍ଦ୍ର ହସ୍ତରେ ଧାରଣ କରିଥିବା ଶୂଳ ସାହାଯ୍ୟରେ ତିନୋଟି- ଯାକ ଶରର ଆଘାତକୁ ପ୍ରତିହତ କରିପାରିଲେ ନିଜର ଅପୂର୍ବ ଯୁଦ୍ଧକୌଶଳ ଯୋଗୁ ।

ଅଶ୍ୱାରୋହୀମାନେ ପୁନର୍ବାର ତୀର ନିକ୍ଷେପ କଲେ । ହେମଚନ୍ଦ୍ର ତାହା ପ୍ରତିହତ କରୁ କରୁ ସେମାନେ ପୁନର୍ବାର ଶରସନ୍ଧାନ କଲେ । ଏହିପରି ପ୍ରତି ମୁହୂର୍ତ୍ତରେ ହେମଚନ୍ଦ୍ରଙ୍କ ଉପରକୁ ଶର ବର୍ଷଣ ହେବାକୁ ଲାଗିଲା । ହେମଚନ୍ଦ୍ର ନାନାବିଧ ରତ୍ନମଣ୍ଡିତ ବର୍ମ ହସ୍ତରେଧରି ବିଚିତ୍ର କୌଶଳରେ ସଞ୍ଚାଳନ କରି ସେଇ ଶର

Digitized by srujanika@gmail.com

ବର୍ଷଣକୁ ନିବାରଣ କରିବାରେ ଲାଗିଲେ । ଗୋଟିଏ ଦୁଇଟି ଶର ଅଶ୍ୱର ଶରୀର ବିଦ୍ଧ କଲା ସତ, ମାତ୍ର ନିଜେ ଅକ୍ଷତ ଅବସ୍ଥାରେ ରହିପାରିଲେ ।

ଅଶ୍ୱାରୋହୀଗଣ ନିରସ୍ତ ହୋଇ ଆଶ୍ଚର୍ଯ୍ୟ ହେଲେ । ତିନିଜଣ ନିଜ ମଧ୍ୟରେ କ'ଣ ପରାମର୍ଶ କରିବାକୁ ଲାଗିଲେ । ହେମଚନ୍ଦ୍ର ସେଇ ଅବସରରେ ଜଣେ ଅଶ୍ୱାରୋହୀ ପ୍ରତି ଶର ନିକ୍ଷେପ କଲେ । ଅବ୍ୟର୍ଥ ସେ ଶର ସନ୍ଧାନ । ଆଖି ପିଛୁଳାକେ ଶର ପ୍ରବେଶ କଲା ଅଶ୍ୱାରୋହୀର କପୋଳ ଦେଶରେ ଓ ସେ ଅଶ୍ୱ ପୃଷ୍ଠରୁ ଭୂପତିତ ହେଲା । ଏହା ଦେଖି ଅନ୍ୟ ଦୁଇଜଣ ଶୂଳ ହସ୍ତରେ ଧରି ଅଶ୍ୱଦ୍ୱୟକୁ କଷାଘାତ କରି ହେମଚନ୍ଦ୍ରଙ୍କ ଆଡ଼କୁ ମାଡ଼ିଆସିଲେ ଓ ଅନତିଦୂରରୁ ଶୂଳ ନିକ୍ଷେପ କଲେ । ହେମଚନ୍ଦ୍ରଙ୍କ ଉପରକୁ ଶୂଳ ନିକ୍ଷେପ କରିଥିଲେ ହେମଚନ୍ଦ୍ର ତାହା ଅନାୟାସରେ ନିବାରଣ କରିପାରିଥାନ୍ତେ । ମାତ୍ର ସେମାନେ ହେମଚନ୍ଦ୍ରଙ୍କୁ ଶୂଳ ନିକ୍ଷେପ ନକରି କଲେ ହେମଚନ୍ଦ୍ରଙ୍କ ଅଶ୍ୱକୁ । ହେମଚନ୍ଦ୍ର ନଇଁପଡ଼ି ଶୂଳ ନିକ୍ଷେପକୁ ପ୍ରତିହତ କରିବାପାଇଁ ହସ୍ତ ସଞ୍ଚାଳନ କରିବାରେ କିଞ୍ଚିତ ବିଳମ୍ବ ହେଲା । ଫଳରେ ଶୂଳ ଅଶ୍ୱର ଗ୍ରୀବାଦେଶ ଭେଦ କଲା । ଫଳରେ ହେମଚନ୍ଦ୍ରଙ୍କର ଅଶ୍ୱ ମୁମୂର୍ଷୁ ଅବସ୍ଥାରେ ଭୂପତିତ ହେଲା ।

ଯୁଦ୍ଧବିଦ୍ୟାରେ ପାରଙ୍ଗମ ହେମଚନ୍ଦ୍ର ମୁହୂର୍ତ୍ତକ ମଧ୍ୟରେ ଅଶ୍ୱପୃଷ୍ଠରୁ ଲମ୍ଫ ପ୍ରଦାନ କରି ଭୂମି ଉପରେ ଦଣ୍ଡାୟମାନ ହୋଇ ରହିଲେ । ତାପରେ ନିଜ କରସ୍ଥ କରାଳ ଶୂଳକୁ ଉଠାଇ କହିଲେ—ମୋର ଏଇ ପିତୃଦତ୍ତ ଶୂଳ ଶତ୍ରୁରକ୍ତ ପାନ ନ କରି କେବେହେଲେ ଫେରେ ନାହିଁ । ଆଉ ଠିକ୍ ପର ମୁହୂର୍ତ୍ତରେ ଅନ୍ୟ ଏକ ଅଶ୍ୱାରୋହୀ ଶୂଳବିଦ୍ଧ ହୋଇ ଭୂପତିତ ହେଲା । ଏହା ଦେଖି ତୃତୀୟ ଅଶ୍ୱାରୋହୀ ପ୍ରାଣ ନେଇ ପଳାୟନ କଲା । ସେ ହେଉଛି ଶାନ୍ତଶୀଳ ।

ହେମଚନ୍ଦ୍ର ଏଇ ଅବସରରେ ସ୍କନ୍ଧଦେଶରୁ ପୂର୍ବରୁ ବିଦ୍ଧହୋଇଥିବା ତୀରଟି ବାହାର କରି ଆଣିଲେ । ତୀର ସ୍କନ୍ଧ ଦେଶରେ ଅଧିକ ଗଭୀର ପ୍ରଦେଶ ପର୍ଯ୍ୟନ୍ତ ବିଦ୍ଧ କରିଥିଲା । ତେଣୁ ତୀର ବାହାର କରି ଆଣିବା ପରେ ପ୍ରଚୁର ରକ୍ତ ନିର୍ଗତ ହେବାକୁ ଲାଗିଲା । ହେମଚନ୍ଦ୍ର ନିଜର ବସ୍ତ୍ରଦ୍ୱାରା ରକ୍ତ ପ୍ରବାହକୁ ବନ୍ଦ କରିବାକୁ ଚେଷ୍ଟାକରି ବିଫଳ ହେଲେ । ହେମଚନ୍ଦ୍ର କ୍ରମେ କ୍ରମେ ଦୁର୍ବଳତା ଅନୁଭବ କରିବାକୁ ଲାଗିଲେ । ବର୍ତ୍ତମାନ ସେ ବୁଝିପାରିଲେ ଯବନ ଶିବିରକୁ

Digitized by srujanika@gmail.com

ଯିବା ତାଙ୍କ ପକ୍ଷେ ଆଜ ରାତ୍ରିରେ ସମ୍ଭବ ଆଉ ନୁହେଁ । ଅଶ୍ୱ ହତ । ନିଜେ ମଧ୍ୟ ଅତୀବ କ୍ଳାନ୍ତ ଶ୍ରାନ୍ତ । ତେଣୁ ସେ ନଗର ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ ।

ହେମଚନ୍ଦ୍ର ପ୍ରାନ୍ତର ଅତିକ୍ରମ କଲେ । ସେତେବେଳକୁ ତାଙ୍କର ଶରୀର ଅବଶ ହୋଇଆସୁଥାଏ । ସର୍ବାଙ୍ଗ ରକ୍ତଜର୍ଜରିତ । ଗତି ଶକ୍ତି ରହିତ ହୋଇ ଆସୁଛି । ବହୁ କଷ୍ଟରେ ସେ ନଗର ମଧ୍ୟରେ ପ୍ରବେଶ କଲେ । ଆଉ ଅଧିକ ଦୂର ଯାଇ ପାରିଲେ ନାହିଁ । ଏକ କୁଟୀର ନିକଟସ୍ଥ ବଟବୃକ୍ଷ ତଳେ ଉପବେଶନ କଲେ । ସେତେବେଳକୁ ରଜନୀ ପ୍ରଭାତ ହୋଇ ଆସୁଛି । ରାତି ଜାଗରଣ — ସମସ୍ତ ରାତିର ପରିଶ୍ରମ — ରକ୍ତସ୍ରାବଜନିତ ଶକ୍ତିହୀନତା, ଏଇ ସମସ୍ତ କାରଣ ଯୋଗୁ ହେମଚନ୍ଦ୍ରଙ୍କ ଚକ୍ଷୁ ସମ୍ମୁଖରେ ପୃଥିବୀ ଘୂରିବାକୁ ଲାଗିଲା । ସେ ବୃକ୍ଷ ଗଣ୍ଡିକୁ ଆଉଜାପଡ଼ି ବିଶ୍ରାମ ନେଲେ । ଚକ୍ଷୁ ମୁଦ ହୋଇ ଆସିଲା । ନିଦ୍ରା ପ୍ରବଳ ହେଲା । ଚେତନା ଅପହୃତ ହୋଇଗଲା । ଆଉ ସେଇ ତନ୍ଦ୍ରା ଆବେଗରେ ପଡ଼ିଥିବା ସେ ଯେପରି ସ୍ୱପ୍ନରେ ଶୁଣିବାକୁ ପାଇଲେ କିଏ ଗାଉଛି— "କଣ୍ଟକେ ଗଢ଼ିଲା ବିଧି ମୃଣାଳ ଅଧମେ"

ତୃତୀୟ ଖଣ୍ଡ

ସେ ତୁମର କିଏ ?

ଯେଉଁ କୁଟୀର ନିକଟସ୍ଥ ବୃକ୍ଷତଳେ ବସି ହେମଚନ୍ଦ୍ର ବିଶ୍ରାମ କରୁଥିଲେ ସେଇ କୁଟୀରରେ ବାସକରେ ଜଣେ କୈବର୍ତ୍ତ୍ୟଜାତୀୟ ବ୍ୟକ୍ତି । କୁଟୀର ମଧ୍ୟରେ ତିନୋଟି ପ୍ରକୋଷ୍ଠ, ଗୋଟିଏ ଘରେ କୈବର୍ତ୍ତ ସେଷେଇବାସ କରେ, ଅନ୍ୟ ଘରଟିରେ ସେତାର ପତ୍ନୀ ଓ ପିଲାଛୁଆଙ୍କୁ ନେଇ ଶୟନ କରେ । ତୃତୀୟ ଘରଟିରେ କୈବର୍ତ୍ତର ଯୁବତୀ କନ୍ୟା ରତ୍ନ ସ୍ତ୍ରୀ ଏବଂ ଅନ୍ୟ ଦୁଇଜଣ ସ୍ତ୍ରୀଲୋକ ଶୟନ କରିଥିଲେ । ସେ ଦୁଇଜଣ ପାଠକଙ୍କ ନିକଟରେ ଅପରିଚିତା । ସେ ଦୁହେଁ ହେଲେ ମୃଣାଳିନୀ ଏବଂ ଗିରିଜାୟା । ଏମାନେ ନବଦ୍ୱୀପରେ ଅନ୍ୟତ୍ର ଆଶ୍ରୟ ନ ପାଇ ଏହି ସ୍ଥାନରେ ଆସି ଆଶ୍ରୟ ନେଇଥିଲେ ।

ଆଗ ପଛ ହୋଇ ତିନଜଣ ସ୍ତ୍ରୀଲୋକଙ୍କର ନିଦ ଭାଙ୍ଗିଲା । ପ୍ରଥମେ ଉଠିଲେ ରତ୍ନମୟୀ । ଗିରିଜାୟାଙ୍କୁ ଡାକ କହିଲେ—ସଇ !

ଗିରିଜାୟା—କ'ଣ ସଙ୍ଗୀ !

ରତ୍ନମୟୀ—ତୁମେ କେଉଁଠାରେ ସଙ୍ଗୀ ?

ଗିରି—ବିଛଣାରେ ସଙ୍ଗୀ !

ରତ୍ନ—ଉଠନା ସଙ୍ଗୀ !

ଗିରି—ନା ସଙ୍ଗୀ !

ରତ୍ନ—ପାଣି ଢାଳିଦେବି ସଙ୍ଗୀ !

ଗିରି—ପାଣି ! ଢାଳିଲେ ଭଲ ସଙ୍ଗୀ !

ରତ୍ନ—ଅଚ୍ଛା ମୁଁ ଯାଉଛି ନ ସଙ୍ଗୀ !

ଗିରି—ଯାଉଛ କାହିଁକି ସଙ୍ଗୀ ! ତୁମେ ମୋର ପ୍ରାଣର ସଙ୍ଗୀ ! ତୁମ ପରି ନାହିଁ କେହି—ତୁମେ ରତ୍ନମୟୀ ।

ରତ୍ନ—କଥାରେ ତୁମେ ଚିରଜୟୀ । ମୁଁ ତୁମ ପାଖରେ ଗଲି ମୂକ ହୋଇ । କାହା ସଙ୍ଗେ ମିଳନ କରଉ ସଙ୍ଗୀ ।

ଗିରି—ଆଉର ମିଳନ କାହିଁ ସଙ୍ଗୀ ?

Digitized by srujanika@gmail.com

ରତ୍ନ—ତୁମ ମୂର୍ତ୍ତିରେ କାହିଁ ସନ୍ଧ୍ୟା—ଆଜ ମିଳନ ଘୁଟେହିଁ ନାହିଁ । ଯାଉଛୁ ମୋ କାମେ ସନ୍ଧ୍ୟା !

ଏହାପରେ ଥିଲା ପରଦାସ ଭିତରେ ରତ୍ନମୟୀ ନିଦ୍ରାରୁ ଉଠି ଘରକାମ କରିବାକୁ ଚାଲିଗଲେ । ମୃଣାଳିନୀଙ୍କ ନିଦ ଭାଙ୍ଗିଥିଲେହେଁ ସେ ସେପର୍ଯ୍ୟନ୍ତ କୌଣସି କଥା କହୁ ନଥିଲେ । ଏତିକିବେଳେ ଗିରିଜାୟା ତାଙ୍କୁ ଡାକି କହିଲେ—ଠାକୁରାଣୀଙ୍କ ନିଦ୍ରା ଭଙ୍ଗ ହେଲଣି ତ ?

ମୃଣାଳିନୀ—ହଁ—ନିଦ ଆଜ ଆଖିରେ ନାହିଁ—ଡାକ ଶୁଣି ନିଦ୍ରାଭଙ୍ଗ ।

ଗିରି—କ'ଣ ଏତେ ଭାବୁଛ ଯେ !

ମୃଣାଳିନୀ—ଯାହା ସବୁଦିନେ ଭାବୁଥାଏ ।

ଗିରିଜାୟା ଗମ୍ଭୀର ଭାବେ କହିଲେ—କ'ଣ କରିବ—ମୋର ଟିକେ ବି ଦୋଷ ନାହିଁ । ମୁଁ ଶୁଣିଛି ସେ ଏଇ ନଗରରେ ଅଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ତାଙ୍କର ସନ୍ଧାନ ପାଇଲି ନାହିଁ । କିନ୍ତୁ ଆମେ ମାତ୍ର ଏଇ ଦୁଇ ତିନି ଦିନ ହେଲା ଏଠାକୁ ଆସିଛେ । ଶୀଘ୍ର ସନ୍ଧାନ କରିଦେବା ।

ମୃଣାଳିନୀ—ଗିରିଜାୟା ! ଯଦି ଏଇ ନଗରରେ ତାଙ୍କର ସନ୍ଧାନ ନମିଳେ ତେବେ ଏଇ କୈବର୍ତ୍ତ ଘରେ ମୃତ୍ୟୁ ପର୍ଯ୍ୟନ୍ତ ରହିବାକୁ ପଡ଼ିବ । ଆଉ ଅନ୍ୟତ୍ର ଯିବାକୁ ଯେ ମୋର ସ୍ଥାନ ନାହିଁ ।

ମୃଣାଳିନୀ ଏହା କହି ତକିଆରେ ମୁହଁ ଲୁଚାଇ କହିଁ କହିଁ ହୋଇ କାନ୍ଦିଲେ । ଗିରିଜାୟାର ଗଣ୍ଡଦେଶ ଦେଇ ନୀରବରେ ଅଶ୍ରୁ ଝରଝର ଝରିବାକୁ ଲାଗିଲା । ଏହି ସମୟରେ ରତ୍ନମୟୀ ବ୍ୟସ୍ତ ହୋଇ ଘର ଭିତରକୁ ଆସି କହିଲେ—ସଖୀ ସଖୀ, ଦେଖିବ ଯାଅ । ଆମ ଘରପାଖ ବରଗଛ ତଳେ କିଏ ଜଣେ ଶୋଇପଡ଼ିଛନ୍ତି । ସେ ଜଣେ ଅପୂର୍ବ ପୁରୁଷ ।

ଗିରିଜାୟା କୁଟୀରଦ୍ୱାରକୁ ଚାଲିଆସିଲେ । ମୃଣାଳିନୀ ମଧ୍ୟ ପଛେ ପଛେ ଅନୁସରଣ କଲେ ଗିରିଜାୟାଙ୍କୁ । ଉଭୟଙ୍କର ଦୃଷ୍ଟି ପଡ଼ିବା ମାତ୍ରେ ଚିହ୍ନି-ପାରିଲେ କିଏ ଏଇ ଅପୂର୍ବ ଯୁବକଜଣକ । ସାଗର ସତେ ଅବା ପୂର୍ଣ୍ଣଚନ୍ଦ୍ର କିରଣ ସ୍ପର୍ଶରେ ଉତ୍‌ଫୁଲ୍ଲ ହୋଇଉଠିଲା । ମୃଣାଳିନୀ ଗିରିଜାୟାଙ୍କୁ ଆନନ୍ଦ ଅତିଶଯ୍ୟରେ ଆଲିଙ୍ଗନ କଲେ । ଗିରିଜାୟା ଖୁସିରେ ଗାଇ ଉଠିଲେ—"କଣ୍ଟକେ ଗଢ଼ିଲେ ବିଧି ମୃଣାଳ ଅଧମେ"—ଯାହାର ଅର୍ଥ ହେଲା ମୃଣାଳକୁ ଦାରୁଣ ବିଧି ଯାହା କଣ୍ଟକରେ ଜଡ଼ିତ କଲା ?

Digitized by srujanika@gmail.com

ସେଇ ଧ୍ୱନି ସ୍ୱପ୍ନ ପରି ହେମଚନ୍ଦ୍ରର କର୍ଣ୍ଣଗହ୍ୱରରେ ପ୍ରବେଶ କଲା । ଗିରିଜାୟା ମୃଣାଳିନୀଙ୍କୁ ଠେଲିଆଣୁଥିବା ଦେଖି ସେ କହିଲେ, "ଚୁପ୍ ରାକ୍ଷସୀ-- ମୋର ତାଙ୍କ ସଙ୍ଗେ ଦେଖାସାକ୍ଷାତ ବର୍ତ୍ତମାନ ସମ୍ଭବ ନୁହେଁ । ଏଇ ସେ ଉଠିଲେଣି । ଆମେ ଏଇ ଅନ୍ଧକାରରେ ରହି ଦେଖିବା ସେ କ'ଣ କରୁଛନ୍ତି । ସେ ଯେଉଁଠାକୁ ଯିବେ ତାଙ୍କର ଅଜଣାରେ ତାଙ୍କୁ ଅନୁସରଣ କର । ଏଁ—ଏ କ'ଣ, ତାଙ୍କର ଦେହସାରା ଯେ ରକ୍ତ ! ଚାଲ ଗିରିଜାୟା—ମୁଁ ଆଉ ଅପେକ୍ଷା କରିପାରିବନି—ମୁଁ ବି ତୁମ ସାଙ୍ଗରେ ଯିବି ।"

ହେମଚନ୍ଦ୍ରଙ୍କର ନିଦ୍ରା ଭଙ୍ଗ ହେଲା । ସକାଳ ହେବାରୁ ସେ ଶୂଳଦଣ୍ଡ ଉପରେ ଭର ଦେଇ ଉଠିବାକୁ ଚେଷ୍ଟାକଲେ । ବହୁ କଷ୍ଟରେ ଉଠି ଧୀରେ ଧୀରେ ଗୃହାଭିମୁଖେ ଚାଲିଲେ । ହେମଚନ୍ଦ୍ର କିଛି ଦୂର ଚାଲିଯିବା ପରେ ମୃଣାଳିନୀ ଏବଂ ଗିରିଜାୟା ତାଙ୍କୁ ଅନୁସରଣ କରିବା ପାଇଁ ଘରୁ ବାହାରିଲେ । ସେତିକବେଳେ ରତ୍ନମୟୀ ପଚାରିଲେ—ଠାକୁରାଣୀ, ସେ ତୁମର କିଏ ?

ମୃଣାଳିନୀ କହିଲେ—"ସେ ମୋର ଦେବତା" ।

ପ୍ରତୀକ୍ଷା

ବିଶ୍ରାମ କରିବା ପରେ ହେମଚନ୍ଦ୍ର କିଛି ପରିମାଣରେ ସୁସ୍ଥ ଅନୁଭବ କଲେ । ରକ୍ତସ୍ରାବ ମଧ୍ୟ ଧୀରେ ଧୀରେ କମିଆସିଲା । ଶୂଳଟି ଧରି ହେମଚନ୍ଦ୍ର ସ୍ୱଚ୍ଛନ୍ଦରେ ଘରକୁ ଫେରି ଆସିଲେ । ଘରକୁ ଆସି ଦେଖନ୍ତି ମନୋରମା ଦୁଆରେ ଠିଆହୋଇଛନ୍ତି । ମୃଣାଳିନୀ ଓ ଗିରିଜାୟା ଅନ୍ଧକାରରେ ରହି ମନୋରମାଙ୍କୁ ଦେଖିଲେ । ମନୋରମା ଠିଆ ହୋଇଥିଲେ ଠିକ୍ ଏକ ଚିତ୍ର ପ୍ରତିମା ପରି । ମୃଣାଳିନୀ ମନେ ମନେ ଭାବିଲେ—ମୋର ସ୍ୱାମୀ ଯଦି ଏହାର ରୂପରେ ବଶୀଭୂତ ହୋଇଛନ୍ତି ତେବେ ମୋର ସୁଖର ନିଶି ପାହି ସାରିଛି । ଗିରିଜାୟା ଭାବିଲେ—ରାଜପୁତ୍ର ଯଦି ଏଇ ସୁନ୍ଦରୀର ରୂପରେ ମୁଗ୍‌ଧ, ତେବେ ଆମ ଠାକୁରାଣୀଙ୍କ କପାଳ ଫାଟିଲା ଜାଣ ।

ହେମଚନ୍ଦ୍ର ମନୋରମା ନିକଟକୁ ଆସି କହିଲେ, "ମନୋରମା, ଏଠାରେ ଏଭଳି ଭାବରେ ଠିଆହୋଇଛ କାହିଁକି ?"

Digitized by srujanika@gmail.com

ମନୋରମା କୌଣସି କଥା କହିଲେ ନାହିଁ । ହେମଚନ୍ଦ୍ର ପୁଣି ଡାକିଲେ—'ମନୋରମା' । ମନୋରମା ତଥାପି ନିରୁତ୍ତର । ହେମଚନ୍ଦ୍ର ଦେଖିଲେ ମନୋରମା ଶୂନ୍ୟକୁ ଏକ ଧ୍ୟାନରେ ଚାହିଁରହିଛନ୍ତି । ହେମଚନ୍ଦ୍ର ପୁଣି ଡାକିଲେ—ମନୋରମା, କ'ଣ ହୋଇଛି ତୁମର ? ମନୋରମା ଏଇଥର ଦୃଷ୍ଟି ଫେରାଇଲେ ହେମଚନ୍ଦ୍ର ଆଡ଼କୁ । କିଛି ସମୟ ଅପଲକ ନେତ୍ରରେ ତାଙ୍କୁ ଚାହିଁ ରହିଲେ । ହେମଚନ୍ଦ୍ରଙ୍କ ରୁଧିରସିକ୍ତ ପରିଚ୍ଛଦ ଦେଖି ବିସ୍ମିତ ହୋଇଉଠି କହିଲେ—ଏ କଣ ହେମଚନ୍ଦ୍ର ? ଏତେ ରକ୍ତ ? ଏହାଛଡ଼ା ତୁମର ମୁଖମଣ୍ଡଳ ଶୁଷ୍କ ଓ ମଳିନ ? ତୁମେ କ'ଣ ଆହତ ?

ହେମଚନ୍ଦ୍ର ଅଙ୍ଗୁଳି ନିର୍ଦ୍ଦେଶ କରି ନିଜ ସ୍କନ୍ଧ ଦେଶର କ୍ଷତ ପ୍ରତି ଇଙ୍ଗିତ କଲେ । ମନୋରମା ତତ୍‌କ୍ଷଣାତ୍ ହେମଚନ୍ଦ୍ରଙ୍କର ହାତ ଧରି ପଲଙ୍କ ଉପରକୁ ନେଇଗଲେ । ତାଙ୍କ ଦେହରୁ ଗୋଟିଗୋଟି କରି ସମସ୍ତ ପୋଷାକ ଖୋଲି ଶରୀରରୁ ସମସ୍ତ ରକ୍ତ ଧୋଇବାକୁ ଲାଗିଲେ । କେତେ କେତେ ଦୁବଘାସ ଆଣି ନିଜେ ଚୋବାଇ ତାର ରସ କ୍ଷତ ମୁଖରେ ଦେଇ ଖଣ୍ଡେ କନାରେ ପଟି ବାନ୍ଧିଦେଲେ । ତାପରେ କହିଲେ—ହେମଚନ୍ଦ୍ର, ଆଜି କ'ଣ କରିବ ? ତୁମେ ତ ସାରାରାତି ଅନିଦ୍ରାରେ କାଟିଛ—କ'ଣ ଶୋଇବ ?

ହେମଚନ୍ଦ୍ର—ପ୍ରକୃତରେ ମନୋରମା, ଅନିଦ୍ରା ଯୋଗୁ ବଡ଼ କଷ୍ଟ ପାଉଛି ।

ମନୋରମା ହେମଚନ୍ଦ୍ରଙ୍କୁ ସେବା ଶୁଶ୍ରୂଷା କରିବା ଦେଖି ମୃଣାଳିନୀ ଗିରିଜାୟାଙ୍କୁ ଅତି ଚମତ୍କୃତଭାବରେ କହିଲେ—ଗିରିଜାୟା, ଏ କିଏ ?

ଗିରି—ନାଆଁରୁ ଜାଣିଛି ସେ ମନୋରମା ବୋଲି ।

ମୃଣାଳିନୀ—ଏଇ ମନୋରମା କ'ଣ ହେମଚନ୍ଦ୍ରଙ୍କର ମନୋରମା ?

ଗିରି—ତୁମେ କ'ଣ ଭାବୁଛ ?

ମୃଣାଳିନୀ—ମୁଁ ଭାବୁଛି ମନୋରମା ହିଁ ପ୍ରକୃତରେ ଭାଗ୍ୟବତୀ । ମୁଁ ହେମଚନ୍ଦ୍ରଙ୍କର ସେବା କରିପାରିଲିନି—କିନ୍ତୁ ସେ କଲେ । ଯେଉଁ କାର୍ଯ୍ୟ କରିବା ପାଇଁ ମୁଁ ଗଭୀର ଅନ୍ତର୍ଦାହରେ ଦଗ୍ଧୀଭୂତ ହେଉଥିଲି ସେଇ କାମ ମୋର ଆଖି ଆଗରେ ମନୋରମା ଅନାୟାସରେ କରିପାରିଲା । ଭଗବାନ ତାଙ୍କୁ ଆୟୁଷ୍ମତୀ କରନ୍ତୁ । ଗିରିଜାୟା ମୁଁ ଘରକୁ ଯାଉଛି । ମୋର ଆଉ ଏଠାରେ ରହିବା ଉଚିତ ନୁହେଁ । ତୁମେ ଏହି ଗାଁରେ ରହିଯାଅ ।

Digitized by srujanika@gmail.com

ହେମଚନ୍ଦ୍ର କପଟ ଅନ୍ତତ ଖବର ଅନ୍ତର ବୁଝୁଥାଅ । ମନୋରମା ଯିଏ ହୁଅନ୍ତୁ ନା କାହିଁକି ହେମଚନ୍ଦ୍ର ମୋର—ଏକାନ୍ତସ୍ନେହ-ବ୍ରହ୍ମ ନଜର ।

କୁହୁଳ

ମନୋରମା ଏବଂ ହେମଚନ୍ଦ୍ର ଘର ଭିତରକୁ ପ୍ରବେଶ କଲେ । ମୃଣାଳିନୀଙ୍କୁ ବିଦାୟ ଦେଇ ଗିରିଜାୟା ଉପବନଗୃହ ପ୍ରଦକ୍ଷିଣ କରିବାକୁ ଲାଗିଲେ । ଝରକା ଫାଙ୍କଦେଇ ଛପି ଛପି ଘରଭିତରକୁ ଉଙ୍କି ମାରି ଚାହିଁଲେ । ଦେଖିଲେ-ହେମଚନ୍ଦ୍ର ଶୋଇଛନ୍ତି ଏବଂ ମନୋରମା ଶେଯ ଉପରେ ବସିଛନ୍ତି । ଗିରିଜାୟା ଝରକା ତଳେ ଛପି ବସି ରହିଲେ । ଏହି ଝରକାବାଟେ ହେମଚନ୍ଦ୍ର ଯବନକୁ ଦେଖିଥିଲେ । ହେମଚନ୍ଦ୍ର ଓ ମନୋରମା ଭିତରେ କି କଥାବାର୍ତ୍ତା ଚାଲିଛି ତାହା ଶୁଣିବା ଉଦ୍ଦେଶ୍ୟରେହିଁ ଗିରିଜାୟା ବାହାରପାଖେ ଝରକା ତଳେ ଛପି ବସିରହିଥିଲେ । କିନ୍ତୁ ହେମଚନ୍ଦ୍ର ଶୋଇ ଯାଇଥିବାରୁ କୌଣସି କଥାବାର୍ତ୍ତା ହେଉନଥିଲେ । ତେଣୁ ଗିରିଜାୟାଙ୍କୁ ଦୁଆର ଝରକା ପାଖରେ ବସି ବସି ବିରକ୍ତ ଲାଗିଲା ।

କିଛି ସମୟ ପରେ ଗିରିଜାୟାଙ୍କର ମନସ୍କାମନା ପୂର୍ଣ୍ଣହେଲା । ହେମଚନ୍ଦ୍ରଙ୍କର ନିଦ ଭାଙ୍ଗିଲା । ମନୋରମା ତାଙ୍କୁ ପଚାରିଲେ—କ'ଣ ତୁମର ନିଦ ଭାଙ୍ଗିଲା ?

ହେମଚନ୍ଦ୍ର—ହଁ—ବେଶ୍ ଭଲ ନିଦ ହୋଇଥିଲା ।

ମନୋରମା—ଏବେ କୁହ କିପରି ଆଘାତ ଲାଗିଲା !

ଏହା ପରେ ହେମଚନ୍ଦ୍ର ଗତରାତ୍ରିର ଘଟଣାବଳୀ ସଂକ୍ଷେପରେ ମନୋରମାଙ୍କୁ କହିବାରେ ଲାଗିଲେ । ଘଟଣା ବର୍ଣ୍ଣନା ପରେ ହେମଚନ୍ଦ୍ର କହିଲେ—ତୁମ ପ୍ରଶ୍ନର ଉତ୍ତର ମୁଁ ଦେଇଦେଲି । ଏବେ ମୋ କଥାର ଉତ୍ତର ଦିଅ । କାଲି ରାତିରେ ତୁମେ ମୋଠାରୁ ଅଲଗା ହେବା ପରେ ଯାହା ଘଟିଥିଲା ସମସ୍ତ ଗୋଟି ଗୋଟି କରି କୁହ ।

ଉତ୍ତର ଦେବାକୁ ଯାଇ ମନୋରମା ଅତି ଧୀରେ ଓ ଅସ୍ପଷ୍ଟ ସ୍ୱରରେ କ'ଣ ସବୁ କହିଲେ—ଗିରିଜାୟା ତାହା ଶୁଣିପାରିଲେ ନାହିଁ ।

Digitized by srujanika@gmail.com

ତେଣୁ କିଛି ଗୋପନରେ କଥାବାର୍ତ୍ତା ହେଉଛି ବୋଲି ସେ ଧରିନେଲେ । ଗିରିଜାୟା ଯେତେବେଳେ କୌଣସି କଥା ଶୁଣିପାରିଲେ ନାହିଁ, ଝରକା ପାଖରୁ ଉଠି ଠିଆହେଲେ । ମନମଧ୍ୟରେ ଗିରିଜାୟାଙ୍କର ଆରମ୍ଭ ହେଲା ସ୍ୱଗତୋକ୍ତି ।

ପ୍ରଶ୍ନ—ଏଇ ଚୁପ ଚୁପ୍ କଥାରୁ କ'ଣ ବୁଝିଲୁ ?

ଉତ୍ତର—କଥା ନୁହେଁ କେତୋଟି ଲକ୍ଷଣ ।

ପ୍ରଶ୍ନ—କି କି ଲକ୍ଷଣ ?

ଗିରିଜାୟା ଅଙ୍ଗୁଳି ଗଣି କହିଲେ—ପ୍ରଥମ, ଝିଅଟି ଖୁବ୍ ସୁନ୍ଦରୀ । ଏହା ଛଡ଼ା ନିଆଁ ପାଖରେ ଘିଅ ନ ତରଳି କ'ଣ ରହିପାରେ ? ଦ୍ୱିତୀୟତଃ ମନୋରମା ହେମଚନ୍ଦ୍ରଙ୍କୁ ପ୍ରାଣ ଦେଇ ଭଲପାଉ ନ ଥିଲେ ଏତେ ଯତ୍ନ ନେଉଥାନ୍ତେ କାହିଁକି ? ତୃତୀୟତଃ, ଯୁବକ ଯୁବତୀର ଏକତ୍ର ଅବସ୍ଥାନ । ଚତୁର୍ଥତଃ ଚୁପି ଚୁପି କଥାବାର୍ତ୍ତା ।

ପ୍ର—ମନୋରମା ଭଲପାଏ ! ହେମଚନ୍ଦ୍ର କ'ଣ ···

ଉ—ଓହୋ, ଏଥିରେ ସନ୍ଦେହ କରିବାର କ'ଣ ଅଛି ? ନିଆଁ ନଥିଲେ ଧୂଆଁ ଉଠିବ କାହିଁକି ? ପବନ ନଥିଲେ ପାଣିରେ କ'ଣ ଢେଉ ଉଠିବା ସମ୍ଭବ ? ମୋତେ କେହି ଭଲପାଇଲେ ମୁଁ କ'ଣ ତାକୁ ଭଲ ପାଇବି ନାହିଁ ?

ପ୍ର—କିନ୍ତୁ ମୃଣାଳିନୀ ମଧ୍ୟ ହେମଚନ୍ଦ୍ରଙ୍କୁ ଭଲପାଆନ୍ତି । ତେବେ ହେମଚନ୍ଦ୍ର ବି ତ ମୃଣାଳିନୀଙ୍କୁ ଭଲପାଉଥିବେ ?

ଉ—ଠିକ୍ ଠିକ୍ । କିନ୍ତୁ କଥା ହେଲା ହେମଚନ୍ଦ୍ରଙ୍କ ନିକଟରେ ବର୍ତ୍ତମାନ ମନୋରମା ଉପସ୍ଥିତ, ଅଥଚ ମୃଣାଳିନୀ ଅନୁପସ୍ଥିତ ।

ଏହିଭଳି ନାନାପ୍ରକାର ଭାବନା ଜାଲମଧ୍ୟରେ ଛନ୍ଦହୋଇ ଗିରିଜାୟା ଧୀରେ ଧୀରେ ଆସି ଘରର ଦୁଆରେ ଠିଆହେଲେ । ତାପରେ ଗୋଟିଏ ଗୀତରୁ ପଦେ ଗାଇ ଦେଇ କହିଲେ—"ଭିକ୍ଷା ଦିଅ ଗୋ" ।

ଅତୁଟ ବନ୍ଧନ

ଗିରିଜାୟାଙ୍କ କଣ୍ଠରୁ ଝଙ୍କୃତହେଲା ସଙ୍ଗୀତ —

ଏ କି ସଖୀ ବଧିର ବିଧାନ ?
ବ୍ରଜକିଶୋର କହ୍ନାଇ କେଉଁଠି ରହିଲେ ଯାଇ
ବ୍ରଜନାରୀ ଆକୁଳ ପରାଣ ।

Digitized by srujanika@gmail.com

ହେମଚନ୍ଦ୍ରଙ୍କ କର୍ଣ୍ଣରେ ବାଜିଲା ଏଇ ସଙ୍ଗୀତ । ସେ ଭାବିଲେ ସତରେ ଏଇ ସଂଗୀତ ଶୁଣୁଛନ୍ତି ନା ଏହା ତାଙ୍କର ସ୍ୱପ୍ନ ! ଏତିକିବେଳେ ଗିରିଜାୟା ପୁନର୍ବାର ଗାଇଉଠିଲେ—

"ପାଇ କେଉଁ ଅନ୍ୟନାରୀ　　　ହେଲେ ମୋତେ ପରକରି
　　ବିରହ ନିଆଁରେ ମରେ ଜଳି
ଶଠ ଷଟ୍‌ପଦ ସମ　　　ରସିକ ପ୍ରେମିକ ମନ
　　ସେତ ଖାଲି ରୂପର ଭିଖାରି ।"

ହେମଚନ୍ଦ୍ର କହିଲେ--"ଏ କ'ଣ ମନୋରମା--ଏ ଯେ ଗିରିଜାୟାର ସ୍ୱର ? ଏହା କହି ହେମଚନ୍ଦ୍ର ତତ୍‌କ୍ଷଣାତ୍ ଶଯ୍ୟା ତ୍ୟାଗକରି ଦଣ୍ଡାୟମାନ ହେଲେ ।

ଗିରିଜାୟାଙ୍କର ସଙ୍ଗୀତ ବନ୍ଦ ହୋଇନଥାଏ । ସେ ଗାଇବାକୁ ଲାଗିଲେ--

ପିଏ ଗଲେ ପର କରି　　　ମୁଁ କିନ୍ତୁ ପାରେନା ଭୁଲି
　　ହୃଦେ ନାଚେ ଚରଣ ଯୁଗଳ
ଯମୁନା ଜଳରେ ସଖୀ　　　ଦେବି ଏ ପରାଣ ନାଶି
　　ଅବା କରି ଭକ୍ଷିବି ଗରଳ ।"

ହେମଚନ୍ଦ୍ର ଆସି ଗିରିଜାୟାଙ୍କର ସମ୍ମୁଖରେ ଉପସ୍ଥିତ ହେଲେ । ବ୍ୟସ୍ତ ହୋଇ କହିଲେ—ଗିରିଜାୟା ? ଏ କ'ଣ ଗିରିଜାୟା—ତୁମେ ଏଠାରେ ? ତୁମେ ଏଠାରେ କାହିଁକି ? ତୁମେ ଏ ରାଜ୍ୟକୁ କେବେ ଆସିଲ ?

ଗିରିଜାୟା କହିଲେ—ମୁଁ ଏଠାକୁ ଅନେକ ଦିନ ହେଲା ଆସିଲିଣି ।

ହେମଚନ୍ଦ୍ର—କାହିଁକି ଆସିଛ ?

ଗିରି—ଭିକ୍ଷା କରିବା ମୋର ପେଶା । ରାଜଧାନୀରେ ଅଧିକ ଭିକ୍ଷା ମିଳିବ-ଏଇ ଆଶାରେ ଚୁଟିଆସିଛି ।

ଏହା ପରେ ପୁଣି ଗିରିଜାୟା ଗାଇବାକୁ ଲାଗିଲେ । ମାତ୍ର ହେମଚନ୍ଦ୍ର ଗୀତ ପ୍ରତି କର୍ଣ୍ଣପାତ ନ କରି ପଚାରିଲେ— ମୃଣାଳିନୀ କିପରି ଅଛନ୍ତି ? ଆସିଲାବେଳେ ଦେଖିଆସିଛ ତ ?

ଗିରିଜାୟା କହିଲେ—ମୃଣାଳିନୀକୁ ମୁଁ ଦେଖି ଆସିନାହିଁ । ତେବେ ଏ ଗୀତ ଯଦି ଆପଣଙ୍କୁ ଭଲ ନ ଲାଗୁଛି ତେବେ ଅନ୍ୟ ଗୀତ ଗାଉଛି ।

ହେମଚନ୍ଦ୍ର କହିଲେ ତୁମକୁ ମିନତି କରୁଛି ଗିରିଜାୟା—ତୁମେ କୌଣସି ଗୀତ ନଗାଇ ମୃଣାଳିନୀର ସମ୍ବାଦ ଯାହା ଜାଣିଛ କୁହ ।

Digitized by srujanika@gmail.com

ଗିରିଜାୟା—କ'ଣ ଆଉ କହିବି ?

ହେମ—ମୃଣାଳିନୀଙ୍କୁ କାହିଁକି ସାକ୍ଷାତ କରି ଆସିଲ ନାହିଁ ?

ଗିରି—ଗୌଡ଼ ରାଜ୍ୟରେ ସେ ନାହାଁନ୍ତି ?

ହେମ—କାହିଁକି ? ତେବେ କୁଆଡ଼େ ଗଲେ ।

ଗିରି—ମଥୁରାକୁ···

ହେମ—ମଥୁରା ? ମଥୁରାକୁ କାହା ସାଙ୍ଗରେ ଗଲେ ? କିପରି ଗଲେ ? କାହିଁକି ବା ଗଲେ ?

ଗିରି—ତାଙ୍କ ବାପା କିପରି ସନ୍ଧାନ ପାଇ ଲୋକପଠାଇ ତାଙ୍କୁ ନେଇଗଲେ । ବୋଧହୁଏ ତାଙ୍କର ବିବାହ ସ୍ଥିର କରି ତାଙ୍କୁ ନେଇଗଲେ ।

ହେମ—କ'ଣ କହିଲ ? ବିବାହ ଦେବାକୁ ନେଇଗଲେ ?

ଗିରି—ହଁ ହଁ ମୃଣାଳିନୀଙ୍କୁ ବିବାହ ଦେବାପାଇଁ ତାଙ୍କ ବାପା ଲୋକ ପଠାଇ ତାଙ୍କୁ ନେଇଗଲେ । ଏବେ ବୁଝିଲତ ଭଲରାବେ ?

ହେମଚନ୍ଦ୍ର ଏ କଥା ଶୁଣି ମୁହଁ ବୁଲାଇଦେଲେ । ଗିରିଜାୟା ସେ ମୁହଁ ଦେଖିବାକୁ ପାଇଲେ ନାହିଁ କିମ୍ବା ସ୍କନ୍ଧଦେଶରୁ ଛିନ୍ନ ମୁଖ ଦେଇ ଛୁଟି ଆସୁଥିବା ରକ୍ତ ଧାରରେ ଜଉବୁଡ଼ ହୋଇଥିବା ଲୁଗାମଧ୍ୟ ଦେଖିବାକୁ ପାଇଲେ ନାହିଁ । ସେ ପୂର୍ବ ପରି ଗାଇବାକୁ ଲାଗିଲେ—ସେଇ ହୃଦୟବିଦାରକ ସଙ୍ଗୀତ ।

ହେମଚନ୍ଦ୍ର ଗିରିଜାୟାଙ୍କୁ ଲକ୍ଷ୍ୟ କରି କହିଲେ—"ଗିରିଜାୟା, ତୁମର ସଂବାଦ ଶୁଭ୍ ମଙ୍ଗଳକର ।" ଏତକ କହି ହେମଚନ୍ଦ୍ର ଗୃହ ମଧ୍ୟକୁ ଫେରିଗଲେ । ଗିରିଜାୟାର ମୁଣ୍ଡରେ ସତେ ଅବା ଆକାଶ ଛିଡ଼ିପଡ଼ିଲା । ଗିରିଜାୟା ଭାବିଥିଲେ—ମୃଣାଳିନୀର ବିବାହ କଥାପ୍ରସଙ୍ଗରେ କହି ସେ ହେମଚନ୍ଦ୍ରଙ୍କର ମୃଣାଳିନୀ ପ୍ରତି ଅନୁରକ୍ତି ପରୀକ୍ଷା କରିବ । ସେ ଭାବିଥିଲେ ମୃଣାଳିନୀର ବିବାହ କଥା ଶୁଣି ହେମଚନ୍ଦ୍ର ବୋଧହୁଏ ରାଗ କରିବେ, ଦୁଃଖ କରିବେ—ଅଭିମାନ କରିବେ—କିନ୍ତୁ କାହିଁ ? ହେମଚନ୍ଦ୍ରଙ୍କର ତ ସେପରି କିଛି ଲକ୍ଷଣ ଦେଖାଗଲା ନାହିଁ ? ତେଣୁ ସେ କପାଳରେ ହାତପକାଇ କହିଲେ— ହେ ଭଗବାନ, ମୁଁ କ'ଣ କଲି ? ପରିହାସ କରି ଏଇ ମିଛ କଥା କହିଲି କାହିଁକି ? ହେମଚନ୍ଦ୍ର ଏ ସମ୍ବାଦକୁ ମଙ୍ଗଳକର ବୋଲି କହି ଆନନ୍ଦିତ ହେବାର ଦେଖିଲି । ବର୍ତ୍ତମାନ ମୋ ଠାକୁରାଣୀଙ୍କର ଦଶା କ'ଣ ହେବ ? ହେମଚନ୍ଦ୍ର ଯେ ଏଇ ସମ୍ବାଦ ଶୁଭ ବୋଲି କାହିଁକି କହିଲେ—ତାହା ବୁଝିବା କ୍ଷମତା ଭିକାରୁଣୀ ଗିରିଜାୟାର

Digitized by srujanika@gmail.com

ଆସିବ କେଉଁଠୁ ? ହେମଚନ୍ଦ୍ର ଏଇ ସମ୍ବାଦ ପାଇ ମନେ ମନେ କ୍ରୋଧାନ୍ୱିତ ହୋଇଥିଲେ । ତୁଏତ ଗୁରୁ ମାଧବାଚାର୍ଯ୍ୟଙ୍କୁ ସେ ସେଇ ମୁହୂର୍ତ୍ତରେ ହତ୍ୟା କରିଥାନ୍ତେ । ତେଣୁ ଅଭିମାନ ଓ କ୍ରୋଧରେ ସେ ଗିରିଜାୟାଙ୍କୁ କହିଲେ— ଗିରିଜାୟା, ତୁମେ ଖୁବ୍ ଶୁଭ ସମ୍ବାଦ ଆଣି ଦେଇଛ !

ଏଣୁ ଗିରିଜାୟା ଭାବିଲେ ହେମଚନ୍ଦ୍ରଙ୍କର ମୃଣାଳିନୀ ପ୍ରତି ଆଉ ବୋଧହୁଏ ସ୍ନେହ ସରାଗ ନାହିଁ । ତାଙ୍କୁ କେହି ଭିକ୍ଷା ଦେଲେ ନାହିଁ । ସେ ମଧ୍ୟ ଭିକ୍ଷା ପାଇଁ ଅପେକ୍ଷା କଲେ ନାହିଁ । ଶିକୁଳ ଛିଡ଼ିଯାଇଛି— ଏହି କଥା ଚିନ୍ତା କରି ଘର-ଆଡ଼େ ଚାଲିଲେ ଗିରିଜାୟା ।

ଆଉ ଗୋଟିଏ ସମ୍ବାଦ

ସେଇଦିନ ମାଧବାଚାର୍ଯ୍ୟଙ୍କର ପର୍ଯ୍ୟଟନ ସମାପ୍ତ ହେଲା । ସେ ଆସି ନବଦ୍ୱୀପରେ ପହଞ୍ଚିଲେ । ସାଙ୍ଗେ ସାଙ୍ଗେ ଆସି ପ୍ରିୟ ଶିଷ୍ୟ ହେମଚନ୍ଦ୍ରଙ୍କୁ ସାକ୍ଷାତ ଦେଲେ । ଆଶୀର୍ବାଦ, ଆଲିଙ୍ଗନ ଏବଂ କୁଶଳ ପ୍ରଶ୍ନାଦି ସମସ୍ତ ପରେ ଉଭୟେ ଉଭୟଙ୍କର ଉଦ୍ଦେଶ୍ୟ ସାଧନ ସମ୍ବନ୍ଧରେ କଥାବାର୍ତ୍ତା କରିବାକୁ ଲାଗିଲେ । ଦେଶ ପର୍ଯ୍ୟଟନ ସମ୍ବନ୍ଧରେ ନିଜର ଅଭିଜ୍ଞତା ଜଣାଇ ମାଧବାଚାର୍ଯ୍ୟ କହିଲେ -- ବହୁ ଶ୍ରମ ସାଧନା ପରେ ମୁଁ ଅବଶ୍ୟ କେତେକ ପରିମାଣରେ କୃତକାର୍ଯ୍ୟ ହୋଇଛି । ରାଜନ୍ୟମଣ୍ଡଳୀ ମଧ୍ୟରୁ ଅନେକେ ରଣକ୍ଷେତ୍ରରେ ସୈନ୍ୟ-ଗଣ ସହ ଉପସ୍ଥିତ ହୋଇ ସେନ୍ ରାଜାଙ୍କୁ ସାହାଯ୍ୟ କରିବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଖୁବ୍ ଶୀଘ୍ର ସେମାନେ ଆସି ନବଦ୍ୱୀପରେ ଉପସ୍ଥିତ ହେବେ ।

ହେମଚନ୍ଦ୍ର କହିଲେ—ସେମାନେ ଆଜ ଏଠାରେ ଉପସ୍ଥିତ ନ ହେଲେ ସକଳ ଚେଷ୍ଟା ବିଫଳ ହେବ । ଯବନ ସେନାମାନେ ଆସି ମହାବନରେ ଶିବିର ସ୍ଥାପନ କରିଛନ୍ତି । ଆଜ କାଲି ମଧ୍ୟରେ ଆକ୍ରମଣ କରିବେ ।

ମାଧବାଚାର୍ଯ୍ୟ ଶିହରି ଉଠି କହିଲେ—ଗୌଡ଼େଶ୍ୱର ପକ୍ଷରୁ କି ପ୍ରକାର ଉଦ୍ୟମ ଆରମ୍ଭ ହୋଇଛି ?

ହେମ--କିଛି ନାହିଁ, ବୋଧହୁଏ ରାଜାଙ୍କ କର୍ଣ୍ଣକୁ ଏ ସମ୍ବାଦ ଏ ପର୍ଯ୍ୟନ୍ତ ଯାଇନାହିଁ । ମୁଁ ତେବାକୁ କାଲି ଏ ସମ୍ବାଦ ପାଇଛି ।

Digitized by srujanika@gmail.com

ମାଧବାଚାର୍ଯ୍ୟ—ଏ ବିଷୟ ତୁମେ ନିଜେ ରାଜାଙ୍କୁ କହି ଉପଯୁକ୍ତ ପରାମର୍ଶ ଦେଉନାହଁ କାହିଁକି ?

ହେମ ସମ୍ବାଦ ପ୍ରାପ୍ତି ପରେ ପରେ ପଥରେ ଦସ୍ୟୁଦ୍ୱାରା ଆକ୍ରାନ୍ତ ହୋଇ ପଡ଼ିଥିଲି । ଏଇମାତ୍ର ଘରକୁ ଆସି କିଛି ସମୟ ବିଶ୍ରାମ ନେଇଛି । ଶରୀର ଦୁର୍ବଳ ହୋଇ ପଡ଼ିଥିବା ଯୋଗୁ ରାଜାଙ୍କ ନିକଟକୁ ଯାଇପାରି ନାହିଁ— ବର୍ତ୍ତମାନ ଯାଉଛି ।

ମାଧବ- ନା—ବର୍ତ୍ତମାନ ତୁମେ ବିଶ୍ରାମକର । ମୁଁ ନିଜେ ରାଜାଙ୍କ ନିକଟକୁ ଯାଉଛି । ତୁମେ ଯାହା କହିବା ଆବଶ୍ୟକ ପରେ ମୁଁ ନିଜେ ଜଣାଇବି ।" ଏହା କହି ମାଧବାଚାର୍ଯ୍ୟ ଉଠି ଠିଆହେଲେ ।

ହେମଚନ୍ଦ୍ର କହିଲେ—ଗୁରୁଦେବ, ଆପଣ ଗୌଡ଼ ପର୍ଯ୍ୟନ୍ତ ଯାଇଥିଲେ ବୋଲି ଶୁଣିଲି······

ମାଧବାଚାର୍ଯ୍ୟ ହେମଚନ୍ଦ୍ରଙ୍କର ପଚାରିବାର ଅଭିପ୍ରାୟ ବୁଝିପାରିଲେ । ହେମଚନ୍ଦ୍ର ଯେ ମୃଣାଳିନୀର ସନ୍ଧାନ ଜାଣିବା ପାଇଁ ବ୍ୟଗ୍ର ଏ କଥା ସେ ସହଜରେ ବୁଝି ପାରିଲେ । କହିଲେ ହଁ—ଯାଇଥିଲି । ତୁମେ ମୃଣାଳିନୀର ସମ୍ବାଦ ଜାଣିବାପାଇଁ ବ୍ୟସ୍ତ । କିନ୍ତୁ ସେ ସେଠାରେ ନାହାନ୍ତି ।

ହେମ—କେଉଁଠାକୁ ଯାଇଛନ୍ତି ?

ମାଧବ—ମୁଁ ତାହା ଜାଣେନା—କେହି କିଛି ସମ୍ବାଦ ଦେଇପାରିଲେ ନାହିଁ ।

ହେମ—କାହିଁକି ଯାଇଛନ୍ତି ?

ମାଧବ—ସେ ସମସ୍ତ ସମ୍ବାଦ ଯୁଦ୍ଧ ପରେ ଜଣାଇବି ।

ହେମଚନ୍ଦ୍ର ଭ୍ରୂକୁଟି କରି କହିଲେ—ପ୍ରକୃତ ଘଟଣା ମୋତେ ଜଣାଇ ଦେଲେ ମୁଁ ମର୍ମଯନ୍ତ୍ରଣାରେ ଅସ୍ଥିର ହୋଇପଡ଼ିବି ଏ ଆଶଙ୍କା ଆପଣ କରନ୍ତୁ ନାହିଁ । ମୁଁ ମଧ୍ୟ କିଛି କିଛି ଶୁଣି ସାରିଛି । ତେଣୁ ଆପଣ ଯାହା ଶୁଣିଛନ୍ତି— ନିଃସଙ୍କୋଚରେ ପ୍ରକାଶ କରନ୍ତୁ ।

ମାଧବାଚାର୍ଯ୍ୟ ଗୌଡ଼ନଗରକୁ ଯାଇ ହୃଷୀକେଶକୁ ସାକ୍ଷାତ କରିଥିଲେ । ହୃଷୀକେଶ ମୃଣାଳିନୀ ସମ୍ବନ୍ଧରେ ସେଇ ପୂର୍ବକଥିତ ଭୁଲ ତଥ୍ୟ ଜଣାଇଥିଲେ । ମୃଣାଳିନୀ ଯେ ପ୍ରକୃତ କୁଳଟା ଏ ଧାରଣା ମାଧବାଚାର୍ଯ୍ୟଙ୍କର ମଧ୍ୟ ହୃଦବୋଧ ହୋଇଥିଲା । ଏହାଛଡ଼ା ମାଧବାଚାର୍ଯ୍ୟ ସ୍ତ୍ରୀଜାତି ପ୍ରତି ଆଦୌ ଅନୁରାଗୀ

Digitized by srujanika@gmail.com

ନଥିଲେ । ତେଣୁ ନାଗ ତତ୍ତ୍ୱ ବୁଝିବା ତାଙ୍କ ପକ୍ଷେ ସମ୍ଭବପର ନଥିଲା । ବର୍ତ୍ତମାନ ହେମଚନ୍ଦ୍ରଙ୍କଠାରୁ ଏ ଖବର ଶୁଣି ମାଧବାଚାର୍ଯ୍ୟ ଭାବିଲେ ସମ୍ଭବତଃ ହେମଚନ୍ଦ୍ର ମୃଣାଳିନୀଙ୍କର ସେଇ ତତ୍ତ୍ୱ ସମ୍ବନ୍ଧରେ କିଛି ସୂଚନା ପାଇଛନ୍ତି । ମୃଣାଳିନୀଙ୍କ ପ୍ରତି ହେମଚନ୍ଦ୍ରଙ୍କର ଆସକ୍ତି ବୋଧହୁଏ ତୁଟି ଯାଇଛି । ତେଣୁ ମାଧବାଚାର୍ଯ୍ୟ ନିଃସଙ୍କୋଚରେ କୌଣସି ତଥ୍ୟ ଗୋପନରେ ନ ରଖି ହୃଷୀକେଶ-ବର୍ଣ୍ଣିତ ସମସ୍ତ ଘଟଣା ଗୋଟି ଗୋଟି କରି କହିଗଲେ ।

ହେମଚନ୍ଦ୍ର ଅଧୋମୁଖ ହୋଇ ଭ୍ରୂକୁଟି କୁଟିଳ ଲଲାଟ ସଂସ୍ଥାପିତ କରି ନିଶବ୍ଦରେ ସମୁଦାୟ ବୃତ୍ତାନ୍ତ ଶୁଣିବାକୁ ଲାଗିଲେ । ମାଧବାଚାର୍ଯ୍ୟଙ୍କ କଥା ଶେଷ ହେବା ପର୍ଯ୍ୟନ୍ତ ପଦଟିଏ ବି କିଛି କହିଲେ ନାହିଁ—ସେହିପରି ନିରୁତ୍ତର ରହିଲେ । ମାଧବାଚାର୍ଯ୍ୟ ବାରମ୍ବାର ହେମଚନ୍ଦ୍ରଙ୍କୁ ସମ୍ବୋଧନ କଲେହେଁ ହେମଚନ୍ଦ୍ର କିଛି ଉତ୍ତର ଦେଲେନାହିଁ । ସମ୍ଭବତଃ ହେମଚନ୍ଦ୍ର ଘୋର ଅନ୍ତର୍ଦାହ ଭିତରେ ଚେତନାଶୂନ୍ୟ ହୋଇ ପଡ଼ିଥିଲେ । ମାଧବାଚାର୍ଯ୍ୟ ତେଣୁ ଉଠିପଡ଼ି ହେମଚନ୍ଦ୍ରଙ୍କ ହାତ ଧରି ଅତି କୋମଳ ସ୍ନେହମୟ ସ୍ୱରରେ କହିଲେ—ବତ୍ସ ! ମୁହଁ ଟେକ । ମୋ ସଙ୍ଗେ କଥା କୁହ ।

ହେମଚନ୍ଦ୍ର ମୁଖ ଟେକିଲେ । ସେ ମୁଖ ଦେଖି ମାଧବାଚାର୍ଯ୍ୟ ସ୍ତମ୍ଭୀଭୂତ ହୋଇପଡ଼ିଲେ । ତଥାପି ସାହସ କରି ସେ କହିଲେ—"ହେମଚନ୍ଦ୍ର, ମୋ ସଙ୍ଗେ କଥାବାର୍ତ୍ତା କର । କ୍ରୋଧ କରିବାର କାରଣ ବ୍ୟକ୍ତ କର ।"

ହେମଚନ୍ଦ୍ର କହିଲେ—ମୁଁ କାହା କଥା ବିଶ୍ୱାସ କରିବି ? ହୃଷୀକେଶ କହିଲେ ଗୋଟିଏ ପ୍ରକାର—ଏଣେ ଭିକାରୁଣୀ କହିଲେ ଅନ୍ୟ ପ୍ରକାର ।

ମାଧବାଚାର୍ଯ୍ୟ - ଭିକାରୁଣୀ କିଏ ? ସେ କ'ଣ କହିଛି ।

ହେମଚନ୍ଦ୍ର ଅତି ସଂକ୍ଷେପରେ ଭିକାରୁଣୀଠାରୁ ଯାହା ଜାଣିଥିଲେ କହିଗଲେ ।

ମାଧବାଚାର୍ଯ୍ୟ ତାହାଶୁଣି କହିଲେ—ହୃଷୀକେଶର କଥା ବୋଧହୁଏ ମିଥ୍ୟା । ହେମଚନ୍ଦ୍ର କହିଲେ—ହୃଷୀକେଶ ଯେ ପ୍ରତ୍ୟକ୍ଷଭାବେ ସଂପୃକ୍ତ ! ଏହା କହି ହେମଚନ୍ଦ୍ର ଉଠି ଠିଆହେଲେ । ପିତୃଦତ୍ତ ଶୂଳ ହାତରେ ଧରି କମ୍ପିତ ଶରୀରରେ ଗୃହ ମଧ୍ୟକୁ ପ୍ରବେଶ କରି ଅସ୍ଥିର ଭାବରେ ପଦଚାରଣା କଲେ ।

ଆଚାର୍ଯ୍ୟ ପଚାରିଲେ—କ'ଣ ଏବେ ଭାବୁଛ ?

Digitized by srujanika@gmail.com

ହେମଚନ୍ଦ୍ର କରସ୍ଥ ଶୂଳ ଦେଖାଇ କହିଲେ—ମୃଣାଳିନୀକୁ ଏହି ଶୂଳରେ ବଧ କରିବ।

ମାଧବାଚାର୍ଯ୍ୟ ହେମଚନ୍ଦ୍ରଙ୍କର ମୁଖକାନ୍ତି ଦେଖି ଭୟଭୀତ ହୋଇପଡ଼ିଲେ। ଆଉ ସେଠାରେ ଅପେକ୍ଷା କରି ରହିପାରିଲେ ନାହିଁ। ମୃଣାଳିନୀ କହିଥିଲେ—ହେମଚନ୍ଦ୍ର ମୋର—ଏକାନ୍ତଭାବେ ସେ ମୋ ନିଜର। ଅଥଚ ସେହି ମୃଣାଳିନୀଙ୍କୁ ହେମଚନ୍ଦ୍ର ଶୂଳବିଦ୍ଧ କରିବାପାଇଁ ବଦ୍ଧପରିକର। ବାସ୍ତବିକ୍ ବିଧିର କି ବିଚିତ୍ର ବିଡ଼ମ୍ବନା।

ମୂର୍ତ୍ତ ଉନ୍ମାଦିନୀ

ଅତଃପରରେ ମାଧବାଚାର୍ଯ୍ୟ ପ୍ରତ୍ୟାବର୍ତ୍ତନ କଲେ। ସେ ସମ୍ବାଦ ନେଇ ଆସିଲେ—ଯବନ ସେନା ଆସିଛନ୍ତି ସତ, କିନ୍ତୁ ପୂର୍ବ ଅଧିକୃତ ରାଜ୍ୟଗୁଡ଼ିକରେ ବିଦ୍ରୋହ ସମ୍ଭାବନା ଶୁଣି ଯବନ ସେନାପତି ସନ୍ଧି ସଂସ୍ଥାପନ ପାଇଁ ଆଗ୍ରହୀ। ଆସନ୍ତା କାଲି ସେମାନେ ଦୂତ ପ୍ରେରଣ କରିବେ। ଦୂତ ଆଗମନକୁ ଅପେକ୍ଷା କରି ଯୁଦ୍ଧର କୌଣସି ଆୟୋଜନ ହୋଇନାହିଁ। ମାଧବାଚାର୍ଯ୍ୟ ଏତିକି ସମ୍ବାଦ ହେମଚନ୍ଦ୍ରଙ୍କୁ ଦେବା ସଙ୍ଗେ ସଙ୍ଗେ କହିଲେ—ଏହି କୁଳାଙ୍ଗାର ରାଜା ଧର୍ମାଧିକାରୀ ବୁଦ୍ଧିରେ ନଷ୍ଟ ହୋଇଯିବେ।

ହେମଚନ୍ଦ୍ର ମାଧବାଚାର୍ଯ୍ୟଙ୍କ କଥା ଶୁଣି ନ ଶୁଣିଲା ପରି ରହିଲେ। ମାଧବାଚାର୍ଯ୍ୟ ମଧ୍ୟ ହେମଚନ୍ଦ୍ରଙ୍କର ମନୋଭାବ ଲକ୍ଷ୍ୟ କରି ନୀରବରେ ବିଦାୟନେଲେ।

ସନ୍ଧ୍ୟା ଆଗତପ୍ରାୟ। ମନୋରମା ହେମଚନ୍ଦ୍ରଙ୍କ ଗୃହ ଭିତରକୁ ପ୍ରବେଶ କଲେ। ହେମଚନ୍ଦ୍ରଙ୍କୁ ଦେଖି ମନୋରମା କହିଲେ—ଆଜି ତୁମେ ଏପରି ବିଷଣ୍ଣ କାହିଁକି ?

ହେମଚନ୍ଦ୍ର—କାହିଁ ନାଁ ତ !

ମନୋରମା—ତୁମର ମୁଖ ଶ୍ରାବଣର ବାଦଲ ଘେରା ଆକାଶ ପରି ଗମ୍ଭୀର। ଚକ୍ଷୁରେପଲକ ପଡ଼ୁନାହିଁ। ତାହା ପୁଣି ଲୋତକାପ୍ଳୁତ। କୁହ କାହିଁକି କାନ୍ଦୁଛ ?

ହେମଚନ୍ଦ୍ର ମୁଖ ଟେକି ମନୋରମାକୁ ଚାହିଁଲେ—ପୁଣି ପରମୁହୂର୍ତ୍ତରେ ମୁଖ ତଳକୁ କରିଦେଲେ। ପୁଣି ଝରକା ଦେଇ ବାହାରକୁ ଚାହିଁଲେ। ବାହାରୁ

Digitized by srujanika@gmail.com

ଦୃଷ୍ଟି ଫେରାଇଆଣି ପୁନର୍ବାର ମନୋରମାଙ୍କୁ ଚାହିଁରହିଲେ । ମନୋରମା ବୁଝିପାରିଲେ ଯେ ଏଇ ଚାହିଁବାରେ କୌଣସି ଅର୍ଥ ନାହିଁ । ବହୁ କଥା କହିବାର ଥାଇ କିଛି କହି ନ ପାରିବା ଭଳି ଅବସ୍ଥାରେ ହେମଚନ୍ଦ୍ରଙ୍କର ମାନସିକ ଅବସ୍ଥା । ତେଣୁ ସେ ପଚାରିଲେ--''ହେମଚନ୍ଦ୍ର, ତୁମେ ଏପରି କାତର ହୋଇ-ଉଠୁଛ କାହିଁକି ? କ'ଣ ହୋଇଛି କୁହତ !''

ହେମଚନ୍ଦ୍ର କହିଲେ—''ନା—କିଛି ହୋଇନାହିଁ ।'' ମନୋରମା ଏହା ପରେ କିଛି କହିଲେ ନାହିଁ । କିଛି ସମୟ ପରେ ଧୀରେ ଧୀରେ କହିବାକୁ ଲାଗିଲେ—''କିଛି ନୁହେଁ ନା—ତୁମେ ମିଛ କହୁଛ । ମୁଣ୍ଡ ଉପରେ ବଜ୍ର ମାଡ଼ିଛି ବୋଧେ !'' ଏତକ କହୁ କହୁ ମନୋରମାର ଆଖିରୁ ମଧ୍ୟ ଦୁଇଟୋପା ଲୁହ ଝରି ପଡ଼ିଲା । ତାପରେ ଥରଥର କଣ୍ଠରେ ସେ କହିଲା -''ମୋତେ କହିବନି—ମୁଁ ପରା ତୁମର ଭଉଣୀ ?''

ମନୋରମାଙ୍କ ମୁହଁର ଭାବରେ, ତାଙ୍କର ଶାନ୍ତ ଦୃଷ୍ଟିରେ ଏତେ ଯତ୍ନ, ଏତେ ମାଧୁର୍ଯ୍ୟ ଏବଂ ସୌହାର୍ଦ୍ଦ୍ୟ ପ୍ରକାଶ ପାଇଲା ଯେ ହେମଚନ୍ଦ୍ରଙ୍କର ଅନ୍ତଃକରଣ ଦ୍ରବୀଭୂତ ହେବାକୁ ଲାଗିଲା । ସେ କହିଲେ— 'ମୋର ଏ ଯେଉଁ ଯନ୍ତ୍ରଣା ତାହା ଭଉଣୀ ନିକଟରେ ପ୍ରକାଶ୍ୟ ନୁହେଁ ।''

ମନୋରମା –ତେବେ ଧରନିଅ । ମୁଁ ତୁମର ଭଉଣୀ ନୁହେଁ ।

ହେମଚନ୍ଦ୍ର କୌଣସି ଉତ୍ତର ଦେଲେ ନାହିଁ । ମାତ୍ର ମନୋରମା ହତାଶ ନ ହୋଇ ତାଙ୍କ ମୁଖକୁ ଚାହିଁ ରହିଲେ । ଶେଷରେ କହିଲେ—ମୁଁ ତୁମର କେହି ନୁହେଁ ।

ହେମଚନ୍ଦ୍ର—ମୋର ଏ ଦୁଃଖ କେବଳ ଭଉଣୀ କାହିଁକି—ଅନ୍ୟ କେହି ମଧ୍ୟ ଶୁଣିବା ଉଚିତ ନୁହେଁ ।

ହେମଚନ୍ଦ୍ରଙ୍କର ଏହି କରୁଣାର୍ଦ୍ର ଅଭିବ୍ୟକ୍ତି ବ୍ୟଞ୍ଜକ କଣ୍ଠସ୍ୱର ମନୋରମାଙ୍କ ହୃଦୟକୁ ଆନ୍ଦୋଳିତକଲା । ଅକସ୍ମାତ୍ ସେ ସ୍ୱର ପୁଣି ପରିବର୍ତ୍ତିତ ହୋଇଗଲା । ଚକ୍ଷୁରୁ ଯେତେ ଅବା ନିର୍ଗତ ହେଲା ଅଗ୍ନି ସ୍ଫୁଲିଙ୍ଗ । ଅଧର ଦଂଶନ କରି ହେମଚନ୍ଦ୍ର କହିଲେ—''ମୋର ଦୁଃଖ ଗୋଟେ କ'ଣ ? ଦୁଃଖ କିଛି ନୁହେଁ—ମଣି ଭାବି ଗୋଟାଏ କାଳଭୁଜଙ୍ଗୀକୁ ଗଳା ମାଳ କରି ରଖିଥିଲି—ଏବେ ତାକୁ ଫିଙ୍ଗିଦେଇଛି ଦୂରକୁ ।''

Digitized by srujanika@gmail.com

ମନୋରମା ଆଗପଛ ହେମଚନ୍ଦ୍ରଙ୍କୁ ଅନିମେଷ ନୟନରେ ଚାହିଁ ରହିଲେ । କ୍ରମେ ନବ ମୁହଁରେ ଖେଳିଗଲା ମାଧୁର୍ଯ୍ୟ । ଅଧର କୋଣରୁ ଝରି ଆସିଲା କରୁଣ ହାସର ରେଖା । ସତେଅବା ମନୋରମା ପ୍ରଗଲ୍ଭ ହୋଇଗଲେ । ସୂର୍ଯ୍ୟ ରଶ୍ମିରୁ ଅଧିକ ଉଜ୍ଜ୍ୱଳହୋଇଗଲା ସତେ ଅବା ସେ ମୁଖମଣ୍ଡଳ । ହେଇ ପ୍ରଗଲ୍ଭ ବାଳିକା ମୁହଁରୁ ସ୍ଫୁରିତ ହେଲା ପ୍ରତିଭାପୂର୍ଣ୍ଣ ବାକ୍ୟ । ମନୋରମା କହିଲେ—"ବୁଝିଲି—ତୁମେ ନ ବୁଝି ନ ଶୁଝି ଭଲପାଇବାର ପରିଣାମ ଭୋଗୁଛ ।"

ହେମ—"ଭଲପାଉଥିଲି ସତ ......" ଆଉ କିଛି କହିବା ପୂର୍ବରୁ ହେମଚନ୍ଦ୍ରଙ୍କର ଆଖିରୁ ଝରିପଡ଼ିଲା ଧାରଧାର ଲୁହ ।

ମନୋରମା ବିରକ୍ତ ହୋଇଉଠି କହିଲେ—"ଛି—ଛି—କି ପ୍ରତାରଣା । ଯେ ଅନ୍ୟକୁ ପ୍ରତାରିତ କରେ ସେ ନିଜେ ମଧ୍ୟ ପ୍ରତାରକ । ଆତ୍ମପ୍ରତାରଣା କେବଳ ନିଜର ସର୍ବନାଶ ଡାକିଆଣିଥାଏ ।"

ହେମଚନ୍ଦ୍ର ବିସ୍ମିତ ହୋଇ ପଚାରିଲେ—"କିଏ ପ୍ରତାରଣା କଲା ?"

ମନୋରମା କହିଲେ—"ତୁମେ ଭଲପାଇ ନଥିଲ ? ତେବେ କାନ୍ଦିଲ କାହିଁକି ? ତୁମର ସ୍ନେହର ପାତ୍ର ଆଜ ତୁମ ଆଖିରେ ଅପରାଧୀ । ସେଇଥିପାଇଁ ତା ପ୍ରତି ତୁମର ଭଲପାଇବା ମଧ୍ୟ ନିଃଶେଷ ହୋଇଗଲା---ଏଭଳି କଥା ତୁମକୁ କିଏ ଶିଖାଇଲା ?" ଏହା କହୁ କହୁ ମନୋରମାଙ୍କର ବୟଃସନ୍ଧିକ୍ରାନ୍ତ ମୁଖମଣ୍ଡଳରେ ହଠାତ୍ ଖେଳାଇ ହୋଇଥିଲା ବିକଶିତ ସରସିଜର ପ୍ରଫୁଲ୍ଲତା । ଚକ୍ଷୁଦ୍ୱୟ ହୋଇଗଲା ଦେଦୀପ୍ୟମାନ ତାରକା ସଦୃଶ । କଣ୍ଠସ୍ୱର ହେଲା ଅଧିକ ପରିସ୍ଫୁଟ । ଆଗ୍ରହ କମ୍ପିତ ସ୍ୱରରେ ସେ କହିଲେ—"ଏହା କେବଳ ଦାମ୍ଭିକ ପୁରୁଷଙ୍କର ଦର୍ପ ମାତ୍ର । ଅହଙ୍କାର କରି କେଉଁ ଅଗ୍ନି ନିର୍ବାପିତ ହୁଏ ? ବାଲିବନ୍ଧ ଦେଇ କୂଳପ୍ଲାବନୀ ଗଙ୍ଗାର ସ୍ରୋତ ରୋଧକରାଯାଇପାରେ—ହେଲେ ପ୍ରଣୟୀମାନଙ୍କୁ ପାପିଷ୍ଠା କହି ମନରୁ ପ୍ରଣୟର ବେଗ ରୋଧ କରି ପାରିବ ନାହିଁ । ହେ ଭଗବାନ୍, ମଣିଷ ମାତ୍ରେ ପ୍ରତ୍ୟେକେ କ'ଣ ପ୍ରତାରକ ? !"

ହେମଚନ୍ଦ୍ର ବିସ୍ମିତ ହୋଇ ଭାବିବାକୁ ଲାଗିଲେ—ମୁଁ ଦିନେ ଏଇ ମନୋରମାକୁ ଜଣେ ସାମାନ୍ୟ ବାଳିକା ବୋଲି ଭାବିଥିଲି ।

ମନୋରମା ପୁଣି କହିବାକୁ ଲାଗିଲେ, "ତୁମେ ପୁରାଣ ଶୁଣିଛ ? ମାତ୍ର ମୁଁ ପଣ୍ଡିତଙ୍କ ମୁହଁରୁ ପୁରାଣର ଗୂଢ଼ ଅର୍ଥ ସବୁ ଶୁଣିଛି । ଲେଖା ଅଛି ଭଗୀରଥ

Digitized by srujanika@gmail.com

ଗଙ୍ଗାଙ୍କୁ ପୃଥିବୀକୁ ଆଣିଥିଲେ । ଗୋଟାଏ ଧାର୍ମିକ ମତ୍ତ ଐରାବତ ତାହାର ବେଗ ସମ୍ବରଣ କରିବାକୁ ଆସି ଜଳସ୍ରୋତରେ ଭାସିଯାଇଥିଲା । ଏହାର ଅର୍ଥ କ'ଣ ହୋଇପାରେ ? ଗଙ୍ଗା ପ୍ରେମ ପ୍ରବାହ ସ୍ୱରୂପ ! ସେ ବିଷ୍ଣୁଙ୍କ ନଖକୋଣରୁ ନିଃସୃତ । ଜଗତରେ ସେ ପବିତ୍ର । ଯେ ତାର ଜଳରେ ସ୍ନାନ କରେ ସେ ହୁଏ ପୁଣ୍ୟମୟ । ସେ ହେଉଛନ୍ତି ମୃତ୍ୟୁଞ୍ଜୟୀ ଶିବଙ୍କର ଜଟାବିହାରିଣୀ । ଯେ ମୃତ୍ୟୁକୁ ଜୟ କରେ ସେଇ କେବଳ ପ୍ରଣୟକୁ ମସ୍ତକରେ ଧାରଣ କରିପାରେ । ମୁଁ ଠିକ୍ ଏହିକଥା ଶୁଣିଛି--ଆଜି ଠିକ୍ ତାହାହିଁ କହୁଛି । ଧାର୍ମିକ ହସ୍ତୀ ହେଉଛି ଦମ୍ଭର ପ୍ରତୀକ । ସେ ପ୍ରଣୟର ବେଗରେ ଭାସିଯାଏ । ପ୍ରଣୟ ପ୍ରଥମେ ଗୋଟିଏ ମାତ୍ର ପଥରେ ଆଗେଇ ଚାଲେ, ମାତ୍ର ଉପଯୁକ୍ତ ସମୟରେ ତାହା ଶତମୁଖ ହୋଇଥାଏ । ପରିଶେଷରେ ନଦୀ ସାଗର ବକ୍ଷରେ ମିଶିଗଲା ପରି ପ୍ରଣୟ ଜୀବନ ସାଗରରେ ମିଶିଯାଏ । ସଂସାରର ସବୁ ଜୀବ ଦେହରେ ପ୍ରଣୟ ବିଲୀନ ହୋଇଯାଏ ।

ହେମଚନ୍ଦ୍ର—ତୁମର ଉପଦେଷ୍ଟା କ'ଣ କହିଛନ୍ତି ଯେ ପ୍ରଣୟରେ ପାତ୍ରାପାତ୍ର ବିଚାର ନାହିଁ ? ପାପାସକ୍ତକୁ କ'ଣ ପ୍ରେମ କରାଯାଇପାରେ ?

ମନୋରମା—ହଁ—ପାପାସକ୍ତକୁ ପ୍ରେମ କରିବାକୁ ହେବ । ପ୍ରଣୟରେ ପ୍ରକୃତରେ ପାତ୍ରାପାତ୍ର ନାହିଁ । ସମସ୍ତଙ୍କୁ ପ୍ରେମ କର । ପ୍ରଣୟ ସଂଜାତ ହେଲେ ତାକୁ ହୃଦୟରେ ସ୍ଥାନ ଦିଅ--କାରଣ ପ୍ରଣୟ ଅମୂଲ୍ୟ । ଯିଏ ଭଲ ତାକୁ କିଏ ଭଲନପାଏ ? ତାଛଡ଼ା ଯିଏ ମନ୍ଦ ତାର ମନ୍ଦ ଗୁଣକୁ ଯେ ଭୁଲିଯାଇ ଭଲପାଏ- ମୁଁ ତାକୁ ଅଧିକ ଭଲପାଏ । କିନ୍ତୁ ମୁଁ ତ ଗୋଟାଏ ପାଗଳୀ—ମୋର ଗୋଟାଏ ଭଲପାଇବା କ'ଣ ?

ହେମଚନ୍ଦ୍ର ବିସ୍ମିତ ହୋଇ କହିଲେ—ମନୋରମା, ତୁମକୁ ଏ ସବୁ କିଏ ଶିଖାଇଛି ? ସେ ଯିଏ ହୁଅନ୍ତୁ ନା କାହିଁକି ତୁମର ଉପଦେଷ୍ଟା ଜଣେ ଅଲୌକିକ ବ୍ୟକ୍ତି ।

ମନୋରମା ଅଧୋବଦନ ହୋଇ କହିଲେ—ସେ ଜଣେ ସର୍ବଜ୍ଞାନୀ—କିନ୍ତୁ···

ହେମ—କିନ୍ତୁ ପୁଣି କ'ଣ ?

ମନୋରମା—"ସେ ଅଗ୍ନିସ୍ୱରୂପା । ଅଗ୍ନି ଆଲୋକିତ କରେ । ଦଗ୍ଧ ମଧ୍ୟ କରେ ।" ମନୋରମା ଏତିକ କହି ପୁଣି ମୁଖ ତଳକୁ କରି ନୀରବ ରହିଲେ ।

Digitized by srujanika@gmail.com

ହେମଚନ୍ଦ୍ର କହିଲେ—ମନୋରମା, ତୁମର ମୁହଁ ଦେଖି ଆଜ ତୁମର କଥା ଶୁଣି ମୋର ଧାରଣା ହୋଇଛି ଯେ ତୁମେ ମଧ୍ୟ ଜୀବନରେ କାହାକୁ ଭଲପାଉଛ । ବୋଧହୁଏ ସେଇ ଅଗ୍ନିବେଶ ପୁରୁଷଜଣକ ତୁମର ପ୍ରଣୟୀ ।

ମନୋରମା କିଛିକାଳ ନୀରବ ରହିଲେ । ହେମଚନ୍ଦ୍ର ପୁଣି କହିବାକୁ ଲାଗିଲେ—"ଯଦି ଏ କଥା ସତ୍ୟ ହୋଇଥାଏ ତେବେ ମୋର ଗୋଟିଏ କଥା ଶୁଣ । ସ୍ତ୍ରୀର ସତୀତ୍ୱ ହିଁ ଶ୍ରେଷ୍ଠ ଧର୍ମ । ଯେଉଁ ସ୍ତ୍ରୀର ସତୀତ୍ୱ ନାହିଁ ସେ ବନ୍ୟ ଶୂକର ଅପେକ୍ଷା ହୀନ । ସତୀତ୍ୱ ହାନୀ ଯେ କେବଳ କାର୍ଯ୍ୟଦ୍ୱାରା ଘଟେ ତାହା ନୁହେଁ—ସ୍ୱାମୀ ଭିନ୍ନ ଅନ୍ୟ ପୁରୁଷର ଚିନ୍ତାକରିବା ମଧ୍ୟ ସତୀତ୍ୱରେ ବାଧା ଆଣିଥାଏ । ତୁମେ ବିଧବା, ତେଣୁ ସ୍ୱାମୀ ଭିନ୍ନ ଅନ୍ୟ ପୁରୁଷ କଥା ମନକୁ ଆଣିଲେ ତୁମେ ଇହଜଗତରେ ସ୍ତ୍ରୀଜାତି ମଧ୍ୟରେ ନିନ୍ଦନୀୟ ହେବ—ତେଣୁ ସାବଧାନ । ଯଦି କାହା ପ୍ରତି ତୁମେ ଆସକ୍ତ ତେବେ ଏଇ ମୁହୂର୍ତ୍ତରୁ ତାହା ଭୁଲିଯାଅ ।"

ମନୋରମା ଏଥର ଅଟ୍ଟହାସ୍ୟ କରିଉଠିଲେ । ତାପରେ ସେ ମୁହଁରେ ପଣତ ଦେଇ ହସିବାକୁ ଲାଗିଲେ । ସେ ହସ ସତେ ଅବା ବନ୍ଦ ହେବାର ନୁହେଁ ।

ହେମଚନ୍ଦ୍ର ଏଥିରେ ଟିକେ ବିରକ୍ତ ହୋଇ କହିଲେ, "ମନୋରମା ଏପରି ହସୁଛ କାହିଁକି ?"

ମନୋରମା ଉତ୍ତର ଦେଲେ' "ଭାଇ, ତୁମେ ଗଙ୍ଗାତୀରକୁ ଯାଇ ଗଙ୍ଗାକୁ କଣ୍ଠ ଫଟାଇ ଚିତ୍କାର କରି ଡାକ କୁହ—ଗଙ୍ଗେ, ତୁମେ ପୁନର୍ବାର ପର୍ବତକୁ ଫେରିଯାଅ ।"

ହେମ—କାହିଁକି ?

ମନୋରମା—ସ୍ମୃତି କ'ଣ ଆପଣଙ୍କ ଇଚ୍ଛାଧୀନ ? ଇଚ୍ଛା କଲେ କେହି କ'ଣ ସ୍ମୃତିକୁ ମନରୁ କାଢ଼ି ଦେଇପାରେ ? ତାହେଲେ ତୁମେ ଯାହାକୁ କାଳନାଗୁଣୀ ଭାବୁଛ, ତାହାର କଥା ପୁଣି ବାରମ୍ବାର କାହିଁକି ଭାବୁଛ ?

ହେମ—ସେ ନାଗୁଣୀର ଦଂଶନଜ୍ୱାଳା ବଡ଼ ଅସହ୍ୟ ।

ମନୋରମା—ମୁଁ ପଚାରୁଛି ସେ ଦଂଶନ କରିନ ଥିଲେ ବି କ'ଣ ତୁମେ ତାକୁ ଭୁଲିପାରିଥାନ୍ତ ?

Digitized by srujanika@gmail.com

ହେମଚନ୍ଦ୍ର କିଛି ଉତ୍ତର ଦେଲେ ନାହିଁ । ମନୋରମା କହିବାକୁ ଲାଗିଲେ-- ତୁମର ସେଇ ଫୁଲର ମାଳା ଆଜ କାଳସାପ—ତଥାପି ତୁମେ ତାକୁ ଭୁଲି ପାରନା । ଆଜ ମୁଁ—ମୁଁ ତ ପାଗଳୀଟାଏ—ମୋ ଫୁଲହାରଟାକୁ ମୁଁ କାହିଁକି ଛିଡ଼ାଇଦେବ ?

ହେମଚନ୍ଦ୍ର—ତୁମେ ଅବଶ୍ୟ ଭୁଲି କହୁନାହଁ । ବସ୍ତୁତଃ ଇଚ୍ଛାଧୀନ ନିଶ୍ଚୟ ନୁହେଁ । ଲୋକ ଆତ୍ମଗାରିମାରେ ଅନ୍ଧ ହୋଇ ଅନ୍ୟକୁ ଯେଉଁ ଉପଦେଶ ଦେଇଥାଏ ସେଥିରେ "ଭୁଲିଯାଅ" ବୋଲି ଉପଦେଶ ଦେବାଠାରୁ ହାସ୍ୟାସ୍ପଦ କଥା କିଛି ଆଉ ନାହିଁ । ଯଶ ଆକାଂକ୍ଷା ତ୍ୟାଗକର, ଜ୍ଞାନ ଚିନ୍ତା ଛାଡ଼ । କ୍ଷୁଧା ତୃଷା ନିବାରଣ ଚିନ୍ତା ତ୍ୟାଗ କର । ନିଦ୍ରା ପରିତ୍ୟାଗ କର । ତେଣୁ ଭଲ ପାଇବା ମଧ୍ୟ ଛାଡ଼ ବୋଲି କାହିଁକି କିଏ ଉପଦେଶ ଦେବ ? ଭଲପାଇବାଟା କ'ଣ ଆହାର, ନିଦ୍ରାଠାରୁ ଆହୁରି ଶ୍ରେଷ୍ଠ ? ଏ ସମସ୍ତଠାରୁ ପ୍ରଶସ୍ତ ଶ୍ରେଷ୍ଠ ହୋଇନପାରେ, କିନ୍ତୁ ଧର୍ମଠାରୁ ତ ନ୍ୟୂନ ? ତେଣୁ ଧର୍ମ ନିମିତ୍ତ ପ୍ରେମକୁ ହତ୍ୟାକର । ସ୍ତ୍ରୀର ପରମଧର୍ମ ସତୀତ୍ୱ । ଏବେ ବି ସମସ୍ତ ଅଛି—ସେଥିପାଇଁ କହୁଛି— ଯଦି ପାର ପ୍ରେମକୁ ମନରୁ ଦୂରେଇଦିଅ ।

ମନୋରମା—ମୁଁ ଅବଳା, ଜ୍ଞାନହୀନା, ଧର୍ମ ଅଧର୍ମ କାହାକୁ କୁହାଯାଏ ମୋତେ ଅଜଣା । ମୁଁ କେବଳ ଏତିକି ଜାଣେ—ଧର୍ମ ବିନା ପ୍ରେମର ଜନ୍ମ ମଧ୍ୟ ଅସମ୍ଭବ ।

ହେମ--ସାବଧାନ ମନୋରମା ! ବାସନା ଯୋଗୁଁ ହିଁ ଭ୍ରାନ୍ତିର ଜନ୍ମ । ଭ୍ରାନ୍ତି ହେଲେ ପାପ ସୁନିଶ୍ଚିତ । ତୁମର ଭ୍ରାନ୍ତି ହୋଇଛି । ବିବେଚନା କରି ଦେଖ । ତୁମେ ଯଦି ଧର୍ମତଃ ଜଣକର ପତ୍ନୀ ହୋଇ ମନ ଭିତରେ ଅନ୍ୟ ପୁରୁଷକୁ ସ୍ଥାନଦେଲେ ତୁମେ ବିଶ୍ୱାସିନୀ ହେବ କି ନା ?"

ଗୃହ ମଧ୍ୟରେ ହେମଚନ୍ଦ୍ରଙ୍କର ଅସି ଓ ଚର୍ମ ଢ଼ାଲ ଝୁଲୁଥିଲା । ମନୋରମା ସେଇ ଢ଼ାଲଟିକୁ ହାତରେ ଧରି କହିଲେ—ସତ ହେମଚନ୍ଦ୍ର, ତୁମର ସେ ଢ଼ାଲଟି କେଉଁ ଚମଡ଼ାରେ ତିଆରି ?

ହେମଚନ୍ଦ୍ର ହସିଉଠିଲେ । ମନୋରମାର ମୁଖକୁ ଚାହିଁ ଦେଖିଲେ । ସେ ମୁଖରେ ପୁଣି ଭରିଉଠିଛି ଏକ ଅନୂଢ଼ା ବାଳିକାର ପ୍ରଗଳ୍‌ଭତାର ଚିହ୍ନ ।

Digitized by srujanika@gmail.com

ଗିରିଜାୟାର ସମ୍ବାଦ

ଗିରିଜାୟା ବସା ଘରକୁ ଫେରିଆସୁଥିବା ବେଳେ ବାଟରେ ଭାବୁଥିଲେ —ହେମଚନ୍ଦ୍ରଙ୍କର ଏଇ ନବାନୁରାଗ କଥା ମୃଣାଳିନୀଙ୍କୁ କହିବେ ନାହିଁ। ମୃଣାଳିନୀ ମଧ୍ୟ ଗିରିଜାୟାଙ୍କର ଆସିବା ବାଟକୁ ଉତ୍କଣ୍ଠାର ସହ ଚାହିଁ ରହିଥିଲେ । ଗିରିଜାୟାଙ୍କୁ ଦେଖିବା ମାତ୍ରେ ପଚାରିଲେ—ହେମଚନ୍ଦ୍ର କିପରି ଅଛନ୍ତି ?

ଗିରି ଭଲଅଛନ୍ତି ।

ମୃଣାଳିନୀ—ଏମିତି କାହିଁକି କହୁଛ ଗିରିଜାୟା ! ତୁମ କଥାରେ ସରସତା ନାହିଁ । କଥା କ'ଣ ?

ଗିରି - କାହିଁ– ନାଁ ତ !

ମୃଣାଳିନୀ—ଗିରିଜାୟା, ମୋତେ ଭୁଲାଅନା କହୁଛି । ହେମଚନ୍ଦ୍ର କ'ଣ ଭଲ ହୋଇନାହାନ୍ତି ? ମୋତେ ପରିଷ୍କାର କୁହ ଗିରିଜାୟା ସନ୍ଦେହରେ ରଖନା ।

ଗିରି—ତୁମେ ବୃଥାରେ ବ୍ୟସ୍ତ ହେଉଛ କାହିଁକି ଠାକୁରାଣୀ ? ମୁଁ ନିଶ୍ଚିତ ଭାବେ କହୁଛି ତାଙ୍କ ଶରୀରରେ ଟିକେ ବି କ୍ଲେଶ ନାହିଁ । ସେ ଅତି ସ୍ୱଚ୍ଛନ୍ଦରେ ବିଚରଣ କରିପାରୁଛନ୍ତି ।

ମୃଣାଳିନୀ କିଛି ସମୟ ଚିନ୍ତା କରି କହିଲେ—ମନୋରମାଙ୍କ ସହ ତାଙ୍କର କୌଣସି କଥାବାର୍ତ୍ତା ଶୁଣିଲ କି ?

ଗିରି – ଶୁଣିଲି ।

ମୃଣାଳିନୀ – କ'ଣ ଶୁଣିଲ ?

ଗିରିଜାୟା ମୃଣାଳିନୀଙ୍କୁ ହେମଚନ୍ଦ୍ର ଯାହା କହିଥିଲେ ସବୁ କହିଲେ—ମାତ୍ର ହେମଚନ୍ଦ୍ର ମନୋରମାଙ୍କୁ ଚୁପି ଚୁପି କ'ଣ କହିଥିଲେ ଏବଂ ରାତିରେ ମନୋରମାଙ୍କ ସଙ୍ଗେ ବୁଲାବୁଲି କରିଥିଲେ, ଏହି ଦୁଇଟି କଥା ଗୋପନ ରଖିଲେ ।

ମୃଣାଳିନୀ ପଚାରିଲେ—ତୁମେ ହେମଚନ୍ଦ୍ରଙ୍କ ସହ ସାକ୍ଷାତ କରିଥିଲ ?

ଗିରି ଇତସ୍ତତଃ ହୋଇ କହିଲେ—ହଁ ସାକ୍ଷାତ କରିଛି ।

ମୃଣାଳିନୀ – ସେ କ'ଣ କହିଲେ ?

Digitized by srujanika@gmail.com

ଗିରି—ତୁମ କଥା ପଚାରୁଥିଲେ ।

ମୃଣାଳିନୀ—ତୁମେ କ'ଣ କହିଲ ?

ଗିରି—ମୁଁ କହିଲି—ତୁମେ ଭଲ ଅଛ ।

ମୃଣାଳିନୀ—ମୁଁ ଏଠାକୁ ଆସିଥିବା କଥା ତାଙ୍କୁ କହିଛ ତ ?

ଗିରି—ନାଁ, କହିନାହିଁ ।

ମୃଣାଳିନୀ—ଗିରିଜାୟା, ତୁମ କଥାରେ ସ୍ପଷ୍ଟତା ନାହିଁ । ମୁହଁ ମଧ୍ୟ ଶୁଖି-ଯାଇଛି । ମୋ ମୁହଁକୁ ମଧ୍ୟ ତୁମେ ଚାହିଁ ପାରୁନା । ମୋର ଦୃଢ଼ବିଶ୍ୱାସ ତୁମେ କୌଣସି ଦୁଃସମ୍ବାଦ ମୋ ପାଖରେ ଲୁଚାଇବାକୁ ଚେଷ୍ଟା କରୁଛ । ମୁଁ ତୁମ କଥା ବିଶ୍ୱାସ କରିପାରୁନାହିଁ । ତେଣୁ ସନ୍ଧ୍ୟାରେ ଯାହା ଘଟୁ ପଛେ ମୁଁ ନିଜେ ହେମଚନ୍ଦ୍ରଙ୍କୁ ଦେଖିବାପାଇଁ ଯିବି । ତୁମେ ଯଦି ଚାହଁ ମୋ ସାଙ୍ଗରେ ଆସ—ନ ହେଲେ ମୁଁ ଏକୁଟିଆ ଚାଲିଯିବି ।

ମୃଣାଳିନୀ ଗିରିଜାୟାଙ୍କର କୌଣସି କଥାକୁ ଅପେକ୍ଷା ନ କରି ମୁହଁରେ ଓଢ଼ଣା ଢାଙ୍କିଦେଇ ଚାଲିଲେ । ଗିରିଜାୟା ତାଙ୍କ ପଛେ ପଛେ ଅନୁଧାବନ କଲେ । କିଛି ବାଟ ଆସି ମୃଣାଳିନୀଙ୍କ ହାତ ଧରିପକାଇ କହିଲେ-ଠାକୁରାଣୀ, ଫେରି ଚାଲ । ମୁଁ ଯାହା ଲୁଚାଇ ରଖିଥିଲି ସବୁ ଖୋଲି କରି କହିବି ତୁମେ ଫେରିଚାଲ ।

ମୃଣାଳିନୀ ଗିରିଜାୟା କଥା ମାନି ଘରକୁ ଫେରିଆସିଲେ । ଗିରିଜାୟା ଯେଉଁ ଦୁଇଟି କଥା ଲୁଚାଇ ରଖିଥିଲେ ତାହା କହିଦେଲେ । ଗିରିଜାୟା ହେମଚନ୍ଦ୍ରଙ୍କୁ ମିଛ କହି ଠକେଇଥିଲେ ସିନା—ହେଲେ ମୃଣାଳିନୀଙ୍କୁ ଠକିପାରିଲେନି ।

ମୃଣାଳିନୀର ଲିପି

ମୃଣାଳିନୀ କହିଲେ—ଗିରିଜାୟା—ସେ ସଭିଙ୍କର ହୁଏତ କହିଦେଇଥିବେ "ଭଲ ହୋଇଛି ।" ଏକଥା ଶୁଣି ସେ ବା କେମିତି ନ ଯାଇ ରହିପାରିବେ ?

ଗିରିଜାୟା ମନରେ ସଂଶୟ ଜନ୍ମିଲା । ସେ କହିଲା, ହଁ—ବାସ୍ତବିକ ସତକଥା ।

ମୃଣାଳିନୀ କହିଲେ—ତୁମେ ଏକଥା କହି ଠିକ୍ କରିନାହିଁ । ତେଣୁ ଏହାର ଉଚିତ ପ୍ରତିକାର କରିବା ଆବଶ୍ୟକ । ତୁମେ ଖାଇବାକୁ ଯାଅ । ମୁଁ

Digitized by srujanika@gmail.com

ସଂଗେ ସାଙ୍ଗେ ଖଣ୍ଡେ ଚିଠି ଲେଖିରଖୁଛି, ତୁମେ ଖାଇସାରି ତାଙ୍କ ପାଖକୁ ନେଇଯିବ ।

ଗିରିଜାୟା ଏ କଥାରେ ସମ୍ମତ ହୋଇ ସାଙ୍ଗେ ସାଙ୍ଗେ ଖାଇବାକୁ ଚାଲିଗଲେ । ମୃଣାଳିନୀ ଚିଠିଟିଏ ଲେଖି ବସିଲେ—"ଗିରିଜାୟା ମିଥ୍ୟାବାଦିନୀ ଯେଉଁ କାରଣରୁ ସେ ମୋ ବିଷୟରେ ତୁମ ପାଖରେ ମିଛ କଥା କହିଛି । ତାହା ପଚାରିଲେ ସେ ନିଜେ ବିଶଦଭାବେ ବୁଝାଇ କହିବ । ମୁଁ ମଥୁରା ଯାଇନାହିଁ । ଯେଉଁ ରାତିରେ ତୁମର ମୁଖ ଦେଖି ଯମୁନା କୂଳକୁ ଆସିଥିଲି ସେଇ ରାତିରୁ ଆଜ ପର୍ଯ୍ୟନ୍ତ ମୋ ପାଇଁ ମଥୁରାକୁ ବାଟ ବନ୍ଦ । ମୁଁ ମଥୁରା ନ ଯାଇ ତୁମକୁ ଦେଖିବା ଆଶାରେ ନବଦ୍ୱୀପ ଆସିଛି । ନବଦ୍ୱୀପ ଆସି ତୁମ ସଙ୍ଗେ ସାକ୍ଷାତ କରି ନାହିଁ—କାରଣ ଏହାଦ୍ୱାରା ତୁମର ପ୍ରତିଜ୍ଞା ଭଙ୍ଗ ହେବ । ମୋର ଏକାନ୍ତ ଇଚ୍ଛା ତୁମକୁ ଥରେ ଦେଖିବ ।"

ଗିରିଜାୟା ଏଇ ଚିଠି ନେଇ ପୁନର୍ବାର ହେମଚନ୍ଦ୍ରଙ୍କ ଘରକୁ ଗଲେ । ସଂଧ୍ୟାବେଳେ ମନୋରମା ସଙ୍ଗେ କଥାବାର୍ତ୍ତା ସାରି ହେମଚନ୍ଦ୍ର ଗଙ୍ଗାକୂଳକୁ ଚାଲିଯାଇଥିଲେ । ବାଟରେ ଗିରିଜାୟା ସଙ୍ଗେ ଦେଖାହେଲା । ଗିରିଜାୟା ତାଙ୍କ ହାତରେ ଚିଠିଟି ଦେଇଦେଲେ ।

ହେମଚନ୍ଦ୍ର କହିଲେ—ତୁମେ ପୁଣି କାହିଁକି ?

ଗିରି—ଚିଠି ନେଇ ଆସିଛି ।

ହେମ—କାହାର ଚିଠି ?

ଗିରି—ମୃଣାଳମାଙ୍କର ।

ହେମଚନ୍ଦ୍ର ବିସ୍ମିତ ହୋଇ କହିଲେ—ଏ ଚିଠି ତୁମ ପାଖକୁ ଆସିଲା କପରି ?

ଗିରିଜାୟା କହିଲେ—ମୃଣାଳିନୀ ଏଇ ନବଦ୍ୱୀପରେ ଅଛନ୍ତି । ମୁଁ ମିଛରେ ଆପଣଙ୍କୁ ସେ ମଥୁରାରେ ଅଛନ୍ତି ବୋଲି କହିଥିଲି ।

ହେମ—ଏଇ ପତ୍ର ତାହେଲେ ମୃଣାଳିନୀର ?

ଗିରି—ହଁ—ତାଙ୍କର ପତ୍ର—ସ୍ୱହସ୍ତ ଲିଖିତ ।

ହେମଚନ୍ଦ୍ର ଚିଠିଟି ନ ପଢ଼ି ଚିକି ଚିକି କରି ଚିରିଦେଲେ । ଚିଠିଟି ଖଣ୍ଡ ଖଣ୍ଡ ହୋଇ ପବନରେ ଉଡ଼ିଗଲା । ହେମଚନ୍ଦ୍ର ସେଇ ଆଡ଼କୁ ଲକ୍ଷ୍ୟ କରି କହିଲେ—"ତୁମେ ଯେ ମିଥ୍ୟାବାଦିନୀ ତାହା ମୁଁ ଏହା ପୂର୍ବରୁ ଶୁଣିସାରିଛି ।

Digitized by srujanika@gmail.com

ତୁମେ ଯେଉଁ ଦୁଷ୍କାର ପଥ ନେଇ ଆସିଛ ସେ ବିବାହ କରି ଯାଇନାହିଁ । ହୃଷୀକେଶ ତାଙ୍କୁ ଘରୁ ବାହାର କରିଦେଇଛନ୍ତି ତାହା ମୁଁ ମଧ୍ୟ ଜାଣିପାରିଛି । ମୁଁ କୁଳଟାର ଛାଟି ପଡ଼ିବି ନାହିଁ । ତୁମେ ମୋ ଆଗରୁ ଦୂର ହୋଇଯା ।”

ଗିରିଜାୟା ଆଶ୍ଚର୍ଯ୍ୟ ହୋଇ ନିର୍ବାକ ଭାବେ ହେମଚନ୍ଦ୍ରଙ୍କର ମୁହଁକୁ ଚାହିଁ ରହିଲେ । ହେମଚନ୍ଦ୍ର ବାଟକଡ଼ରେ ଥିବା ଗୋଟିଏ ଗଛରୁ ଡାଳ ଖଣ୍ଡେ ଭାଙ୍ଗି ଆଣି କହିଲେ – ଦୂର ହୋଇଯା—ନଚେତ୍ ଏଇଥିରେ ପିଟିବା ପାଇଁ ପଛେଇବି ନାହିଁ ।

ଗିରିଜାୟା ଆଉ ସହ୍ୟ କରିପାରିଲେନାହିଁ । ଧୀରେ ଧୀରେ କହିଲେ – ପ୍ରକୃତରେ ଆପଣ ବୀରପୁରୁଷ । ଏହି ଧରଣର ବୀରତ୍ୱ ପ୍ରକାଶ କରିବାପାଇଁ ବୋଧହୁଏ ଆପଣ ନବଦ୍ୱୀପ ଆସିଛନ୍ତି । ଏଠାକୁ ଆସିବା କ’ଣ ଦରକାର ଥିଲା ? ବରଂ ମଗଧରେ ରହି ଏ ପ୍ରକାର ତୁଚ୍ଛ ବୀରତ୍ୱ ଦେଖାଇଥିଲେ ଭଲ-ହୋଇଥାନ୍ତା । ସେଇଠାରେ ରହି ମୁସଲମାନମାନଙ୍କର ଘୋଡ଼ା ବୋହିଥାନ୍ତେ କିମ୍ବା ଗରିବ ଦୁଃଖୀର ଝିଅକୁ ବେତ ମାଡ଼ ଦେଇ ଆପଣଙ୍କର ବୀରତ୍ୱର ପରାକାଷ୍ଠା ଦେଖାଇଥାନ୍ତେ ।

ହେମଚନ୍ଦ୍ର ଗିରିଜାୟାଙ୍କ କଥାରେ ଅପ୍ରସ୍ତୁତ ହୋଇ ହାତରେ ଧରିଥିବା ଡାଳ ଖଣ୍ଡିକ ଫିଙ୍ଗିଦେଲେ । କିନ୍ତୁ ଗିରିଜାୟାଙ୍କ କ୍ରୋଧ ଏଥିରେ ବି କମିଲା ନାହିଁ । ସେ ପୁଣି ମୁହଁ ଛୁଆଁଡ଼ କହିଲେ—“ତୁମେ ମୃଣାଳିନୀକୁ ବିବାହ କରିବ ? ମୃଣାଳିନୀଙ୍କ କଥା ଦୂରକୁ ଥାଉ – ତୁମେ ମୋପାଇଁ ମଧ୍ୟ ଅଯୋଗ୍ୟ । ଏତିକ କହି ଗିରିଜାୟା ସଦର୍ପେ ଚାଲିଗଲେ । ହେମଚନ୍ଦ୍ର ଏଇ ଭିକାରୁଣୀର ଗର୍ବ ଦେଖି ମଧ୍ୟ ଅବାକ୍ ହୋଇଗଲେ ।

ଗିରିଜାୟା ହେମଚନ୍ଦ୍ରଙ୍କର ଏ ପ୍ରକାର କଦାଚରଣ ବିସ୍ତୃତଭାବେ ମୃଣାଳିନୀଙ୍କ ପାଖେ ବର୍ଣ୍ଣନାକଲେ—କୌଣସି କଥା ଲୁଚାଇଲେ ନାହିଁ । ମୃଣାଳିନୀ ସମସ୍ତ ଶୁଣି ମଧ୍ୟ ପଦେହେଲେ ଉତ୍ତର ଦେଲେ ନାହିଁ — କାନ୍ଦିଲେ ବି ନାହିଁ । ଯେଉଁ ଭାବରେ ସେ ଠିଆହୋଇ ଗିରିଜାୟାଙ୍କଠାରୁ ସବୁ ଶୁଣୁଥିଲେ ସେଇ ଅବସ୍ଥାରେ କେବଳ ଠିଆହୋଇ ରହିଲେ । ଗିରିଜାୟା ମୃଣାଳିନୀଙ୍କର ଏପରି ନିର୍ବାକ ଅବସ୍ଥା ଦେଖି ଉଦ୍ବିଗ୍ନ ହୋଇପଡ଼ିଲେ । ସେ ବୁଝିଲେ – ମୃଣାଳିନୀଙ୍କ ସଙ୍ଗେ ବର୍ତ୍ତମାନ ଆଉ କିଛି କଥାବାର୍ତ୍ତା କରିବା ନିରାପଦ ନୁହେଁ । ତେଣୁ ସେ ଅନ୍ୟତ୍ର ଚାଲିଗଲେ ।

Digitized by srujanika@gmail.com

ବସା ଘର ନିକଟରେ ଥିବା ପୋଖରୀ ତୁଠର ପାହାଚରେ ବସିଲେ ଗିରିଜାପ୍ରସାଦ । ପୋଖରୀର ନୀଳ ପାଣିରେ କୁଆଁ ଉପୁଡ଼ିଲେ ଜହ୍ନର ତୋଫା କିରଣ ଚକଚକି ଉଠୁଥିଲା । କଇଁଫୁଲଗୁଡ଼ିକ ଫୁଟି ଫୁଟି ଆସୁଥିଲେ । ପୋଖରୀର ଧାରରେ ଥିବା ଗଛଗୁଡ଼ିକ ନୀରବରେ ଠିଆହୋଇ ସତେ ଅବା ଜହ୍ନରାତିର ଶୋଭାରେ ବିଭୋର ହୋଇ ଉଠୁଥିଲେ । ସେଇ ଦିଗରୁ ମଧ୍ୟ ଭାସି ଆସୁଥିଲା ଫୁଲର ମିଠା ମିଠା ଗନ୍ଧ ଶିରଶିର ପବନରେ ।

ଏଇ ପରିବେଶରେ ଗିରିଜାପ୍ରସାଦ ମଧ୍ୟ ପ୍ରଭାବିତ ହେଲେ । ଗୁଣୁ ଗୁଣୁ ହୋଇ ଗୀତରୁ ଧାଡ଼ିଟିଏ ଆରମ୍ଭ କରି ପୁଣି ରହିଯାଉଥାନ୍ତି —ଠିକ୍ ଯେମିତି ଗୁେଟ ଚଢ଼େଇଟି ତା ମାଆଠାରୁ ଶୁଣି ଏକାଥରକେ ଗାଇବାକୁ ଚେଷ୍ଟା କରି ସଫଳ ହୁଏନାହିଁ । ଧୀରେ ଧୀରେ ଚଢ଼େଇଟି ଗାଇ ଶିଖିଲା ପରି ଗିରିଜାପ୍ରସାଦଙ୍କର କଣ୍ଠ ମଧ୍ୟ ଅସ୍ପଷ୍ଟରୁ ସ୍ପଷ୍ଟ ହୋଇଉଠିଲା । ଶେଷରେ ତାହା ସ୍ପଷ୍ଟତର ହୋଇ ଅପୂର୍ବ ପରିବେଶକୁ ମଧୁର କରିଦେଲା । ଗଛ ଆଉ ଲତା, ପୋଖରୀ ତୁଠ, ଜହ୍ନ ଆଉ ଆକାଶ ସତେଅବା ଆତ୍ମବିଭୋର ହୋଇଉଠୁଥିଲେ । ଗିରିଜାପ୍ରସାଦଙ୍କର ସେଇ ଗୀତର ଲହରି ଭାସିଯାଇ ମୃଣାଳିନୀଙ୍କୁ ମଧ୍ୟ ବିଚଳିତ କରିଦେଲା ।

ଗିରିଜାପ୍ରସାଦ ଗାଇବାକୁ ଲାଗିଲେ—ଗାଇ ଗାଇ ନିଜେ ନିଜକୁ ମଧ୍ୟ ହଜାଇ ଦେଇଥିଲେ । ହଠାତ୍ ସେ ଦେଖିଲେ ତାଙ୍କ ଆଖିଆଗରେ ବିଛେଇହୋଇ ପଡ଼ିଛି ଜୋଛନା । ଆଉ ସେଇ ଜୋଛନା ଭିତରେ ପଡ଼ିଛି ଜଣକର ଛାଇ । ଚମକିଉଠିଲେ ଗିରିଜାପ୍ରସାଦ ! ସତେ ଅବା କଳ୍ପନାର ସଙ୍ଗୀତରାଜ୍ୟରୁ ଓହ୍ଲାଇ-ଆସିଲେ ଏଇ ଧୂଳିମାଟିର ପୃଥିବୀକୁ । ଫେରି ଚାହିଁ ଦେଖନ୍ତି ମୃଣାଳିନୀ ଠିଆ-ହୋଇଛନ୍ତି—ଠିଆହୋଇ କାନ୍ଦୁଛନ୍ତି ।

ଗିରିଜାପ୍ରସାଦ ମୃଣାଳିନୀଙ୍କ ଆଖିରେ ଲୁହ ଦେଖି ଈର୍ଷାନ୍ୱିତ ହୋଇପଡ଼ିଲେ । ଆଉ ଏ କଥା ମଧ୍ୟ ବୁଝିଲେ, ମୃଣାଳିନୀ କାନ୍ଦିବାଦ୍ୱାରା ତାଙ୍କର ଦୁଃଖରୁ ହୁଏତ କିଛି ଲାଘବ ହୋଇଥିବ, କାରଣ ମନୁଷ୍ୟ କାନ୍ଦେ ଦୁଃଖରେ । ଅଥଚ ସେଇ କାନ୍ଦ ଭିତରେ ତାର ଦୁଃଖଭାର ମଧ୍ୟ କିଛି ଊଣାହୁଏ ହୋଇଥାଏ । ଅଥଚ ନ କାନ୍ଦି ଛାତିକୁ ପଥର କରିଲେ ମଣିଷ ଅଧିକ ମାନସିକ ଯନ୍ତ୍ରଣା ଭୋଗି ଅସ୍ଥିର ହେଉଥାଏ ।

କିଛି ସମୟ ଉଭୟେ ଉଭୟଙ୍କୁ ଚାହିଁ ନୀରବ ରହିଲେ । ମୃଣାଳିନୀ କିଛି କହିପାରୁ ନାହାନ୍ତି—ଗିରିଜାପ୍ରସାଦ ମଧ୍ୟ କିଛି ପଚାରି ପାରୁନାହାନ୍ତି । ମୃଣାଳିନୀ

Digitized by srujanika@gmail.com

ଏଥର କହିଲେ—ଗିରିଜାୟା, ତୁମକୁ ଆଉଥରେ ତାଙ୍କ ପାଖକୁ ଯିବାକୁ ହେବ ।

ଗିରି—ଆଉଥରେ ପୁଣି ସେଇ ପାଷାଣ୍ଡ ପାଖକୁ ମୋତେ ପଠାଉଛ ଠାକୁରାଣୀ ?

ମୃଣାଳିନୀ—ପାଷାଣ୍ଡ କୁହନା ଗିରିଜାୟା—ହେମଚନ୍ଦ୍ର ହୁଏତ ଆଜି ଭୁଲ କରିଛନ୍ତି । ତେବେ ଏ ପୃଥିବୀରେ କିଏ ଭୁଲ ନ କରେ କହିଲ ? ହେମଚନ୍ଦ୍ର ପାଷାଣ୍ଡ ହୋଇ ନ ପାରନ୍ତି । ମୁଁ ନିଜେ ତାଙ୍କ ନିକଟକୁ ଯିବି । ତୁମେ ମୋ ସଙ୍ଗରେ ଆସ । ତୁମେ ମୋତେ ଭଉଣୀଠାରୁ ଅଧିକ ସ୍ନେହ କର । ମୋ ପାଇଁ ତୁମେ କ'ଣ ନ କରିଛ ? ତୁମେ ମୋ ମନରେ କେବେହେଲେ କଷ୍ଟ ଦେଇନାହିଁ କି ଆଜି ବି ଦେଇ ପାରିବ ନାହିଁ । ମୋ ଆଗରେ କେବେହେଲେ ମିଛକହିବ ନାହିଁ—ମୁଁ ତାହା ମଧ୍ୟ ଜାଣେ । କିନ୍ତୁ ତା ବୋଲି ମୋର ହେମଚନ୍ଦ୍ର ମୋତେ ବିନା ଦୋଷରେ ତ୍ୟାଗକରିଛନ୍ତି—ଏ କଥା ପଦେ ମୁଁ ତାଙ୍କ ମୁହଁରୁ ନ ଶୁଣିବା ଯାଏ କିପରି ସ୍ଥିର ହୋଇ ରହିବି କୁହ ? ଯଦି ତାଙ୍କ ମୁହଁରୁ ଶୁଣିବି ମୃଣାଳିନୀ କୁଳଟା, ଆଉ ସେଇ କାରଣରୁ ସେ ମୋତେ ତ୍ୟାଗ କରିଛନ୍ତି--ତେବେ ଯାଇ ଏଇ ପ୍ରାଣ ତ୍ୟାଗ କରିବି ।

ଗିରି—ପ୍ରାଣତ୍ୟାଗ କରିବ ? ସେ କି କଥା ମୃଣାଳିନୀ ?

ମୃଣାଳିନୀ କୌଣସି ଉତ୍ତର ଦେଲେ ନାହିଁ । ଗିରିଜାୟା କାନ୍ଧରେ ବାହୁ ରଖି ଖାଲି କହିଁ କହିଁ ହୋଇ କାନ୍ଦିବାକୁ ଲାଗିଲେ । ଗିରିଜାୟାଙ୍କର କଠୋର ହୃଦୟ ମଧ୍ୟ ଆଉ ଧୈର୍ଯ୍ୟଧରିପାରିଲାନି । ସେ ବି କାନ୍ଦି ଉଠିଲେ ଖୁବ୍ ଜୋରରେ । ସେଇ ଜୋଛନାଝର ରାତିଟି କେଡ଼େ କରୁଣ ହୋଇଗଲା ସତେ !

ଅମୃତରେ ଗରଳ—ଗରଳରେ ଅମୃତ

ହେମଚନ୍ଦ୍ର ଆଚାର୍ଯ୍ୟଙ୍କର କଥା ବିଶ୍ୱାସ କରି ମୃଣାଳିନୀଙ୍କୁ ଦୁଷ୍ଟଚରିତ୍ରା ବୋଲି ଧରିନେଇଥିଲେ, ସେଥିପାଇଁ ମୃଣାଳିନୀଙ୍କ ଚିଠି ଖଣ୍ଡିକ ନ ପଢି ମଧ୍ୟ ଟିକି ଟିକି କରି ଚିରିଦେଇଥିଲେ । ମାତ୍ର ଏ ସବୁ କରିବା ଫଳରେ ସେ ଯେ ମୃଣାଳିନୀଙ୍କୁ ଘୃଣାକରୁଥିଲେ ଏହା ଭାବିବା ଭୁଲ । ମୃଣାଳିନୀ ପାଇଁ ସେ ରାଜ୍ୟ

Digitized by srujanika@gmail.com

ତ୍ୟାଗ କରି ମଥୁରାବାସୀ ହୋଇଥିଲେ । ଏଇ ମୃଣାଳିନୀ ପାଇଁ ଗୁରୁପ୍ରତି ଶର-ସନ୍ଧାନ କରିବାପାଇଁ ମଧ୍ୟ ସେ ଦ୍ୱିଧା କରି ନ ଥିଲେ । ମୃଣାଳିନୀ ପାଇଁ ଗୌଡ଼ରାଜ୍ୟରେ ନିଜ ପ୍ରତିଜ୍ଞା ଭୁଲି ଭିକାରୁଣୀକୁ ତୋଷାମଦ କରିଥିଲେ । ଆଉ ବର୍ତ୍ତମାନ ? ବର୍ତ୍ତମାନ ହେମଚନ୍ଦ୍ର ମାଧବାଚାର୍ଯ୍ୟଙ୍କୁ ଶୂଳ ଦେଖାଇ କହୁଥିଲେ ମୃଣାଳିନୀକୁ ଏଇ ଶୂଳରେ ବଧ କରିବ । ଏ କଥା କହିବା ଅର୍ଥ ନୁହେଁ ଯେ ହେମଚନ୍ଦ୍ରଙ୍କର ମୃଣାଳିନୀ ପ୍ରତି ପ୍ରେମ ସଂପୂର୍ଣ୍ଣଭାବେ ଲୋପ ପାଇଯାଇଛି । ପ୍ରେମ, ପ୍ରୀତି, ସ୍ନେହ ସେ ସବୁ କ'ଣ ଗୋଟିଏ ଦିନରେ ବା ଗୋଟିଏ ମୁହୂର୍ତ୍ତରେ ଲୋପପାଇଯାଇପାରେ ? ବହୁଦିନ ଧରି ପର୍ବତ୍ୟ ବୁକୁରୁ ଝରି ଝରିଝରି ଯେଉଁ ନଦୀ ସୃଷ୍ଟିହୋଇ କଳକଳ ନାଦରେ ପ୍ରବାହିତ ହୋଇ ସାଗରବକ୍ଷକୁ ଧାଇଁଯାଇଥାଏ ସେ କ'ଣ ମାତ୍ର ଗୋଟିଏ ଦିନରେ ପ୍ରଚଣ୍ଡ ସୂର୍ଯ୍ୟାଲୋକଦ୍ୱାରା ଶୁଷ୍କ ହୋଇ ଯାଇପାରେ । ଅନ୍ୟ ପକ୍ଷରେ ନଦୀର ସେଇ ଗତିପଥରେ ବାଧା ଦେଲେ ନଦୀ ଶଯ୍ୟା ତ୍ୟାଗ କରି କୂଳ ପ୍ଲାବନ କରିବ-ବନ୍ୟା ହେବ—ପୃଥିବୀ ଧ୍ୱଂସହେବ ।

ହେମଚନ୍ଦ୍ର ସେଇ ରାତିରେ ନିଜ ଶୟନକକ୍ଷରେ ଶଯ୍ୟାରେ ଶୟନ କରି ସେଇ ମୁକ୍ତ ବାତାୟନ ପଥ ଦେଇ ଗୁହିଁରହିଥିଲେ ଦୂରକୁ···ବହୁଦୂରକୁ··· । ସେ କ'ଣ ପ୍ରକୃତରେ ସେଇ କୌଣ ସୌନ୍ଦର୍ଯ୍ୟ ଉପଭୋଗ କରିବାପାଇଁ ଗୁହିଁରହିଥିଲେ ? ସେଇ ମୁହୂର୍ତ୍ତରେ ତାଙ୍କୁ ଯଦି କେହି ପ୍ରଶ୍ନ କରିଥାନ୍ତା—ଏ ରାତିଟି ଆଜି କପରି ଲାଗୁଛି—ଏତେ ଜ୍ୟୋତ୍ସ୍ନା ଥାଇତ ଏ ରାତି ଆଜି ଏତେ ଅନ୍ଧକାରଚ୍ଛନ୍ନ କାହିଁକି —ସେତେବେଳେ ସେ କୌଣସି ଉତ୍ତର ଦେଇପାରି ନଥାନ୍ତେ । ସେତେବେଳେ ତାଙ୍କ ହୃଦୟ ମଧ୍ୟରେ ଯେଉଁ ରଜନୀର ଘନ ଅନ୍ଧକାର ଘୁଞ୍ଚିଯାଇଥିଲା—ସେ କେବଳ ତାକୁଇ ଅନୁଭବ କରୁଥିଲେ । ସେଇ ରାତିର ଅନ୍ଧକାର ଭିତରେ ସେ ଅବା ପଥହରା ହୋଇପଡ଼ୁଥିଲେ । ଚକ୍ଷୁରୁ ଲୋତକ ଝରି ତାଙ୍କର ଉପାଧାନ ହୋଇ ଯାଇଥିଲା ଆର୍ଦ୍ର । ଏତ ଲୋତକ ନୁହେଁ—ଏହା ତାଙ୍କର ହୃଦ୍ୟାକାଶର ମେଘ ଅବା ଅସରାଏ ବର୍ଷା । ମାତ୍ର ଯାହାର ହୃଦୟାକାଶ ଅନ୍ଧକାରଚ୍ଛନ୍ନ ସେ କ'ଣ ବେଦନ କଶପାରେ ? ଗଭୀର ଅନ୍ତର୍ଦାହରେ ସେ ଦଗ୍ଧୀଭୂତ ହୁଏ ସିନା ଦୁଃଖର ପରିପ୍ରକାଶ ନ ଥାଏ ସେଠାରେ ।

Digitized by srujanika@gmail.com

ପୁଣି ଯେ କେବେହେଲେ ବେଦନ କରେ ନାହିଁ ସେ ମନୁଷ୍ୟ ମଧ୍ୟରେ ଅଧମ । ତାକୁ କେବେହେଲେ ବିଶ୍ୱାସ କର ନାହିଁ । କାରଣ ତାହାର ଅନୁଶୋଚନା ନାହିଁ—ଦୁଃଖପ୍ରତି ସହାନୁଭୂତି ନାହିଁ । ସେ ପୃଥିବୀରେ ସୁଖ କ'ଣ ଜାଣେ ନାହିଁ, ପରର ସୁଖ ମଧ୍ୟ ଦେଖି ସେ କେବେ ସହ୍ୟକରେନାହିଁ । ଯେଉଁ ବ୍ୟକ୍ତି ନିଜର ହୃଦୟକୁ ଆୟତ୍ତରେ ରଖିପାରିଛି—ନିଜର ଚିତ୍ତକୁ ଜୟ କରିପାରିଛି ସେଇ କେବଳ ଘୋର ମର୍ମ ପୀଡ଼ାରେ ମଧ୍ୟ ଅଟଳ ଅଚଳ ରହିପାରେ । କିନ୍ତୁ ସେ ଯଦି ମୃଦୁ ତ୍ରୁଟିଏ ପାଇଁ ଅନୁଶୋଚନା କରି ବିନ୍ଦୁଏ ଲୋତକ ତ୍ୟାଗେ ନାହିଁ ତେବେ ସେ ମନୁଷ୍ୟ ପଦବାଚ୍ୟ ନୁହେଁ । ବରଂ ହୃଦୟହୀନ ବସ୍ତୁକୁ ପ୍ରେମ କରିହେଇପାରେ—ତାକୁ ନୁହେଁ—କାରଣ ଅନୁଶୋଚନାହୀନ ମନୁଷ୍ୟ ବସ୍ତୁଠାରୁ ମଧ୍ୟ ହୀନ ।

ହେମଚନ୍ଦ୍ର ନୀରବରେ କାନ୍ଦୁଥିଲେ—ଆଉ କାନ୍ଦୁଥିଲେ—ସତେ ଯେପରି ଏ କାନ୍ଦଣାର ଶେଷ ନାହିଁ । ଯେଉଁ ମୃଣାଳିନୀକୁ ସେ ପାପିଷ୍ଠ ବୋଲି ତିରସ୍କାର କରି ହୃଦୟରୁ ଅନ୍ତର କରିବା ପାଇଁ ଚେଷ୍ଟା କରିଥିଲେ ସେଇ ମୃଣାଳିନୀ ସତେଅବା ଅଧିକରୁ ଅଧିକ ତାଙ୍କ ହୃଦୟରେ ନିଜର ଆସନ ଦୃଢ଼ କରିଥିଲା । ମୃଣାଳିନୀକୁ ସେ ଦୋଷୀ ବୋଲି ଧରିନେଇଥିଲେ ସତ, କିନ୍ତୁ ତାହା ର ଭିତରେ ସେ ଦେଖିପାରୁଥିଲେ ମୃଣାଳିନୀର ପ୍ରେମପରିପୂର୍ଣ୍ଣ ମୁଖଶ୍ରୀ, କାନରେ ସତେଅବା ବାଜିଯାଉଥିଲା—ମୃଣାଳିନୀଙ୍କର ସୁମଧୁର କଥା, ଆଖି ଆଗରେ ନାଚିଯାଉଥିଲା ପ୍ରୀତିଭରା କାର୍ଯ୍ୟାବଳୀ । ସେଇ ମୃଣାଳିନୀ କ'ଣ ବିଶ୍ୱାସଘାତକତା କରିପାରେ ? ଅତୀତ କଥା ଗୋଟି ଗୋଟି ହୋଇ ଭାସିଯାଉଛି ହେମଚନ୍ଦ୍ରଙ୍କ ଆଖିରେ । ଥରେ ମଥୁରାରେ ହେମଚନ୍ଦ୍ର ମୃଣାଳିନୀ ନିକଟକୁ ଚିଠି ଖଣ୍ଡିଏ ଦେବେ ବୋଲି ଉପଯୁକ୍ତ ବିଶ୍ୱସ୍ତ ପତ୍ରବାହକଟିଏ ପାଇଲେ ନାହିଁ । କିନ୍ତୁ ମୃଣାଳିନୀକୁ ସେହି ସମୟରେ ସେ ଦେଖିପାରିଥିଲେ ଗବାକ୍ଷ ପାଖରେ । ସେହି ସମୟରେ ଗୋଟିଏ ଆମ୍ବ ଦେହରେ ସେ ଆବଶ୍ୟକ କେତୋଟି କଥା ଲେଖିଦେଇ ଲକ୍ଷ୍ୟ କରି ଫିଙ୍ଗିଥିଲେ ମୃଣାଳିନୀଙ୍କର କୋଡ଼କୁ । ଆମ୍ବଟିକୁ ଧରିବାକୁ ମୃଣାଳିନୀ ଆଗେଇ ଆସୁଥିଲେ । ଆମ୍ବଟି ମୃଣାଳିନୀଙ୍କ କୋଡ଼ରେ ନ ପଡ଼ି ଆଘାତ କରିଥିଲା ତାଙ୍କର କର୍ଣ୍ଣ ଦେଶକୁ । ସେଇ ଆଘାତରେ କର୍ଣ୍ଣର କୁଣ୍ଡଳଟି ଛିଡ଼ିପଡ଼ିଲା - ଆଉ ଝରିପଡ଼ିଲା ଝରଝର ରକ୍ତ ମୃଣାଳିନୀଙ୍କର ଗ୍ରୀବାକୁ ରକ୍ତସିକ୍ତ କରି । ମୃଣାଳିନୀ ଏଥିପ୍ରତି ଭ୍ରୂକ୍ଷେପ

Digitized by srujanika@gmail.com

କଲେ ନାହିଁ । ଝରଝର ରକ୍ତ ଧାରକୁ ରୁଦ୍ଧ କରିବାପାଇଁ କଣ୍ଠ ପାଖକୁ ହସ୍ତ ବି ନେଲେ ନାହିଁ । ଏତେ କଷ୍ଟ ଭିତରେ ସେ ହସି ହସି ଆମ୍ବ ଫଳଟିକୁ ଉଠାଇ ନେଇ ହେମଚନ୍ଦ୍ରଙ୍କ ହସ୍ତାଙ୍କନ ଲିପି ପାଠ କରିଥିଲେ ଏକା ନିଶ୍ୱାସକେ । ଆଜି ସେଇଠାରେ ସେଇ ମୁହୂର୍ତ୍ତରେ ସେଇ ଅବସ୍ଥାରେ ପତ୍ରର ଉତ୍ତର ସେଇ ଆମ୍ବଫଳ ଦେହରେ ଲେଖି ଝଇକା ଦେଇ ଫିଙ୍ଗି ଦେଇଥିଲେ ହେମଚନ୍ଦ୍ରଙ୍କ ନିକଟକୁ । ହେମଚନ୍ଦ୍ରଙ୍କ ଦୃଷ୍ଟିପଥରୁ ଅନ୍ତର୍ହିତ ନହେବାଯାଏ ଏତେ ଯନ୍ତ୍ରଣା ଭିତରେ ବି ମୃଣାଳିନୀଙ୍କ ଅଧର କୋଣରେ ଲାଗିରହିଥିଲା ହସ ସତେଅବା ହେମଚନ୍ଦ୍ରଙ୍କୁ ସେ ନିଜର ମଳିନ ଓ ଯନ୍ତ୍ରଣା କାତର ମୁଖ ନ ଦେଖାଇବାକୁ ବଦ୍ଧପରିକର ।

ହେମଚନ୍ଦ୍ରଙ୍କର ସେ କଥା ଆଜି ମନେପଡ଼ୁଯାଉଛି । ସେଇ ମୃଣାଳିନୀକୁ କ'ଣ ଅବିଶ୍ୱାସ କରାଯାଇପାରେ ? ନା—ଅସମ୍ଭବ । ଆଜି ଦିନେ ମୃଣାଳିନୀଙ୍କୁ ବିଛା କାମୁଡ଼ିଥିଲା । ବୃଶ୍ଚିକ ଦଂଶନର ଯନ୍ତ୍ରଣାରେ ମୃଣାଳିନୀ ଛଟପଟ ହେଉଥାନ୍ତି । ଜଣେ ପରିଚାରିକା ଏହି ଯନ୍ତ୍ରଣା ନିବାରଣର ଔଷଧ ଜାଣିଥିଲା—ସେ ତତ୍‌କ୍ଷଣାତ୍ ଔଷଧ ଆଣିବାପାଇଁ ଚାଲିଗଲା । । ଏହି ସମୟରେ ହେମଚନ୍ଦ୍ରଙ୍କଠାରୁ ସମ୍ବାଦ ପହଞ୍ଚିଲା—ହେମଚନ୍ଦ୍ର ମୃଣାଳିନୀଙ୍କୁ ଉପବନରେ ଅପେକ୍ଷା କରିଛନ୍ତି । ଔଷଧ ଆଣି ଦାସୀ କ୍ଷତ ସ୍ଥାନରେ ଲଗାଇବା ପୂର୍ବରୁ ମୃଣାଳିନୀ ଧାଇଁଆସିଥିଲେ ସେଇ ଉପବନକୁ । ଔଷଧ ନଲଗାଇ ମଧ୍ୟ ହେମଚନ୍ଦ୍ରଙ୍କ ଦର୍ଶନରେ ସତେ ଯେପରି ତାଙ୍କର ସେ ଯନ୍ତ୍ରଣାର ଉପଶମ ହୋଇଯାଇଥିଲା । ସେଇ ମୃଣାଳିନୀଙ୍କୁ ବ୍ରାହ୍ମଣକୁଳର କଳଙ୍କ ବ୍ୟୋମକେଶ ପାଇଁ କ'ଣ ଅବିଶ୍ୱାସ କରାଯାଇପାରେ ?

ଆଉ ଦିନକର କଥା । ହେମଚନ୍ଦ୍ର ଗୁରୁଙ୍କୁ ଦର୍ଶନ କରିବା ପାଇଁ ମଥୁରା ଯାଇଥାନ୍ତି । ବହୁ ପଥ ଚାଲି ତାଙ୍କ ଶରୀରରେ ଯନ୍ତ୍ରଣା ବୃଦ୍ଧି ପାଇଲା । ସେ ଆଉ ଚାଲିନପାରି ଗୋଟିଏ ପାନ୍ଥନିବାସରେ ରହି ଛଟପଟ ହେଉଥାନ୍ତି । ଏ ସମ୍ବାଦ ମୃଣାଳିନୀ ପାଇବା ମାତ୍ରେ ମାତ୍ର ଜଣେ ଦାସୀକୁ ନେଇ ସେଇ ରାତିରେ ଧାଇଁଆସିଥିଲେ ବହୁ ଦୂର ପଥ ଅତିକ୍ରମ କରି ଏଇ ପାନ୍ଥଶାଳାକୁ କେବଳ ହେମଚନ୍ଦ୍ରଙ୍କୁ ଟିକେ ଦେଖିବାପାଇଁ—ତାଙ୍କ କଷ୍ଟ ଟିକେ ଲାଘବ କରିବା ପାଇଁ । ମୃଣାଳିନୀ ଏଇ ଦୀର୍ଘ ପଥ ଅତିକ୍ରମ କରି ହୋଇପଡ଼ିଥିଲେ ଅତିଶୟ କ୍ଲାନ୍ତ-ଶ୍ରାନ୍ତ । ପାଦଦୁଇଟି କଣ୍ଟା ଆଘାତରେ ହୋଇଯାଇଥାଏ ରକ୍ତରଞ୍ଜିତ । ତଥାପି

Digitized by srujanika@gmail.com

ମୃଣାଳିନୀ ନିଜ ପ୍ରିୟ ପୁରୁଷଙ୍କୁ ଦେଖି ହସିଦେଇଥିଲେ । ହେମଚନ୍ଦ୍ରଙ୍କର ପୀଡ଼ା ଲାଘବ କରିବା ପାଇଁ ପଦସେବା କରିଥିଲେ । ପୁଣି ପିତାଙ୍କ ଉପରେ ସେଇ ରାତରେ ଫେରିଆସିଲେ ନିଜ ଘରକୁ । ଘରେ ଆସି ନିଜେ ପୀଡ଼ିତା ହେଲେ ସତ, କିନ୍ତୁ ନିଜ ପ୍ରିୟ ପୁରୁଷକୁ ତ ଦେଖି ଆସି ପାରିଥିଲେ ! ତାଙ୍କର ଯନ୍ତ୍ରଣା ଲାଘବ କରିପାରିଥିଲେ ! ସେଇ ମୃଣାଳିନୀଙ୍କୁ ସେ କ'ଣ ନରାଧମ ବ୍ୟୋମକେଶ ପାଇଁ ତ୍ୟାଗ କରିପାରିବେ ? ଘୃଣ୍ୟ ବ୍ୟୋମକେଶ ପାଇଁ ସେ ମୃଣାଳିନୀଙ୍କୁ ବିଶ୍ୱାସଘାତିନୀ କହିପାରିବେ ?

ବରଂ ଯିଏ ମୃଣାଳିନୀଙ୍କୁ ବିଶ୍ୱାସଘାତିନୀ କହିବ—ସେ ବିଶ୍ୱାସଘାତକ—ସେଇ ନରାଧମ । ହେମଚନ୍ଦ୍ର ବାର ବାର ଭାବିଚାଲିଥିଲେ କାହିଁକି ସେ ମୃଣାଳିନୀର ପତ୍ର ନପଢ଼ି ଚିରି ଫିଙ୍ଗିଦେଲେ । ସେ କାହିଁକି ନବଦ୍ୱୀପ ଧାଇଁଆସିଛନ୍ତି—ତାହାବି ଜାଣିବାକୁ ଇଚ୍ଛା କଲେ ନାହିଁ କାହିଁକି ? କାହିଁକି ସେ ଏ ଭୁଲ କଲେ ? ହେମଚନ୍ଦ୍ର ଭାବୁଥାନ୍ତି ସେ କଣ ଧାଇଁଯିବେ ସେଇ ବଣକୁ ଯେଉଁଠି ଚିଠି ଖଣ୍ଡି ଚିରି ଫିଙ୍ଗି ଦେଇଥିଲେ—ଚିଠିର ଟୁକୁରା ଖଣ୍ଡକୁ ଖୋଜି-ଆଣି ତାକୁ ଯୋଡ଼ି କରି ପୁଣି ସେ ପଢ଼ିବାକୁ ଚେଷ୍ଟା କରିବେ । ଭାବବିହ୍ୱଳ ହୋଇ ହେମଚନ୍ଦ୍ର ଧାଇଁଯାଇଥିଲେ ସେ ବନଦେଶକୁ, କିନ୍ତୁ ନିଷ୍ଠୁର ପବନ ସେଇ ଚିଠି ଖଣ୍ଡର କୌଣସି ଚିହ୍ନ-ବର୍ଣ୍ଣ ମଧ୍ୟ ରଖିନଥିଲା । ହେମଚନ୍ଦ୍ର ନିରାଶ ହୋଇ ଫେରି ଆସିଥିଲେ । ହେମଚନ୍ଦ୍ର ଭାବୁଥିଲେ—ତାଙ୍କର ଶରୀରର ଦକ୍ଷିଣ-ହସ୍ତ ବଦଳରେ ଯଦି ସେଇ ଚିଠି ଖଣ୍ଡିକ କିଏ ଫେରାଇ ଦିଅନ୍ତା ତେବେ ସେ ହସି ହସି ନିଜର ହାତଟିକୁ କାଟି ଦେଇଦିଅନ୍ତେ ।

ପୁଣି ଭାବିବାକୁ ଲାଗିଲେ—ଆଚାର୍ଯ୍ୟ କାହିଁକି ବା ମିଛ କହିବାକୁ ଯିବେ ? ସେ ଯେ ଜଣେ ସତ୍ୟନିଷ୍ଠ । ତା ଛଡ଼ା ସେତ ମୋତେ ପୁଅଠାରୁ ଅଧିକ ସ୍ନେହ କରନ୍ତି । ସେ ଜାଣନ୍ତି ଏଇ ସମ୍ବାଦ ପାଇଲେ ମୁଁ ମରଣାବଧି ଯନ୍ତ୍ରଣା ଭୋଗ କରିବି । ତେଣୁ ଜାଣିଶୁଣି ସେ କ'ଣ ଏଭଳି ମିଛ ସମ୍ବାଦ ଦିଅନ୍ତେ ? ଏହାଛଡ଼ା ସେ ନିଜ ମନକୁ ଏ କଥା କହିନାହାନ୍ତି । ମୁଁ ଜାଣିବା ପାଇଁ ବାଧ୍ୟ କରିବାରୁ ସେ ମୋତେ ଏକଥା କହିବାକୁ ଗଲେ ! ତେବେ ହୃଷୀକେଶ ହୁଏତ ତାଙ୍କ ନିକଟରେ ମିଛ କହିପାରିଥାଏ । କିନ୍ତୁ ହୃଷୀକେଶ ବିନା କାରଣରେ ଗୁରୁଙ୍କ ନିକଟରେ ମିଛ କାହିଁକି କହିବାକୁ ଯିବ ? ଆଉ ମୃଣାଳିନୀ କାହିଁକି ତାଙ୍କ ଘର ଛାଡ଼ି ନବଦ୍ୱୀପକୁ ଆସିବେ ?

Digitized by srujanika@gmail.com

ଏହିଭଳି ଭାବନାର ଉତ୍ତାଳ ଉତରେ ହେମଚନ୍ଦ୍ର ବିଚଳିତ ହୋଇପଡ଼ିଲେ । ମୁଖ କାଳିମାମୟ, କପାଳ ଘର୍ମସିକ୍ତ । ସେ ଆଉ ଶୋଇପାରିଲେ ନା, ବିଛଣାରୁ ଉଠିପଡ଼ିଲେ । ହଠାତ୍ ସେ କ୍ରୋଧରେ ନିଜ ଓଠକୁ ନିଜେ କାମୁଡ଼ିବାକୁ ଲାଗିଲେ । ଚକ୍ଷୁ ରକ୍ତ ବର୍ଣ୍ଣ ହୋଇଗଲା । ଶୂଳ ଧରିବା ପାଇଁ ଶୂନ୍ୟରେ ମୁଷ୍ଟିବନ୍ଦ କରୁଥିଲେ ହେମଚନ୍ଦ୍ର । ପୁଣି ହଠାତ୍ ହେମଚନ୍ଦ୍ରଙ୍କର ସେଇ କ୍ରୋଧବେଶ ରକ୍ତ ଚକ୍ଷୁ ଆଗରେ ଭାସିଉଠିଲା ମୃଣାଳିନୀଙ୍କର ପ୍ରେମମୟୀ ମୁଖ-ମଣ୍ଡଳ । ହେମଚନ୍ଦ୍ର ଆଉ ବସି ପାରିଲେନି । ମୂଳ ଉତ୍ପାଟିତ ବୃକ୍ଷ ସଦୃଶ ପଡ଼ିଗଲେ ସେ ଶଯ୍ୟା ଉପରେ ଏବଂ ଶିଶୁପରି କହିଁ କହିଁ ହୋଇ କାନ୍ଦିବାକୁ ଲାଗିଲେ ନିଜର ଉପାଧାନରେ ମୁଖ ଲୁଚାଇ । ହେମଚନ୍ଦ୍ର ଏହିଭଳି ଚକଅାରେ ମୁହିଁମ ଡ଼ କାନ୍ଦୁଥାନ୍ତି—ପ୍ରବେଶକଲେ ଗିରିଜାୟା !

କେହି ଆସୁଥିବାର ପଦଶବ୍ଦ ଶୁଣି ହେମଚନ୍ଦ୍ର ପ୍ରଥମେ ଭାବିଲେ ହୁଏତ ମନୋରମା ଆସିଛନ୍ତି । କିନ୍ତୁ ଦୃଷ୍ଟି ଦେଖନ୍ତି—ମନୋରମା ନୁହେଁ ଗିରିଜାୟା । ପ୍ରଥମେ ସେ ବିସ୍ମିତ ହେଲେ । ଧୀରେ ଧୀରେ ସେ ବିସ୍ମିତ ମୁଖମଣ୍ଡଳ ହୋଇଗଲା ଆହ୍ଲାଦିତ । ଶେଷରେ ହେମଚନ୍ଦ୍ର ହୋଇଉଠିଲେ କୌତୂହଳୀ ! ପଚାରିଲେ—ତୁମେ ପୁଣି କାହିଁକି ଗିରିଜାୟା ?

ଗିରିଜାୟା—ମୁଁ ମୃଣାଳିନୀଙ୍କର ଦାସୀ । ମୃଣାଳିନୀଙ୍କୁ ଆପଣ ସିନା ତ୍ୟାଗ କରିଛନ୍ତି, କିନ୍ତୁ ମୃଣାଳିନୀ ଆପଣଙ୍କୁ ତ୍ୟାଗ କରିପାରିବେ ନାହିଁ । ତେଣୁ ମୁଁ ପୁଣି ଆସିବାକୁ ବାଧ୍ୟ ହେଲି । ତେଣୁ ମୋତେ ପଦ୍ମ ପିଟିବାରେ ଇଚ୍ଛାଥିଏ । ଯେତେ ପାର ସେତେ ପିଟ—ଠାକୁରାଣୀଙ୍କ ପାଇଁ ସବୁ ସହିଯିବି ।

ଗିରିଜାୟାଙ୍କର ଏଇ କଥା କେଇପଦ ସତେଅବା ହେମଚନ୍ଦ୍ରଙ୍କର ହୃଦୟକୁ ସୂଚୀଭେଦ କଲାପରି ମନେହେଲା । ସେ ଅପ୍ରସ୍ତୁତ ହୋଇପଡ଼ିଲେ । ସେ କହିଲେ —ତୁମର କୌଣସି ଭୟ ନାହିଁ । ମୁଁ ସ୍ତ୍ରୀଲୋକଙ୍କୁ ମାରିବ ନାହିଁ । କୁହ ତୁମେ କାହିଁକି ଆସିଛ ? ମୃଣାଳିନୀ କେଉଁଠାରେ ? ତୁମେ କହିଥିଲ ଯେ—ସେ ନବଦ୍ୱୀପକୁ ଆସିଛନ୍ତି । କିନ୍ତୁ ସେ କାହିଁକି ଆସିଛନ୍ତି ? ମୁଁ ତାଙ୍କର ପତ୍ରଟି ନପଢ଼ି ଭୁଲ କରିଛି ।

ଗିରି—ମୃଣାଳିନୀ ଆପଣଙ୍କୁ ଦେଖିବା ପାଇଁ ନବଦ୍ୱୀପ ଆସିଛନ୍ତି ।

ଏ କଥା ଶୁଣି ହେମଚନ୍ଦ୍ରଙ୍କର ଶରୀର ଅବା କଣ୍ଟକିତ ହୋଇଗଲା । ଯେଉଁ ମୃଣାଳିନୀ ତାଙ୍କୁ ଦେଖିବାପାଇଁ ନବଦ୍ୱୀପକୁ ଧାଇଁ ଆସିଛନ୍ତି—ତାଙ୍କୁ କୁଳଟା

Digitized by srujanika@gmail.com

ଟେବୋଲ୍ଲ ତିରସ୍କାରକଲେ । ମନେ ମନେ ଅନୁଭବ୍ତ 'ହେ ଈଶ୍ୱର୍' ଭାବୁଥିଲେ—ମୃଣାଳିନୀ କେଉଁଠାରେ ଅଛନ୍ତି ?

ଗିରିଜାୟା—ସେ ଆପଣଙ୍କ ନିକଟରୁ ଚିରବିଦାୟ ନେବାକୁ ଆସିଛନ୍ତି । ସେ ଏଇ ପୁଷ୍କରିଣୀ ତୀରରେ ଦଣ୍ଡାୟମାନ ରହି ଆପଣଙ୍କୁ ପ୍ରତୀକ୍ଷା କରିଛନ୍ତି । ଆପଣ ଦୟାକରି ଆସନ୍ତୁ ।

ଏହା କହି ଗିରିଜାୟା ଚାଲିଗଲେ । ହେମଚନ୍ଦ୍ର ତାଙ୍କ ପଛେ ପଛେ ଧାଇଁବାକୁ ଲାଗିଲେ । ପୋଖରୀ କୂଳର ପାହାଚ ଉପରେ ମୃଣାଳିନୀ ବସି ରହିଥାନ୍ତି । ହେମଚନ୍ଦ୍ର ସେଠାରେ ଉପସ୍ଥିତ ହେଲେ । ଗିରିଜାୟା କହିଲେ—ଠାକୁରାଣୀ, ଏବେ ଉଠ । ଅଭିମାନ ଭାଙ୍ଗ । ରାଜପୁତ୍ର ଆସିଗଲେଣି ।

ମୃଣାଳିନୀ ଉଠି ଠିଆହେଲେ । ପରସ୍ପର ପରସ୍ପରକୁ ଚାହିଁ ରହିଲେ । ମୃଣାଳିନୀ ଅଶ୍ରୁପୂର୍ଣ୍ଣ ଚକ୍ଷୁରେ କିଛି ଆଉ ଦେଖି ପାରିଲେ ନାହିଁ । ଅବଲମ୍ବନ ଶାଖା ଛିନ୍ନହୋଇଗଲେ ବିଳମ୍ବିମା ଲତିକା ଭୂତଳରେ ପଡ଼ିଗଲା ପରି ମୃଣାଳିନୀ ହେମଚନ୍ଦ୍ରଙ୍କର ପାଦତଳେ ପଡ଼ିଗଲେ । ଗିରିଜାୟା ଦୂରେଇଗଲେ ସେ ସ୍ଥାନରୁ ।

ଏତେ ଦିନ ପରେ

ହେମଚନ୍ଦ୍ର ମୃଣାଳିନୀର ହାତ ଧରି ଉଠାଇଦେଲେ । ଉଭୟେ ଉଭୟଙ୍କ ମୁହଁକୁ କେବଳ ଚାହିଁ ରହିଲେ—କେହି କାହାକୁ କିଛି କହିଲେ ନାହିଁ । କେତେ ସମୟ ଯେ ଏହିଭଳି ନୀରବରେ କଟିଗଲା କେହି ଜାଣନ୍ତିନାହିଁ । ବହୁଦିନ ପରେ ଆଜି ଦୁଇଜଣ ପରସ୍ପରର ସାକ୍ଷାତ ପାଇଲେ । ଯେଉଁଦିନ ସନ୍ଧ୍ୟାବେଳେ ଯମୁନାର ଉପକୂଳରେ ଗ୍ରୀଷ୍ମର ପ୍ରଖର ରଶ୍ମିରେ ଝାଉଁଳିପଡ଼ିଥିବା ବକୁଳ ବୃକ୍ଷମୂଳେ ଦଣ୍ଡାୟମାନ ହୋଇ ଉଭୟ ଉଭୟଙ୍କ ନିକଟରୁ ସଜଳ ନେତ୍ରରେ ବିଦାୟ ନେଇଥିଲେ—ତାହାପରଠାରୁ ଆଜି ସେମାନଙ୍କର ସାକ୍ଷାତ ହୋଇ-ନଥିଲା । ଗ୍ରୀଷ୍ମପରେ ବର୍ଷା, ବର୍ଷା ପରେ ଶରତ, ଶରତ ପରେ ହେମନ୍ତ ଚାଲିଯାଇଛି । କିନ୍ତୁ ଏ ଦୁହିଁଙ୍କ ହୃଦୟରେ ଯେ କେତେ ଋତୁଚକ୍ରର ଆବର୍ତ୍ତନ ଘଟିଯାଇଛି ତାହାର ହିସାବ ନାହିଁ ।

Digitized by srujanika@gmail.com

ସେଇ ସମୟରେ ସ୍ୱଚ୍ଛସଲିଳା ପୁଷ୍କରିଣୀର ତଟଦେଶରେ ପରସ୍ପର ପରସ୍ପରର ମୁହଁକୁ ଚାହିଁ ଠିଆହୋଇ ରହିଥିଲେ । ଚତୁର୍ଦ୍ଦିଗରେ ନିବିଡ଼ ଅରଣ୍ୟ । ସମ୍ମୁଖରେ ପୁଷ୍କରିଣୀର ସୁବିସ୍ତୃତ ନୀଳଜଳରାଶି । ତହିଁରେ ଶୋଭା ପାଉଛି ଶୈବାଳ—କୁମୁଦ—କହ୍ଲାର । ମଥା ଉପରେ ଚନ୍ଦ୍ର ଓ ନକ୍ଷତ୍ର ମେଘ ଫାଙ୍କରେ ସତେଅବା ଲୁଚିମାରି ହସିଉଠୁଥିଲେ । ଚନ୍ଦ୍ରାଲୋକ ଝରିପଡ଼ୁଥିଲା—ଆକାଶରେ, ଘନପଲ୍ଲବିତ ବୃକ୍ଷ ଶାଖାରେ, ପୁଷ୍କରିଣୀର ସୋପାନଶ୍ରେଣୀରେ, ଲତାକୁଞ୍ଜରେ । ଚତୁର୍ଦ୍ଦିଗରେ ସତେ ଅବା ଆଜି ଆଲୋକର ଉତ୍ସବ? କ'ଣ ହେମଚନ୍ଦ୍ର ମୃଣାଳିନୀଙ୍କ ମିଳନପାଇଁ ! ବୋଧହୁଏ ତାହାହିଁ ସତ୍ୟ । ପ୍ରକୃତି ସୁନ୍ଦରୀ ଧୈର୍ଯ୍ୟମୟୀ । ସେଇ ଧୈର୍ଯ୍ୟଶାଳିନୀ ପ୍ରକୃତିର ପ୍ରାସାଦ ମଧ୍ୟରେ ମୃଣାଳିନୀ ଓ ହେମଚନ୍ଦ୍ର ଧୈର୍ଯ୍ୟଧରି ପରସ୍ପରକୁ ଚାହିଁ ଦଣ୍ଡାୟମାନ ରହିଥିଲେ ।

ସେମାନଙ୍କ ମୁଖରେ କଣ ଭାଷା ନଥିଲା ? ଦୁହିଁଙ୍କ ମନରେ କ'ଣ କହିବା-ପାଇଁ କିଛି କଥା ନ ଥିଲା ? ଯଦି ମନର କଥା କିଛି କହିବାର ଥିଲା—ତେବେ କହୁନଥିଲେ କାହିଁକି ? ଭାଷାରେ ଯଦି କିଛି ଶବ୍ଦ ଫୁଟିବାର ଥିଲା—ତେବେ ସେ ଶବ୍ଦ ଫୁଟିଲା ନାହିଁ କାହିଁକି ? ବୋଧହୁଏ ଆଖିର ଦେଖାରେ ମନ ହୋଇପଡ଼ିଥିଲା ଉନ୍ମତ୍ତ—ଉନ୍ମାଦ ପ୍ରାପ୍ତ । ତେଣୁ ସେତେବେଳେ କଥା କୁହାଯାଇ ପାରିବ କିପରି ? ଏ ସମୟରେ ପ୍ରଣୟିନୀକୁ ନିକଟରେ ପାଇ ଯେତେ ସୁଖ ପାଏ ଯେ—ସେତେବେଳେ ହୃଦୟରେ ଅନ୍ୟ କିଛି ସୁଖର ସ୍ଥାନ ନଥାଏ । ଯେ ସେଇ ସାନ୍ନିଧ୍ୟଲାଭର ସୁଖ ପାଇଥାଏ ସେ ବା ଅନ୍ୟ ସୁଖ ପାଇବାର ଆଶା ରଖିବ କାହିଁକି ? ସେ ସମୟରେ ଏତେ କଥା କହିବାପାଇଁ ଥାଏ ଯେ କେଉଁ କଥା ଆଗ କହିବ, କେଉଁ କଥା ପଛେ—ତାହା କେହି ସ୍ଥିର କରିପାରେନା । ସେଇ ସମୟର ଅନୁଭବକୁ ବର୍ଣ୍ଣନା କରିବାପାଇଁ ମଣିଷ ଆଜି-ଯାଏ ଭାଷା ଖୋଜି ପାଇନି—କେବଳ ଅନୁଭବହିଁ କରିଛି ।

ସେ ଦୁହେଁ ପରସ୍ପରକୁ ଚାହିଁ ରହିଲେ । ହେମଚନ୍ଦ୍ର ମୃଣାଳିନୀଙ୍କର ସେଇ ପ୍ରୀତିବୋଳା ସୁନ୍ଦର ମୁଖମଣ୍ଡଳକୁ ଆଉଥରେ ଦେଖିଲେ ଏତେ ଦିନ ପରେ । ହୃଷୀକେଶର କଥାରେ ଜନ୍ମିଥିବା ଅବିଶ୍ୱାସ ସତେ ଅବା ଧୀରେ ଧୀରେ ଉଭେଇଯାଉଥିଲା ହେମଚନ୍ଦ୍ରଙ୍କ ମନରୁ । ଆଜି ସେ ମୁଖମଣ୍ଡଳରେ ସତେ ଅବା ଭରିରହିଛି ଖାଲି ପବିତ୍ରତା । ହେମଚନ୍ଦ୍ର ମୃଣାଳିନୀଙ୍କର ସେଇ ଇନ୍ଦୀବର ନିନ୍ଦୀ ଅପୂର୍ବ ଚକ୍ଷୁ ଦୁଇଟିକୁ ଚାହିଁରହିଥିଲେ । ସତେ ଅବା ସେଇ ଚକ୍ଷୁ ଦୁଇଟି

Digitized by srujanika@gmail.com

ଦେଖନ୍ତି ତାଙ୍କର ଅନ୍ତରର ସ୍ୱଚ୍ଛ ଦର୍ପଣ । ସେଇ ଚକ୍ଷୁରୁ ଝରିପାଉଥିଲା କେବଳ ପ୍ରେମାଶ୍ରୁ । ସେ ଚକ୍ଷୁ କ'ଣ ହୋଇପାରେ କେଉଁ ବିଶ୍ୱାସଘାତିନୀର ? ନା— ଅସମ୍ଭବ ।

ହେମଚନ୍ଦ୍ର ପ୍ରଥମେ କଥା କହିଲେ । ପଚାରିଲେ, "ମୃଣାଳିନୀ କିପରି ଅଛ ?"

ମୃଣାଳିନୀ ଉତ୍ତର ଦେଇପାରିଲେ ନାହିଁ । ଏ ସାଏ ତ ତାଙ୍କର ହୃଦୟ ଆନ୍ଦୋଳିତ—ଅନ୍ତର ଉଦ୍‌ବେଳିତ । କିଛି କହିବା ପାଇଁ ତାଙ୍କର ଅନ୍ତର କମ୍ପି ଉଠିଲା । ମାତ୍ର ପରମୁହୂର୍ତ୍ତରେ ତାଙ୍କର ଚକ୍ଷୁ ଦୁଇଟିରୁ ଝରି ଆସିଲା ଧାର ଧାର ଲୁହ । କଣ୍ଠ ରୁଦ୍ଧ ହୋଇଗଲା । ଚେଷ୍ଟାକରି ମଧ୍ୟ ସେ କଥା କହି-ପାରିଲେନାହିଁ ।

ହେମଚନ୍ଦ୍ର ପୁଣି ପଚାରିଲେ—ତୁମେ କାହିଁକି ଆସିଛ ? ମୃଣାଳିନୀ ତଥାପି ନିରୁତ୍ତର । ହେମଚନ୍ଦ୍ର ତାଙ୍କର ହାତ ଧରି ସେଇ ପାହାଚ ଉପରେ ବସାଇଦେଇ ନିଜେ ମଧ୍ୟ ତାଙ୍କ ନିକଟରେ ବସିଲେ । ମୃଣାଳିନୀଙ୍କର ଚିତ୍ତ ହେମଚନ୍ଦ୍ରଙ୍କର ସ୍ପର୍ଶରେ ଆହୁରି ଅଧିକ ଅସ୍ଥିର ହୋଇପଡ଼ିଲା । ସେ ନିଜକୁ ଆଉ ସ୍ଥିର ରଖି ପାରିଲେନି । ଧୀରେ ଧୀରେ ତାଙ୍କ ମୁଣ୍ଡ ନଇଁଗଲା ହେମଚନ୍ଦ୍ରଙ୍କର କାନ୍ଧ ଉପରକୁ । ମୃଣାଳିନୀ ହେମଚନ୍ଦ୍ରଙ୍କ କାନ୍ଧରେ ମୁଣ୍ଡ ରଖିଥିଲେ କିନା ଜାଣି ବି ଜାଣିପାରିଲେନି । ନିରବ୍‌ରେ ଝରିଆସୁଥିବା ଲୋତକ ଧାରରେ ସିକ୍ତ ହୋଇଗଲା ହେମଚନ୍ଦ୍ରଙ୍କ ସ୍କନ୍ଧ ଓ ବକ୍ଷ ଦେଶ । ସେଇ ଲୁହ ଭିତରେ ମୃଣାଳିନୀ ଆଜ ଯେଉଁ ସୁଖ ଅନୁଭବ କରୁଥିଲେ ତାହା ସେ ଜୀବନରେ ଆଗରୁ କେବେ ଅନୁଭବ କରିନଥିଲେ ।

ହେମଚନ୍ଦ୍ର ପୁଣି ଥରେ ମୃଣାଳିନୀଙ୍କ କପୋଳରେ ହସ୍ତ ସଞ୍ଚାଳନ କରି କହିଲେ—ମୃଣାଳିନୀ, ମୁଁ ତୁମ ନିକଟରେ ଗୁରୁତର ଅପରାଧ କରିଛି— ମୋତେ କ୍ଷମା ଦିଅ । ମୁଁ ତୁମ ନାମରେ କଳଙ୍କ ରଟନା ଶୁଣି ତାକୁ ବିଶ୍ୱାସ କରିଛି । ବିଶ୍ୱାସ କରିବାପାଇଁ ମୋତେ କେତେକ ଘଟଣା ବାଧ୍ୟକରିଥିଲା । ମୁଁ ସେଇ ସନ୍ଦେହ ମୋଚନ ପାଇଁ ତୁମକୁ କେତୋଟି ପ୍ରଶ୍ନ ପଚାରିବି—ଆଶାକରେ ତୁମେ ନିସଂଙ୍କୋଚରେ ଉତ୍ତର ଦେବ ।

ମୃଣାଳିନୀ ହେମଚନ୍ଦ୍ରଙ୍କ କାନ୍ଧରୁ ମୁଣ୍ଡ ଟେକି ପଚାରିଲେ – କୁହନ୍ତୁ କ'ଣ ପଚାରିବେ ?

ହେମଚନ୍ଦ୍ର – ତୁମେ ହୃଷୀକେଶର ଘରୁ ଚାଲିଆସିଲ କାହିଁକି ?

Digitized by srujanika@gmail.com

ହୃଷୀକେଶ ନାମ ଶୁଣିବା ମାତ୍ରେ ନାଗୁଣୀ ଫଁ ଫଁ ହୋଇ ଗୋଟି ମାଳାପରି ମୃଣାଳିନୀ ହେମଚନ୍ଦ୍ରଙ୍କ କାନ୍ଧରୁ ମଥା ଉଠାଇନେଇ କହିଲେ—ହୃଷୀକେଶ ମୋତେ ତାଙ୍କ ଘରୁ ତଡ଼ିଦେଇଛନ୍ତି ।

ହେମଚନ୍ଦ୍ର ବ୍ୟଥିତ ହେଲେ । ତାଙ୍କ ଆଖିରେ ଘେରିଗଲା ସନ୍ଦେହର ଛାୟା । ସେ ଟିକଏ ଶଙ୍କିତ ହୋଇପଡ଼ିଲେ । ଏଇ ଅବସରରେ ମୃଣାଳିନୀ ପୁଣି ହେମଚନ୍ଦ୍ରଙ୍କ କାନ୍ଧରେ ମୁଣ୍ଡ ରଖିଲେ । ସତେ ଅବା ସେଇଠାରେ ମୁଣ୍ଡ ରଖି ଯେଉଁ ସୁଖ ସେ ଅନୁଭବ କରୁଥିଲେ ତାକୁ ବାରବାର ପାଇବାର ଲୋଭ ସେ ସମ୍ବରଣ କରିପାରୁନଥିଲେ ।

ହେମଚନ୍ଦ୍ର ପଚାରିଲେ—ହୃଷୀକେଶ କାହିଁକି ତୁମକୁ ଘରୁ ତଡ଼ିଦେଲା ?

ମୃଣାଳିନୀ ଏଥର କାନ୍ଧରୁ ମୁଣ୍ଡ କାଢ଼ିଆଣି ଗୁଡ଼ି ଭିତରେ ମୁହଁ ଲୁଚାଇ-ଦେଲେ । ଅତି ମୃଦୁ ସ୍ୱରରେ କହିଲେ—"ତୁମକୁ ସେ କଥା କ'ଣ କହିବ ? ସେ ମୋତେ କୁଳଟା କହି ଘରୁ ତଡ଼ିଦେଇଛନ୍ତି ।"

ଏହା ଶୁଣିବା ମାତ୍ରେ ହେମଚନ୍ଦ୍ର କ୍ଷିପ୍ରଗତିରେ ଠିଆହୋଇଗଲେ । ଆଉ ମୃଣାଳିନୀଙ୍କ ମୁଣ୍ଡ ହେମଚନ୍ଦ୍ରଙ୍କ ବକ୍ଷଚ୍ୟୁତହୋଇ ଆଘାତ ପାଇଲା ପୁଷ୍କରିଣୀ ସୋପାନର ପ୍ରସ୍ତର ଦେହରେ ।

"ପାପୀୟସୀ, ନିଜ ମୁହଁରେ ନିଜର ଏଇ କଥା କହିବାକୁ ଲଜ୍ଜା ଲାଗିଲା ନାହିଁ ?" ଏହି କଥା କ୍ରୋଧରେ କହି ହେମଚନ୍ଦ୍ର ଦ୍ରୁତପଦରେ ପ୍ରସ୍ଥାନ କଲେ । ବାଟରେ ଗିରିଜାୟା ଦେଖାହେଲା । ଗିରିଜାୟା ହେମଚନ୍ଦ୍ରଙ୍କର ଭୀମମୂର୍ତ୍ତି ଦେଖି ଚକିତହୋଇଗଲେ । ହେମଚନ୍ଦ୍ର ବାଟରେ ଗିରିଜାୟାଙ୍କୁ ପଦାଘାତ କରି ଚାଲିଗଲେ ଦୂରକୁ । ଆଉ କହିବାର ଶୁଣାଗଲା—ତୁମେ ଯାହାର ଦୂତୀ, ତାକୁ ପଦାଘାତ କରିବାକୁ ମତେ ଘୃଣା ଲାଗୁଛି । କାରଣ ସେଥିରେ ମୋର ପାଦଦୁଇଟି ମଧ୍ୟ କଳଙ୍କିତ ହୋଇଯିବ ।

ଧୈର୍ଯ୍ୟହୀନ ବ୍ୟକ୍ତି ସାମାନ୍ୟ କଥାରେ କ୍ରୋଧରେ ଅନ୍ଧହୋଇଥାଏ—ଆଉ ସେଇଥିପାଇଁ ସେ ହୁଏ ସଂସାରର ସକଳ ସୁଖରୁ ବଞ୍ଚିତ । କେବଳ ଅଧୈର୍ଯ୍ୟ ହେବାରୁ ଦ୍ରୋଣଙ୍କପରି ବୀରପୁରୁଷ ମଧ୍ୟ ଯୁଦ୍ଧରେ ନିହତ ହେଲେ । 'ଅଶ୍ୱତ୍ଥମା' ହତ' ଏଇ ଶବ୍ଦ ଶୁଣି ସେ ଧନୁର୍ବାଣ ତ୍ୟାଗ କରିଥିଲେ, ଅଥଚ ପ୍ରଶ୍ନ ପଚାରି ଅଧିକ ତଥ୍ୟ ଜାଣିବାକୁ ଚାହିଁନଥିଲେ । ସେହିଭଳି ହେମଚନ୍ଦ୍ର ଆଜି କେବଳ ଅଧୈର୍ଯ୍ୟ ହୃଦୟ ତାଙ୍କ ମନରେ ଭରିଥିଲା ଅଜସ୍ର ଅଭିମାନ, ଅମାପ କ୍ରୋଧ ।

Digitized by srujanika@gmail.com

ଶୀତଳ ସମୀରବାହୀ ଉଷାର ପିଙ୍ଗଳ ମୂର୍ତ୍ତି ବାପୀ-ତୀର ଅରଣ୍ୟରେ ଉଦ୍ଭାସିତ ହେଲା । ସେ ପର୍ଯ୍ୟନ୍ତ ମୃଣାଳିନୀ ନିଜର ଆଘାତପ୍ରାପ୍ତ ମସ୍ତକକୁ ଧରି ସେହି ପୋଖରୀ କୂଳରେ ପାହାଚରେ ବସିରହିଥିଲେ । ଗିରିଜାୟା ପଚାରିଲେ—ଠାକୁରାଣୀ, ଆଘାତ କ'ଣ ଗୁରୁତର ହୋଇଛି ?

ମୃଣାଳିନୀ କହିଲେ—କି ଆଘାତ ?

ଗିରି—ମୁଣ୍ଡରେ ପଥର ଆଘାତ ଲାଗିଛି !

ମୃଣାଳିନୀ—ମୁଣ୍ଡରେ ? କାହିଁ ମୁଁ ତ ଜାଣେନା !

Digitized by srujanika@gmail.com

ଚତୁର୍ଥ ଖଣ୍ଡ

ଉଣ୍ଠନାଭ

ମୃଣାଳିନୀଙ୍କର ଭାଗ୍ୟାକାଶରୁ ସୁଖର ତାରା ବୁଡ଼ିଗଲା ସାଙ୍ଗେ ସାଙ୍ଗେ ଗୌଡ଼ରାଜ୍ୟର ସୌଭାଗ୍ୟ ଶଶି ମଧ୍ୟ ଅନ୍ତର୍ହିତ ହୋଇ ଯାଇଥିଲେ । ଯେଉଁ ବ୍ୟକ୍ତି ଇଚ୍ଛା କରିଥିଲେ ଗୌଡ଼ରାଜ୍ୟ ରକ୍ଷାପାଇଥାନ୍ତା, ସେ ଉର୍ଣ୍ଣନାଭପରି ଏକାକୀ ବସିରହି ହତଭାଗ୍ୟ ଜନ୍ମଭୂମିର ସର୍ବନାଶ କରିବା ପାଇଁ ଜାଲ ପାତି ଚାଲିଥିଲେ । ରାତିରେ ଏକାକୀ ବସି ଧର୍ମାଧିକାରୀ ପଶୁପତି ନିଜର ଭୃତ୍ୟ ଶାନ୍ତଶୀଳଙ୍କୁ ଭର୍ତ୍ସନା କରି କହୁଥିଲେ—ଶାନ୍ତଶୀଳ, ତୁମେ ଯେଉଁ ସମ୍ବାଦ ଆଣି ସେ ସକାଳେ ଦେଲ ତାହା କେବଳ ତୁମର ଅଯୋଗ୍ୟତାର ପରିଚୟ । ତୁମ ଉପରେ କୌଣସି ଦାୟିତ୍ୱ ଦେବାପାଇଁ ମୋତେ ଦ୍ୱିଧା ଲାଗୁଛି ।

ଶାନ୍ତଶୀଳ—ଯାହା ଅସାଧ୍ୟ ତାହା ପାରିବି କପରି ? ଅନ୍ୟ କାର୍ଯ୍ୟ ଦେଇ ପରୀକ୍ଷା କରନ୍ତୁ ।

ପଶୁପତି—ସୈନିକଗଣଙ୍କୁ କି ଉପଦେଶ ଦିଆଯାଇଛି ?

ଶାନ୍ତ—ଆମଠାରୁ ଆଦେଶ ନ ପାଇଲେ କେହି ଯୁଦ୍ଧ ପାଇଁ ପ୍ରସ୍ତୁତ ହେବେନାହିଁ ।

ପଶୁପତି—ପ୍ରାନ୍ତପାଳ ଏବଂ କୋଷ୍ଟପାଳଗଣଙ୍କୁ କି ଉପଦେଶ ଦିଆଯାଇଛି ?

ଶାନ୍ତ—ଅଳ୍ପ ସମୟ ମଧ୍ୟରେ ଯବନ ସମ୍ରାଟଙ୍କ ପାଖରୁ ଦଳ ଧରି କେତେଜଣ ଦୂତ ଆସିବେ । ସେମାନଙ୍କୁ ଯେପରି ପଥରେ ବାଧାଦିଆନଯାଏ ।

ପଶୁପତି—ଦାମୋଦରଶର୍ମା ଉପଦେଶ ଅନୁସାରି କାମ କରୁଛନ୍ତି ତ ?

ଶାନ୍ତ—ସେ ଖୁବ୍ ଚତୁରତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

ପଶୁପତି—କପରି ?

ଶାନ୍ତ—ସେ ଏକ ପ୍ରବଚନ ଗ୍ରନ୍ଥରୁ ଗୋଟିଏ ପୃଷ୍ଠା କାଢ଼ିନେଇ ସେ ସ୍ଥାନରେ ଆପଣଙ୍କ ରଚିତ କବିତାଗୁଡ଼ିକ ଯୋଡ଼ି ଦେଇଛନ୍ତି । ଆଜି ସେଇ ଗ୍ରନ୍ଥଟି ନେଇ ଆଜ ସକାଳେ ରାଜାଙ୍କୁ ଶୁଣାଇବା ସଙ୍ଗେ ସଙ୍ଗେ ମାଧବାଚାର୍ଯ୍ୟଙ୍କର ବହୁ ନିନ୍ଦା କରିଛନ୍ତି ।

Digitized by srujanika@gmail.com

ପଶୁପତି—କବିତାରେ ଗୌଡ଼ବିଜେତାଙ୍କର ରୂପ ବର୍ଣ୍ଣନା ବିଶଦଭାବେ ଲିଖାଯାଇଛି । ସେ ବିଷୟରେ ମହାରାଜ କ'ଣ କିଛି ଅନୁସନ୍ଧାନ କରିଛନ୍ତି ?

ଶାନ୍ତ—କରିଥିଲେ । ମଦନ ସେନ୍ ବର୍ତ୍ତମାନ କାଶୀଧାମ ବାଟ ଦେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି—ଏକଥା ମହାରାଜାଙ୍କୁ ଅବଗତ । ମହାରାଜ କବିତାରେ ଭବିଷ୍ୟତ ଗୌଡ଼ବିଜେତାଙ୍କ ଶରୀର ବର୍ଣ୍ଣନା ଶୁଣି ତାଙ୍କୁ ଡାକପଠାଇଥିଲେ । ମଦନସେନ ଉପସ୍ଥିତ ହେବା ମାତ୍ରେ ମହାରାଜ ପଚାରିଲେ—ତୁମେ କ'ଣ ପ୍ରକୃତରେ ମଗଧରେ ଯବନରାଜ ପ୍ରତିନିଧିଙ୍କୁ ସାକ୍ଷାତ କରିଆସିଛ ? ସେ କହିଲେ—ହଁ—ଦେଖାକରି ଆସିଛି । ମହାରାଜ ପୁଣି ପଚାରିଲେ ସେ ଦେଖିବାକୁ କି ପ୍ରକାର ? ଏକଥା ଶୁଣି ମଦନସେନ, ବଖତିୟାର ଖିଲିଜିଙ୍କୁ ଯେଉଁଭଳି ଭାବେ ଦେଖିଥିଲେ ସେହିଭଳି ଭାବେ ବର୍ଣ୍ଣନା କଲେ । କବିତାରେ ମଧ୍ୟ ଅବିକଳ ସେଇଭଳି ବର୍ଣ୍ଣନା ରହିଥିଲା । ତେଣୁ ଗୌଡ଼ ଜୟ ଏବଂ ତାଙ୍କର ରାଜ୍ୟନାଶ ମଧ୍ୟ ନିଶ୍ଚିତ ବୋଲି ମହାରାଜ ଧରିନେଇଛନ୍ତି । ଅର୍ଥାତ୍ ଆପଣଙ୍କ କବିତାବର୍ଣ୍ଣିତ ସମସ୍ତ ତଥ୍ୟ ସତ୍ୟ ବୋଲି ମହାରାଜାଙ୍କର ଦୃଢ଼ବୋଧ ହୋଇପାରିଛି ।

ପଶୁପତି—ତାପରେ ?

ଶାନ୍ତ—ରାଜନ ତାହାପରେ କାନ୍ଦିବାକୁ ଲାଗିଲେ । କହିଲେ—ମୁଁ ଏ ବୃଦ୍ଧ ବୟସରେ କ'ଣ କରିପାରିବି ? ସପରିବାର ଯବନ ହସ୍ତରେ ପ୍ରାଣନାଶ ହେବା ନିଶ୍ଚିତ । ଏତିକିବେଳେ ଦାମୋଦର ଆପଣଙ୍କ ପରାମର୍ଶ ଅନୁଯାୟୀ କହିଲେ—ମହାରାଜ, ବର୍ତ୍ତମାନ ଜୀବନରକ୍ଷାର ଗୋଟିଏ ଉପାୟ ଅଛି । ଆପଣ ବେଳ ଥାଉଁ ଥାଉଁ ସପରିବାର ତୀର୍ଥଯାତ୍ରା କରିବାକୁ ବାହାରିପଡ଼ନ୍ତୁ । ଧର୍ମାଧିକାରୀଙ୍କ ଉପରେ ରାଜ୍ୟର ଦାୟିତ୍ୱ ଦେଇଯାଆନ୍ତୁ । ଏହାଫଳରେ ଆପଣଙ୍କ ଜୀବନରକ୍ଷା ହେବ । ଶାସ୍ତ୍ର କଥା ମିଥ୍ୟା ହେଉ—ଆପଣ ପୁନର୍ବାର ରାଜ୍ୟ ଫେରିପାଆନ୍ତୁ । ରାଜା ଦାମୋଦରଙ୍କର ଏଇ ପରାମର୍ଶକୁ ଉପଯୁକ୍ତ ମନେକରି ତତ୍‌କ୍ଷଣାତ୍ ନୌକା ସଜ କରିବାପାଇଁ ଆଦେଶ ଦେଇଛନ୍ତି । ସେ ଖୁବ୍ ଶୀଘ୍ର ତୀର୍ଥ ଯାତ୍ରା କରିବେ ।

ପଶୁପତି—ଦାମୋଦରଙ୍କୁ ଧନ୍ୟବାଦ । ତୁମକୁ ମଧ୍ୟ ! ବର୍ତ୍ତମାନ ମୋର ମନସ୍କାମନା ପୂର୍ଣ୍ଣ ହେବାର ଆଶା ଖୁବ୍ ଉଜ୍ଜ୍ୱଳ । ସ୍ୱାଧୀନ ରାଜା ନ ହୋଇ ପାରିଲେ ବି ଯବନ ରାଜ୍ୟର ପ୍ରତିନିଧି ତ ହୋଇପାରିବି ? କାର୍ଯ୍ୟ ସିଦ୍ଧି ହେଲେ

Digitized by srujanika@gmail.com

ତୁମମାନଙ୍କୁ ମୁଁ ଯଥାଶକ୍ତି ପୁରସ୍କୃତ କରିବି । ବର୍ତ୍ତମାନ ଯାଅ, ଦେଖ କାଲି ସକାଳୁ ଯେପରି ତୀର୍ଥ ଯାତ୍ରା ପାଇଁ ନୌକା ପ୍ରସ୍ତୁତ ହୋଇ ରହିଥିବ ।

ଶାନ୍ତଶୀଳ ବିଦାୟ ନେଇଥିଲେ ।

ବନ୍ଦ ସ୍ୱର୍ଗର ଦ୍ୱାର

ପଶୁପତି ବହୁ ଭୃତ୍ୟ ପରିବେଷ୍ଟିତ ହୋଇ ଏକ ଉଚ୍ଚ ଅଟ୍ଟାଳିକାରେ ବାସ କରୁଥିଲେ । କିନ୍ତୁ ସେ ସୁଉଚ୍ଚ ତଥା ସୁରମ୍ୟ ଅଟ୍ଟାଳିକାଟି ସର୍ବଦା ଗୁପ୍ତାବତୁଳ ଘନବନାନୀ ତୁଲ୍ୟ ନିର୍ଜନ ଅନ୍ଧକାରରେ ଲୁଚିହୋଇଥିଲା । ଏଇ ନିର୍ଜନତାର କାରଣ—ତାଙ୍କର ନଥିଲେ ପତ୍ନୀ ପୁତ୍ର କନ୍ୟା । ଏଇମାନେତ ଜଣେ ସଂସାରର ଆଲୋକବର୍ତ୍ତିକା ସଦୃଶ । ଆଜି ଶାନ୍ତଶୀଳ ସଙ୍ଗେ କଥାବାର୍ତ୍ତା ପରେ ପଶୁପତିଙ୍କର ସେଇ ସମସ୍ତ କଥା ମନେପଡ଼ିଲା । ସେ ଭାବିବାକୁ ଲାଗିଲେ- ଯଦି ମାଆ ଜଗଦମ୍ବାଙ୍କ କରୁଣା ହୁଏ ମନୋରମା ଏ ଗୃହକୁ ଆଲୋକିତ କରିବେ ।

ପଶୁପତି ଶଯ୍ୟାକୁ ଯିବା ପୂର୍ବରୁ ମାଆ ଅଷ୍ଟଭୁଜାଙ୍କୁ ପ୍ରତିଦିନ ପ୍ରଣାମ କରିଥାନ୍ତି । ଆଜି ମଧ୍ୟ ଏହିପରି ଭାବୁଭାବୁ ଅଷ୍ଟଭୁଜାଙ୍କ ପୂଜା ଅର୍ଚ୍ଚନା ନିମିତ୍ତ ଅଟ୍ଟାଳିକା ମଧ୍ୟରୁ ମନ୍ଦିରକୁ ପ୍ରବେଶ କଲେ । ସେଠାରେ ଦେଖନ୍ତିତ ମନୋରମା ଆଗରୁ ବସିଛନ୍ତି । ପଶୁପତି ପଚାରିଲେ —ମନୋରମା, କେତେବେଳୁ ଆସିଲଣି ?

ମନୋରମା ପୁଷ୍ପାଞ୍ଜଳି ଦେବା ପରେ ବଳିପଡ଼ିଥିବା ଅବଶିଷ୍ଟ ଫୁଲଗୁଡ଼ିକୁ ନେଇ ଛନା ସୂତାରେ ମାଳା ଗୁନ୍ଥିବାର ଚେଷ୍ଟାକରୁଥିଲେ ଅନ୍ୟମନସ୍କଭାବେ । ପଶୁପତିଙ୍କର ଏ କଥାର ସେ କୌଣସି ଉତ୍ତର ଦେଲେ ନାହିଁ । ପଶୁପତି ପୁଣି କହିଲେ—କଣ ମୋ ସାଙ୍ଗେ କଥା କହିବନି ? ଯେତେ ସମୟ ତୁମେ ମୋ ପାଖରେ ଥାଅ —ମୁଁ ସମସ୍ତ ଯନ୍ତ୍ରଣା ଭୁଲିଯାଏ ।

ମନୋରମା ମୁହଁ ଟେକିଲେ । ତାପରେ କିଛି ସମୟ ପଶୁପତିଙ୍କର ମୁହଁକୁ ଚାହିଁ ରହି ରହି କହିଲେ ମୁଁ ତୁମକୁ କିଛି କହିବାକୁ ଆସିଥିଲି—କିନ୍ତୁ ସେ କଥା କିଛି ମନେପଡ଼ୁନାହିଁ ।

ପଶୁପତି କହିଲେ—ତୁମେ ମନେପକେଇବାକୁ ଚେଷ୍ଟାକର । ଯେତେ ସମୟ ହେଉ ପଛେ ମୁଁ ଅପେକ୍ଷା କରି ରହିଛି ।

ପଶୁପତି ବସିରହିଲେ । ଏଣେ ମନୋରମା ଛନା ସୂତାରେ ମାଳା ଗୁନ୍ଥିବାକୁ ଲାଗିଲେ । ଅନେକ ସମୟ ବିତିଗଲା । ଛନା ସୂତ ରେ ଅଧା କ ମାଳା ଗୁନ୍ଥି

Digitized by srujanika@gmail.com

ହେବ ! ପଶୁପତି କହିଲେ, "ମନୋରମା, ମୋର ମଧ୍ୟ ତୁମକୁ କିଛି କହିବାର ଅଛି—ମନ ଦେଇ ଶୁଣ ।" ତାପରେ ମନୋରମାଙ୍କ ଉତ୍ତରକୁ ଅପେକ୍ଷା ନ କରି ପଶୁପତି କହି ଚାଲିଲେ—"ମୁଁ ଏ ବୟସ ପର୍ଯ୍ୟନ୍ତ କେବଳ ବିଦ୍ୟା ଉପାର୍ଜନ କରିଛି, ଅର୍ଥ ଉପାର୍ଜନ ମଧ୍ୟ କରିଛି, ବିଷୟ ସମ୍ପତ୍ତି ବୃଦ୍ଧି ନିମିତ୍ତ ବ୍ୟବସ୍ଥା ମଧ୍ୟ କରିଅଛି, କିନ୍ତୁ ସଂସାରଧର୍ମ କରିନାହିଁ । ଯେଉଁଥିରେ ମୋର ଆନନ୍ଦ, ମୋର ଅନୁରାଗ, ମୁଁ କେବଳ ସେଇ କାମ କରିଛି । ଦାରପରିଗ୍ରହରେ ମୋର ଅନୁରାଗ ନ ଥିବାରୁ ଏ ଯାଏଁ ଅନ୍ୟର ପାଣିଗ୍ରହଣ କରିନାହିଁ । କିନ୍ତୁ ତୁମକୁ ଦେଖିଲା ଦିନୁ ମୋର ସେ ମନୋଭାବ ପରିବର୍ତ୍ତନ ହୋଇଛି । ବର୍ତ୍ତମାନ ତୁମେଇ ମୋର ଏକମାତ୍ର ଧ୍ୟେୟ, ଧ୍ୟାନ, ଧାରଣାର ପାତ୍ର ହୋଇପଡ଼ିଛ । କେବଳ ତୁମକୁ ଲାଭ କରିବାପାଇଁ ମୁଁ ଆଜି ଏ କଠୋରବ୍ରତ ଆଚରଣକରୁଛି । ଯଦି ମା ଜଗଦମ୍ବାଙ୍କର କରୁଣା ଲାଭ କରେ—ତେବେ ଦୁଇଚାରିଦିନ ମଧ୍ୟରେ ମୁଁ ରାଜ୍ୟ ଲାଭ କରିବି ଏବଂ ତୁମକୁ ମଧ୍ୟ ବିବାହ କରିବି । ତୁମେ ବିଧବା । ବିଧବା ବିବାହ ଏ ସମାଜରେ ପ୍ରଚଳିତ ନୁହେଁ । ତଥାପି ରାଜ୍ୟ ଲାଭ ପରେ ଶାସ୍ତ୍ର ଆଲୋଚନା କରି ମୁଁ ବିଧବା ବିବାହ ଜନିତ ବିଘ୍ନକୁ ଅବଶ୍ୟ ଖଣ୍ଡନ କରିବି । କିନ୍ତୁ ଦ୍ୱିତୀୟ ପ୍ରତିବନ୍ଧକ ହେଉଛି ତୁମେ କୁଳୀନ ବ୍ରାହ୍ମଣ ଜନାର୍ଦ୍ଦନ ଶର୍ମାଙ୍କର କନ୍ୟା—ଅଥଚ ମୁଁ ହେଉଛି ଶ୍ରୋତ୍ରିୟ ।

ମନୋରମା ମାଳା ଗୁନ୍ଥି ଗୁନ୍ଥି ପଶୁପତିଙ୍କର ଏସବୁ କଥା ଶୁଣୁଥିଲେ କି ନା ସନ୍ଦେହ । ପଶୁପତି ଲକ୍ଷ୍ୟ କଲେ, ମନୋରମା ଅନ୍ୟମନସ୍କ ଭାବେ ଏଣୁ ତେଣୁ କ'ଣ ଭାବୁଛନ୍ତି । ସେ ଯେ ଚେତନାରେ ନାହାନ୍ତି, ଏକଥା ସହଜରେ ଅନୁଭବ କରିହେବ । ପଶୁପତି ଏହି ସରଳା ବାଳିକାଟିକୁ ଭଲପାଇବସିଥିଲେ ସତ, କିନ୍ତୁ ମନୋରମାକୁ ବର୍ତ୍ତମାନ ସେ ଏଭଳି ଗମ୍ଭୀର ଦେଖି ଭାବୁଥିଲେ ସତେ ଅବା ସେ ପ୍ରଗଳ୍ଭା ବାଳିକାଟି ମୁହୂର୍ତ୍ତକ ଭିତରେ ବଦଳିଗଲା ଖଷ୍ଣ ବୁଦ୍ଧିଶାଳିନୀ ପ୍ରୌଢ଼ାକୁ । ଅଥଚ ଏହି ପ୍ରୌଢ଼ାକୁ ଭୟ କରନ୍ତି ପଶୁପତି । ତଥାପି ପଶୁପତି ପୁଣି ଥରେ କହିବାକୁ ଉଦ୍ୟମ କଲେ—"ମନୋରମା, କୁଳଗ୍ରନ୍ଥ ଶାସ୍ତ୍ରମୂଳକ ନୁହେଁ । କୁଳନାଶରେ ଧର୍ମନଷ୍ଟ ବା ଜାତିଭ୍ରଷ୍ଟ ହୁଏ ନାହିଁ । ସେମାନଙ୍କର ଅଜ୍ଞାତରେ ମୁଁ ଯଦି ତୁମକୁ ବିବାହ କରିପାରେ ତେବେ କ୍ଷତି କ'ଣ ? ତୁମେ ଯଦି ସମ୍ମତ ହୁଅ ମୁଁ ନିଶ୍ଚୟ ସମସ୍ତ ପ୍ରତିବନ୍ଧକ ଅତିକ୍ରମ

Digitized by srujanika@gmail.com

କରିପାରିବ । ତେଣୁ ପରେ ତୁମର ପିତାମହ ଜାଣିଲେ—ଆଉ ତ ବିବାହଟା ବନ୍ଦ ହେବାକୁ ନ ଥିବ ?"

ମନୋରମା ତଥାପି କୌଣସି ଉତ୍ତର ଦେଲେ ନାହିଁ । ପଶୁପତିଙ୍କର କଥା ସେ ଶୁଣିପାରିଥିଲେ କି ନା ସନ୍ଦେହ । ତାଙ୍କ ପାଖରେ ସେତେବେଳେ କଳା ବିରାଡ଼ିଟିଏ ବସିଥିଲା । ଲତା ସୂତାରେ ଯେଉଁ ମିଛିମିଛିକଥା ମାଳାଟି ଗୁନ୍ଥୁଥିଲେ ତାକୁ ସେ କଳାବିରାଡ଼ିର ଗଳାରେ ପିନ୍ଧାଇ ଦେଲେ । ପିନ୍ଧାଉ ପିନ୍ଧାଉ ମାଳାଟି ଛିଣ୍ଡିଗଲା ଓ ଫୁଲଗୁଡ଼ିକ ବିଚ୍ଛୁରିତହୋଇଗଲା ଏଣେ ତେଣେ । ବର୍ତ୍ତମାନ ହୁଏତ ମନୋରମାଙ୍କର ଖିଆଲ ପଶିଲା—ସେ ଲତା ସୂତାରେ ମାଳା ଗୁନ୍ଥୁଥିଲେ । ତେଣୁ ନିଜର ମଥାରୁ କେଶ ଛିଣ୍ଡାଇ ସେଇଥିରେ ମାଳା ଗୁନ୍ଥିବାକୁ ଲାଗିଲେ ।

ପଶୁପତି ମନୋରମାଙ୍କଠାରୁ ଶେଷପର୍ଯ୍ୟନ୍ତ କୌଣସି ଉତ୍ତର ପାଇଲେ ନାହିଁ । କେବଳ ଆଶାପ୍ଲୁତ ମନରେ ଆଉ ବ୍ୟାକୁଳ ଦୃଷ୍ଟିରେ ଚାହିଁ ରହିଥିଲେ ମାଳା ଗୁନ୍ଥିବାରେ ବ୍ୟସ୍ତରହିଥିବା ମନୋରମାଙ୍କର ଚମ୍ପକ ଅଙ୍ଗୁଳିଗୁଡ଼ିକୁ ।

ବିହଙ୍ଗୀ ପିଞ୍ଜରରେ

ପଶୁପତି ମନୋରମାଙ୍କ ପାଖରୁ ପଦେ କଥା ଶୁଣିବା ପାଇଁ ବହୁ ଚେଷ୍ଟା କରି ବିଫଳହେଲେ । ଶେଷରେ କହିଲେ—ମନୋରମା, ରାତି ବହୁତ ହେଲଣି —ମୁଁ ଶୋଇବାକୁ ଯାଉଛି ।

ମନୋରମା ଅମ୍ଳାନ ବଦନରେ କହିଲେ—ଯାଅ । ପଶୁପତିଙ୍କର କ'ଣ ପ୍ରକୃତରେ ଶୋଇବାକୁ ଯିବାର ଇଚ୍ଛା ଥିଲା ? ସେ ଆଶା କରିଥିଲେ ମନୋରମା ତାଙ୍କୁ ଅନ୍ତତଃ ବସିରହିବା ପାଇଁ ଅନୁରୋଧ କରିବେ । ମାତ୍ର ମନୋରମା ଦ୍ୱିଧାହୀନ ଭାବରେ ତାଙ୍କୁ ଚାଲିଯିବା ପାଇଁ କହିବାରୁ ସେ ଦୁଃଖିତ ହେଲେ ସତ କିନ୍ତୁ ସେ ସ୍ଥାନ ଛାଡ଼ି ଗଲେ ନାହିଁ । ମନୋରମାଙ୍କର ମାଳାଗୁନ୍ଥା ଦେଖିବାରେ ଲାଗିଲେ । ପଶୁପତି ପୁନର୍ବାର ମନୋରମାଙ୍କ ହୃଦୟରେ ଭାବାନ୍ତର ଆଣିବାପାଇଁ ଅନ୍ୟ ଏକ ବିଷୟ ଉତ୍ଥାପନ କଲେ । ସେ କହିଲେ— ମନୋରମା, ଯଦି ବର୍ତ୍ତମାନ ଯବନ ଆସନ୍ତି ତୁମେ କେଉଁଆଡ଼େ ଯିବ ?

ମନୋରମା ମାଳା ଗୁନ୍ଥୁ ଗୁନ୍ଥୁ କହିଲେ—ଏଇ ଘରେ ରହିବି ।

Digitized by srujanika@gmail.com

ପଶୁପତି—ଏ ଘରେ ତୁମକୁ କିଏ ରକ୍ଷା କରିବ ?

ମନୋରମା—ଜାଣେନା—ମୁଁ ନିରୁପାୟ ।

ପଶୁପତି—ତୁମେ ମୋତେ କ'ଣ କହିବାପାଇଁ ମନ୍ଦିରକୁ ଆସିଛ ?

ମନୋରମା—ମନ୍ଦିରକୁ ଆସିଛୁ ଦେବୀଙ୍କୁ ପ୍ରଣାମ କରିବାପାଇଁ ।

ପଶୁପତି ମନୋରମାଙ୍କଠାରୁ ଆଶାବ୍ୟଞ୍ଜକ ଉତ୍ତର ନ ପାଇବାରୁ ବିରକ୍ତ-ହେଲେ । ତଥାପି କହିଲେ—"ତୁମକୁ ମିନତି କରୁଛି ମନୋରମା--ମୁଁ ଯାହା କହୁଛି ଅନ୍ତତଃ ଥରକ ପାଇଁ ମନ ଦେଇ ଶୁଣ । ତୁମେ ଆଜ କଥା ଦିଅ, ମୋତେ ବିବାହ କରିବ କି ନା ?" ମନୋରମାଙ୍କର ମାଳାଗୁନ୍ଥା ଶେଷ ହୋଇଥିଲା—ସେ ସେଇ ମାଳାଟିକୁ ପୂର୍ବପରି ବିଲାଇଲେଇ ବେକରେ ପିନ୍ଧାଇ ଦେଲେ—ପଶୁପତି କଥା ଏଥର ବି ଶୁଣିଲେ ନାହିଁ । ସେ କେବଳ ସେଇ ବିଲେଇ ବେକରେ ମାଳାଟି ପିନ୍ଧାଇବାକୁ ଚେଷ୍ଟା କରୁଥିଲେ । ବିଲେଇଟି ପ୍ରତିଥର ମାଳାଟିରୁ ମୁଣ୍ଡ କାଢି ଆଣୁଥିଲା.ମାତ୍ର ମନୋରମା କେତେବେଳେ ରାଗି ଯାଇ, କେତେବେଳେ ହସି ଉଠି ତାକୁ ପୁଣି ମାଳା ପିନ୍ଧାଇବାକୁ ଚେଷ୍ଟା କରୁ-ଥିଲେ । ପଶୁପତି ଆଉ ସହ୍ୟକରିପାରିଲେନ—ସବୁ ରାଗ ଶୁଝାଇଲେ ନିରୀହ ବିଲେଇଟା ଉପରେ । ତାକୁ ଗୋଟାଏ ଗୋଇଠା ଦେଲେ । ବିଲେଇ ଲାଞ୍ଜ ଟେକି ଡେଇଁ ପଳାଇଗଲା ଦୂରକୁ । ମନୋରମା ସେତିକିବେଳେ କିଛି ହସ କିଛି ରୋଷମିଶା ଭଙ୍ଗୀରେ ପଶୁପତି ମୁଣ୍ଡରେ ପିନ୍ଧାଇଦେଲେ ବିଲେଇ ପିନ୍ଧିନଥିବା ମାଳାଟିକୁ ।

ମାର୍ଜାର—ପ୍ରସାଦ ମସ୍ତକରେ ପାଇ ରାଜପ୍ରସାଦଭୋଗୀ ଧର୍ମାଧିକାରୀ ପଶୁପତି ହତବୁଦ୍ଧି ହୋଇ ରହିଥିଲେ । ସେ କ୍ରୋଧ ହୋଇ ମଧ୍ୟ କିଛି କହିପାରିଲେନ । ମନୋରମାଙ୍କର ସେଇ ବଂଶିତାଅଧର ହାସ୍ୟମୟୀ ରୋଷମୟୀ ଅନୁପମ ରୂପ-ମାଧୁରୀ ଦେଖି ଦେଖି ସେ ବିଚଳିତ ହୋଇପଡ଼ିଲେ । ମନୋରମାଙ୍କୁ ଆଲିଙ୍ଗନ କରିବାପାଇଁ ଯେ ବାହୁ ପ୍ରସାରଣ କଲେ । ମାତ୍ର ମନୋରମା ଦ୍ରୁତ ବେଗରେ ଦୂରେଇଗଲେ—ଠିକ୍ ଯେପରି ଜଣେ ପଥିକ ପଥ ମଧ୍ୟରେ ନାଗସାପ ଫଣା-ଟେକିବା ଦେଖି ଡେଇଁ ପଡ଼େ ଦୂରକୁ । ସତେ ଅବା ପଶୁପତିଙ୍କର ସେ ବାହୁ ଯୁଗଳ ବାହୁ ନୁହେଁ, ଦୁଇଟି କାଳସର୍ପ ।

ପଶୁପତି ଅପ୍ରତିଭ ହୋଇ ପଡ଼ିଲେ । ସେ ମନୋରମାଙ୍କ ମୁହଁକୁ ଚାହିଁ-ପାରିଲେନ । ଯେତେବେଳେ ଚାହିଁଲେ—ଦେଖିଲେ ସେଇ ହାସ୍ୟମୟୀ ପ୍ରଗଲ୍ଭା

Digitized by srujanika@gmail.com

ବାଳିକାର ସୁନ୍ଦର ମୁଖମଣ୍ଡଳଟିରେ ଭରିଯାଇଛି ତାଙ୍କପାଇଁ ଖିତପ୍ରଦ ଗାମ୍ଭୀର୍ଯ୍ୟ ଭରା ମହିମାମୟୀ ପ୍ରୌଢ଼ତାର ଛାପ । ପଶୁପତି କହିଲେ "ମନୋରମା, ଦୋଷ ଧର ନାହିଁ । ତୁମେ ମୋର ପତ୍ନୀ, ମୋତେ ବିବାହ କର ।"

ମନୋରମା ପଶୁପତିଙ୍କର ମୁଖକୁ ତୀବ୍ର ଦୃଷ୍ଟିରେ ଚାହିଁ ରହିଲେ । ସତେ ଅବା ତାଙ୍କଆଗିରେ ଜଳୁଥିଲା ନିଆଁ । ସେ ଦୃଢ଼କଣ୍ଠରେ ପଚାରିଲେ—ପଶୁପତି, କେଶବର କନ୍ୟା କେଉଁଠି ?

ପଶୁପତି କହିଲେ—କେଶବର କନ୍ୟା କେଉଁଠି ମୁଁ ଜାଣେନା । ଜାଣିବାକୁ ମଧ୍ୟ ଇଚ୍ଛା କରେନା । ତୁମେଇ ମୋର ଏକମାତ୍ର ପତ୍ନୀ ।

ମନୋରମା—ମୁଁ କିନ୍ତୁ ଜାଣେ କେଶବର କନ୍ୟା କେଉଁଠାରେ ! କହିବି କି ?

ପଶୁପତି ଅବାକ୍ ହୋଇ ଚାହିଁରହିଲେ ମନୋରମାକୁ । ମନୋରମା କହି-ଚାଲିଲେ—ଜଣେ ଗଣକ କହିଥିଲା କେଶବର କନ୍ୟା ଅଳ୍ପବୟସରେ ବିଧବା ହୋଇ ସ୍ୱାମୀର ଚିତାଗ୍ନିରେ ଝାସ ଦେବ । ଏଣୁ କେଶବ ଏହି କଥାକୁ ବିଶ୍ୱାସ କରି ଅଳ୍ପବୟସରେ ନିଜର କନ୍ୟାକୁ ହରାଇବା ଭୟରେ ଦୁଃଖିତ ହୋଇଥିଲେ । କନ୍ୟାକୁ ବିବାହ ନକରାଇ ଗୃହରେ ରଖିଲେ ଧର୍ମନଷ୍ଟ ହେବ । ଏଣୁ ଧର୍ମନାଶ ଭୟରେ ସେ କନ୍ୟାକୁ ବିବାହ ଦେଲେ । ମାତ୍ର ବିଧିଲିପି ଖଣ୍ଡନ ପାଇଁ ବିବାହ ଦିନ ରାତିରେ ନିଜ ଝିଅକୁ ନେଇ ପ୍ରୟାଗକୁ ପଳାୟନକଲେ । ତାଙ୍କର ଅଭିପ୍ରାୟ ଥିଲା—ତାଙ୍କ ଝିଅ ସ୍ୱାମୀର ମୃତ୍ୟୁ ସମ୍ବାଦ କେବେହେଲେ ନ ପାଉ କି ଚିତାନଳରେ ଝାସନଦେଉ । ମାତ୍ର ଦୈବଦୁର୍ବିପାକରେ କିଛିଦିନ ଭିତରେ ପ୍ରୟାଗରେ ହେଲା କେଶବର ମୃତ୍ୟୁ । ଝିଅଟି ଏବେ ହେଲା ପିତୃମାତୃହୀନା—କାରଣ କେଶବର କନ୍ୟା ଆଗରୁହିଁ ମାତୃହରାଥିଲା । ମାତ୍ର ମୃତ୍ୟୁଶଯ୍ୟାରେ କେଶବ ନିଜର କନ୍ୟା ହେମଚନ୍ଦ୍ରଙ୍କୁ ପ୍ରଦାନ କରିଗଲେ ଆଚାର୍ଯ୍ୟଙ୍କ ହସ୍ତରେ । କେଶବ ବହୁ ଅନୁରୋଧ କରିଯାଇଥିଲେ ହେମଚନ୍ଦ୍ରଙ୍କୁ ଆଚାର୍ଯ୍ୟ ନିଜ ଘରେ ରଖି ଲାଳନ ପାଳନ କରିବାପାଇଁ । ସେ ମଧ୍ୟ ଆଚାର୍ଯ୍ୟଙ୍କୁ କହିଥିଲେ—ଗଣକ କହିଛନ୍ତି ମୋର କନ୍ୟା ଅଳ୍ପ ବୟସରେ ବିଧବା ହେବ । ମାତ୍ର ଆପଣ ତାକୁ କେବେହେଲେ ଜଣାଇ ଦେବେ ନାହିଁ । ପଶୁପତି ତାଙ୍କର ସ୍ୱାମୀ । ପଶୁପତିଙ୍କୁ ମଧ୍ୟ କେବେହେଲେ ହେମଚନ୍ଦ୍ର ତାଙ୍କର ସ୍ତ୍ରୀ ବୋଲି କହିବେ ନାହିଁ ।"

* ଆଚାର୍ଯ୍ୟ ସେହିପରି କରିବେ ବୋଲି କେଶବଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତେଣୁ ଆଚାର୍ଯ୍ୟ ଆଜି ପର୍ଯ୍ୟନ୍ତ ସେଇକଥା ହେମଚନ୍ଦ୍ରଙ୍କୁ ଲୁଚାଇ ରଖିଛନ୍ତି ।

Digitized by srujanika@gmail.com

ପଶୁପତି—ହେମବତୀ ବର୍ତ୍ତମାନ କେଉଁଠାରେ ?

ମନୋରମା—ମୁଁ ସେଇ କେଶବର କନ୍ୟା ହେମବତୀ ଆଜ ମନୋରମା । ଆଉ ଜନାର୍ଦ୍ଦନ ଶର୍ମା ହେଉଛନ୍ତି ସେଇ ଆଚାର୍ଯ୍ୟ ।

ପଶୁପତି ସତେ ଅବା ଚେତାଶୂନ୍ୟ ହୋଇଗଲେ । ତାଙ୍କର ମସ୍ତକ ଘୂରିବାକୁ ଲାଗିଲା । ସେ ଆଉ କୌଣସି କଥା ନ କହି କେବଳ ଦେବୀଙ୍କ ନିକଟରେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ତା'ପରେ ଦେବୀଙ୍କ ନିକଟରୁ ଉଠିଆସି ବକ୍ଷରେ ଚାପିଧରିବାକୁ ଗଲେ ମନୋରମାଙ୍କୁ । ମନୋରମା ପ୍ରସ୍ତରବତ୍ ଦଣ୍ଡାୟମାନ ହୋଇ ରହିଥିଲେ । ଆଲିଙ୍ଗନ କରିବାକୁ ଆଗେଇ ଆସୁଥିବା ପଶୁପତିଙ୍କୁ କହିଲେ – "ଅପେକ୍ଷା କର—ସେ ସମୟ ଏବେବି ଆସିନାହିଁ—ଆହୁରି କଥା ଅଛି ।"

ପଶୁପତି—ମନୋରମା, ଏତେ ଦିନ ଯାଏ ମୋଠୁ ଏକଥା ଲୁଚାଇ ରଖିଥିଲ କାହିଁକି ?

ମନୋରମା– ତୁମେ କ'ଣ ସେ କଥା ବିଶ୍ୱାସ କରିଥାନ୍ତ ?

ପଶୁପତି—ମନୋରମା, ତୁମ କଥା ମୁଁ କେବେହେଲେ ଅବିଶ୍ୱାସ କରିଛି ? ଯଦିବା ମୋର ତୁମ କଥାରେ ବିଶ୍ୱାସ ହୋଇନଥାନ୍ତା—ମୁଁ ତ ଜନାର୍ଦ୍ଦନ ଶର୍ମାଙ୍କୁ ପଚାରିପାରିଥାନ୍ତି ।

ମନୋରମା—ଜନାର୍ଦ୍ଦନ କ'ଣ ତାହା ପ୍ରକାଶ କରିଥାନ୍ତେ ? ସେ ତ ଶିଷ୍ୟଙ୍କ ନିକଟରେ ସତ୍ୟ କରିଛନ୍ତି ।

ପଶୁପତି – ତେବେ ତୁମ ନିକଟରେ କହିଲେ କିପରି ?

ମନୋରମା—ସେ ମୋତେ କହି ନାହାନ୍ତି । ଦିନେ ଗୋପନରେ ନିଜ ସ୍ତ୍ରୀ-ପାଖରେ କହୁଥିଲା ବେଳେ ମୁଁ ଛପି ଛପି ଶୁଣିଥିଲି । ଆଉ ମଧ୍ୟ ସମସ୍ତେ ଜାଣନ୍ତି ମୁଁ ବିଧବା । ତୁମେ ମୋ କଥା ବିଶ୍ୱାସ କଲେ ମଧ୍ୟ ଲୋକମାନେ କାହିଁକି ଏ କଥା ବିଶ୍ୱାସ କରିବେ ? ତେଣୁ ମୋତେ ତୁମେ ଗ୍ରହଣ କରିବା ଅର୍ଥ ଲୋକଚକ୍ଷୁର ନିନ୍ଦିତ ହେବ ଆଉ ସମାଜରେ କଳଙ୍କିତ ହେବ ।

ପଶୁପତି – ମୁଁ ସମସ୍ତ ଲୋକଙ୍କୁ ଡାକି ବୁଝାଇ କହିଥାନ୍ତି ମୋ ସ୍ତ୍ରୀ ଏଇ ମନୋରମା—ବିଧବା ନୁହେଁ—ବିଧବା ହୋଇପାରେନା ।

ମନୋରମା – ଭଲକଥା—ଏବେ ସେ କଥା କର । କିନ୍ତୁ ସେଇ ଜ୍ୟୋତିଷୀଙ୍କର ଗଣନା କ'ଣ ଭୁଲ ହେବ ?

Digitized by srujanika@gmail.com

ପଶୁପତି—ମୁଁ ଗ୍ରହଶାନ୍ତ କରିଦେଇଥାନ୍ତି । ତେବେ ଆଜ ତାହାର ଆବଶ୍ୟକତା ନାହିଁ । ଯାହା ହେବାର କଥା ହୋଇଯାଇଛି । ମୁଁ ଆଜ ମୋର ଗଳାର ରତ୍ନକୁ ଫେରିପାଇଛି—ଆଉ ତାକୁ ଛାଡ଼ି ପାରିବ ନାହିଁ । ତୁମେ ମୋର ଘର ଛାଡ଼ି ଆଉ ଯାଇପାରିବ ନାହିଁ । ତୁମେ ମୋର ଜୀବନସଙ୍ଗିନୀ । ତୁମକୁ ନେଇ ମୋର ଏଇ ଘର ସଂସାର ।

ମନୋରମା ଏ ଘର ଛାଡ଼ିବାକୁ ହେବ ପଶୁପତି; ଏ ଘର ତୁମକୁ ଛାଡ଼ିବାକୁ ହେବ । ମୁଁ ଏଇକଥା ତୁମକୁ କହିବାକୁ ଆସିଥିଲି । ତୁମେ ରାଜ୍ୟଲାଭର ଦୁରାଶା ଛାଡ଼ । ନିଜ ପ୍ରଭୁର ଅନିଷ୍ଟ ଚିନ୍ତା କରନା । ଚାଲ ଏ ଦେଶ ଛାଡ଼ି ଆମେ କାଶୀଧାମକୁ ଚାଲିଯିବା । ସେଇଠାରେ ମୁଁ ତୁମର ଦାସୀ ହୋଇ ଚରଣ ସେବା କରିବି—ମୋର ଜନ୍ମ ସାର୍ଥକ ହେବ । ଉଭୟେ ମୃତ୍ୟୁ ପରେ ସ୍ୱର୍ଗବାସୀ ହେବା । ଯଦି ଏଇକଥା ମୋର ମାନ ତେବେ ମୁଁ ତୁମର ଆଜୀବନ ଦାସୀ ହୋଇ ରହିବି । ତୁମ ପ୍ରତି ମୋର ଅଚଳା ଭକ୍ତି ରହିଥିବ । ନହେଲେ···

ପଶୁପତି - ନହେଲେ—ନହେଲେ କଣ କରିବ ? ରହିଗଲ କାହିଁକି ମନୋରମା ?

ମନୋରମା ଏକଥା ଶୁଣି ମୁଖ ଟେକି ଅଶ୍ରୁପୂର୍ଣ୍ଣ ନୟନରେ ଦେବୀପ୍ରତିମା ସମ୍ମୁଖରେ ଦଣ୍ଡାୟମାନ ହୋଇ ହାତଯୋଡ଼ି ଗଦ୍‌ଗଦ୍ କଣ୍ଠରେ କହିଲେ— "ନ ହେଲେ ଏଇ ଦେବୀ ସମ୍ମୁଖରେ ଶପଥ କରି କହୁଛି ତୁମ ସହ ମୋର ଏ ଜନ୍ମରେ ଏଇ ହେଉଛି ଶେଷ ସାକ୍ଷାତ ।"

ପଶୁପତି ସେଇ ଦେବୀଙ୍କ ସମ୍ମୁଖରେ ହାତ ଯୋଡ଼ି ଠିଆ ହୋଇଥିଲେ । କହିଲେ—ମନୋରମା, ମୁଁ ମଧ୍ୟ ଶପଥ କରୁଛି ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତୁମେ ଘରଛାଡ଼ି ଅନ୍ୟତ୍ର ଯାଇପାରିବ ନାହିଁ । ମନୋରମା, ମୁଁ ଯେଉଁ ପଥରେ ପାଦ ଦେଇଛି—ସେ ପଥରୁ ଫେରିବାର ଉପାୟ ଥିଲେ ମୁଁ ଏଇ ମୁହୂର୍ତ୍ତରେ ତୁମ କଥା ମାନି ତୁମକୁ ସାଙ୍ଗରେ ନେଇ କାଶୀପୀଠକୁ ଯାତ୍ରା କରନ୍ତି । କିନ୍ତୁ ମୁଁ ଆଜ ଏ ପଥରେ ବହୁବାଟ ଆଗେଇ ଆସିଛି—ଆଜ ଫେରିବାର ଉପାୟ ନାହିଁ । ଯାହା ଘଟିବାର କଥା ତାହା ଘଟିଯାଇଛି । ତାହା ବୋଲି ମୁଁ ମୋର ପ୍ରିୟତମା ପତ୍ନୀକୁ ପରିତ୍ୟାଗ କରିବି—ମୋର ପରମ ସୁଖର ଆଧାରକୁ ମୁଁ କରଛଡ଼ା କରିଦେବି—ନା—ଅସମ୍ଭବ । ମୋ ଭାଗ୍ୟରେ ଯାହା ଥାଉ ନା କାହିଁକି ତୁମର କଥାକୁ ଭ୍ରୂକ୍ଷେପ ନକରି ମୁଁ ତୁମକୁ ମୋର ଗୃହିଣୀ କରିବି ।

Digitized by srujanika@gmail.com

ତୁମେ ମୁହୂର୍ତ୍ତେ ଅପେକ୍ଷା କର ମନୋରମା, ମୁଁ ଶୀଘ୍ର ଫେରି ଆସୁଛି ।”
ଏଇତକ କହି ପଶୁପତି ମନ୍ଦିରରୁ ବାହାରି ଚାଲିଗଲେ ! ମନୋରମାର ମନରେ ସଂଶୟ ଜନ୍ମିଲା । ସେ ଚିନ୍ତାକୁଳ ହୃଦୟରେ କିଛି ସମୟ ମନ୍ଦିର ମଧ୍ୟରେ ଠିଆ ହୋଇ ରହିଲେ । ପଶୁପତିଙ୍କ ନିକଟରୁ ବିଦାୟ ନେଇ ସେ ଚାଲିଯିବାର ସୁଯୋଗ ପାଇପାରିଲେନି ।

ପଶୁପତି ଅଳ୍ପ ସମୟ ମଧ୍ୟରେ ଫେରିଆସି ହସି ହସି କହିଲେ— “ପ୍ରାଣାଧିକେ, ଆଜି ଆଉ ତୁମେ ମୋତେ ଛାଡ଼ି ଯାଇପାରିବ ନାହିଁ । ମୁଁ ଏଇ ଅଟ୍ଟାଳିକାର ସମସ୍ତ ଦ୍ୱାର ରୁଦ୍ଧ କରିଦେଇଛି ।”

ମନୋରମା ସତେ ଅବା ବନ୍ଦିନୀ ହୋଇ ରହିଗଲେ ଠିକ୍ ଏକ ପିଞ୍ଜରାବଦ୍ଧ ବିହଙ୍ଗୀ ସଦୃଶ ।

ଯବନଦୂତ—ଯମଦୂତ

ବେଳ ପ୍ରାୟ ଦିବସର ଏକ ପ୍ରହର । ନଗରବାସୀ ବିସ୍ମିତ ଲୋଚନରେ ଦେଖିଲେ ଅଜ୍ଞାତପୂର୍ବ ସପ୍ତଦଶ ଅଶ୍ୱାରୋହୀ ପୁରୁଷ ରାଜପଥ ଅତିକ୍ରମ କରି ରାଜ-ପ୍ରାସାଦ ଅଭିମୁଖେ ଚାଲିଛନ୍ତି । ସେମାନଙ୍କର ଶରୀର ଦୀର୍ଘ, ଆୟତ ଏବଂ ହୃଷ୍ଟପୁଷ୍ଟ, ବର୍ଣ୍ଣ ତପ୍ତ କାଞ୍ଚନ ସଦୃଶ, ମୁଖମଣ୍ଡଳ ବିସ୍ତୃତ, ଘନକୃଷ୍ଣ ଶ୍ମଶ୍ରୁରାଜି ବିଭୂଷିତ, ନୟନ ପ୍ରଶସ୍ତ ଏବଂ ତହିଁରେ ଭରି ରହିଛି ଅଗ୍ନିବର୍ଷୀ ଦୃଷ୍ଟି । ସେମାନଙ୍କର ଏଇ ରୂପ ଦେଖି ନଗରବାସୀ ଯୁଗପତ୍ ପୁଲକିତ ଏବଂ ଆତଙ୍କିତ ହେଲେ । ସେମାନଙ୍କର ପରିଚ୍ଛଦରେ ଐଶ୍ୱର୍ଯ୍ୟର ସୂଚନା ନାହିଁ । ମାତ୍ର ସମସ୍ତେ ଯୋଦ୍ଧାବେଶରେ ସୁସଜ୍ଜିତ, ସର୍ବାଙ୍ଗ ପ୍ରହରଣମଣ୍ଡିତ, ଭାବଭଙ୍ଗୀରେ ଦୃଢ଼ତା ।

ଧୀରେ ଧୀରେ ସେଇ ଦୃଢ଼ପ୍ରତିଜ୍ଞ ସପ୍ତଦଶ ଅଶ୍ୱାରୋହୀ ରାଜପ୍ରାସାଦ ଅଭିମୁଖେ ଚାଲିଲେ । କୌତୂହଳବଶତଃ କୌଣସି ନଗରବାସୀ ଏମାନେ କିଏ ଜାଣିବାକୁ ପଚାରିବାରୁ ନଗରବାସୀଙ୍କ ଭାଷା ବୁଝିପାରୁଥିବା ଜଣେ ବ୍ୟକ୍ତି କହିଲେ—ଏମାନେ ଯବନରାଜାଙ୍କର ଦୂତ । ଏହା ପରେ ପ୍ରାନ୍ତପାଳ ଏବଂ କୋଷ୍ଟପାଳଙ୍କ ନିକଟରେ ମଧ୍ୟ ଏହିଭଳି ପରିଚୟ ଦେଇ ପଶୁପତିଙ୍କର ଆଦେଶ ଯୋଗୁଁ ନିର୍ବିଘ୍ନରେ ଏଇ ପରିଚୟରେ ନଗର ମଧ୍ୟରେ ପ୍ରବେଶ କଲେ ।

Digitized by srujanika@gmail.com

ସପ୍ତଦଶ ଅଶ୍ୱାରୋହୀ ରାଜଦ୍ୱାରରେ ଉପସ୍ଥିତ ହେଲେ । ବୃଦ୍ଧରାଜାଙ୍କର ଶିଥିଳତା ତଥା ପଶୁପତିଙ୍କର କୌଶଳ ଯୋଗୁ ରାଜପୁରୀ ପ୍ରାୟ ରକ୍ଷକହୀନ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜସଭା ଭଙ୍ଗହୋଇଥିଲା । ରାଜପୁରୀରେ କେବଳ ଗୃହଜନ ଥିଲେ । ଅଳ୍ପ କେତେ ଜଣ ଦ୍ୱାରପାଳ ଜଗିରହିଥିଲେ । ଜଣେ ଦ୍ୱାରପାଳ ପଚାରିଲା—ତୁମେମାନେ କାହିଁକି ଆସିଛ ?

ଜଣେ ଯବନ ଅଶ୍ୱାରୋହୀ କହିଲା—ଆମ୍ଭେମାନେ ଯବନ ରାଜପ୍ରତିନିଧିଙ୍କର ଦୂତ—ଗୌଡ଼ରାଜାଙ୍କର ଦର୍ଶନପ୍ରାର୍ଥୀ ।

ଦ୍ୱାରପାଳ—ମହାରାଜାଧିରାଜ ଗୌଡ଼େଶ୍ୱର ଏଇ ମାତ୍ର ଅନ୍ତଃପୁରକୁ ଚାଲିଯାଇଛନ୍ତି—ବର୍ତ୍ତମାନ ତାଙ୍କ ସହ ସାକ୍ଷାତ ହୋଇପାରିବ ନାହିଁ ।

ଯବନଗଣ ଦ୍ୱାରପାଳଙ୍କର ବାରଣ ନ ମାନି ମୁକ୍ତ ଦ୍ୱାର ଦେଇ ରାଜପୁରୀରେ ପ୍ରବେଶ କରିବାକୁ ଉଦ୍ୟମ କଲେ । ସେମାନଙ୍କର ନେତୃତ୍ୱ ନେଇଥିଲେ ଜଣେ ଖର୍ବକାୟ ଦୀର୍ଘବାହୁ କୁରୂପ ଯବନ । ଦୁର୍ଭାଗ୍ୟବଶତଃ ଜଣେ ଦ୍ୱାରପାଳ ଶୂଳ-ହସ୍ତରେ ତାହାର ସମ୍ମୁଖୀନ ହୋଇ କହିଲା—ଫେରିଯାଅ, ନଚେତ୍ ଏଇ ମୁହୂର୍ତ୍ତରେ ତୁମେ ଯମପୁରକୁ ଯିବ ।

"ତୁ ତେବେ ମୃତ୍ୟୁ ବରଣ କରେ ।" ଏତକ କହିବା ପୂର୍ବରୁ ସେଇ ଯବନଟିର ତରବାରି ଦ୍ୱାରପାଳର ଶିରଚ୍ଛେଦନ କରିସାରିଥିଲା । ତାପରେ ସେଇ କ୍ଷୁଦ୍ରକାୟ ଯବନଜଣକ ତାର ସହକର୍ମୀଗଣଙ୍କୁ ପୂର୍ବପରିକଳ୍ପିତ ଯୋଜନାନୁଯାୟୀ କାର୍ଯ୍ୟ କରିଯିବା ପାଇଁ ଇଙ୍ଗିତଦେଲା । ମୁହୂର୍ତ୍ତକ ମଧ୍ୟରେ ଅଶ୍ୱାରୋହୀଗଣ ନିଜନିଜର ତରବାରି ନେଇ ଦ୍ୱାରପାଳଗଣଙ୍କୁ ଆକ୍ରମଣ-କଲେ । ସେମାନେ ସମସ୍ତେ ଏ ଅତର୍କିତ ଆକ୍ରମଣରେ ନିହତହେଲେ । ଯବନ-ଗଣଙ୍କ ଜୟଧ୍ୱନିରେ ସମଗ୍ର ରାଜପୁରୀ ପ୍ରକମ୍ପିତ ହୋଇଉଠିଲା । ସେଇ କ୍ଷୁଦ୍ରକାୟ ସେନାପତିର ନିର୍ଦ୍ଦେଶରେ ଯବନଗଣ ଯାହାକୁ ଯେଉଁଠାରେ ପାଇଲେ ହତ୍ୟା କରିବାକୁ ଲାଗିଲେ । ତାପରେ ସେମାନଙ୍କର ଲକ୍ଷ୍ୟ ହେଲା ଅରକ୍ଷିତ ବୃଦ୍ଧ ରାଜା । ରାଜପୁରୀ ମଧ୍ୟରେ ଚାଲିଲା ହତ୍ୟାର ତାଣ୍ଡବଲୀଳା । ଆବାଳବୃଦ୍ଧବନିତା କେହି ଜଣେ ବି ଏଇ ଯବନସେନାଙ୍କ କବଳରୁ ରକ୍ଷାପାଇଲେ ନାହିଁ । ଚତୁର୍ଦ୍ଦିଗରେ କେବଳ ଆର୍ତ୍ତଚିତ୍କାର କ୍ରନ୍ଦନଧ୍ୱନିର ଲହରୀ । ବୃଦ୍ଧରାଜା ସେ ସମୟରେ ଭୋଜନ କରୁଥିଲେ । ଏ ଆର୍ତ୍ତ ଚିତ୍କାର ଶୁଣି ସେ ପଚାରିଲେ—ରାଜପୁରୀରେ ଏ କୋଳାହଳ ଏ ଆର୍ତ୍ତ ଚିତ୍କାର କାହିଁକି ?

Digitized by srujanika@gmail.com

ପଳାୟନ କରୁଥିବା ଜଣେ ପୁରଜନ କହିଲା—ମହାରାଜ, ଯବନ ସେନା ସମଗ୍ର ପୁରବାସୀଙ୍କୁ ହତ୍ୟା କରିବା ପରେ ଆପଣଙ୍କୁ ହତ୍ୟା କରିବାପାଇଁ ଆସୁଛନ୍ତି ।

ଏ ସମ୍ବାଦ ପାଇବା ମାତ୍ରେ ରାଜାଙ୍କ ମୁଖରୁ କବଳିତ ଅନ୍ନଗ୍ରାସ ଖସିପଡ଼ିଲା । ତାଙ୍କର ଦୁର୍ବଳ ଶରୀର ଜଳସ୍ରୋତରେ ପ୍ରକମ୍ପିତ ବେତ ଲତା ସଦୃଶ କମ୍ପିବାକୁ ଲାଗିଲା । ରାଜମନ୍ତ୍ରୀ ନିକଟରେ ବସିଥିଲେ । ରାଜା ଭୟରେ କାତର ହୋଇ ଭୋଜନପାତ୍ର ଉପରେ ପଡଯାଉଥିବା ଦେଖି ଦୁଇହାତରେ ତାଙ୍କୁ ଧରି ପ୍ରବୋଧ ଦେଇ କହିଲେ—ଚିନ୍ତା କରନ୍ତୁ ନାହିଁ । ଆପଣ ଉଠନ୍ତୁ । ରାଜା ଠିକ୍ ଏକ ଯାନ୍ତ୍ରିକ ପୁତ୍ତଳିକା ସାଦୃଶ ଉଠି ଦଣ୍ଡାୟମାନ ହେଲେ ।

ରାଜମନ୍ତ୍ରୀ କହିଲେ—"ଚିନ୍ତା କରିବାରେ କ'ଣ ଅଛି ? ନୌକାକୁ ସକଳ ଦ୍ରବ୍ୟ ପ୍ରେରଣ ସରିଛି । ଏଇ ମୁହୂର୍ତ୍ତରେ ଆମେ ଗୁପ୍ତଦ୍ୱାର ଦେଇ ସୁବର୍ଣ୍ଣଗ୍ରାମ ଯାତ୍ରା କରିବା ।" ଏତକ କହି ରାଜମନ୍ତ୍ରୀ ରାଜାଙ୍କର ସେଇ ଅଇଣ୍ଠା ହାତ ଧରି ନୌକାପାଖକୁ ନେଇଗଲେ ସୁବର୍ଣ୍ଣଗ୍ରାମ (ସୋମରଗାଁ) ଯାତ୍ରା ଉଦ୍ଦେଶ୍ୟରେ । ଏହିପରି ଭାବରେ ରାଜକୁଳକଳଙ୍କ ଅସମର୍ଥ ରାଜାଙ୍କ ସଙ୍ଗେ ଗୌଡ଼ରାଜ୍ୟର ରାଜଲକ୍ଷ୍ମୀ ମଧ୍ୟ ରାଜ୍ୟରୁ ବିଦାୟ ନେଲେ । ଷୋଳଜଣ ସହକର୍ମୀ ସହ ମର୍କଟା-କାର ବକ୍ତିଆର ଖିଲିଜ୍ ଗୌଡ଼େଶ୍ୱରଙ୍କର ରାଜପୁରୀ ଅଧିକାରକଲେ ।

ରାଜପୁରୀ ଅଧିକାର ସମ୍ବନ୍ଧରେ ଷାଠିଏବର୍ଷ ପରେ ଯବନ ଐତିହାସିକ ମିନ୍‌ହାଜଉଦ୍ଦିନ ଏହିଭଳି ବର୍ଣ୍ଣନା କରିଛନ୍ତି । ଏହା କେତେ ଦୂର ସତ୍ୟ ତାହା କିଏ କହିପାରେ ? ମନୁଷ୍ୟ ଚିତ୍ରକର ହେବୁ ମନୁଷ୍ୟ ସର୍ବଦା ଅଙ୍କନ କରିଥାଏ—ମଣିଷ ନିକଟରେ ସିଂହ ପରାଜିତ । ମାତ୍ର ସିଂହ ଯଦି ଚିତ୍ରକର ହୋଇଥାନ୍ତା ତେବେ ମଣିଷର ଅବସ୍ଥା କି ରୂପେ ଚିତ୍ରିତ ହୋଇଥାନ୍ତା ? ହୁଏତ ମଣିଷ ହୋଇଥାନ୍ତା ଠିକ୍ ଗୋଟିଏ ମୂଷା ପରି ସେହି ସିଂହ ପାଖରେ । ହତ-ଭାଗିନୀ ବଙ୍ଗଭୂମି ସହଜରେ ଦୁର୍ବଳା, ପୁଣି ତନ୍ଦ୍ରୀକୁ ତାହାର ଅବସ୍ଥା ଚିତ୍ରିତ ହୋଇଛି ଶତ୍ରୁ ହସ୍ତରେ । ଏଇଥିରୁ ସତ୍ୟାସତ୍ୟ ଯାହା ନିର୍ଣ୍ଣୟ କରାଯାଇ-ପାରେ ।

Digitized by srujanika@gmail.com

ଜାଲ ଛିଡ଼ିଲା

ଗୌଡ଼େଶ୍ୱରପ୍ରସାଦରେ ଅଧିଷ୍ଠିତ ହେବା ପରେ ପରେ ବଖ୍‌ତିୟାରଖିଲିଜି ଧର୍ମାଧିକାର ନିକଟକୁ ଦୂତ ପ୍ରେରଣ କଲେ । ଧର୍ମାଧିକାର ସହିତ ସାକ୍ଷାତ କରିବା ନିମିତ୍ତ ବଖ୍‌ତିୟାର ନିଜର ଅଭିଳାଷ ଜଣାଇଲେ । ତାଙ୍କ ସହିତ ଯବନର ଯେଉଁ ସନ୍ଧି ନିବନ୍ଧ ହୋଇଥିଲା ତାହାର ଫଳପ୍ରାପ୍ତିର ସମୟ ଉପଗତ । ପଶୁପତି ଇଷ୍ଟଦେବତାଙ୍କୁ ପ୍ରଣିପାତ କରି, କୁପିତା ମନୋରମାଙ୍କଠାରୁ ବିଦାୟ ନେଇ ଯବନ ନିକଟରେ ଉପସ୍ଥିତହେଲେ । ହୃଦୟରେ ତାଙ୍କର ଯୁଗପତ୍ ଉଲ୍ଲାସ ଓ ଆଶଙ୍କା । ବଖ୍‌ତିୟାର ଖିଲିଜ୍ ବସିବା ସ୍ଥାନରୁ ଉଠି ତାଙ୍କର ଅଭିବାଦନ ଗ୍ରହଣ କରିବା ସଙ୍ଗେ ସଙ୍ଗେ କୁଶଳ ଜିଜ୍ଞାସା କଲେ । ପଶୁପତି କିନ୍ତୁ ରାଜ କର୍ମଚାରୀଗଣଙ୍କ ରକ୍ତନଦୀରେ ଚରଣ ପ୍ରକ୍ଷାଳନ କରି ଆସି ତାଙ୍କ ନିକଟରେ ଉପସ୍ଥିତ ହୋଇଥିବାରୁ ଏ ପ୍ରକାର ପ୍ରଶ୍ନର କି ଉତ୍ତର ଦେବେ ଠିକ୍ କରିପାରିଲେନି । ବଖ୍‌ତିଆର ତାଙ୍କ ହୃଦୟର ଭାବ ବୁଝିପାରି କହିଲେ—ପଣ୍ଡିତବର ! ରାଜସିଂହାସନ ଆରୋହଣ ପଥ କୁସୁମାଚ୍ଛାଦିତ ହୋଇନଥାଏ । ଏ ପଥରେ ଚାଲିବାକୁ ହେଲେ ବନ୍ଧୁ ପରିଜନଗଣଙ୍କର ଅସ୍ଥି ଓ ମେରୁ ମଜ୍ଜାର ଆଘାତକୁଁ କୋମଳପାଦ ସହିଥାଏ ।

ପଶୁପତି କହିଲେ—ସତ୍ୟ । କିନ୍ତୁ ଯେଉଁମାନେ ବିରୁଦ୍ଧାଚରଣ କରନ୍ତି ସେଇମାନଙ୍କୁ କେବଳ ବଧ କରିବା ଆବଶ୍ୟକ । ଏମାନେ ତ ଆପଣଙ୍କୁ ବିରୋଧ କରିନଥିଲେ ?

ବଖ୍‌ତିୟାର—ଏହି ରକ୍ତ ସ୍ରୋତ ଦେଖି ଆପଣ ବୋଧହୁଏ ଆପଣଙ୍କ ସ୍ୱୀକୃତି ସ୍ମରଣରେ ସୁଖୀ ନୁହଁନ୍ତି ?

ପଶୁପତି—ଯାହା ସ୍ୱୀକାର କରିଛି ତାହା ଅବଶ୍ୟ କରିବି । ଆଜି ଆପଣ ମଧ୍ୟ ଆପଣଙ୍କ ପ୍ରତିଶ୍ରୁତି ରକ୍ଷା କରିବେ ବୋଲି ମୁଁ ନିଃସନ୍ଦେହ ।

ବଖ୍‌ତିୟାର—ଆପଣ ନିଃସନ୍ଦେହ ରହନ୍ତୁ—ମାତ୍ର ଆମ୍ଭମାନଙ୍କର ଗୋଟିଏ ସର୍ତ୍ତ ଅଛି ।

ପଶୁପତି—ବ୍ୟକ୍ତ କରନ୍ତୁ ।

ବଖ୍‌ତିୟାର—କୁତବ୍‌ଉଦ୍ଦୀନ ଗୌଡ଼ଶାସନ ଭାର ଆପଣଙ୍କୁ ଅର୍ପଣ କରିଛନ୍ତି । ଆଜିଠାରୁ ଆପଣ ବଙ୍ଗର ରାଜପ୍ରତିନିଧି ହେଲେ । କିନ୍ତୁ ଯବନ

Digitized by srujanika@gmail.com

ସମ୍ରାଟଙ୍କର ସଙ୍କଳ୍ପ ଏହି ଯେ ଇସ୍‌ଲାମଧର୍ମାବଲମ୍ବୀ ବ୍ୟକ୍ତି ଅନ୍ୟ କେହି ତାଙ୍କର ରାଜକାର୍ଯ୍ୟରେ ସଂଶ୍ଳିଷ୍ଟ ହୋଇପାରିବେନାହିଁ । ଏଣୁ ଆପଣଙ୍କୁ ଇସ୍‌ଲାମଧର୍ମ ଗ୍ରହଣ କରିବାକୁ ପଡ଼ିବ ।

ଏକଥା ଶୁଣି ପଶୁପତିଙ୍କର ମୁଖ ମଳିନ ହୋଇଗଲା । ସେ କହିଲେ—ସନ୍ଧି ସମୟରେ ଏପରି କୌଣସି ସର୍ତ୍ତ ତ ନଥିଲା ।

ବଖ୍‌ତିୟାର —ଯଦି ଏପରି କିଛି ସର୍ତ୍ତ ଆରୋପ କରାହୋଇନଥାଏ ତାହା କେବଳ ଭ୍ରାନ୍ତି ମାତ୍ର । ତାହା ଛଡ଼ା ଆପଣଙ୍କ ଭଳି ବୁଦ୍ଧିମାନ୍ ବ୍ୟକ୍ତି ପକ୍ଷରେ ଏଭଳି ପ୍ରସ୍ତାବ ଉତ୍ଥାପନ କରାନହୋଇଥିଲେ ହେଁ ବର୍ତ୍ତମାନ କରିନେବା କଷ୍ଟକର ନୁହେଁ । ଆପଣ ଯଦି ଭାବୁଥାନ୍ତି ମୁସଲମାନଗଣ ବଙ୍ଗ ଜୟକରି ହିନ୍ଦୁଙ୍କୁ ପ୍ରତ୍ୟର୍ପଣ କରିବେ ତେବେ ସେ ଧାରଣା ଆପଣଙ୍କର ସଂପୂର୍ଣ୍ଣ ଭ୍ରମ ଉପରେ ପର୍ଯ୍ୟବସିତ ।

ପଶୁପତି—ମୁଁ ବୁଦ୍ଧିମାନ୍ ବୋଲି ଆପଣଙ୍କ ନିକଟରେ ଠିକ୍‌ଭାବେ ପରିଚିତ ହୋଇପାରିଲି ନାହିଁ ।

ବଖ୍‌ତିୟାର—ଠିକ୍ ଅଛି, ଏବେ ତ ପରିଚିତ ହେଲେ । ବର୍ତ୍ତମାନ ଆପଣ ମୁସଲମାନ ଧର୍ମରେ ଦୀକ୍ଷିତ ହେବା ନିମିତ୍ତ ପ୍ରସ୍ତୁତ ହୁଅନ୍ତୁ ।

ପଶୁପତି—ଆଉ ଧୈର୍ଯ୍ୟ ଧରିପାରିଲେନି । ତାଙ୍କର ପ୍ରତି ଶିରାପ୍ରଶିରାରେ ଉଷ୍ଣଶୋଣିତ ପ୍ରବାହିତ ହେବାକୁ ଲାଗିଲା । ସେ ସଦର୍ପେ କହିଲେ —ସାମ୍ରାଜ୍ୟ ନିମିତ୍ତ ସନାତନ ଧର୍ମ ତ୍ୟାଗ କରିବା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର । ତେଣୁ ଯବନ ସମ୍ରାଟ ଯଦି ଭାବୁଥାନ୍ତି ସାମ୍ରାଜ୍ୟ ନିମିତ୍ତ ମୁଁ ମୋର ଧର୍ମ ତ୍ୟାଗକରିବି ତେବେ ତାହା ସମ୍ରାଟଙ୍କର ଦିବାସ୍ୱପ୍ନ ମାତ୍ର ।

ବଖ୍‌ତିୟାର—ଆହା—ଆପଣ ଏ ଭୁଲ୍ କରୁଛନ୍ତି କାହିଁକି ? ଯାହାକୁ ଆପଣ ସନାତନ ଧର୍ମ କହୁଛନ୍ତି ସେ ଧର୍ମରେ କ'ଣ ବା ଅଛି ? କେବଳ ଭୂତପ୍ରେତର ପୂଜା ? କୋରାନ ବର୍ଣ୍ଣିତ ଧର୍ମ ହିଁ ପ୍ରକୃତ ଧର୍ମ । ମହମ୍ମଦଙ୍କ ନାମ ଜପି ଇହକାଳ ଓ ପରକାଳର ମଙ୍ଗଳ ସାଧନ କରନ୍ତୁ ।

ପଶୁପତି ଯବନର ଶଠତା ବୁଝିପାରିଲେ । କାର୍ଯ୍ୟ ଶେଷହେବା ସଙ୍ଗେ ସଙ୍ଗେ ସନ୍ଧିର ସର୍ତ୍ତ ଭଙ୍ଗ କରିବାପାଇଁ ସେମାନଙ୍କୁ ମୁହୂର୍ତ୍ତିଟିଏ ବି ଲାଗିବନାହିଁ । ଛଳରେ ନହେଲେ ବଳରେ ସେମାନେ କାର୍ଯ୍ୟସିଦ୍ଧି କରିବେହିଁ କରିବେ । ଏଣୁ ଶଠେଶାଠ୍ୟ ସମାଚରେତ୍ ନ୍ୟାୟରେ କପଟୀସହ କପଟତା ଆଚରଣ କରିବା

Digitized by srujanika@gmail.com

ଉଚିତ୍ । ପଶୁପତି କିଛି ସମୟ ଚିନ୍ତାକଲେ । ତାପରେ କହିଲେ—ଯଥା ଆଜ୍ଞା, ଆପଣଙ୍କ ଆଦେଶ ଶିରୋଧାର୍ଯ୍ୟ ।

ବଖତିୟାର ମଧ୍ୟ ପଶୁପତିଙ୍କର ମନୋଭାବ ବୁଝିପାରିଲେ । ବାସ୍ତବିକ ବଖତିଆର ପଶୁପତିଙ୍କଠାରୁ ଚତୁର ହୋଇ ନଥିଲେ ଏତେ ସହଜରେ କ'ଣ ବଙ୍ଗ ଜୟ କରିପାରିଥାନ୍ତେ ? ବାସ୍ତବିକ ବଙ୍ଗଭୂମିର ଭାଗ୍ୟଲିପି ହିଁ ଏହିପରି । ଏହାକୁ ଯୁଦ୍ଧରେ ଜୟ କରାଯାଇପାରେ ନାହିଁ— ଜୟ କରାଯାଏ ଛଳନାରେ, କପଟରେ, ଚତୁରତାରେ । ଚତୁର କ୍ଲାଇବ ଏଇ ଚତୁରତାରେ ହିଁ ବଙ୍ଗ ଜୟ କରିଥିଲେ ।

ବଖତିୟାର କହିଲେ—ଭଲକଥା । ଆଜ ଆମର ବଡ଼ ଶୁଭଦିନ—ତେଣୁ ଶୁଭକାର୍ଯ୍ୟରେ ବିଳମ୍ବର ପ୍ରୟୋଜନ ନାହିଁ । ଆମର ପୁରୋହିତ ମଧ୍ୟ ଉପସ୍ଥିତ ଅଛନ୍ତି । ସେ ଏଇ ମୁହୂର୍ତ୍ତରେ ଆପଣଙ୍କୁ ଇସଲାମ ଧର୍ମରେ ଦୀକ୍ଷିତ କରିବେ ।

ପଶୁପତି ଦେଖିଲେ ଯବନ ବଡ଼ ଚତୁର । ତାର କବଳରୁ ଖସିବା ବଡ଼ କଷ୍ଟ । ନିଜର ସର୍ବନାଶ ସେ ସେ ଡାକି ଆଣିଛନ୍ତି । ତଥାପି ସାହସ ସଞ୍ଚୟ କରି ପୁନର୍ବାର ଛଳନାରେ କହିଲେ—ଆପଣ କିଛି ସମୟ ଦିଅନ୍ତୁ । ପରିବାର ବର୍ଗଙ୍କୁ ନେଇ ଆସିବା ପରେ ସପରିବାର ଏଠାରେ ଉପସ୍ଥିତ ହୋଇ ଇସଲାମ ଧର୍ମ ଗ୍ରହଣ କରିବି ।

ବଖତିୟାର—ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଆପଣଙ୍କ ପରିବାର ବର୍ଗଙ୍କୁ ଆଣିବାପାଇଁ ଲୋକ ପଠାଇଦେଉଛି—ଆପଣ ଏହି ପ୍ରହରୀ ସହ ଯାଇ ବିଶ୍ରାମ ନିଅନ୍ତୁ ।

ପ୍ରହରୀ ଆସି ପଶୁପତିଙ୍କୁ ଧରିଲା । ପଶୁପତି କ୍ରୁଦ୍ଧ ହୋଇ କହିଲେ – ଇଏ କ'ଣ ? ମୁଁ କ'ଣ ବନ୍ଦୀ ?

ବଖତିୟାର—ଆପାତତଃ ଆପଣଙ୍କ ଅନୁମାନ ସତ୍ୟ ।

ପଶୁପତି ରାଜପୁରୀ ମଧ୍ୟରେ ରୁଦ୍ଧହେଲେ । ଉର୍ଣ୍ଣନାଭର ଜାଲ ଛିଣ୍ଡିଗଲା ସତ, ମାତ୍ର ସେ ନିଜେ ନିଜ ଜାଲରେ ରୁଦ୍ଧହୋଇଗଲେ । ପଶୁପତି ଯେଉଁ ଷଡ଼ଯନ୍ତ୍ର କରିଥିଲେ, ସେ ଷଡ଼ଯନ୍ତ୍ରରେ ସେ ନିଜେ ଶିକାର ହେଲେ । ପଶୁପତି ବହୁ ଚତୁର ବୋଲି ଆଗରୁ ବର୍ଣ୍ଣିତ ହୋଇଥିଲେ ହେଁ ବର୍ତ୍ତମାନର କାର୍ଯ୍ୟକଳାପରେ ତାଙ୍କର ଚତୁରତାର ଆଦୌ ପରିଚୟ ମିଳେନା । ସେ ଚତୁର ହୋଇଥିଲେ ନିସହାୟ ଭାବେ ଆଜି ରାଜପୁରୀରେ ବନ୍ଦୀ ହୋଇ ନଥାନ୍ତେ । କିନ୍ତୁ ପଶୁପତି

Digitized by srujanika@gmail.com

କ'ଣ ବା କରିପାରନ୍ତେ ? ଯୁଦ୍ଧ କରିବା ପାଇଁ ତାଙ୍କର ଶକ୍ତି ନାହିଁ । ଉର୍ଣ୍ଣନାଭି ଜାଲ ପାତେ ସିନା ଯୁଦ୍ଧ କରେନା ।

ସେଇଦିନ ରାତିରେ ମହାବନରୁ ସପ୍ତଦଶ ଅଶ୍ୱାରୋହୀ ଯବନସେନା ନବଦ୍ୱୀପ ଉପରେ ଝାମ୍ପ ଦେଲେ । ନବଦ୍ୱୀପ ଜୟ କରିବାକୁ ସେମାନଙ୍କୁ ମାତ୍ର କେତୋଟି ମୁହୂର୍ତ୍ତ ଲାଗିଲା । ସେଦିନ ପ୍ରଭାତ ହେଲା ସତ, ମାତ୍ର ବଙ୍ଗଭୂମି ଆଉ ଦେଖିବାକୁ ପାଇଲା ନାହିଁ ସ୍ୱାଧୀନ ସୂର୍ଯ୍ୟାଲୋକ । ଆଉ କ'ଣ ସ୍ୱାଧୀନ ସୂର୍ଯ୍ୟ ଉଦୟ ହେବ ନାହିଁ ? ଉଦୟ ଅସ୍ତ ତ ସୃଷ୍ଟିର ସ୍ୱାଭାବିକ ନିୟମ ।

ପିଞ୍ଜରା ଭାଙ୍ଗିଲା

ଯେତେ ସମୟ ପଶୁପତି ଗୃହମଧ୍ୟରେ ରହିଥିଲେ ତାଙ୍କ ଆଖି ଆଗେ ଆଗେ ସେ ମନୋରମାକୁ ଜଗିରଖିଥିଲେ । ଯବନକୁ ସାକ୍ଷାତ କରିବାକୁ ଯିବା ପୂର୍ବରୁ ଗୃହର ସମସ୍ତ ଦ୍ୱାରରୁଦ୍ଧ କରି ଶାନ୍ତଶୀଳକୁ ଗୃହରକ୍ଷାର ଦାୟିତ୍ୱ ଦେଇ ଯାଇଥିଲେ । ପଶୁପତି ଯିବାମାତ୍ରେ ମନୋରମା ପଳାୟନ ନିମିତ୍ତ ଉଦ୍ୟମ କରିବାରେ ଲାଗିଲେ । ଗୃହର ପ୍ରତି ପ୍ରକୋଷ୍ଠରେ ସେ ଅନୁସନ୍ଧାନ କଲେ । ପଳାୟନ ନିମିତ୍ତ ସେ କୌଣସି ଉପଯୁକ୍ତ ପଥ ପାଇଲେ ନାହିଁ ।

ଦେଖିଲେ ଖୁବ୍ ଉଚ୍ଚରେ କେତେଗୁଡ଼ିଏ ଗବାକ୍ଷ ରହିଛି । କିନ୍ତୁ ସେ ସ୍ଥାନକୁ ଆରୋହଣ କରିବା ସହଜସାଧ୍ୟ ନୁହେଁ । ଏତଦ୍‌ବ୍ୟତୀତ ଏତେ କ୍ଷୁଦ୍ର ପଥ ଦେଇ ଏତେ ବଡ଼ ମନୁଷ୍ୟ ଶରୀର ନିର୍ଗତ ହେବା ସମ୍ଭବ ନୁହେଁ । ଦ୍ୱିତୀୟତଃ ଏତେ ଉଚ୍ଚରୁ ଲମ୍ଫପ୍ରଦାନ କଲେ ଭୂମିରେ ପତିତ ହେବା ସଙ୍ଗେ ସଙ୍ଗେ ଅସ୍ଥି ମଧ୍ୟ ଚୂର୍ଣ୍ଣ ହୋଇଯିବ । ମନୋରମା ଉନ୍ମାଦିନୀ ପ୍ରାୟ ସେଇ ଗବାକ୍ଷ ପଥ ଦେଇ ନିଷ୍କ୍ରାନ୍ତ ହେବାର ଯୋଜନା କଲେ ।

ପଶୁପତି ଯିବାର କିଛି କାଳ ପରେ ମନୋରମା ପଶୁପତିଙ୍କ ଶୟନ କକ୍ଷରେ ପଲଙ୍କ ଉପରେ ଆରୋହଣ କଲେ । ପଲଙ୍କ ଉପରେ ଥାଇ ଗବାକ୍ଷ ଆରୋହଣ ଅପେକ୍ଷାକୃତ ସହଜସାଧ୍ୟ । ଏଣୁ ପଲଙ୍କ ଉପରେ ଦଣ୍ଡାୟମାନ ରହି ମନୋରମା ଗବାକ୍ଷ ରନ୍ଧ୍ର ଦେଇ ପ୍ରଥମେ ଦୁଇହସ୍ତ, ପରେ ମସ୍ତକ ପ୍ରବେଶ କରାଇ ବକ୍ଷ ପର୍ଯ୍ୟନ୍ତ ବାହାର କରିଦେଲେ । ପରେ ବହୁ କଷ୍ଟରେ ସମସ୍ତ ଶରୀରକୁ ନିଷ୍କ୍ରାନ୍ତ କରି ଗବାକ୍ଷ ନିକଟରେ ଥିବା ଏକ ବୃକ୍ଷର ଶାଖା ଅବଲମ୍ବନ କରି ଝୁଲିବାରେ

Digitized by srujanika@gmail.com

ଲାଗିଲେ । ବୃକ୍ଷ ଶାଖାଟି ମନୋରମାଙ୍କ ଶରୀର ଭାରରେ ନଇଁ ଆସିଲା ତଳକୁ । ଫଳରେ ମନୋରମାଙ୍କ ଚରଣ ଦୁଇଟି ଭୂମି ଉପରୁ ଅଳ୍ପ ଉଚ୍ଚରେ ରହିଲା । ଏଣୁ ମନୋରମା ଶାଖା ତ୍ୟାଗକରି ଅବଲୀଳାକ୍ରମେ ଭୂମି ଉପରେ ପଡ଼ିଗଲେ । ଆଉ ମୁହୂର୍ତ୍ତେ ସେଠାରେ ଅପେକ୍ଷା ନ କରି ଜନାର୍ଦ୍ଦନଙ୍କ ଗୃହ ଅଭିମୁଖେ ଚାଲିଲେ ।

ନଗର ବିପ୍ଳବ

ସେହି ରାତ୍ରିରେ ସମଗ୍ର ନବଦ୍ୱୀପ ନଗର ବିଜୟୋନ୍ମତ୍ତ ଯବନ ସେନାଙ୍କର ଅତ୍ୟାଚାରରେ ବାତ୍ୟାବିକ୍ଷୁବ୍ଧ ଅଶାନ୍ତ ସାଗର ସଦୃଶ ଆନ୍ଦୋଳିତ ହେବାକୁ ଲାଗିଲା । ସମଗ୍ର ରାଜପଥ ଅସଂଖ୍ୟ ଅଶ୍ୱାରୋହୀ, ପଦାତିକ, ଖଡ୍ଗଧାରୀ, ଧନୁର୍ଦ୍ଧାରୀ, ଶୂଳଧାରୀଙ୍କ ଦ୍ୱାରା ଆଚ୍ଛାଦିତ ହୋଇଗଲା । ରାଜଧାନୀ ରକ୍ଷା କରିବାପାଇଁ ସେନାଦଳ ପ୍ରସ୍ତୁତ ନଥିବାରୁ ଅସହାୟ ନାଗରିକଗଣ ଭୀତତ୍ରସ୍ତ ହୋଇ ଦ୍ୱାର ରୁଦ୍ଧ କରି ଗୃହମଧ୍ୟରେ ଇଷ୍ଟଦେବ ସ୍ମରଣ କରିବାରେ ଲାଗିଲେ । ଯବନସେନା ରାଜପଥରେ ଯେଉଁମାନଙ୍କୁ ଦେଖିଲେ ସେମାନଙ୍କୁ ହତ୍ୟା କରିବା ପରେ ରୁଦ୍ଧ-ଗୃହଗୁଡ଼ିକୁ ଭଗ୍ନ କରି ଆକ୍ରମଣ କରିବାକୁ ଲାଗିଲେ । କେଉଁ ଗୃହର ଦ୍ୱାର ଭଗ୍ନ କରି କେଉଁ ଗୃହର ପ୍ରାଚୀର ଆରୋହଣ କରି, କେଉଁ ଗୃହର ଭୀତତ୍ରସ୍ତ ଗୃହସ୍ଥଙ୍କୁ ବଞ୍ଚିବାର ମିଥ୍ୟା ପ୍ରଲୋଭନ ଦେଖାଇ ଗୃହମଧ୍ୟରେ ପ୍ରବେଶ କରିବାକୁ ଲାଗିଲେ । ଗୃହର ସକଳ ସମ୍ପତ୍ତି ଲୁଣ୍ଠନ କରିବା ସଙ୍ଗେ ସଙ୍ଗେ ଆବାଳବୃଦ୍ଧବନିତା ସମସ୍ତଙ୍କର ଶିରଚ୍ଛେଦ କରିବାରେ ଲାଗିଲେ । ଯୁବତୀ ସ୍ତ୍ରୀଗୁଡ଼ିକୁ ଇନ୍ଦ୍ରିୟଲାଳସା ଚରିତାର୍ଥ ନିମିତ୍ତ ସମ୍ଭବତଃ ହତ୍ୟା ନ କରି ଜୀବିତ ରଖିଲେ ।

ରାଜଧାନୀର ପ୍ରତ୍ୟେକଟି ଗୃହ ହେଲା ରକ୍ତପ୍ଳାବିତ । ରାଜପଥ ହୋଇଗଲା କର୍ଦ୍ଦମାକ୍ତ । ସମଗ୍ର ଯବନ ସେନା ସତେ ଅବା ରକ୍ତରେ ହୋରି ଖେଳିଲେ । ସେମାନଙ୍କ ଅଶ୍ୱପୃଷ୍ଠରେ ଲଦା ହେଲା ଅପହୃତ ସାମଗ୍ରୀ । ଶୃଙ୍ଖଳବଦ୍ଧ ହୋଇ ବ୍ରାହ୍ମଣମାନେ ଅସହାୟ ଭାବେ ଆର୍ତ୍ତଚିତ୍କାର କଲେ । ବ୍ରାହ୍ମଣର ଯଜ୍ଞୋପବୀତ ହେଲା ଅଶ୍ୱର ଗଳାରଜ୍ଜୁ । ବ୍ରାହ୍ମଣପୂଜିତ ଶାଳଗ୍ରାମସକଳ ହେଲେ ଯବନ ସେନାଙ୍କର ପଦାଘାତରେ କନ୍ଦୁକ ସାଦୃଶ ବିକ୍ଷିପ୍ତ ।

ଆର୍ତ୍ତଚିତ୍କାରରେ ସମଗ୍ର ରାତ୍ରି ନିନାଦିତ ହେଲା । ଅଶ୍ୱର ଟାପୁଶବ୍ଦ, ସୈନ୍ୟମାନଙ୍କର କୋଳାହଳ, ହସ୍ତୀର ଚିତ୍କାର, ଯବନର ଜୟଧ୍ୱନି ସାଙ୍ଗକୁ ପୀଡ଼ିତର

Digitized by srujanika@gmail.com

ଆର୍ତ୍ତନାଦ, ଜନନୀର ରୋଦନ, ଶିଶୁର କ୍ରନ୍ଦନ, ବୃଦ୍ଧର କରୁଣ ପ୍ରାର୍ଥନା ଓ ଯୁବତୀର କଣ୍ଠଘଣ୍ଟା ଧ୍ୱନି ସମସ୍ତ ଗୌଡ଼ନଗରରେ ହାହାକାର ଭରିଦେଲା ।

ଏହି ସମୟରେ ଯବନସେନାଙ୍କୁ ଦମନ କରିବାପାଇଁ ଯେଉଁ ବୀରପୁରୁଷଙ୍କୁ ମାଧବାଚାର୍ଯ୍ୟ ଆଣିଥିଲେ ସେ କେଉଁଠାରେ ? ସେ କି ଏକାକୀ ଏଇ ବିଶାଳ ଯବନସେନାଙ୍କ ସମ୍ମୁଖୀନ ହୋଇପାରନ୍ତେ କିପରି ? ହେମଚନ୍ଦ୍ର ସେତେବେଳେ ନିଜର ପ୍ରକୋଷ୍ଠରେ ଶୟନ କରୁଥିଲେ । ନଗରୀରେ ଏପରି କୋଳାହଳ ଶୁଣି ଦିଗ୍‌ବିଜୟଙ୍କୁ ପଚାରିଲେ—ଏ କୋଳାହଳ କାହିଁକି ?

ଦିଗ୍‌ବିଜୟ—ଯବନସେନା ନଗର ଆକ୍ରମଣ କରିଛନ୍ତି ।

ହେମଚନ୍ଦ୍ର ଏ ସମ୍ବାଦ ଶୁଣି ଚମକିତ ହେଲେ । ସେ ଏ ପର୍ଯ୍ୟନ୍ତ ରଜାଙ୍କର ପଳାୟନ କିମ୍ବା ବଖ୍ତିୟାର ଖିଲ୍‌ଜୀଙ୍କ ରାଜପୁରୀ ଅବରୋଧ ସମ୍ବାଦ ପାଇ ନଥିଲେ । ଦିଗବିଜୟ ସମସ୍ତ ସମ୍ବାଦ ହେମଚନ୍ଦ୍ରଙ୍କୁ ଶୁଣାଇବାରେ ଲାଗିଲେ ।

ହେମଚନ୍ଦ୍ର—ନାଗରିକଗଣ କ'ଣ କରୁଛନ୍ତି ?

ଦିଗ୍‌ବିଜୟ—କେତେକ ପଳାୟନ କରିଛନ୍ତି । ଅନ୍ୟ ସମସ୍ତେ ପ୍ରାୟ ମୃତ ।

ହେମଚନ୍ଦ୍ର—ଗୌଡ଼ସେନା କେଉଁଆଡ଼େ ଗଲେ ?

ଦିଗ୍‌ବିଜୟ—କାହା ପାଇଁ ସେମାନେ ସଂଗ୍ରାମ କରିବେ ? ରଜାତ ପଳାତକ, ତେଣୁ ସେମାନେ ମଧ୍ୟ ନିଜନିଜର ଜୀବନ ନେଇ ପଳାୟନ କରିଛନ୍ତି ।

ହେମଚନ୍ଦ୍ର—ମୋର ଅଶ୍ୱ ସଜ୍ଜିତକର ।

ଦିଗ୍‌ବିଜୟ ବିସ୍ମିତ ହେଲେ । ପଚାରିଲେ—ଆପଣ କୁଆଡ଼େ ଯିବେ ?

ହେମଚନ୍ଦ୍ର—ନଗରମଧ୍ୟକୁ ।

ଦିଗ୍‌ବିଜୟ—ଏକାକୀ ?

ହେମଚନ୍ଦ୍ର ଭ୍ରୂକୁଟି କରିବା ଦେଖି ଦିଗ୍‌ବିଜୟ ଭୟଭୀତ ହୋଇ ଅଶ୍ୱ-ସଜ୍ଜିତ କଲେ । ହେମଚନ୍ଦ୍ର ହସ୍ତରେ ଶୂଳ ଧରି ପ୍ରବଳ ପ୍ରଭଞ୍ଜନ ଗତି ନେଇ ମାଡ଼ି ଚାଲିଲେ ଯବନସେନା ମଧ୍ୟକୁ । ହେମଚନ୍ଦ୍ର ଦେଖିଲେ ଯବନସେନା ଯୁଦ୍ଧ ନ କରି କେବଳ ଲୁଣ୍ଠନ କରିବାରେ ବ୍ୟସ୍ତ । ନଗରବାସୀ ପ୍ରତିରୋଧ କରୁ ନ ଥିଲେ—ତେଣୁ ଯୁଦ୍ଧର ଆବଶ୍ୟକତା ବା ଆସିବ କାହିଁକି ? ଯବନ ଯେଉଁ-ମାନଙ୍କର ସମ୍ପତ୍ତି ଲୁଣ୍ଠନ କରୁଥିଲେ ସେମାନଙ୍କୁ ହତ୍ୟା କରୁଥିଲେ । ତେଣୁ ଦଳବଦ୍ଧ ହୋଇ ଯବନସେନା ହେମଚନ୍ଦ୍ରଙ୍କୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ

Digitized by srujanika@gmail.com

ନ ଥିଲେ । ଫଳରେ ହେମଚନ୍ଦ୍ର ଗୋଟି ଗୋଟି ଯବନ ସେନାଙ୍କୁ ହତ୍ୟା କରିବାରେ ଲାଗିଲେ ।

ହେମଚନ୍ଦ୍ର ବିରକ୍ତ ହେବାକୁ ଲାଗିଲେ । ସେ ଯୁଦ୍ଧ କରିବା ପାଇଁ ଆସିଥିଲେ ସିନା—ଲୁଣ୍ଠନକାରୀଗଣଙ୍କୁ ହତ୍ୟା କରିବାରେ ବା ତାଙ୍କର କି ଆନନ୍ଦ ? ଯବନ ସେନା ମଧ୍ୟ କେବଳ ଲୁଣ୍ଠନ ନିଶାରେ ପାଗଳ, ଏଣୁ ଯୁଦ୍ଧ କରିବାର ମନୋବୃତ୍ତି ତାଙ୍କର ଆସିବ କିପରି ? ହେମଚନ୍ଦ୍ର ଭାବିଲେ—ଗୋଟିଏ ଗୋଟିଏ ପଥ ଛୁଡ଼ାଇ ସମଗ୍ର ଅରଣ୍ୟ ଯେପରି ପଥଶୂନ୍ୟ କରାଯାଇ ନ ପାରେ, ଜଣଜଣଙ୍କୁ ହତ୍ୟାକରି ସମଗ୍ର ଯବନ ସେନାଙ୍କୁ କିଣ ନିପାତ କରିହେବ ? ତେଣୁ ଯବନଙ୍କୁ ହତ୍ୟା କରିବାର ମନୋବୃତ୍ତି ତ୍ୟାଗ କରି ନଗରବାସୀଙ୍କର ଧନଜୀବନ ରକ୍ଷା କରିବାପାଇଁ ମନସ୍ଥ କଲେ । ହେମଚନ୍ଦ୍ର ଏଥିରେ ମଧ୍ୟ ସଫଳ ହେଲେ ନାହିଁ । ସେ ଯେଉଁ ଗୃହସ୍ଥର ଧନ ଜୀବନ ରକ୍ଷା କରିବାକୁ ଯାଆନ୍ତି, ଦୁଇଜଣ ଯବନ ତାଙ୍କୁ ବାଧା ଦିଅନ୍ତି । ସେଇ ସୁଯୋଗରେ ଅନ୍ୟ ଯବନସେନା ଗୃହସ୍ଥର ସମସ୍ତ ଦ୍ରବ୍ୟ ଲୁଣ୍ଠନ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ହତ୍ୟା ମଧ୍ୟ କରିଥାନ୍ତି । ତଥାପି ହେମଚନ୍ଦ୍ର ନିବୃତ୍ତ ହେଲେ ନାହିଁ । ଯଥାସାଧ୍ୟ ନଗରବାସୀଙ୍କ ଉପକାର କରିବାରେ ଲାଗିଲେ । ପଥପାର୍ଶ୍ୱରେ ଯାଉ ଯାଉ ହଠାତ୍ ହେମଚନ୍ଦ୍ର ଶୁଣିଲେ କୁଟୀର ମଧ୍ୟରେ କାହାର ଆର୍ତ୍ତନାଦ । ସମ୍ଭବତଃ ଯବନସେନାର ଆକ୍ରମଣରେ କିଏ ଆର୍ତ୍ତନାଦ କରୁଛି—ଏଇ କଥା ଚିନ୍ତାକରି ହେମଚନ୍ଦ୍ର ଆର୍ତ୍ତଚିତ୍କାର ଶୁଣାଯାଉଥିବା ଗୃହମଧ୍ୟକୁ ପ୍ରବେଶ କଲେ । ଦେଖିଲେ ଗୃହମଧ୍ୟରେ ଯବନ ନାହାନ୍ତି—ମାତ୍ର ଯବନ ସେନାର ଲୁଣ୍ଠନର ପ୍ରତିଚ୍ଛବି ଗୃହର ଛତେ ଛତେ ଭରିରହିଛି । ଜଣେ ବ୍ରାହ୍ମଣ ଭୂମିରେ ପଡି ଆର୍ତ୍ତଚିତ୍କାର କରୁଛନ୍ତି । ହେମଚନ୍ଦ୍ର ଦେଖିଲେ ବ୍ରାହ୍ମଣ ମୃତ୍ୟୁର ଦ୍ୱାରଦେଶରେ । ହେମଚନ୍ଦ୍ରଙ୍କୁ ଦେଖି ସେ ଯବନ ଭାବି ପାଗଳପରି ପ୍ରଳାପ କରିବାକୁ ଲାଗିଲେ—ଆ—ଆ ମାରିଦେ...... ଯେତେ ଶୀଘ୍ର ପାରୁ ମାରିଦେ । ମୋର ଏ ମୁଣ୍ଡଟାକୁ ନେଇ ସେଇ ରାକ୍ଷସୀକୁ ଦେ—ଆଃ—ପାଣି ··· ପାଣି ··· ପାଣି କିଏ ଦେବ ?

ହେମଚନ୍ଦ୍ର କହିଲେ—ତୁମ ଘରେ ପାଣି ଅଛି ? ବ୍ରାହ୍ମଣ କାତର କଣ୍ଠରେ କହିଲେ—ଜାଣେନା—ବୋଧହୁଏ ପାଣି ନ ଥିବ । ଆଃ—ସେଇ ରାକ୍ଷସୀଟି ପାଇଁ ଏ ପ୍ରାଣ ଗଲା ।

Digitized by srujanika@gmail.com

ହେମଚନ୍ଦ୍ର ସେଇ କୁଟୀର ମଧ୍ୟରେ ଅନ୍ୱେଷଣ କରି ଦେଖିଲେ ଗୋଟିଏ କଳସୀରେ ପାଣି ରହିଛି । ପାତ୍ର ନ ଥିବାରୁ ପତ୍ରଠୋଲାରେ ଆଣି ତାଙ୍କୁ ପାଣି ମନ୍ଦ ଦେଲେ । ବ୍ରାହ୍ମଣ କହିଲେ—ନା – ନା—ପାଣି ପିଇବ ନାହିଁ । ଯବନ ହାତରୁ ଜଳପାନ ନିଷେଧ ।

ହେମଚନ୍ଦ୍ର—ମୁଁ ଯବନ ନୁହେଁ—ହିନ୍ଦୁ । ମୋ ହାତରୁ ନିଃସଙ୍କୋଚରେ ଜଳପାନକର । ମୋ କଥାରୁ କ'ଣ ଜାଣିପାରୁନା ମୁଁ ହିନ୍ଦୁ ?

ବ୍ରାହ୍ମଣ ଜଳପାନ କଲେ । ହେମଚନ୍ଦ୍ର କହିଲେ—ମୁଁ ତୁମର ଆଉ କ ଉପକାର କରିପାରେ କୁହ ?

ବ୍ରାହ୍ମଣ—ଆଉ କ'ଣ କରିବ ? ମୁଁ ତ ମରିବ । ମନୁଷ୍ୟଲୋକର ବା ଆଉ କ ଉପକାର କରିବ ?

ହେମଚନ୍ଦ୍ର—ତୁମର କେହି ଅଛନ୍ତି ? କୁହ ତାକୁ ଆଣି ତୁମ ପାଖରେ ଛାଡ଼ିଦିବ ।

ବ୍ରାହ୍ମଣ—ଆଉ କିଏ ଅଛି ? ଅଛି ସେଇ ରାକ୍ଷସୀଟା । ସେଇ ରାକ୍ଷସୀକୁ କହିବ –ମୋର ଅପରାଧର ଠିକ୍ ପ୍ରତିଫଳ ମିଳିଛି ।

ହେମଚନ୍ଦ୍ର—କିଏ ସେଇ ରାକ୍ଷସୀ ।

ବ୍ରାହ୍ମଣ—କିଏ ? କିଏ ସେଇ ରାକ୍ଷସୀ ? ତାକୁ ଜାଣନା ? ସେଇ ରାକ୍ଷସୀଟା ହେଉଛି ମୃଣାଳିନୀ । ହିଁ ହିଁ, ସେଇ ମୃଣାଳିନୀଟ ପିଶାଚୀ, ରାକ୍ଷସୀ ।

ବ୍ରାହ୍ମଣ ଅଧିକରୁ ଅଧିକ ଆର୍ତ୍ତନାଦ କରିବାକୁ ଲାଗିଲେ । ହେମଚନ୍ଦ୍ର ମଧ୍ୟ ମୃଣାଳିନୀଙ୍କର ନାମ ଶୁଣି ଚମକି ପଡ଼ିଲେ । ପଚାରିଲେ—ମୃଣାଳିନୀ ତୁମର କିଏ ?

ବ୍ରାହ୍ମଣ—ମୃଣାଳିନୀ ମୋର ଯମ ।

ହେମଚନ୍ଦ୍ର—ସେ ତୁମର କ'ଣ କରିଛି ?

ବ୍ରାହ୍ମଣ—କ'ଣ କରିଛି ? କ'ଣ ନ କରିଛି କୁହ ? ନା—ନା, ମୃତ୍ୟୁ ପୂର୍ବରୁ ଆଉ ମିଥ୍ୟା କହିବା ଠିକ୍ ନୁହେଁ । ସେ ମୋର କିଛି କରିନାହିଁ । ମୁଁ ବରଂ ତାର ବଡ଼ କ୍ଷତି କରିଛି ।

Digitized by srujanika@gmail.com

ହେମଚନ୍ଦ୍ର—କ ଷତ କରୁଛ ?

ବ୍ରାହ୍ମଣ—ନା—ଆଉ କଥା କହିପାରୁନ—ଆଉ ମନ୍ଦ ଜଳ ଦଅ ।

ହେମଚନ୍ଦ୍ର ପୁନର୍ବାର ଜଳପାନ କରିବାକୁ ଦେବାରୁ ବ୍ରାହ୍ମଣ ଟିକେ ଆଶ୍ୱସ୍ତ ହେଲେ । ହେମଚନ୍ଦ୍ର ପୁଣି ପଚାରିଲେ—ତୁମର ନାମ କ'ଣ ?

ବ୍ରାହ୍ମଣ—ବ୍ୟୋମକେଶ ।

ବ୍ୟୋମକେଶ ନାମ ଶୁଣି ହେମଚନ୍ଦ୍ରଙ୍କର ଚକ୍ଷୁରୁ ସତେଅବା କ୍ରୋଧର ସ୍ଫୁଲିଙ୍ଗ ନିର୍ଗତ ହେବାକୁ ଲାଗିଲା । ଅଧର ଦଂଶନ କରି, କରସ୍ଥ ଶୂଳକୁ ଦୃଢ଼ଭାବେ ମୁଷ୍ଟିବଦ୍ଧ କଲେ, ମାତ୍ର ପରମୁହୂର୍ତ୍ତରେ ସେ ପୁନର୍ବାର ଶାନ୍ତ ହୋଇଗଲେ । ପଚାରିଲେ—ତୁମର ଘର କେଉଁଠାରେ ?

ବ୍ରାହ୍ମଣ—ଗୌଡ଼ । ଗୌଡ଼ ଜାଣିଛ ? ମୃଣାଳିନୀ ଆମରି ଘରେ ରହିଥିଲା ।

ହେମ—ତାପରେ ?

ବ୍ରାହ୍ମଣ—ତାପରେ—ତାପରେ ଆଉ କ'ଣ ? ତାପରେ ମୋର ଏଇ ଦଶା । ମୃଣାଳିନୀ ପାପିଷ୍ଠା ବଡ଼ ନିର୍ଦ୍ଦୟ ସେ । ମୋତେ ଥରେ ବି ଫେରି ଚାହିଁଲାନି । ତେଣୁ ରାଗକରି ବାପାଙ୍କ ନିକଟରେ ମୁଁ ତା ନାମରେ ମିଛରେ କଳଙ୍କ ରଟିଲି—ଫଳରେ ବାପା ତାକୁ ବିନା ଅପରାଧରେ ଘରୁ ତଡ଼ିଦେଲେ । ସେଇ ରାକ୍ଷସୀଟା ମଧ୍ୟ ମୋତେ ଛାଡ଼ି ଚାଲିଗଲା ।

ହେମଚନ୍ଦ୍ର—ତେବେ ତୁମେ ତାକୁ ଏତେ ଗାଳିଦେଉଛ କାହିଁକି ?

ବ୍ରାହ୍ମଣ—କାହିଁକି ? କାହିଁକି ଗାଳି ଦେଉଛି ବୋଲି ପଚାରୁଛ ? ସେଇ ରାକ୍ଷସୀଟା ମୋତେ ଟିକେ ନ ଚାହିଁ ଚାଲି ଆସିଲା ସିନା—ହେଲେ ମୁଁ ତା ପାଇଁ ସର୍ବସ୍ୱ ତ୍ୟାଗକରି ତାକୁ ଖୋଜି ଖୋଜି ବୁଲୁଛି । କେଉଁ ଦେଶ ମୁଁ ନ ଯାଇଛି ? କେଉଁଠି ବା ତାକୁ ନ ଖୋଜିଛି [ହେଲେ ତାର ସନ୍ଧାନ ପାଇନାହିଁ । ଶୁଣିଲି—ସେ ନବଦ୍ୱୀପ ଆସିଛି—ତେଣୁ ନବଦ୍ୱୀପ ଧାଇଁ ଆସିଲି । ହେଲେ ଏଠାରେ ବି ତାର ସନ୍ଧାନ ପାଇଲି ନାହିଁ । ଆଉ ଆଜି ତାରି ପାଇଁ ଯବନ ହାତରେ ମରିବାକୁ ଯାଉଛି । ସେଇ ରାକ୍ଷସୀଟା ପାଇଁ ସିନା ଏଇ ଗୌଡ଼ ରାଜ୍ୟକୁ ଆସି ଯବନ ହାତରେ ମଲି । ଦେଖିଲେ ସେ ରାକ୍ଷସୀଟାକୁ କହିଦେବ—ବ୍ୟୋମକେଶ ତାର ପାପର ଫଳ ଠିକ୍ ପାଇଛି ।

Digitized by srujanika@gmail.com

ବ୍ୟୋମକେଶ ଆଉ କିଛି କହିପାରିଲେ ନାହିଁ । ତାର କଣ୍ଠ ବାଷ୍ପରୁଦ୍ଧ ହୋଇଆସୁଥିଲା । ଶରୀର ମଧ୍ୟ ନିସ୍ତେଜ ହୋଇଆସୁଥିଲା । ହେମଚନ୍ଦ୍ର ଅନୁଭବ କଲେ—ତାର ମୃତ୍ୟୁ ଆସନ୍ନ । ସେ ଠିଆହୋଇ ପାରିଲେନ । ଯବନ ବଧ ମଧ୍ୟ କଲେ ନାହିଁ । କୌଣସିମତେ ପଥ ଖୋଜି ଗୃହାଭିମୁଖେ ଫେରିଆସିଲେ ।

ମୃଣାଳିନୀର କି ସୁଖ ?

ହେମଚନ୍ଦ୍ର ଯେଉଁ ପୁଷ୍କରିଣୀର ସୋପାନରେ ତାକୁ ପ୍ରସ୍ତରାଘାତରେ ବ୍ୟଥିତ କରିଥିଲେ ମୃଣାଳିନୀ ଏ ପର୍ଯ୍ୟନ୍ତ ସେଇଠାରେ ରହିଛନ୍ତି । ଏ ପୃଥିବୀରେ ଆଉ କେଉଁଠାକୁ ଯିବାପାଇଁ ତାଙ୍କର ସତେ ଅବା ସ୍ଥାନ ନ ଥିଲା । ସବୁ ସ୍ଥାନ ତାଙ୍କ ପାଇଁ ବର୍ତ୍ତମାନ ସମାନ । ରାତି ପାହି ସକାଳ ହେଲା । ଗିରିଜାୟା ତାଙ୍କୁ ଯେତେ ଯାହା କହିଲେ, ମୃଣାଳିନୀ କିଛି ବି ଉତ୍ତର ଦେଲେ ନାହିଁ—କେବଳ ମୁହଁ ତଳକୁ କରି ବସିରହିଲେ । ସ୍ନାନାହାର ସମୟ ହେଲା । ଗିରିଜାୟା ତାଙ୍କୁ ଜଳଭିତରକୁ ନେଇ ସ୍ନାନ କରାଇଲେ । ସ୍ନାନସାରି ମଧ୍ୟ ମୃଣାଳିନୀ ଆର୍ଦ୍ର-ବସନରେ ବସିରହିଲେ ସେଇଠାରେ । ଗିରିଜାୟା ନିଜେ କ୍ଷୁଧାରେ ଆତୁର ହୋଇପଡ଼ିଲେ ହେଁ ମୃଣାଳିନୀଙ୍କୁ ସେଠାରୁ ଉଠାଇ ପାରିଲେ ନାହିଁ କିମ୍ବା ଘରକୁ ଫେରିଯିବାପାଇଁ ପୁନର୍ବାର କହିବାକୁ ସାହସ କରିପାରିଲେନାହିଁ । ଅନ୍ୟ ଉପାୟ ନ ଦେଖି ଗିରିଜାୟା ନିକଟସ୍ଥ ବଣକୁ ଯାଇ ସାମାନ୍ୟ ଫଳମୂଳ ସଂଗ୍ରହ କରି ଆଣି ଭୋଜନ କରିବାକୁ ଦେଲେ । ମୃଣାଳିନୀ ତହିଁରୁ କେତୋଟି ଫଳମୂଳ ସ୍ପର୍ଶକଲେ ସିନା କିନ୍ତୁ ଗୋଟିଏ ବି ଆହାର କଲେନାହିଁ--ଗିରିଜାୟା ସେଗୁଡ଼ିକୁ ଖାଇଲେ । କ୍ଷୁଧା କି ଏଥିରେ ନିବାରଣ ହୁଏ—ତଥାପି ଗିରିଜାୟା ସେଠାରେ ମୃଣାଳିନୀଙ୍କୁ ଜଗିରହିଲେ ।

ଏହିପରି ପ୍ରଭାତରୁ ମଧ୍ୟାହ୍ନ, ମଧ୍ୟାହ୍ନରୁ ସନ୍ଧ୍ୟା ହେଲା । ମାତ୍ର ମୃଣାଳିନୀ ଗୃହକୁ ପ୍ରତ୍ୟାବର୍ତ୍ତନ କରିବାର ତଥାପି କୌଣସି ଲକ୍ଷଣ ପ୍ରକାଶ କଲେନାହିଁ । ଗିରି-ଜାୟା ଚଞ୍ଚଳ ହୋଇଉଠିଲେ । ଗତ ରାତ୍ରସାରା ଅନିଦ୍ରାରେ କଟିଛି । ଏ ରାତ୍ରିଟି ମଧ୍ୟ ପ୍ରାୟ ସେହିପରି କଟିବ । ଗିରିଜାୟା କିଛି କହିଲେନ । ବୃକ୍ଷରୁ କୋମଳ ପତ୍ର ଗୁଡ଼ିଏ ତୋଳିଆଣି ସେଇ ପୁଷ୍କରିଣୀର ସୋପାନ ଉପରେ ଶଯ୍ୟା ରଚନା

Digitized by srujanika@gmail.com

କରିବାକୁ ଲାଗିଲେ । ମୃଣାଳିନୀ ଗିରିଜାୟାଙ୍କ ଅଭିପ୍ରାୟ ହୃଦୟଙ୍ଗମ କରି କହିଲେ—ଗିରିଜାୟା, ତୁମେ ଗୃହକୁ ଫେରିଯାଇ ଶୟନ କର ।

ଗିରିଜାୟା ମୃଣାଳିନୀଙ୍କ କଥା ଶୁଣି ଆନନ୍ଦିତ ହେଲେ । କହିଲେ—ଆସ ଠାକୁରାଣୀ ସାଙ୍ଗହୋଇଯିବା ।

ମୃଣାଳିନୀ—ଚାଲ, ମୁଁ ଏହି ଯାଉଛି ।

ଗିରି—ମୁଁ ଅପେକ୍ଷା କରୁଛି । ଭିକାରୁଣୀଟାଏ ମୁଁ—ଏଇଠି ବସି ବସି କ'ଣ ବା ଘଡ଼ି ଶୋଇପାରିବନି ? ଠାକୁରାଣୀ, ସାହସ ହେଉନି କହିବା ପାଇଁ, ତଥାପି ନକହି ରହିପାରୁନି । ରାଜକୁମାର ସଙ୍ଗେ ଏ ଜନ୍ମର ସମ୍ବନ୍ଧ ହୁଏତ ବୋଧେ ତ ସରିଗଲା । ଆଜି ମିଛଟାରେ ଏଇ କାର୍ତ୍ତିକ ମାସର ହିମକାକରରେ କଷ୍ଟପାଇ ପଡ଼ିରହିବା କାହିଁକି ?

ମୃଣାଳିନୀ—ଗିରିଜାୟା, ହେମଚନ୍ଦ୍ରଙ୍କ ସହିତ ଏ ଜନ୍ମରେ ମୋର ସମ୍ବନ୍ଧ ତୁଟିନାହିଁ କି ତୁଟିପାରିବ ନାହିଁ । ମୁଁ ଗତକାଲି ହେମଚନ୍ଦ୍ରଙ୍କର ଚରଣ ସେବିକାଥିଲି ଆଜି ବି ସେଇ ଚରଣସେବିକା ।

ଗିରିଜାୟା ରାଗିଉଠିଲେ । ଉଠି ବସି କହିଲେ—କ'ଣ କହିଲ ଠାକୁରାଣୀ —ତୁମେ ପୁଣି କହିପାରୁଛ ସେଇ ପାଷାଣ୍ଡର ଚରଣସେବିକା ବୋଲି ? ତୁମେ ଯଦି ତାଙ୍କର ଦାସୀ ତେବେ ମୁଁ ଚାଲିଯାଉଛି—ମୋର ଏଠାରେ ଆଉ ରହିବାର ପ୍ରୟୋଜନ ନାହିଁ ।

ମୃଣାଳିନୀ—ଗିରିଜାୟା, ହେମଚନ୍ଦ୍ର ତୁମକୁ ଯଦି କିଛି ଆଘାତ ଦେଇଥା'ନ୍ତି ତେବେ ତାଙ୍କର ନିନ୍ଦା ତୁମେ ଅନ୍ୟସ୍ଥାନରେ କର, କିନ୍ତୁ ମୋ ଆଗରେ କର ନାହିଁ । ହେମଚନ୍ଦ୍ର ମୋ ପ୍ରତି କେବେ ଅନ୍ୟାୟ ବା ଅତ୍ୟାଚାର କରିନାହାନ୍ତି— ମୁଁ କାହିଁକି ତାଙ୍କର ନିନ୍ଦା ସହିବି ? ସେ ରାଜକୁମାର, ପୁଣି ମୋର ସ୍ୱାମୀ । ତୁମେ ତାଙ୍କୁ ପାଷଣ୍ଡ କୁହନାହିଁ ଗିରିଜାୟା ।

ଏକଥା ଶୁଣି ଗିରିଜାୟା ଆହୁରି ଅଧିକ ରାଗିଗଲେ । ନିଜ ହାତରେ ସଜାଇ ଥିବା ପଦ୍ମଶେଯଟିକୁ ଛିନ୍ନଭିନ୍ନ କରି ଫିଙ୍ଗିଦେଲେ । କହିଲେ—"ପାଷଣ୍ଡ କହିବି ନାହିଁ ? ଥରେ କାହିଁକି ଦଶଥର କହିବି—ଶହେବାର କହିବି— ହଜାରବାର କହିବି ।" ଧୀରେ ଧୀରେ ଗିରିଜାୟାଙ୍କର ରାଗ ବଢ଼ୁଥାଏ । ଆଉ ଶେଯପାରିଥିବା ପଦ୍ମଗୁଡ଼ିକୁ ଅଧିକରୁ ଅଧିକ ଛିଡ଼ାଇ ସେ ଫିଙ୍ଗି ଯାଉଥାନ୍ତି—

Digitized by srujanika@gmail.com

ସତେ ଅବା ଗିରିଜାୟାଙ୍କର ନିଜର ସମସ୍ତ ରାଗ ଛୁଟୁଥାଏ ଏଇ ନିଷାଦ ପଦଗୁଡ଼ିକ ଉପରେ । ଏହାପରେ ଫିଙ୍ଗ୍ ଫିଙ୍ଗ୍ ସମସ୍ତ ପଦଗୁଡ଼ିକୁ ଛିଡ଼ାଇ ଫିଙ୍ଗିଦେଲେ । ଗିରିଜାୟା ତଥାପି ରାଗରେ କହିଚାଲିଥାନ୍ତି—ପାଷଣ୍ଡ କହିବ ନାହିଁ—କାହାକୁ ଆଉ କହିବ ପାଷଣ୍ଡ ? ବିନା ଦୋଷରେ ଯେ ତୁମକୁ ଏତେ ତିରସ୍କାର କରିପାରେ ମୁଁ ତାଙ୍କୁ ପାଷଣ୍ଡ କହିବ ନାହିଁ ?

ମୃଣାଳିନୀ—ସେ ମୋର ଦୋଷ ଗିରିଜାୟା—ମୁଁ ତାଙ୍କୁ ସମସ୍ତ କଥା କହିପାରିଲିନି—କ'ଣ କହିବାକୁ ଯାଇ କ'ଣ କହିଦେଲି ।

ଗିରି—ଠାକୁରାଣୀ, ତୁମର ମୁଣ୍ଡ ଟିକେ ଅଣ୍ଡାଳି ଦେଖ—କେଡ଼େ ବଡ଼ ଆଘାତ ଲାଗିଛି ।

ମୃଣାଳିନୀ କପାଳକୁ ଟିକେ ଅଣ୍ଡାଳିଦେଲେ ହାତରେ ।

ଗିରି—କ'ଣ ଦେଖିଲ ?

ମୃଣାଳିନୀ—ହଁ—ମୁଣ୍ଡରେ ଟିକେ ଆଘାତ ଲାଗିଛି ।

ଗିରି—କିପରି ସେ ଆଘାତ ଲାଗିଲା ଜାଣିଛ ?

ମୃଣାଳିନୀ—ଜାଣିଲେ ବି ମନେନାହିଁ ।

ଗିରି—ତୁମେ ହେମଚନ୍ଦ୍ରଙ୍କ କୋଳରେ ମୁଣ୍ଡ ରଖିଥିଲ । ସେ ତୁମକୁ ଠେଲିଦେଇ ଚାଲିଗଲେ । ତେଣୁ ପଥରରେ ତୁମର ମୁଣ୍ଡ ବାଜି ଏ ଅବସ୍ଥା ।

ମୃଣାଳିନୀ କିଛି ସମୟ ଚିନ୍ତା କଲେ । ହୁଏତ ମନେପକାଇବାକୁ ଚେଷ୍ଟା କରୁଥିଲେ—କିନ୍ତୁ କିଛି ମନେପଡ଼ିଲାନି । ସେ କହିଲେ—ନା—ମୁଁ ବୋଧେ ନିଜେ ପଡ଼ିଯାଇଛି ।

ଗିରିଜାୟା ଆଶ୍ଚର୍ଯ୍ୟ ହେଲେ । କହିଲେ—ଠାକୁରାଣୀ, ପ୍ରକୃତରେ ଏ ସଂସାରରେ ଆପଣ ହିଁ ସୁଖୀ ।

ମୃଣାଳିନୀ—କାହିଁକି ଗିରିଜାୟା ?

ଗିରି—ଆପଣଙ୍କର କ୍ରୋଧ ନାହିଁ କି ଅଭିମାନ ନାହିଁ ।

ମୃଣାଳିନୀ—ଗିରିଜାୟା, ପ୍ରକୃତରେ ମୁଁ ସୁଖୀ । କିନ୍ତୁ କାରଣଟା ତୁମେ ଯାହା କହିଲ ତାହା ନୁହେଁ ।

ଗିରି—ତେବେ କେଉଁ କାରଣରୁ ?

ମୃଣାଳିନୀ—ହେମଚନ୍ଦ୍ରଙ୍କର ସାକ୍ଷାତ ତ ପାଇଛି !

Digitized by srujanika@gmail.com

ସ୍ୱପ୍ନ

ଗିରିଜାୟା କହିଲେ—ଏବେ ଘରକୁ ଚାଲନ୍ତୁ । ମୃଣାଳିନୀ କହିଲେ—ନଗରୀରେ ଏତେ କୋଳାହଳ କାହିଁକି ?

ସେତେବେଳକୁ ଯବନସେନା ସମଗ୍ର ଗୌଡ଼ନଗରୀକୁ ମନ୍ଥନ କରୁଥିଲେ । ତୁମୁଳ କୋଳାହଳ ଶୁଣି ଉଭୟେ ଆତଙ୍କଗ୍ରସ୍ତ ହୋଇଉଠିଲେ । ଗିରିଜାୟା କହିଲେ—ଚାଲ, ସତର୍କ ହୋଇଯିବା । କିନ୍ତୁ ଦୁଇଜଣ ଜନପଥ ନିକଟକୁ ଯାଇ ଦେଖିଲେ ଯେ ଯିବାର କୌଣସି ଉପାୟ ନାହିଁ । ଅଗତ୍ୟା ପୁଣି ଫେରିଆସିଲେ ସେଇ ପୁଷ୍କରିଣୀର ସୋପାନକୁ । ସେଇଠାରେ ପୂର୍ବପରି ବସି ରହିଲେ । ଗିରିଜାୟା କହିଲେ—ଯଦି ସେମାନେ ଏଠାକୁ ଆସନ୍ତି ?

ମୃଣାଳିନୀ ନୀରବ ରହିଲେ । ଗିରିଜାୟା ନିଜକୁ ନିଜେ କହିଲେ—ବଣରେ ଯାଇ ଲୁଚି ଗଲେ ବରଂ ଭଲହୁଅନ୍ତା—କେହି ଦେଖି ପାରନ୍ତେ ନାହିଁ ।

ମୃଣାଳିନୀ ମ୍ଳାନ ମୁଖରେ ଗିରିଜାୟାକୁ କହିଲେ—ବୁଝିଲି, ବର୍ତ୍ତମାନ ଆମର ସର୍ବନାଶର ବେଳ ଉପସ୍ଥିତ ହେଲା ।

ଗିରି—କି କଥା କହୁଛ ?

ମୃଣାଳିନୀ—ଏଇ ଜଣେ ଅଶ୍ୱାରୋହୀ ଗଲେ—ସେ ନିଶ୍ଚୟ ହେମଚନ୍ଦ୍ର—ନଗରରେ ଘୋର ଯୁଦ୍ଧ ଲାଗିଛି । ତେଣୁ ସେ ଏକାକୀ ଯୁଦ୍ଧ କରିବାକୁ ବାହାରି ଯାଇଛନ୍ତି । ହେ ଭଗବାନ୍, କି ଯେ ବିପଦ ଆସି ପଡ଼ିଲା ?

ଗିରିଜାୟା କୌଣସି ଉତ୍ତର ଦେଇପାରିଲେ ନାହିଁ । ସେତେବେଳେ ତାଙ୍କୁ ନିଦମାଡ଼ିଆସୁଥାଏ । ମୃଣାଳିନୀ ଦେଖିଲେ ଗିରିଜାୟା ସାଙ୍ଗେ ସାଙ୍ଗେ ଶୋଇ ପଡିଲେ । ମୃଣାଳିନୀ ମଧ୍ୟ ଆହାର ଓ ନିଦ୍ରା ଅଭାବରେ ବଡ଼ ଦୁର୍ବଳ ହୋଇ ପଡିଥିଲେ । ଏହାଛଡ଼ା ଏତେ ମାନସିକ ଯନ୍ତ୍ରଣା ଭିତରେ ସେ ବା କେତେ ଜଗି ପାରନ୍ତେ କିପରି ? ତଥାପି ଆଖିକୁ ତାଙ୍କର ମାଡ଼ିଆସିଲା ତନ୍ଦ୍ରା । ସେଇ ତନ୍ଦ୍ରାଳସ ଭିତରେ ସେ ଦେଖିଲେ ଏକ ସ୍ୱପ୍ନ—ଏକ ମଧୁର ସ୍ୱପ୍ନ - ହେମଚନ୍ଦ୍ର ଏକାକୀ ସମସ୍ତ ଯବନସେନାକୁ ପରାଜିତ କରି ବିଜୟୀହୋଇଛନ୍ତି । ମୃଣାଳିନୀ ସତେ ଅବା ସେଇ ବିଜୟୀ ବୀର ହେମଚନ୍ଦ୍ରଙ୍କୁ ଦେଖିବାପାଇଁ ରାଜପଥରେ ଦଣ୍ଡାୟମାନ ହୋଇଛନ୍ତି । ରାଜପଥରେ ହେମଚନ୍ଦ୍ରଙ୍କ ଆଗେ ଆଗେ ଚାଲିଛନ୍ତି ଲକ୍ଷ ଲକ୍ଷ, ଗଜ, ଅଶ୍ୱ, ସୈନ୍ୟ । ମୃଣାଳିନୀଙ୍କୁ ସେଇ ସୈନ୍ୟଦଳ ପାଦରେ ଦଳି

Digitized by srujanika@gmail.com

ହେଲେ ଯେତେବେଳେ ଆଗକୁ ମାଡ଼ିଚାଲିଲେ—ହେମଚନ୍ଦ୍ର ନିଜର ଅଶ୍ୱରୁ ଅବତରଣ କରି ତାଙ୍କ ହାତଧରି ଉଠାଇନେଲେ । ସେ ହେମଚନ୍ଦ୍ରଙ୍କୁ କହିଲେ-ସ୍ୱାମୀ, ବହୁ ଯନ୍ତ୍ରଣା ଭୋଗ କରିଲଣି । ଏ ଦାସୀକୁ ଆଉ ଚରଣତଳୁ ତ୍ୟାଗ-କରନା । ହେମଚନ୍ଦ୍ର ସ୍ନେହଯେପରି କହିଉଠିଲେ—ଆଉ ତୁମକୁ କେବେହେଲେ ତ୍ୟାଗ କରିପାରିବିନି । ସେଇ କଣ୍ଠସ୍ୱର, ସେଇ ଭଙ୍ଗିମା, ସେଇ ଠାଣି ।

ମୃଣାଳିନୀଙ୍କର ଏଇଠାରେ ହଠାତ୍ ନିଦ୍ରା ଭଙ୍ଗ ହୋଇଗଲା । ଆଉ ନିଦ୍ରାଭଙ୍ଗ ହେବା ସଙ୍ଗେ ସଙ୍ଗେ ସତେ ଅବା ସ୍ୱପ୍ନଟା ସତ୍ୟରେ ପରିଣତ ହୋଇଥିଲା । ସେ ନିଜର ଆଖିକୁ ବିଶ୍ୱାସ କରିପାରିଲେନାହିଁ । ହେମଚନ୍ଦ୍ର ଠିଆହୋଇ ତାଙ୍କୁ କହୁଥିଲେ—ଆଉ ତୁମକୁ କେବେହେଲେ ତ୍ୟାଗ କରିପାରିବିନାହିଁ । ସ୍ୱପ୍ନର ସେଇ କଥା ଆଉ ଏ କଥା ଭିତରେ କାହିଁ ଟିକେ ବି ତ ପାର୍ଥକ୍ୟ ନାହିଁ ? ସେଇ ସ୍ୱର, ସେଇ ଭଙ୍ଗିମା, ସେଇ ଠାଣି । ତେବେ କେଉଁଟା ସ୍ୱପ୍ନ ? କେଉଁଟା ବା ସତ୍ୟ ? ହେମଚନ୍ଦ୍ର ପୁଣି କହିଲେ—ଏଇଥରକ କ୍ଷମାକର—ଆଉ ତୁମକୁ କେବେହେଲେ ତ୍ୟାଗ କରିପାରିବିନାହିଁ ।

ମୃଣାଳିନୀଙ୍କର ନଥିଲା ଆଉ ଅଭିମାନ, ନଥିଲା ଚଞ୍ଚଳତା । ସେ ଢଳିପଡ଼ିଲେ ହେମଚନ୍ଦ୍ରଙ୍କର ବକ୍ଷ ଉପରକୁ । ମୁଖଟି ସ୍ଥାନ ପାଇଥିଲା ହେମଚନ୍ଦ୍ରଙ୍କର ସ୍କନ୍ଧଦେଶରେ ।

ପ୍ରେମ—ନାନା ପ୍ରକାର

ହେମଚନ୍ଦ୍ର ମୃଣାଳିନୀଙ୍କ ହାତଧରି ଉପବନ—ଗୃହ ଅଭିମୁଖେ ଚାଲିଲେ । ଚକ୍ଷୁରୁ ତାଙ୍କର ଝରିପଡ଼ୁଥାଏ ଆନନ୍ଦାଶ୍ରୁ । ଯେଉଁ ମୃଣାଳିନୀଙ୍କୁ ହେମଚନ୍ଦ୍ର ଥରେ ଅପମାନିତକରି ତାଙ୍କ ମନରେ ଗଭୀର ଦୁଃଖଦେଇ ତ୍ୟାଗକରି ଯାଇଥିଲେ, ତାଙ୍କୁ ନିଜେ ଆସି ହୃଦୟର ଗଭୀରତମ ପ୍ରଦେଶରୁ ଭଲପାଇ ପୁନର୍ବାର ଗ୍ରହଣ କରିନେଲେ—ଏକଥା ଦେଖି ଗିରିଜାୟା ଖୁବ୍ ବିସ୍ମିତ ହେଲେ । ହେମଚନ୍ଦ୍ର କାହିଁକି ଏତେ ତିରସ୍କାର କରିଥିଲେ ସେ ବିଷୟରେ ମୃଣାଳିନୀ ପଦଟିଏ ବି ପଚାରିଲେନାହିଁ । ସେ କେବଳ ଆନନ୍ଦିତ ମନରେ ହେମଚନ୍ଦ୍ରଙ୍କ ସଙ୍ଗେ ସଙ୍ଗେ ଚାଲିଲେ । ଗିରିଜାୟା ସାମାନ୍ୟ ଦୂରତାର ବ୍ୟବଧାନରେ ପଛେ ପଛେ ଅନୁଗମନକଲେ ।

Digitized by srujanika@gmail.com

ଉପବନ ବାଟିକାରେ ଉପସ୍ଥିତ ହେବା ମାତ୍ରେ ହେମଚନ୍ଦ୍ର ଓ ମୃଣାଳିନୀ ବହୁଦିନ ପରେ ପୁଣି ଥରେ ହୃଦୟଖୋଲା କଥାବାର୍ତ୍ତା ହେବାକୁ ଲାଗିଲେ । ମୃଣାଳିନୀଙ୍କୁ କାହିଁକି ଏପରି ଭୁଲବୁଝିଥିଲେ ଏବଂ କପରି ସେ ଭୁଲବୁଝାମଣା ଦୂର ହୋଇଗଲା—ସେ ସମସ୍ତ ଘଟଣା ଗୋଟି ଗୋଟି କହିବସିଲେ ହେମଚନ୍ଦ୍ର । ମୃଣାଳିନୀ ମଧ୍ୟ କେଉଁ ପରିସ୍ଥିତିରେ ପଡ଼ି ହୃଷୀକେଶର ଘର ଛାଡ଼ି ନବଦ୍ୱୀପ ଆସିଥିଲେ କହିବାକୁ ଲାଗିଲେ । ଏହାପରେ ଦୁହେଁ ଦୁହିଁଙ୍କ ନିକଟରେ ପରସ୍ପରର ମନଖୋଲା କଥାବାର୍ତ୍ତା ହେଲେ । ଏହି କଥାବାର୍ତ୍ତାରେ କେବଳ ଯେ ଥିଲା ଅତୀତର ରୋମନ୍ଥନ ତାହା ନୁହେଁ, ଥିଲା ମଧ୍ୟ ଭବିଷ୍ୟତର ସୁନେଲି କଳ୍ପନା—ବର୍ତ୍ତମାନକୁ ସୁନ୍ଦର କରି ଗଢ଼ିବାର ଦୃଢ଼ ପ୍ରତିଶ୍ରୁତି । କେତେକ ନିଷ୍ପ୍ରୟୋଜନ କଥା ମଧ୍ୟ ସେତେବେଳେ ଉଭୟଙ୍କ ପାଇଁ ମନେହେଉଥିଲା ଅତୀବ ପ୍ରୟୋଜନ ସଦୃଶ । ଏହି କଥାବାର୍ତ୍ତା ଅବସରରେ ଝରି ପଡ଼ୁଥିଲା ଉଭୟଙ୍କ ନୟନରୁ ଆନନ୍ଦର ଅଶ୍ରୁ । ପରସ୍ପର ପରସ୍ପରକୁ ଚାହିଁ ମଝିରେମଝିରେ ମୃଦୁ ହସ ବିନିମୟ କରୁଥିଲେ । ସତେ ଅବା ହସ ହସ ମୁଖ ସୂଚାଇ ଦେଇ କହୁଥିଲା—ଆଜି ଆମେ ପ୍ରକୃତରେ କେତେ ସୁଖୀ । ହଠାତ୍ ପ୍ରଭାତର ସୂଚନା ଦେଇ ପକ୍ଷୀଗଣ କଳରବ କରିଉଠିଲେ । ପ୍ରାଚୀ ଦିଗ ରକ୍ତରଞ୍ଜିତ ହୋଇ ଉଠିଲା । ହେମଚନ୍ଦ୍ର ଓ ମୃଣାଳିନୀ ଉଭୟେ ପରସ୍ପରକୁ ଚାହିଁ ଆଶ୍ଚର୍ଯ୍ୟ ହୋଇଗଲେ । ସତେ କ'ଣ ସାରା ରାତିଟା ତାଙ୍କର ଏଇଠି ଏଇମିତି ଭାବରେ କଥୋପକଥନରେ କଟିଗଲା ? ଗୌଡ଼ନଗରୀରେ ଯବନସେନାଙ୍କ ବିପ୍ଲବରେ ଯେଉଁ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା, ଆଜି ହୃଦୟ ସାଗରର ଉଦ୍‌ବେଳନ ଭିତରେ ସବୁ ଲୋପ-ପାଇଥିଲା ।

ଉପବନ ଗୃହର ଅନ୍ୟ ଏକ ସ୍ଥାନରେ ଆଉ ଏକ ଘଟଣା ଘଟିଗଲା । ଦିଗ୍‌ବିଜୟ ପ୍ରଭୁଙ୍କର ଆଜ୍ଞା ପାଳନ କରି ସାରାରାତି ଜଗିରହି ଗୃହରକ୍ଷା କରିଥିଲେ । ମୃଣାଳିନୀଙ୍କୁ ନେଇ ହେମଚନ୍ଦ୍ର ସେଇ ଗୃହକୁ ଆସିବାରୁ ଦିଗ୍‌ବିଜୟ ମୃଣାଳିନୀଙ୍କୁ ଚିହ୍ନିପାରିଲେ । ମୃଣାଳିନୀଙ୍କୁ ଦେଖି ଦିଗ୍‌ବିଜୟ କିଛି ପରିମାଣରେ ବିସ୍ମିତ ହେଲେ । କିନ୍ତୁ ପଚାରିବେ ପଚାରିବେ ବୋଲି କିଛି ପଚାରି ପାରିଲେ ନାହିଁ । କିଛି ସମୟ ପରେ ଗିରିଜାୟା ମଧ୍ୟ ସେଠାକୁ ଆସିବାର ଦେଖାଗଲା । ଦିଗ୍‌ବିଜୟ ଭାବିଲେ—ଏ ଦୁଇଜଣ ଆମ ଦୁଇଜଣଙ୍କୁ ଦେଖିବା-ପାଇଁ ନବଦ୍ୱୀପକୁ ଧାଇଁଆସିଛନ୍ତି । ଠାକୁରାଣୀ ତ ହେମଚନ୍ଦ୍ରଙ୍କୁ ଦେଖିବାପାଇଁ

Digitized by srujanika@gmail.com

ଆସିଛନ୍ତି । ଆଜି ଏଇଟା ମଧ୍ୟ ମୋତେ ଦେଖିବାପାଇଁ ଧାଇଁଆସିଛି । ଏତକ କହି ଢଗ୍‌ବଜପୁ ଆନନ୍ଦରେ ନିଜର ନଶ ଦାନ୍ତ ଆଉଁଷିବାକୁ ଲାଗିଲେ । ପୁଣି ଭାବିଲେ—ହେମଚନ୍ଦ୍ରଙ୍କୁ ଦେଖିବାପାଇଁ ମୃଣାଳିନୀ ତ ଆସିଛନ୍ତି, କିନ୍ତୁ ଏଇଟା କ'ଣ ସତେ ମୋ ପାଇଁ ଆସିଛି ? କାହିଁ ଇଏତ ମୋତେ ଥରେ ବି ଭଲ କରି ପଦେ କଥା କହିଲାନାହିଁ ? ଦେଖିଲା ମାତ୍ରେ କେବଳ ଗାଳିଦେଲା ? ତେବେ ଯାହା ହେଉନା କାହିଁକି, ଗିରିଜାୟାକୁ ଥରେ ପରୀକ୍ଷା କରାଯାଉ । ରାତିତ ସରିଆସିଲା—ପ୍ରଭୁତ ଫେରି ଆସିଛନ୍ତି—ମୁଁ ଟିକେ ଏଇଠି ଶୋଇପଡ଼େ । ଦେଖିବା ପ୍ରିୟତମା ଗିରିଜାୟା ମୋତେ ଖୋଜୁଛନ୍ତି କି ନାଁ ? ଏହା କହି ଢଗ୍‌ବଜପୁ ଗୋଟିଏ ନିଭୃତ ସ୍ଥାନରେ ଯାଇ ଶୋଇରହିଲେ ; ଗିରିଜାୟା ମଧ୍ୟ ଛପି ଛପି ତାହା ଦେଖୁଥିଲେ ।

ଗିରିଜାୟା ମନେ ମନେ କହିବାକୁ ଲାଗିଲେ—ମୁଁ ତ ମୃଣାଳିନୀଙ୍କର ଦାସୀ । ଏ ଗୃହର କର୍ତ୍ତ୍ରୀ ହୁଏତ ମୃଣାଳିନୀ ହେଲେ, କିନ୍ତୁ ଏ ଘରର ସମସ୍ତ କାମ କରିବା ଦାୟିତ୍ୱ ତ ମୋର । ଏହିଭଳି ଭାବି ମନକୁ ପ୍ରବୋଧନା ଦେଇ ଗିରିଜାୟା ଗୋଟେ ଝାଡ଼ୁ ଆଣି ଯେଉଁ ଘରେ ଢଗ୍‌ବଜପୁ ଲୁଚି ଶୋଇଥିଲେ ସେଇ ଘର ଭିତରକୁ ପଶିଗଲେ । ଦେଖିଲେ—ଢଗ୍‌ବଜପୁ ଆଖି ବୁଜି ପଡ଼ିଛନ୍ତି । ପାଦଶବ୍ଦ ଶୁଣି ଢଗ୍‌ବଜପୁ ବୁଝିପାରିଲେ ଗିରିଜାୟା ବୋଧେ ଆସିଗଲେ । ସେ ମନେ ମନେ ଭାରି ଖୁସି ହୋଇଗଲେ - ଗିରିଜାୟା ନିଶ୍ଚୟ ତାଙ୍କୁ ଭଲପାଏ ଏକଥା ପ୍ରମାଣିତ ହୋଇଗଲା । ଦେଖାଯାଉ ବର୍ତ୍ତମାନ ଗିରିଜାୟା କ'ଣ କହୁଛନ୍ତି ? ସେ ଆଖିକୁ ଆହୁରି ଯୋରରେ ବୁଜି ଶୋଇବାର ଛଳନା କଲେ । ଏତିକିବେଳେ ଗିରିଜାୟା ଦୁମ୍‌ଦାମ କରି ଝାଡ଼ୁ ପାହାର ଲଗାଇଲେ ଢଗ୍‌ବଜପୁ ଉପରେ । ଢଗ୍‌ବଜପୁ ପାଟିକରିବା ପୂର୍ବରୁ ଗିରିଜାୟା ବଡ଼ପାଟିରେ କହିଲେ —ଆହା, ଇଏ ଘରଗୁଡ଼ା କି ଅପରିଷ୍କାର ହୋଇଛି ? ଆରେ ଇଏ କ'ଣ—ଇଏ କି ମଣିଷଟାଏ—ଚୋର ନା କ'ଣ ? କି ମଣିଷଟାଏ ମ—ରାଜାଙ୍କ ଘରେ ପଶି ଚୋରି କରୁଛି । ଏହା କହି ପୁଣି ଚାଲିଲା ଝାଡ଼ୁଣି ପ୍ରହାର । ଢଗ୍‌ବଜପୁ ଏଥର "ମରିଗଲି ମରିଗଲି" ବୋଲି ପାଟି କରି ଉଠି କହିଲେ—ଗିରିଜାୟା, ମୁଁ—ମୁଁ ଗିରିଜାୟା—ମୁଁ ଢଗ୍‌ବଜପୁ ।

"ମୁଁ—ମୁଁ—ଆରେ ଦେଖ—ତୁ ଏଠି ମୁଁ ମୁଁ ହେଉଛୁ କାହିଁକି ? ତୁ ବୋଲିତ ତୋ ପିଠିରେ ଝାଡ଼ୁ ପାହାର ଚାଲିଛି ।" ଏହା କହି ଗିରିଜାୟା ପୁଣି ଚଳାଇଲେ ବାଇଶିପଳ ଓଜନର ଝାଡ଼ୁଣି ମାଡ଼ ।

Digitized by srujanika@gmail.com

"ତୁମକୁ ମୋ ରାଣ, ମୋ ରାଣ ଗିରିଜାୟା—ମୁଁ ତୁମର ହରବିଜୟ।"

"ଆଏଁ, କ'ଣ କହିଲୁ—ହରବିଜୟ ? ହରବିଜୟ ହୋଇ ଯେହିର କରିବାକୁ ଆସିଛୁ ନୁହେଁ ? ଆଚ୍ଛା—ଦେଖିବା"—ଏହା କହି ପୁଣି ଚଳାଇଲେ ଗିରିଜାୟା ଝାଡ଼ୁଣି ମାଡ଼। ସତେ ଅବା ଏ ମାଡ଼ ଥମିବାର ନୁହେଁ।

ଏଥର ହରବିଜୟ କାତର ହୋଇ କହିଲେ, "ଗିରିଜାୟା, ମୋତେ ଭୁଲିଗଲ ?"

ଗିରିଜାୟା—ତୋର ତ ମୋ ସାଙ୍ଗରେ କେବେହେଲେ କଥାବାର୍ତ୍ତା ହୋଇ ନାହିଁ ? ତୁ କଏ ରେ ? କହିଲୁ କ'ଣ ନା—ମୋତେ ଭୁଲିଗଲ ? ଦେଖିବୁ ଫେରେ !" ଗିରିଜାୟା ପୁଣି ଝାଡ଼ୁ ଉଠାଇଲେ।

ହରବିଜୟ ଦେଖିଲେ ଆଉ ରକ୍ଷା ନାହିଁ। ଏ ରଣଚଣ୍ଡୀଠାରୁ ଦୂରକୁ ପଳାୟନ କରିବା ଶ୍ରେୟସ୍କର। ତେଣୁ ସେ ଅନ୍ୟ ଉପାୟ ନଦେଖି ଏକମୁହାଁ ହୋଇ ଘରୁ ଦୌଡ଼ି ପଳାଇଗଲେ। ଗିରିଜାୟା ଝାଡ଼ୁ ଧରି ପଛେ ପଛେ ଧାଇଁବାକୁ ଲାଗିଲେ।

ପୂର୍ବପରିଚୟ

ସକାଳ ହେବା ମାତ୍ରେ ହେମଚନ୍ଦ୍ର ମାଧବାଚାର୍ଯ୍ୟଙ୍କ ଅନୁଷ୍ଠାନରେ ବାହାରିଲେ। ଗିରିଜାୟା ଆସି ମୃଣାଳିନୀ ପାଖରେ ବସିଲେ। ଗିରିଜାୟା ମୃଣାଳିନୀଙ୍କର ଦୁଃଖ ଓ ସୁଖ ଉଭୟ ସମୟର ସହଚରୀ। ଦୁଃଖ ଦିନରେ ଦୁଃଖର କାହାଣୀ ମୃଣାଳିନୀଙ୍କଠାରୁ ଶୁଣନ୍ତି ଏଇ ଗିରିଜାୟା। ଆଜି ସୁଖର ଦିନ-ତେଣୁ ସୁଖର କାହାଣୀ ସେ ବା ନ ଶୁଣିବେ କିପରି ? ଗିରିଜାୟା ସାମାନ୍ୟ ଭିକାରୁଣୀ, ଅଥଚ ମୃଣାଳିନୀ ଏକ ବଡ଼ଲୋକ ଧନୀର କନ୍ୟା। ଉଭୟଙ୍କ ଭିତରେ ଏତେଦୂର ସାମାଜିକ ପ୍ରଭେଦ। ଅବସ୍ଥାର ଏତେ ତାରତମ୍ୟ ସତ୍ତ୍ୱେ ଉଭୟେ ଉଭୟଙ୍କର ଅନ୍ତରକୁ ଚିହ୍ନନ୍ତି। ଗିରିଜାୟା ମୃଣାଳିନୀଙ୍କ ଦୁଃସମୟର ଏକମାତ୍ର ବାନ୍ଧବୀ, ସେଇଥିପାଇଁ ଏଇ ଆନନ୍ଦ ବେଳାରେ ଗିରିଜାୟା ମଧ୍ୟ ମୃଣାଳିନୀଙ୍କର ସୌଭାଗ୍ୟରୁ ଭାଗ ନେବା ପାଇଁ ହକଦାର।

ଯେଉଁ ଆଳାପ ହେଲା ସେଥିରେ ଗିରିଜାୟା ବିସ୍ମିତ ଓ ପ୍ରୀତ ହେଲେ। ସେ ମୃଣାଳିନୀକୁ ପଚାରିଲେ—ଏତେ ଦିନ ଧରି ଏକଥା ପ୍ରକାଶ କରୁନଥିଲ କାହିଁକି ?

Digitized by srujanika@gmail.com

ମୃଣାଳିନୀ—ଏ କଥା ପ୍ରକାଶ ନକରିବା ପାଇଁ ରାଜକୁମାର ତାଙ୍କୁ ମନା କରିଥିଲେ ! ବର୍ତ୍ତମାନ ସେ ପ୍ରକାଶ କରିବାପାଇଁ ଅନୁମତି ଦେବାରୁ ମୁଁ ତୁମକୁ କହିଲି ।

ଗିରି—ଠାକୁରାଣୀ, ଆଜି ଯାହାସବୁ ଲୁଚାଇ ରଖିଛ କହମ···ଶୁଣିବାକୁ ଭାରି ଭଲଲାଗୁଛି ।

ମୃଣାଳିନୀ ଗୋଟି ଗୋଟି କରି କହିବାକୁ ଆରମ୍ଭ କଲେ ନିଜ ଜୀବନର କାହାଣୀ—"ମୋର ବାପା ଥିଲେ ଜଣେ ବୌଦ୍ଧମତାବଲମ୍ବୀ ଶ୍ରେଷ୍ଠୀ । ସେ ଯେପରି ଧନୀ ସେହିପରି ମଥୁରା ରାଜାଙ୍କର ପ୍ରିୟପାତ୍ର ଥିଲେ । ମଥୁରା ରାଜକୁମାରୀଙ୍କ ସହ ମୋର ମଧ୍ୟ ବନ୍ଧୁତା ଥିଲା । ଦିନକର କଥା—ମଥୁରାର ରାଜକୁମାରୀ ସହ ମୁଁ ଯମୁନାରେ ନୌକାବିହାର କରିବାକୁ ଯାଇଥିଲି । ହଠାତ୍ ପ୍ରବଳ ଝଡ଼ ବର୍ଷା ଆରମ୍ଭ ହୋଇଗଲା । ନୌକା ସେଇ ନଦୀରେ ବୁଡ଼ିଗଲା । ରାଜକନ୍ୟା ଓ ଅନ୍ୟ କେତେ ଜଣ ସଖୀ ରକ୍ଷୀ ଏବଂ ନାବିକମାନଙ୍କ ଦ୍ୱାରା ଉଦ୍ଧାର ପାଇଲେ, ମାତ୍ର ମୁଁ ଭାସିଗଲି ନଦୀ ସ୍ରୋତରେ । ଦୈବଯୋଗକୁ ଜଣେ ରାଜପୁତ୍ର ସେଇ ସମୟରେ ନୌକାବିହାର କରିବାକୁ ଆସିଥିଲେ । ସେତେବେଳେ ତାଙ୍କୁ ଜାଣିନଥିଲି । ଅନୁମାନ କରୁଥିବ ଗିରିଜାୟା ସେ ରାଜକୁମାର କିଏ ହୋଇଥିବେ ?

ଗିରିଜାୟା ଅଳ୍ପ ଅଳ୍ପ ହସି କହିଲେ - ହିଁ ଗୋ ଜାଣେ, ସେ ଆମର ଏଇ ରାଜକୁମାର ହେମଚନ୍ଦ୍ର ତ !

ମୃଣାଳିନୀ ଦାନ୍ତ ଚିପି ହସି କହିଲେ—ହଁ ହେଇ । ସେ ମଧ୍ୟ ଝଡ଼ବତାସ ଭୟରେ ନୌକାକୁ କୂଳକୁ ନେବା ପାଇଁ ବ୍ୟସ୍ତ ହୋଇ ଉଠୁଥିଲେ । ମୁଁ ଭାସିଯାଉଥିବାବେଳେ ମୋର ମୁଣ୍ଡର କେଶ କେବଳ ଦେଖାଯାଉଥିଲା । ସେ ତେଇଁପଡ଼ି ମୋତେ ଉଠାଇ ଆଣିଲେ । ମୋର ସେତେବେଳେ ଜ୍ଞାନ ନଥାଏ । ହେମଚନ୍ଦ୍ର ମଧ୍ୟ ମୋର ପରିଚୟ ଜାଣିନଥାନ୍ତି । ସେ ତ ତୀର୍ଥ ଦର୍ଶନ ନିମିତ୍ତ ମଥୁରା ଆସିଥିଲେ,ସେ ମୋତେ ତାଙ୍କ ବସାକୁ ନେଇ ସେବା ଶୁଶ୍ରୂଷା କରିବାରୁ ମୋର ଚେତା ଆସିଲା । ମୋର ପରିଚୟ ପାଇବାପରେ ମୋତେ ମୋ ବାପାଙ୍କ ପାଖକୁ ପଠାଇ ଦେବା ନିମିତ୍ତ ମନସ୍ଥ କଲେ । କିନ୍ତୁ ତିନିଦିନ ଧରି ଝଡ଼ବର୍ଷା ଥମିଲା ନାହିଁ । ଏପରି ଦୁର୍ଦ୍ଦିନ ହେଲା ଯେ, କେହି ଘରୁ ବାହାରକୁ ଟିକେ

Digitized by srujanika@gmail.com

ବାହାର ପାରୁଲେ ନାହିଁ । ତେଣୁ ତଦନନ୍ତର ଧରି ଆମେ ଦୁଇଜଣ ଏକତ୍ର ଗୋଟିଏ ଘରେ ରହିବାପାଇଁ ବାଧ୍ୟ ହେଲୁ । ଉଭୟେ ଉଭୟଙ୍କର ପରିଚୟ ପାଇଲୁ । ଏ ପରିଚୟ କେବଳ ଜାତି କୁଳର ପରିଚୟ ଭିତରେ ସୀମାବଦ୍ଧ ରହିଲ ନାହିଁ—ଆମେ ପରସ୍ପର ପରସ୍ପରର ହୃଦୟର ପରିଚୟ ମଧ୍ୟ ପାଇଲୁ । ସେତେବେଳକୁ ମୋର ବୟସ ପନ୍ଦର କି ଷୋହଳ । ସେଇ ଅଳ୍ପ ବୟସରୁ ମୁଁ ତାଙ୍କ ପାଦତଳେ ନିଜକୁ ଉତ୍ସର୍ଗ କରିଦେଲି । ସେ କୋମଳ ବୟସରେ ମୁଁ ବା କ'ଣ ବୁଝିଥିଲି ? କିନ୍ତୁ ଏତିକି ବୁଝିଥିଲି—ହେମଚନ୍ଦ୍ର ହିଁ ମୋର ଦେବତା— ତେଣୁ ସେ ଯାହା କହୁଥିଲେ ତାହାକୁ ବେଦର ଗାର ବୋଲି ମନେକରୁଥିଲି । ସେ ମୋତେ ବିବାହ କରିବାକୁ କହିଲେ । ମୁଁ ମଧ୍ୟ ସାଙ୍ଗେ ସାଙ୍ଗେ ସମ୍ମତି ଦେଇଦେଲି । ତିନିଦିନ ତିନିରାତି ପରେ ଝଡ଼ ଥମିଲା । ଚତୁର୍ଥ ଦିନ ଏହି ଦୁର୍ଯୋଗ ଦୂର ହେବା ଦେଖି ମୁଁ ଉପବାସ କରିଲି । ବିଗ୍‌ବିଜୟ ଆବଶ୍ୟକୀୟ ବ୍ୟବସ୍ଥା କରିଦେଲେ । ତୀର୍ଥ ପର୍ଯ୍ୟଟନ କରୁଥିବାରୁ ରାଜକୁମାର ସଙ୍ଗେ ରାଜପୁରୋହିତ ମଧ୍ୟ ଥିଲେ । ସେ ଆମ ଦୁହିଁଙ୍କର ବିବାହକାର୍ଯ୍ୟ ସଂପାଦନ କଲେ ।

ଗିରି—କନ୍ୟା ସଂପ୍ରଦାନ କିଏ କଲେ ?

ମୃଣାଳିନୀ—ଅରୁନ୍ଧତୀ ନାମକ ଆମର ଜଣେ ପୁରୁଣା କୁଟୁମ୍ବୀ ଥିଲେ । ସେ ହିସାବରେ ମୋର ମାଉସୀ ହେବେ । ପିଲାଦିନରୁ ମୋତେ ସେ ଲାଳନ-ପାଳନ କରିଥିଲେ । ସେ ମୋତେ ଭାରି ସ୍ନେହ କରୁଥିଲେ । ମୋର ସମସ୍ତ ଅଳି ଅର୍ଦ୍ଦଳି ସେ ସହୁଥିଲେ । ମୁଁ ତାଙ୍କରି କଥା କହିବାରୁ ବିଗ୍‌ବିଜୟ କୌଶଳ କରି ତାଙ୍କୁ ହେମଚନ୍ଦ୍ରଙ୍କର ବସାଘରକୁ ନେଇଆସିଲେ । ଅରୁନ୍ଧତୀ ମାଉସୀ ଜାଣିଥିଲେ ମୁଁ ଯମୁନାରେ ବୁଡ଼ିମରିଯାଇଛି, ତେଣୁ ମୋତେ ବଞ୍ଚିଥିବାର ଦେଖି ସେ ଯେ କି ଆନନ୍ଦିତ ହେଲେ ତାହା କଥାରେ କହିହେବ ନାହିଁ । ତେଣୁ ସେ କୌଣସି ଆପତ୍ତି ନକରି ମୋର ଖୁସିରେ ତାଙ୍କର ଖୁସି—ଏଇୟା କହି ବିନା ଆପତ୍ତିରେ ସେ ମୋତେ ହେମଚନ୍ଦ୍ରଙ୍କ ହାତରେ ଟେକିଦେଲେ । ବିବାହ ସରିଲା । ଅରୁନ୍ଧତୀ ମାଉସୀଙ୍କ ସଙ୍ଗେ ବାପଘରକୁ ଗଲି । ସମସ୍ତ ଘଟଣା କହିଲି—ମାତ୍ର ହେମଚନ୍ଦ୍ରଙ୍କ ସହିତ ମୋର ବିବାହ କଥାଟି ଲୁଚାଇରଖିଲି । ତେଣୁ ଏ ବିବାହ କଥା ମୁଁ, ହେମଚନ୍ଦ୍ର, ବିଗ୍‌ବିଜୟ ଏବଂ ଅରୁନ୍ଧତୀ ମାଉସୀ ଛଡ଼ା ଆଜଯାଏ କେହି ଜାଣିନଥିଲେ । ଆଜି ତୁମେ ତାହା ଜାଣିଲ ।

Digitized by srujanika@gmail.com

ଗିରି—ମାଧବାଚାର୍ଯ୍ୟ ଜାଣିନାହାନ୍ତି ?

ମୃଣାଳିନୀ—ନା—ସେ ଜାଣିଥିଲେ ସର୍ବନାଶହୋଇଥାନ୍ତା । କାରଣ ମାଧବାଚାର୍ଯ୍ୟ ଜାଣିଥିଲେ ମଗଧରାଜା ତାହା ଜାଣିଥାନ୍ତେ । ତୁମେ ଜାଣ ମଗଧ-ରାଜା କପରି ବୌଦ୍ଧମାନଙ୍କୁ ବିଷ ଦୃଷ୍ଟିରେ ଦେଖନ୍ତି ; ତେଣୁ ମୋ ବାପା ବୌଦ୍ଧ ଶ୍ରେଷ୍ଠୀ ଜାଣି ସେ କ'ଣ ଏ ବିବାହକୁ ସ୍ୱୀକାର କରିଥାନ୍ତେ ?

ଗିରି—ଗୁପ୍ତ କଥା । ତୁମ ବାପା ଯଦି ତୁମକୁ ଏପର୍ଯ୍ୟନ୍ତ କୁମାରୀ ବୋଲି ଜାଣନ୍ତି ତେବେ ଆଜିପର୍ଯ୍ୟନ୍ତ ବିବାହ ଦେବା କଥା ମନକୁ ଆଣୁନାହାନ୍ତି କାହିଁକି ?

ମୃଣାଳିନୀ—ଏଥିରେ ବାପାଙ୍କର ଦୋଷ ନାହିଁ । ସେ ବହୁ ଚେଷ୍ଟା କରି ମଧ୍ୟ ଉପଯୁକ୍ତ ପାତ୍ରଟିଏ ପାଇ ନାହାନ୍ତି । ବୌଦ୍ଧମାନଙ୍କ ମଧ୍ୟରେ ସୁପାତ୍ର ପାଇବା ବଡ଼ କଠିନ । ବାପା ମୋର ବୌଦ୍ଧ-ଜାମାତା ଖୋଜୁଛନ୍ତି, ପୁଣି ସୁପାତ୍ର ଖୋଜୁଛନ୍ତି । ଖୋଜି ଖୋଜି ଶେଷରେ ଜଣେ ପାତ୍ର ଠିକ୍ କରାହୋଇଥିଲା । ସେତେବେଳକୁ ମୋର ଏ ବିବାହ ସରିଯାଇଥିଲା । ବିବାହର ଲଗ୍ନ ସ୍ଥିରକରା ହୋଇଥିଲା, କିନ୍ତୁ ମୁଁ ସେତିକବେଳକୁ ଜ୍ୱରରେ ପଡ଼ିଲି, ପାତ୍ର ଅନ୍ୟତ୍ର ବିବାହ ହୋଇଗଲେ ।

ଗିରି—ଏଇ ଜ୍ୱର ବୋଧହୁଏ ତୁମେ ଡାକିହାକି ଆଣିଥିଲ ?

ମୃଣାଳିନୀ—ହଁ—ସେଇଆ ନୁହେଁତ ଆଉ କ'ଣ ? ଆମ ବଗିଚାରେ ଗୋଟିଏ କୂଅ ଅଛି । ତାହାର ପାଣି ପ୍ରାୟ କେହି ବ୍ୟବହାର କରନ୍ତି ନାହିଁ । ତେଣୁ ସେ ପାଣିକୁ ପିଇବା ବା ବ୍ୟବହାର କରିବା ଅର୍ଥ ରୋଗରେ ପଡ଼ିବା । ମୁଁ ଜାଣିଶୁଣି ରାତିରେ ଯାଇ ସେଇ କୂଅ ପାଣିରେ ଗାଧୋଇପଡ଼ିଲି ।

ଗିରିଜାୟା—ପୁଣି ଯଦି ଅନ୍ୟ କେଉଁଠି ବିବାହ ଠିକ୍ କରାହୋଇଥାନ୍ତା ଏଇଆ କରିଥାନ୍ତ ?

ମୃଣାଳିନୀ—ଏଥିରେ ସନ୍ଦେହ କରିବାର କ'ଣ ଅଛି ? ଜ୍ୱର ନ ହୋଇଥିଲେ ହେମଚନ୍ଦ୍ରଙ୍କ ନିକଟକୁ ପଳାଇଯାଇଥାନ୍ତି ।

ଗିରି—ମଥୁରାରୁ ମଗଧ ପ୍ରାୟ ମାସକର ବାଟ—ତୁମେ ଜଣେ ଯୁବତୀ—କାହା ସଙ୍ଗରେ ପଳାଇଯାଇଥାନ୍ତ ?

ମୃଣାଳିନୀ—ତାଙ୍କୁ ସହଜରେ ସାକ୍ଷାତ କରିପାରିବି ବୋଲି ତ ସେ ନିଜକୁ ରତ୍ନଦାସ ବଣିକ ନାମରେ ପରିଚିତ କରାଇ ମଥୁରାରେ ଗୋଟିଏ ଦୋକାନ

Digitized by srujanika@gmail.com

କରିଥିଲେ । ସେଥିପାଇଁ ସେ ବର୍ତ୍ତକରେ ଥରେ ବାଣିଜ୍ୟ କରିବା ଆଳରେ ଏଠାକୁ ଆସନ୍ତି—ସାକ୍ଷାତ ମଧ୍ୟ ମୋର ତାଙ୍କ ସହ ହୋଇଥାଏ । ସେ ଦୋକାନରେ ନଥିବାବେଳେ ହରିଦାସ ଦୋକାନରେ ରହୁଥାନ୍ତି । ସେ ହରିଦାସଙ୍କୁ ପରାମର୍ଶ ଦେଇଥିଲେ ମୁଁ ଯେତେବେଳେ ଯେଉଁଭଳି ଭାବେ ସାହାଯ୍ୟ ଗ୍ରହିବ ସେ ସାହାଯ୍ୟ କରିବେ । ତେଣୁ ମୋର ଆଉ ଭୟ କରିବାର କ'ଣ ଥିଲା ?

କଥା ଶେଷ ହେଲା । ଗିରିଜାୟା କହିଲେ—ଠାକୁରାଣୀ, ମୁଁ ଗୋଟେ ଗୁରୁତର ଅପରାଧ କରିଛି—ମୋର ଦୋଷ କ୍ଷମା କରିବେ । ମୁଁ ମଧ୍ୟ ମୋ ଦୋଷପାଇଁ ଦଣ୍ଡ ଭୋଗିବାକୁ ପ୍ରସ୍ତୁତ ।

ମୃଣାଳିନୀ—କି ଅପରାଧ କରିଛୁ କୁହ ତ ?

ଗିରିଜାୟା—ହରିଦାସ ତୁମର ଏତେ ବଡ଼ ଉପକାରୀ ଲୋକ ବୋଲି ଜାଣିନଥିଲି । ମୁଁ ଭାବିଥିଲି ସେଇଟା ଗୋଟାଏ ଅପଦାର୍ଥ । ତେଣୁ ଆଜି ସକାଳୁ ମୁଁ ତାଙ୍କୁ କେତେ ଯେ ଝାଡ଼ୁରେ ପିଟିଛି ?

ମୃଣାଳିନୀ ହସି ହସି କହିଲେ—ତାହେଲେ କୁହ କପରି ପ୍ରାୟଶ୍ଚିତ୍ତ କରିବ ?

ଗିରି—ତୁମ ହସିବା କାରଣ ମୋତେ ଜଣା ଠାକୁରାଣୀ, ହେଲେ ଭିକାରୀର ଝିଅ ଭିକାରୁଣୀଟା କ'ଣ ବାହାହବାର ସ୍ୱପ୍ନ ଦେଖିପାରେ ?

ମୃଣାଳିନୀ ସେହିପରି ହସି ହସି କହିଲେ—ହଁ ଗୋ, ବିବାହ ପାଖରେ ଭିକାରୁଣୀ ଯାହା ରାଜକୁମାରୀ ସେଇଆ ।

ଗିରି—ତାହେଲେ ମୁଁ ସେଇ ଅପଦାର୍ଥଟାକୁ ବିବାହ କରିବି ଠାକୁରାଣୀ ? ହେଲେ ଆଜି ସକାଳୁ କେତେ ଝାଡ଼ୁ ମାଡ଼ ଦେଇଛି କହିଲି !

ମୃଣାଳିନୀ—ହଉ ଝାଡ଼ୁରେ ପିଟିଥିଲୁ—ଏବେ ଫୁଲ ଚନ୍ଦନରେ ପୂଜା କରିବୁ । ଏବେ ମୋର ତୁମ ଦେହରେ ହଳଦୀ ଲଗାଇବା ପାଳି ।

ପରାମର୍ଶ

ହେମଚନ୍ଦ୍ର ମାଧବାଚାର୍ଯ୍ୟଙ୍କ ବାସସ୍ଥାନକୁ ଯାଇ ଦେଖିଲେ ଆଚାର୍ଯ୍ୟ ଜପ-ତପରତ । ହେମଚନ୍ଦ୍ର ପ୍ରବେଶ କରି କହିଲେ—ଆମର ସମସ୍ତ ପ୍ରଚେଷ୍ଟା ବିଫଳ ହେଲା । ଯବନ ଗୌଡ଼ରାଜ୍ୟ ଅଧିକାର କଲା । ବୋଧହୁଏ ଭାରତ ଭାଗ୍ୟରେ

Digitized by srujanika@gmail.com

ଏହାହିଁ ଲେଖାଅଛି । ତା ନହୋଇଥିଲେ ବିନା ପ୍ରତିରୋଧରେ ଯବନସେନା ଗୌଡ଼ରାଜ୍ୟ ଅଧିକାର କରିଆନ୍ତେ କିପରି ? ମୋର ପ୍ରାଣ ବିନିମୟରେ ଯଦି ମାତୃଭୂମି ଦସ୍ୟୁ କବଳରୁ ମୁକ୍ତ କରାଯାଇପାରନ୍ତା ତେବେ ଏଇ ମୁହୂର୍ତ୍ତରେ ମୁଁ ପ୍ରାଣ ଦେବାକୁ ପ୍ରସ୍ତୁତ । ଗତରାତ୍ରିରେ ତଥାପି ମୁଁ ଧାଇଁଯାଇଥିଲି ନଗର ମଧ୍ୟକୁ ଯବନସେନା ବିରୁଦ୍ଧରେ ଏକାକୀ ସଂଗ୍ରାମ କରିବା ପାଇଁ, କିନ୍ତୁ ଦେଖିଲି ସେଠାରେ ତ ସଂଗ୍ରାମ ହେଉନାହିଁ—ଗୋଟାଏ ପକ୍ଷ ଆକ୍ରମଣ କରିଚାଲିଛି; ଅନ୍ୟ ପକ୍ଷଟି କୌଣସି ପ୍ରତିରୋଧ ନକରି କେବଳ ପ୍ରାଣଭୟରେ ପଳାୟନ-କରୁଛି ।

ହେମଚନ୍ଦ୍ର ପୁଣି କହିଲେ—ଏବେ ମୋତେ ଆଦେଶ କରନ୍ତୁ ଗୁରୁଦେବ କ'ଣ ମୋର କର୍ତ୍ତବ୍ୟ ? ମାଧବାଚାର୍ଯ୍ୟ କହିଲେ—ବତ୍ସ ! ଦୁଃଖିତ ହୁଅନା । ଦୈବୀ ନିର୍ଦ୍ଦେଶ କେବେହେଲେ ଅନ୍ୟଥା ହେବାର ନୁହେଁ । ମୁଁ ଦିବ୍ୟଦୃଷ୍ଟିରେ ଦେଖିପାରୁଛି—ଯବନଗଣ ନିଶ୍ଚୟ ପରାଜିତ ହେବେ—ହୁଏତ ବିଳମ୍ବ ହୋଇ ପାରେ । ଆଜି ସେମାନେ ନବଦ୍ୱୀପ ଅଧିକାର କରିଛନ୍ତି ସତ, କିନ୍ତୁ ନବଦ୍ୱୀପ ତ ସମସ୍ତ ଗୌଡ଼ରାଜ୍ୟ ନୁହେଁ ? ରାଜ ପ୍ରଧାନ ହୁଏତ ସିଂହାସନ ତ୍ୟାଗକରି ପଳାୟନ କରିଛନ୍ତି, କିନ୍ତୁ ବହୁ କରଦ ରାଜା ଏହି ଗୌଡ଼ରାଜ୍ୟରେ ଏବେ ବି ଜୀବିତ । କିଏ ଜାଣେ ସମସ୍ତେ ଏକ ମନ ଏକପ୍ରାଣ ହୋଇ ଯବନର ପ୍ରତିରୋଧ କଲେ ଯବନ ପରାଜିତ ନହେବ ?

ହେମଚନ୍ଦ୍ର—ସେପରି ସମ୍ଭାବନା ନାହିଁ କହିଲେ ଟିକେ ।

ମାଧବାଚାର୍ଯ୍ୟ—ଜ୍ୟୋତିଷୀଙ୍କର ଗଣନା ମିଥ୍ୟା ନୁହେଁ—ତାହା ଅବଶ୍ୟ ସତ୍ୟରେ ପରିଣତ ହେବ । ତେବେ ମୋର ମଧ୍ୟ ଭ୍ରମ ହୋଇପାରେ । ପୂର୍ବ ଭାଗରେ ଯବନ ପରାଜିତ ହେବ—ଏହି ଭବିଷ୍ୟତ ବାଣୀ ଶୁଣି ମୁଁ ଆଶା କରିଥିଲି ନବଦ୍ୱୀପରେ ଯବନଙ୍କୁ ଜୟ କରିବା, କିନ୍ତୁ ଗୌଡ଼ରାଜ୍ୟ ତ ପ୍ରକୃତ ପୂର୍ବ ଭାଗରେ ନୁହେଁ । ପ୍ରକୃତ ପୂର୍ବଦିଗର ରାଜ୍ୟ ହେଉଛି କାମରୂପ । ତେଣୁ ମୋର ଦୃଢ଼ବିଶ୍ୱାସ ସେଇ କାମରୂପରେ ହିଁ ଆମର ଆଶା ଫଳବତୀ ହେବ ।

ହେମ—କିନ୍ତୁ ବର୍ତ୍ତମାନ ଯବନଗଣ କାମରୂପ ଯିବାର କୌଣସି ସମ୍ଭାବନା ଦେଖାଯାଉନାହିଁ ।

ମାଧବାଚାର୍ଯ୍ୟ—ଏଇ ଯବନଗଣ ସର୍ବଦା ଅସ୍ଥିରଚିତ୍ତ । ଏମାନେ କୌଣସି ଗୋଟିଏ ରାଜ୍ୟରେ ସ୍ଥିର ହୋଇ ରହିପାରିବେ ନାହିଁ । ତେଣୁ ଗୌଡ଼ରାଜ୍ୟରେ ସ୍ଥିରତା ଆସିଗଲେ ଏମାନେ କାମରୂପ ଆକ୍ରମଣ କରିବେ ।

Digitized by srujanika@gmail.com

ହେମଚନ୍ଦ୍ର—ତାହା ହୋଇପାରେ । କାମରୂପରେ ସେମାନେ ପରାଜିତ ହୋଇପାରନ୍ତି । କିନ୍ତୁ ସେଥିରେ ମୋର ପିତୃରାଜ୍ୟ ମଗଧର ଉଦ୍ଧାର କିପରି ସମ୍ଭବ ହେବ ?

ମାଧବ—ଏହି ଯବନଗଣ କେତୋଟି ଯୁଦ୍ଧରେ ଜୟଲାଭ ପରେ ଏବେ ରାଜାଗଣଙ୍କ ଦୃଷ୍ଟିରେ ଅଜେୟ ବୋଲି ପରିଗଣିତ । ତେଣୁ ଭୟରେ କେହି ତାଙ୍କର ବିରୁଦ୍ଧାଚରଣ କରୁନାହାନ୍ତି । ମାତ୍ର ସେମାନେ ଥରେ ପରାଜିତ ହେଲେ ଏ ଗୌରବ ଆଉ ରହିବ ନାହିଁ । ଅନ୍ୟ ରାଜାମାନେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ଅସ୍ତ୍ର ଧରିବାପାଇଁ ଏକତାବଦ୍ଧ ହେବେ । ଆଉ ସମସ୍ତ ଆର୍ଯ୍ୟ ସେନା ଏକତ୍ରିତ ହେଲେ ଯବନ କେତେ କାଳ ତିଷ୍ଠି ରହିପାରିବ ?

ହେମଚନ୍ଦ୍ର—ଗୁରୁଦେବ ! ଆପଣ କେବଳ ଏଇ ଆଶାରେ ବଞ୍ଚି ରହିଛନ୍ତି । ମୁଁ ମଧ୍ୟ ସେଇ ଆଶା କରୁଛି । ତେବେ ବର୍ତ୍ତମାନ ମୋର କର୍ତ୍ତବ୍ୟ କ'ଣ ?

ମାଧବ – ମୁଁ ମଧ୍ୟ ସେଇ କଥା ଚିନ୍ତା କରୁଛି । ଏ ନଗରୀରେ ଆଉ ତୁମର ଅବସ୍ଥାନ କରିବା ଉଚିତ ନୁହେଁ । ଯବନଗଣ ତୁମକୁ ହତ୍ୟା କରିବାର ସୁଯୋଗ ଅପେକ୍ଷାରେ ରହିଛନ୍ତି । ତେଣୁ ମୋର ଉପଦେଶ—ତୁମେ ଆଜି ରାତିରେ ଏଇ ନଗରୀ ତ୍ୟାଗ କରି ଚାଲିଯାଅ ।

ହେମ—କେଉଁଠାକୁ ଯିବି ?

ମାଧବ—ମୋ ସାଙ୍ଗରେ କାମରୂପ ଚାଲ ।

ହେମଚନ୍ଦ୍ର ଅଧୋବଦନ ଅବସ୍ଥାରେ ଅପ୍ରତିଭ ହୋଇ ଧୀରେ ଧୀରେ କହିଲେ—ମୃଣାଳିନୀଙ୍କୁ କେଉଁଠାରେ ରଖିଯିବା ?

ମାଧବାଚାର୍ଯ୍ୟ ଆଶ୍ଚର୍ଯ୍ୟ ହୋଇ କହିଲେ—ଏ କ'ଣ କହୁଛ ? ମୁଁ ଭାବିଥିଲି ତୁମେ କାଲି ତାଙ୍କ ଚରିତ୍ର ସମ୍ବନ୍ଧରେ ମୋଠାରୁ ଶୁଣି ମୃଣାଳିନୀଙ୍କୁ ଚିତ୍ତ ମଧ୍ୟରୁ ଦୂର କରି ଦେଇଥିବ ?

ହେମଚନ୍ଦ୍ର ପୂର୍ବଭଳି ଅଧୋବଦନ ରହି କହିଲେ - ମୃଣାଳିନୀଙ୍କୁ ତ୍ୟାଗକରି ପାରିବି ନାହିଁ—ସେ ଯେ ମୋର ପରିଣୀତା ପତ୍ନୀ ।

ମାଧବାଚାର୍ଯ୍ୟ ଯେତିକି ଆଶ୍ଚର୍ଯ୍ୟ ହେଲେ ସେତିକି କ୍ଷୁବ୍ଧ ହେଲେ । ଅଭିମାନରେ କହିଲେ—ମୁଁ କିନ୍ତୁ ଏ ବିଷୟରେ କିଛି ଜାଣିବାର ସୁଯୋଗ ପାଇଲି ନାହିଁ ।

Digitized by srujanika@gmail.com

ଏହା ପରେ ହେମଚନ୍ଦ୍ର ମୃଣାଳିନୀ ସହ ବିବାହ ବୃତ୍ତାନ୍ତ ଗୁରୁଙ୍କୁ ଆମୂଳଚୂଳ କହିଗଲେ । ମାଧବାଚାର୍ଯ୍ୟ ସମସ୍ତ ଶୁଣି କିଛି ସମୟ ନୀରବ ରହିଲେ । ତାପରେ କହିଲେ—ଯେଉଁ ସ୍ତ୍ରୀ ଅସଦାଚାରିଣୀ—କୁଳଟା—ସେ ଶାସ୍ତ୍ରାନୁଯାୟୀ ଗ୍ରହଣ ଯୋଗ୍ୟ ନୁହେଁ । ମୃଣାଳିନୀଙ୍କ ଚରିତ୍ର ସମ୍ବନ୍ଧରେ ମୋର ସନ୍ଦେହ କଥା ମୁଁ ଗତକାଲି ତୁମକୁ କହିଛି ।

ଏହାପରେ ହେମଚନ୍ଦ୍ର ବ୍ୟୋମକେଶର ସମସ୍ତ ଘଟଣା କହିବାକୁ ଲାଗିଲେ । ମାଧବାଚାର୍ଯ୍ୟ ଏକଥା ଶୁଣି ଆନନ୍ଦିତ ହେଲେ । କହିଲେ—ବତ୍ସ, ଶୁଣି ବଡ଼ ପ୍ରୀତ ହେଲି । ତୁମର ଗୁଣବତୀ ପତ୍ନୀଙ୍କୁ ତୁମଠାରୁ ଦୂରେଇ ରଖି ତୁମକୁ ବହୁ କଷ୍ଟ ଦେଇଛି । ବର୍ତ୍ତମାନ ଆଶୀର୍ବାଦ କରୁଛି ବତ୍ସ ତୁମେ ପତିପତ୍ନୀ ଉଭୟେ ଚିରଂଜୀବୀ ହୁଅ, ସୁଖରେ ବହୁକାଳ ପର୍ଯ୍ୟନ୍ତ ଗୃହସ୍ଥ ଧର୍ମ ଆଚରଣ କର । ତୁମେ ଏବେ ସପତ୍ନୀକ । ଏଣୁ ମୋ ସାଙ୍ଗରେ କାମରୂପ ଯିବାକୁ ଅନୁରୋଧ କରିବ ନାହିଁ । ମୁଁ ଆଗରୁ ଯାଉଛି, ଉପଯୁକ୍ତ ସମୟରେ ତୁମ ନିକଟକୁ କାମରୂପର ରାଜା ଦୂତ ପ୍ରେରଣ କରିବେ । ବର୍ତ୍ତମାନ ତୁମେ ବଧୂଙ୍କୁ ନେଇ ମଥୁରା ଯାଇ ଅବସ୍ଥାନ କର, କିମ୍ବା ଅନ୍ୟ ଅଭିପ୍ରେତ ସ୍ଥାନକୁ ଯାଅ ।

ଏହିପରି କଥୋପକଥନ ପରେ ହେମଚନ୍ଦ୍ର ମାଧବାଚାର୍ଯ୍ୟଙ୍କ ନିକଟରୁ ବିଦାୟ ନେଲେ । ମାଧବାଚାର୍ଯ୍ୟ ଆଶୀର୍ବାଦ ଓ ଆଲିଙ୍ଗନ କରି ଅଶ୍ରୁ ଛଳଛଳ ନେତ୍ରରେ ତାଙ୍କୁ ବିଦାୟଦେଲେ ।

ମହମ୍ମଦ ଆଲିର ପ୍ରାୟଶ୍ଚିତ୍ତ

ଯେଉଁ ରାତିରେ ଯବନସେନା ରାଜଧାନୀ ଲୁଣ୍ଠନ କରିବାରେ ବ୍ୟସ୍ତ ଥିଲେ ଠିକ୍ ସେଇ ରାତିରେ ପଶୁପତି ଏକାକୀ କାରାଗାରରେ ଅବରୁଦ୍ଧ ଥିଲେ । ରାତିର ଅବସାନ ସଙ୍ଗେ ସଙ୍ଗେ ହତ୍ୟା ଲୁଣ୍ଠନର ମଧ୍ୟ ପରିସମାପ୍ତି ଘଟିଲା । ମହମ୍ମଦ ଆଲି ପଶୁପତିଙ୍କୁ ସମ୍ଭାଷଣ ଜଣାଇବା ପାଇଁ ଆସିଲେ । ପଶୁପତି କହିଲେ—ଯବନ ! ଆଦର ଅଭ୍ୟର୍ଥନାର ଆଉ ଆବଶ୍ୟକତା ନାହିଁ । ଜୀବନରେ ଥରେ ତୁମକୁ ବିଶ୍ୱାସ କରି ତାର ପରିଣାମ ଆଜି ଭୋଗୁଛି—ଆଉ ନୁହେଁ । ପଶୁପତି ମୃତ୍ୟୁ ବରଣ କରିବ ପଛେ ଯବନକୁ ବିଶ୍ୱାସ କରିବ ନାହିଁ ।

Digitized by srujanika@gmail.com

ମହମ୍ମଦ ଆଲି—ମୁଁ ପ୍ରଭୁଙ୍କର ଆଦେଶ ମାତ୍ର ପାଳନ କରୁଛି, ତେଣୁ ଏଥିରେ ମୋତେ ଦୋଷ ଦେଇ ଲାଭ କ'ଣ ? ସେଇ ମାଲିକଙ୍କର ଆଦେଶ— ଆପଣଙ୍କୁ ଯବନ ପୋଷାକ ପରିଧାନ କରିବାକୁ ହେବ ।

ପଶୁପତି—ଅସମ୍ଭବ ମୁଁ ମରିବ ପଛେ ଯବନ ଧର୍ମ ଗ୍ରହଣ କରିବ ନାହିଁ ।

ମହମ୍ମଦ—ମୁଁ ବର୍ତ୍ତମାନ ଆପଣଙ୍କୁ ଯବନ ଧର୍ମ ଅବଲମ୍ବନ କରିବାପାଇଁ କହୁନାହିଁ । କେବଳ ରାଜପ୍ରତିନିଧିଙ୍କର ସନ୍ତୋଷ ବିଧାନ ନିମିତ୍ତ ଆପଣ ଏଇ ପୋଷାକ ପରିଧାନ କରନ୍ତୁ ।

ପଶୁପତି—ବ୍ରାହ୍ମଣ ହୋଇ କିପରି ମ୍ଳେଚ୍ଛର ବେଶ ଧାରଣ କରିବ ?

ମହମ୍ମଦ—ଆପଣ ସ୍ୱେଚ୍ଛାରେ ଏହା ନ କଲେ ଆପଣଙ୍କୁ ବଳପୂର୍ବକ ପରିଧାନ କରାଇବାକୁ ବାଧ୍ୟହେବ । ଅସମ୍ମତ ହେବା ଅର୍ଥ ଅଧିକରୁ ଅଧିକ ଅପମାନିତ ହେବା ।

ଏହାପରେ ପଶୁପତି ନିରୁତ୍ତର ରହିଲେ । ମହମ୍ମଦ ଆଲି ସ୍ୱହସ୍ତରେ ତାଙ୍କୁ ଯବନ ପୋଷାକ ପରିଚ୍ଛଦ ପରିଧାନ କରାଇଲେ । କହିଲେ—ମୋ ସଙ୍ଗେ ଆସନ୍ତୁ ।

ପଶୁପତି—କେଉଁଆଡ଼େ ଯିବ ?

ମହମ୍ମଦ—ଆପଣ ବନ୍ଦୀ—ପଚାରିବାର ପ୍ରୟୋଜନ କ'ଣ ?

ମହମ୍ମଦ ଆଲି ତାଙ୍କୁ ସିଂହଦ୍ୱାର ବାଟେ ନେଇଗଲେ । ଯେଉଁ ବ୍ୟକ୍ତି ପଶୁପତିଙ୍କର ରକ୍ଷାର ଦାୟିତ୍ୱ ନେଇଥିଲା, ସେ ମଧ୍ୟ ତାଙ୍କ ସାଙ୍ଗେ ସାଙ୍ଗେ ଚାଲିଲା । ଦ୍ୱାରଦେଶରେ ନିଯୁକ୍ତ ପ୍ରହରୀଗଣଙ୍କୁ ମହମ୍ମଦ ଆଲି ନିଜର ପରିଚୟ ଦେଇ ଏକ ସଙ୍କେତ ଦେଲେ । ପ୍ରହରୀଗଣ ପଶୁପତି ଏବଂ ରକ୍ଷୀକୁ ମହମ୍ମଦ ଆଲିଙ୍କ ସହିତ ନିର୍ବିଘ୍ନରେ ଯିବାପାଇଁ ଅନୁମତି ଦେଲେ । ସିଂହଦ୍ୱାର ବାଟେ ବାହାରକୁ ଆସି ତିନିଜଣ ଯାକ କିଛି ଦୂର ରାଜପଥରେ ଚାଲିଲେ । ସେତେବେଳେ ଯବନସେନା ନଗର ଲୁଣ୍ଠନ ସାରି ବିଶ୍ରାମ କରୁଥିଲେ । ତେଣୁ ରାଜପଥ ପ୍ରାୟତଃ ଜନଶୂନ୍ୟ ଥିଲା । ମହମ୍ମଦ କହିଲେ ପଶୁପତି, ଆପଣ ମୋତେ ବିନାଦୋଷରେ ତିରସ୍କାର କରୁଛନ୍ତି ସିନା—ବଖତିୟାର ଖିଲିଜିଙ୍କର ଏପରି ଅଭିପ୍ରାୟ ଥିବାର ମୁଁ କୌଣସି ସୂଚନା ପାଇ ନ ଥିଲି । ମୁଁ ଏହା ଜାଣିଥିଲେ ଜଣେ ପ୍ରବଞ୍ଚକ ଓ ବିଶ୍ୱାସଘାତକର ବାର୍ତ୍ତାବହ ହୋଇ କେବେହେଲେ ଆସିନଥାନ୍ତି । ସେ ଯାହାହେଉ, ଆପଣ ମୋର କଥାକୁ

Digitized by srujanika@gmail.com

ବିଶ୍ୱାସ କରି ଏଭଳି ଦୁର୍ଦ୍ଦଶା ଭୋଗକଲେ । ସେଥିପାଇଁ ମୁଁ ମଧ୍ୟ ମୋ ପାପର କିଛିଟା ପ୍ରାୟଶ୍ଚିତ୍ତ କରିବାକୁ ଚାହେଁ । ଗଙ୍ଗାକୂଳରେ ଗୋଟିଏ ନୌକା ପ୍ରସ୍ତୁତ ହୋଇ ରହିଛି—ଆପଣ ଯେଉଁଠାକୁ ଇଚ୍ଛା କରନ୍ତି ଚାଲିଯାଆନ୍ତୁ । ମୁଁ ଏଇ-ଠାରୁ ବିଦାୟ ନେଉଛି ।

ପଶୁପତି ଅବାକ୍ ହୋଇ ଚାହିଁରହିଲେ । ମହମ୍ମଦ ଆଲି ପୁଣିଥରେ କହିଲେ —ଆପଣ ଏଇ ରାତି ଭିତରେ ଏ ନଗରୀ ତ୍ୟାଗ କରି ଚାଲିଯିବେ, ନଚେତ୍ କାଲି ପ୍ରଭାତରେ ପୁଣି ଯବନ ସହ ଆପଣଙ୍କର ସାକ୍ଷାତ ହେଲେ ପ୍ରମାଦ ଘଟିବାର ସମ୍ଭାବନା । ଖିଲଜିର ଆଦେଶର ବିରୁଦ୍ଧାଚରଣ କରି ମୁଁ ଆପଣଙ୍କୁ ମୁକ୍ତିଦେଉଛି ଏ କଥାର ସାକ୍ଷୀ ଏଇ ପ୍ରହରୀ । ତେଣୁ ଆତ୍ମରକ୍ଷା ନିମିତ୍ତ ଏହାକୁ ମଧ୍ୟ ଦେଶାନ୍ତର କରୁଛି । ଆପଣ ଏହାକୁ ନୌକାରେ ନେଇଯିବେ ।

ଏହା କହି ମହମ୍ମଦ ଆଲି ବିଦାୟ ନେଇଗଲେ । ପଶୁପତି କିଛି ସମୟ ବିମୂଢ଼ୀଭୂତ ହୋଇ ଧୀରେ ଧୀରେ ଚାଲିଲେ ଗଙ୍ଗା କୂଳକୁ ।

ଧାତୁ ମୂର୍ତ୍ତିର ବିସର୍ଜନ

ମହମ୍ମଦ ଆଲିଙ୍କଠାରୁ ବିଦାୟ ନେଇ ରାଜପଥ ଅତିକ୍ରମ କରି ପଶୁପତି ଧୀରେ ଧୀରେ ଚାଲିଲେ । ଯବନ କବଳରୁ ମୁକ୍ତ ହୋଇ ମଧ୍ୟ ବୃନ୍ଦାବନରେ ଯିବାପାଇଁ ତାଙ୍କର ଆଦୌ ଆଗ୍ରହ ନ ଥିଲା । ସତେ ଅବା ସେ ଏଇ ମୁକ୍ତିପାଇଁ ଆଦୌ ବ୍ୟାକୁଳ ନଥିଲେ । ରାଜପଥରେ ଯବନ ସେନାଙ୍କର ନାରକୀୟ ଲୁଣ୍ଠନର ଦୃଶ୍ୟ ଦେଖି ସେ ଗଭୀର ଆତ୍ମଗ୍ଲାନିରେ ମ୍ରିୟମାଣ ହୋଇ ପଡ଼ୁଥିଲେ । ତେଣୁ ତାଙ୍କର ଗତି ମନ୍ଥରରୁ ମନ୍ଥରତର ହେଉଥିଲା । ପାଦ ପକାଇଲା ମାତ୍ରେ ତାହା ପଡ଼ୁଥିଲା କୌଣସି ଏକ ମୃତ ନାଗରିକର ବକ୍ଷ ଉପରେ । ପାଦଦୁଇଟା ହୋଇଯାଉଥିଲା ରକ୍ତ ରଞ୍ଜିତ । ନିରୀହ ନଗରବାସୀଙ୍କ ରକ୍ତସ୍ରୋତରେ ରାଜପଥ ହୋଇଥିଲା କର୍ଦ୍ଦମାକ୍ତ । ପଶୁପତିଙ୍କ ଦୁଇ ଚକ୍ଷୁରୁ ଝରି ଯାଉଥିଲା ଅନୁତାପର ଅଶ୍ରୁ । ଅନୁଶୋଚନାର ବହ୍ନି ତାଙ୍କ ହୃଦୟକୁ ଦାହତାପରେ ଦଗ୍ଧୀଭୂତ କରୁଥିଲା । ଯେଉଁ ଆଡ଼କୁ ଦୃଷ୍ଟି ପଡ଼ୁଥିଲା, ସେ ଦେଖୁଥିଲେ ଧ୍ୱଂସର ଲୀଳା । ଆଉ ପ୍ରତିମୁହୂର୍ତ୍ତରେ ବିବେକର ଶତବୃଶ୍ଚିକ ଦଂଶନ ଜ୍ୱାଳାରେ ସେ

Digitized by srujanika@gmail.com

କାତର ହୋଇ ଉଠୁଥିଲେ । ଆଜି ତାଙ୍କର କର୍ଣ୍ଣଗହ୍ୱରରେ ନିନାଦିତ ହେଉଥିଲା—"ପଶୁପତି, ଏଥିପାଇଁ ଦାୟୀ ତୁ । ଦାରୁଣ ଲୋଭର ବଶବର୍ତ୍ତୀ ହୋଇ ନବଦ୍ୱୀପ ନଗରୀକୁ ତୁ ଆଜି ଶ୍ମଶାନରେ ପରିଣତ କଲୁ ।"

ପଶୁପତି ମନେ ମନେ ସ୍ୱୀକାର କଲେ—ପ୍ରକୃତରେ ସେ ଅପରାଧୀ, ପ୍ରାଣଦଣ୍ଡ ତାଙ୍କର ଉପଯୁକ୍ତ ପ୍ରାପ୍ୟ । ଅଥଚ ସେ ମହମ୍ମଦ ଆଲିଙ୍କୁ ବିପଦଗ୍ରସ୍ତ କରାଇ କାହିଁକି କାରାଗାରରୁ ପଳାୟନ କଲେ ? ନା, ସେ ନିଜେ ପୁଣି ଫେରିଯିବେ । ଯବନ ତାଙ୍କୁ ପୁନର୍ବାର ଧରି ଶାସ୍ତି ବିଧାନ କରନ୍ତୁ—ସେ ବରଂ ଶ୍ରେୟସ୍କର, କିନ୍ତୁ ଏ ମୁକ୍ତିରେ ତାଙ୍କର ସନ୍ତୋଷ କାହିଁ ?

ପଶୁପତି ଇଷ୍ଟଦେବୀଙ୍କୁ ସ୍ମରଣ କଲେ । କ'ଣ ବା ସେ ଆଜି କାମନା କରିବେ ? ଆଜି ଆଉ ତାଙ୍କର କିଛି ମାଗିବାର ନାହିଁ । ଆକାଶକୁ ଚାହିଁ ରହିଲେ । ଗ୍ରହ-ନକ୍ଷତ୍ର-ଚନ୍ଦ୍ର-ବିଭୂଷିତ ଆକାଶ ସତେ ଅବା ତାଙ୍କୁ ଉପହାସ କରୁଛି । ସେ ଆଖି ବୁଜିଦେଲେ । ଏକ ଅହେତୁକ ଭୟରେ ସେ କମ୍ପିବାକୁ ଲାଗିଲେ । ତାଙ୍କର ପାଦ ଆଗକୁ ବଢ଼ିଲା ନାହିଁ । ସେ ନିର୍ବାକ-ନିସ୍ପନ୍ଦ ହୋଇ ଦଣ୍ଡାୟମାନ ରହିଲେ । ସହସା ସେ ହୋଇଗଲେ ଶକ୍ତିହୀନ । ସେଇ ରାଜପଥ ଧାରରେ ସେ ବିଶ୍ରାମ କରିବା ନିମିତ୍ତ ଟିକେ ସ୍ଥାନ ଖୋଜିଲେ—କିନ୍ତୁ ସ୍ଥାନ କାହିଁ ? ଯେଉଁଠି ବସିଥିଲେ ସେଠାରେ ମଧ୍ୟ ପଡ଼ିରହିଥିଲା ଶବ । ତାଙ୍କର ଶରୀର ଓ ବସନ ଭୂଷଣ ମୃତ ବ୍ୟକ୍ତିଙ୍କର ରକ୍ତରେ ରଞ୍ଜିତ ହୋଇଗଲା । ସେ ଆଉ ମୁହୂର୍ତ୍ତିକପାଇଁ ସେଠାରେ ବସିପାରିଲେ ନାହିଁ । ପୁଣି ଉଠି ଠିଆହେଲେ । ଏବେ ସେ ଦ୍ରୁତପଦରେ ଧାଇଁବାକୁ ଲାଗିଲେ—ସତେ ଅବା ସେଇ ଶବରୂପୀ ପ୍ରେତପୁରୁଷ, ତାଙ୍କ ପଛେ ପଛେ ଧାଇଁଥିଲା—ଆଉ ସେ ତାରି ଭୟରେ ଆଗକୁ ଆଗକୁ ପ୍ରାଣଭୟରେ ପଳାଇ ଯାଉଥିଲେ । ହଠାତ୍ ତାଙ୍କର ନିଜ ଘରକଥା ମନେପଡ଼ିଲା । ତାହା କ'ଣ ଆଜି ଯବନ ହାତରୁ ରକ୍ଷା ପାଇଥିବ ? ମନୋରମା ବର୍ତ୍ତମାନ କେଉଁଠି କି ଅବସ୍ଥାରେ ଥିବ ? ପଶୁପତି ପୁନର୍ବାର ଗଭୀର ଅନ୍ତର୍ଦାହରେ ନିମଜ୍ଜିତ ହେଲା । ସେଇ ମନୋରମା, କୁସୁମମୟୀ ପ୍ରାଣାଧିକା ମନୋରମା ତାଙ୍କୁ ବାରମ୍ବାର ଏଇ ପାପ ପଥରୁ ଫେରିଆସିବା ପାଇଁ ପ୍ରବର୍ତ୍ତାଇଥିଲା—କିନ୍ତୁ ସେ ଚଣ୍ଡାଳ ତାହା ମାନିଲେ ନାହିଁ । ଆଜି ସେଥିପାଇଁ ତାଙ୍କୁ ଏ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ୁଛି—ଏଇ ପାପର ଫଳ ଭୋଗିବାକୁ ହେଉଛି ।

Digitized by srujanika@gmail.com

ମନୋରମାଙ୍କ ପାଇଁ ପଶୁପତି ବ୍ୟାକୁଳ ହୋଇଉଠିଲେ । ଯବନସେନାଙ୍କ ଅତ୍ୟାଚାରରୁ ସତେ କ'ଣ ସେ ରକ୍ଷା ପାଇଥିବେ ? ଏଇ ଦୁର୍ଭାବନାରେ ସେ ମ୍ରିୟମାଣ ହୋଇପଡ଼ିଲେ । ପଶୁପତି ପାଗଳ ପ୍ରାୟ ଧାଇଁଲେ ନିଜ ଗୃହାଭିମୁଖେ । ମୁହୂର୍ତ୍ତକ ଭିତରେ ଉପସ୍ଥିତ ହେଲେ ନିଜର ଗୃହ ସମ୍ମୁଖରେ । ଦେଖିଲେ—ସେ ଯାହା ଭାବିଥିଲେ ତାହାହିଁ ଘଟିଛି । ତାଙ୍କର ସେଇ ସୁରମ୍ୟ ଅଟ୍ଟାଳିକା ଅଗ୍ନିଦଗ୍ଧ । ଏବେ ବି ପ୍ରଜ୍ୱଳିତ ଶିଖା ନିର୍ବାପିତ ହୋଇନାହିଁ । ପଶୁପତି ବୁଝିପାରିଲେ ନାହିଁ । ସମସ୍ତ ପୁରବାସୀଙ୍କ ସମେତ ମନୋରମାଙ୍କୁ ବଧକରି ତାଙ୍କ ଗୃହକୁ ଅଗ୍ନି ଦଗ୍ଧ କରାଯାଇଛି ବୋଲି ସେ ଦୃଢ଼ନିଶ୍ଚିତ ହେଲେ । ମନୋରମା ଯେ ସେ ଗୃହମଧ୍ୟରୁ ଗବାକ୍ଷ ଦେଇ ପଳାୟନ କରିଛନ୍ତି ଏ କଥା ସେ ବା କିପରି ଜାଣନ୍ତେ ?

ପଶୁପତି ବର୍ତ୍ତମାନ ଆଖି ଥାଇ ବି ଅନ୍ଧ - କାନ ଥାଇ ବି ବଧୀର । ହୃଦୟର ଶେଷତନ୍ତ୍ରୀଟିକ ଛିଡ଼ିଗଲା । ଏ ସଂସାରରେ ଆଉ ରହି ଲାଭ କ'ଣ ? କିଛିକ୍ଷଣ ସେଇ ପ୍ରଜ୍ୱଳିତ ଅଗ୍ନିଶିଖା ଆଡ଼କୁ ସେ କାତର ନୟନରେ ଚାହିଁ ରହିଲେ । ତାପରେ ମରଣୋନ୍ମୁଖୀ ପତଙ୍ଗଭଳି ଝାସ ଦେଲେ ସେଇ ଅଗ୍ନି ମଧ୍ୟକୁ । ସଙ୍ଗରେ ଥିବା ପ୍ରହରୀ ତଙ୍କୁ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଥାଏ ବିସ୍ତାରିତ ନୟନରେ ।

ପଶୁପତି ମହାବେଗରେ ସେଇ ଜ୍ୱଳନ୍ତ ଦ୍ୱାରପଥ ଦେଇ ପୁର ମଧ୍ୟରେ ପ୍ରବେଶ କଲେ । ସମଗ୍ର ଶରୀର ଅଗ୍ନି ଦଗ୍ଧ ହେବାକୁ ଲାଗିଲା । ତଥାପି ପଶୁପତି ସେ ଗୃହ ମଧ୍ୟରୁ ବାହାରକୁ ଆସିଲେନାହିଁ । ସତେ ଅବା ଅଗ୍ନିର ଉତ୍ତାପ ତାଙ୍କ ମନର ଉତ୍ତାପଠାରୁ ଅଧିକ ନଥିଲା । ଅଗ୍ନିକୁଣ୍ଡ ସଦୃଶ ପ୍ରଜ୍ୱଳିତ ଗୃହାଙ୍ଗନ ଅତିକ୍ରମ କରି ସେ ଶୟନ କକ୍ଷକୁ ପ୍ରବେଶ କଲେ । ସେଠାରେ କାହାକୁ ଦେଖିଲେ ନାହିଁ । ସେଇ ଦଗ୍ଧ ଶରୀରରେ ସେ ଖୋଜି ବୁଲିଲେ ଗୋଟିକ ପରେ ଗୋଟିଏ ଧୂମାଚ୍ଛନ୍ନ ପ୍ରକୋଷ୍ଠଗୁଡ଼ିକୁ । ଖୋଜିବୁଲୁଥିଲେ ତାଙ୍କର ପ୍ରାଣାଧିକା ମନୋରମାଙ୍କୁ ।

ପଶୁପତି ପାଗଳପ୍ରାୟ ଖୋଜି ବୁଲୁଥିଲେ—ମାତ୍ର ଦେଖିବାକୁ ପାଇଲେ ନାହିଁ ଦାସଦାସୀ, ସ୍ୱଜନ କିମ୍ବା ମନୋରମାଙ୍କୁ । ଏପରିକି କାହାରି ଏକ ଅର୍ଦ୍ଧ ଦଗ୍ଧ ଶରୀର ମଧ୍ୟ ଦେଖିବାକୁ ପାଇଲେ ନାହିଁ । ହତାଶ ହେଲେ । ଅନ୍ତରରୁ ଉଠିଆସୁଥିବା କୋହକୁ ଚାପିରଖି ସେ ତଥାପି ଅନୁସନ୍ଧାନ କରିଚାଲିଥିଲେ ।

Digitized by srujanika@gmail.com

ପକ୍ଷୀର ସ୍ୱରେତ ଆଉ ଶୋଭିତ ହେଉ ନଥିଲା । ତାଙ୍କର ଆଖି ଆଗରେ ଗୃହର ନୂତନ ନୂତନ ଅଂଶ ଅଗ୍ନିର କବଳିତ ହେବାରେ ଲାଗିଥିଲା । ଅଗ୍ନି-ଦଗ୍ଧ ପ୍ରକୋଷ୍ଠରୁ ପ୍ରଜ୍ୱଳିତ ଶିଖାମାନ ଭୟଙ୍କର ଶବ୍ଦ କରି ଆକାଶ ମାର୍ଗକୁ ଲମ୍ଫ ପ୍ରଦାନ କରୁଥିଲା । ଭଗ୍ନାବଶେଷଗୁଡିକ ଭୀଷଣ ଶବ୍ଦ କରି ଭୂତଳେ ପତିତ ହେଉଥିଲା । ଧୂଳି, ଧୂମକୁଣ୍ଡଳି ଏବଂ ଲକ୍ଷ ଲକ୍ଷ ଅଗ୍ନି ସ୍ଫୁଲିଙ୍ଗ ଘାତରେ ପଶୁପତିଙ୍କର ଆଶା ଜଳି ଜଳି ଯାଉଥିଲା ।

ହଠାତ୍ ପଶୁପତିଙ୍କ ଦୃଷ୍ଟି ପଡିଲା ଦେବୀ ମନ୍ଦିର ଉପରେ । ଦେଖିଲେ ଦେବୀ ଅଷ୍ଟଭୂଜାଙ୍କ ମନ୍ଦିରକୁ ମଧ୍ୟ ଅଗ୍ନି ଘେରିଯାଇଛି । ପଶୁପତି ପତଙ୍ଗ ପରି ସେଇ ଅଗ୍ନି ମଧ୍ୟକୁ ଝାସ ଦେଲେ । ଦେଖିଲେ ଅନଳ ମଣ୍ଡଳ ମଧ୍ୟରେ ସ୍ୱର୍ଣ୍ଣପ୍ରତିମା ଏବେ ବି ଅକ୍ଷୁଣ୍ଣଭାବେ ବିରାଜିତ । ପଶୁପତି ଉନ୍ମାଦ ପରି କହିଲେ —"ମା ଜଗଦମ୍ବେ, ଆଜି ତୁମକୁ ଜଗଦମ୍ବା କହିବି ନାହିଁ—ଆଉ ତମର ପୂଜା କରିବି ନାହିଁ—ତୁମକୁ ପ୍ରଣାମ ମଧ୍ୟ କରିବି ନାହିଁ । ଶୈଶବକାଳରୁ କାୟ-ମନୋବାକ୍ୟରେ ମୁଁ ତୁମର ସେବା କରିଆସିଛି । ତୁମରି ପାଦତଳେ ଧ୍ୟାନ କରିବା ଥିଲା ମୋର ଏଇ ଜନ୍ମର ସର୍ବସ୍ୱ । କିନ୍ତୁ ମା, ଗୋଟିଏ ଦିନର ପାପରେ ସବୁ ହରାଇ ବସିଲି । ତେବେ କାହିଁକି ତୁମର ପୂଜା କରୁଥିଲି ? କାହିଁକି ? କାହିଁକି ମା ? ଉତ୍ତର ଦିଅ —ମାରିବ କାହିଁକି ? ମୋ ମନରୁ ସମସ୍ତ ପାପ ଆଶା ଲୋପ ନକଲ କାହିଁକି ମା ?" ପଶୁପତି ମାଆଙ୍କ ଚରଣତଳେ ମୁଣ୍ଡପିଟି ଶିଶୁପରି କାନ୍ଦୁଥିଲେ ।

ମନ୍ଦିର ଦହନକାରୀ ଅଗ୍ନିଶିଖା ଅଧିକ ପ୍ରଜ୍ୱଳିତ ହୋଇ ଜଳି ଉଠିଲା । ପଶୁପତି ତଥାପି ପାଗଳପରି କହିଚାଲିଥାନ୍ତି —ନା—ତୁମେ ଉତ୍ତର ଦେବନାହିଁ—ତୁମେ ମା ନୁହଁ —ତୁମେ ସାମାନ୍ୟ ଧାତୁ ମୂର୍ତ୍ତି—ତୁମେ ଦେବୀ ନୁହଁ —ତୁମର ମହିମା ନାହିଁ । ଏଇ ଦେଖ ତୁମର ଆଗରେ ଏଇ ଅଗ୍ନି ଗର୍ଜି ଉଠି ମୋତେ ଉପହାସ କରୁଛି । ହାଁ, ଆଉ ନୁହେଁ । ମୋର ପ୍ରାଣାଧିକା ମନୋରମା ଯେଉଁ ପଥରେ ଯାଇଛି ମୁଁ ମଧ୍ୟ ତୁମକୁ ସେଇ ପଥରେ ପ୍ରେରଣ କରିବି । କିନ୍ତୁ ଅଗ୍ନି ତୁମକୁ ଦଗ୍ଧ କରି କୀର୍ତ୍ତିଶାଳୀ ହେଉ ଏକଥା ମଧ୍ୟ ମୁଁ କରିବାକୁ ଦେବିନାହିଁ । ମୁଁ ତୁମକୁ ସ୍ଥାପନା କରିଥିଲି—ମୁଁ କରିବି ବିସର୍ଜନ । ଚାଲ ଇଷ୍ଟଦେବୀ ମୁଁ ତୁମକୁ ଗଙ୍ଗାରେ ବିସର୍ଜନ କରିବି ।"

Digitized by srujanika@gmail.com

ଏହା କହି ପଶୁପତି ପ୍ରତିମାଙ୍କୁ ଉତ୍ତୋଳନ କରିବାପାଇଁ ଦୁଇବାହୁ ପ୍ରସାରିତ କଲେ । ହଠାତ୍ ଅଗ୍ନି ପୁଣି ଥରେ ଘୋରରବରେ ଗର୍ଜି ଉଠିଲା । ହଠାତ୍ ପର୍ବତ ଭାଙ୍ଗିବା ସଦୃଶ ସୃଷ୍ଟି ହେଲା ପ୍ରଳୟଙ୍କରୀ ଶବ୍ଦ । ଦଗ୍ଧମନ୍ଦିର ଆକାଶପଥରେ ଧୂଳି ଧୂମ-ଭସ୍ମ ସହିତ ଅଗ୍ନି ସ୍ଫୁଲିଙ୍ଗ ରାଶି ପ୍ରେରଣ କରି ଚୂର୍ଣ୍ଣୀଭୂତ ହୋଇଗଲା । ପ୍ରତିମା ସହ ପଶୁପତି ଜୀବନ୍ତ ସମାଧି ନେଲେ ।

ଅନ୍ତିମକାଳ

ପଶୁପତି ସ୍ୱୟଂ ଅଷ୍ଟଭୁଜାଙ୍କର ପୂଜାଅର୍ଚ୍ଚନା କରୁଥିଲେ ସତ, ତଥାପି ତାଙ୍କର ସେବାପୂଜା ନିମିତ୍ତ ଦୁର୍ଗାଦାସ ନାମକ ଜଣେ ବ୍ରାହ୍ମଣ ନିଯୁକ୍ତିପାଇଥିଲେ । ନଗର ଲୁଣ୍ଠନର ପରଦିବସରେ ଦୁର୍ଗାଦାସ ଖବର ପାଇଲେ ପଶୁପତିଙ୍କର ଗୃହ ଭସ୍ମୀଭୂତ ହୋଇଯାଇଛି । ତେଣୁ ସେଇ ଭସ୍ମସ୍ତୂପ ମଧ୍ୟରୁ ଅଷ୍ଟଭୁଜା ମୂର୍ତ୍ତିଙ୍କୁ ଉଦ୍ଧାର କରି ସ୍ୱଗୃହରେ ପ୍ରତିଷ୍ଠା କରିବା ନିମିତ୍ତ ସେ ସଙ୍କଳ୍ପ କଲେ । ଯବନସେନା ମନଇଚ୍ଛା ନଗରୀ ଲୁଣ୍ଠନ କରିସାରିବା ପରେ ବକ୍ତିୟାର ଖିଲିଜି ନଗରବାସୀଙ୍କୁ ଆଉ ଅଯଥା କଷ୍ଟ ନ ଦେବା ନିମିତ୍ତ ଆଦେଶଦେଲେ । ଏଣୁ ବଙ୍ଗବାସୀମାନେ ସାହସ କରି ରାଜପଥକୁ ଗମନାଗମନ ଆରମ୍ଭ କଲେ । ଦୁର୍ଗାଦାସ ମଧ୍ୟ ଅଷ୍ଟଭୁଜାଙ୍କୁ ଉଦ୍ଧାର କରିବା ନିମିତ୍ତ ପଶୁପତିଙ୍କ ଗୃହ ଆଡ଼କୁ ଚାଲିଲେ । ଯେଉଁଠାରେ ଅଷ୍ଟଭୁଜାଙ୍କ ମନ୍ଦିର ଥିଲା ସେଇ ସ୍ଥାନକୁ ଦୁର୍ଗାଦାସ ଚାଲିଲେ । ଦେଖିଲେ ବହୁ ଇଷ୍ଟକ ଓ ପ୍ରସ୍ତର ସ୍ତୂପ ସ୍ଥାନାନ୍ତର ନକରିଲେ ମୂର୍ତ୍ତି ଉଦ୍ଧାର କରିବା ସମ୍ଭବ ନୁହେଁ । ତେଣୁ ଦୁର୍ଗାଦାସ ନିଜ ପୁତ୍ରକୁ ଡାକି ଆଣିଲେ । ଇଷ୍ଟକ ସବୁ ଅତ୍ୟଧିକ ତାପ ଯୋଗୁ ପରସ୍ପର ସଂଯୁକ୍ତ ହୋଇଯାଇଥିଲା । ସେଗୁଡ଼ିକ ଏ ପର୍ଯ୍ୟନ୍ତ ଉତ୍ତପ୍ତ ଥିଲା । ପିତା ପୁତ୍ର ଉଭୟେ ଜଳ ଆଣି ସେଗୁଡ଼ିକୁ ଶୀତଳ କରିବାକୁ ଲାଗିଲେ ଏବଂ ବହୁ କଷ୍ଟରେ ଅଷ୍ଟଭୁଜାଙ୍କର ଅନୁସନ୍ଧାନ କରିବାରେ ଲାଗିଲେ । ଇଷ୍ଟକରାଶି ସ୍ଥାନାନ୍ତରିତ ହେଲା । ତାମଧ୍ୟରୁ ଦେବୀଙ୍କର ପ୍ରତିମା ମଧ୍ୟ ଆବିଷ୍କୃତ ହେଲା । କିନ୍ତୁ ଅଷ୍ଟଭୁଜାଙ୍କ ପାଦତଳେ ଏ କି ଦୃଶ୍ୟ ? ପିତାପୁତ୍ର ଭୟଭୀତ ହୋଇପଡ଼ିଲେ । ନିରୀକ୍ଷଣ କରି ଦେଖିଲେ — ଦେବୀଙ୍କ ପାଦତଳେ ଏକ ଦଗ୍ଧୀଭୂତ ମନୁଷ୍ୟର ଶରୀର । ଉଭୟେ ସେହି

Digitized by srujanika@gmail.com

ମୃତଦେହ ଉତ୍ତୋଳନ କରି ଦେଖନ୍ତି ତ ତାହା ପଶୁପତିଙ୍କର ମରଣଶରୀର । ବିସ୍ମୟା-ଭିଭୂତ ହୋଇ ଦୁର୍ଗାଦାସ କହିଲେ—"ପ୍ରଭୁଙ୍କର ଅବସ୍ଥା ଯେଉଁ ପରିସ୍ଥିତିରେ ଏପରି ହୋଇ ଥାଉ ନା କାହିଁକି, ଦାସ ହିସାବରେ ମୋର ଏହାଙ୍କ ପ୍ରତି ଏବଂ ଏହାଙ୍କ ପରିବାର ପ୍ରତି ଗୁରୁ କର୍ତ୍ତବ୍ୟ ରହିଛି । ବର୍ତ୍ତମାନ ଗଙ୍ଗାଘାଟରେ ଏହି ମରଣଶରୀର ସତ୍କାର କରିବା ଚାଲ ।" ଏହା କହି ଦୁଇଜଣ ପଶୁପତିଙ୍କ ମରଣଶରୀର ବହନ କରି ଗଙ୍ଗାକୂଳକୁ ନେଇଗଲେ । ସେଠାରେ ପୁଅକୁ ଶବସତ୍କାର କର୍ମରେ ନିଯୁକ୍ତ କରି ଦୁର୍ଗାଦାସ ନିଜେ କାଷ୍ଠାଦି ସଂଗ୍ରହ କରିବା ଉଦ୍ଦେଶ୍ୟରେ ନଗରଉନ୍ମୁଖେ ଚାଲିଗଲେ । ଦୁର୍ଗାଦାସ ପୁତ୍ରର ସହାୟତାରେ ଶାସ୍ତ୍ରବିଧି ଅନୁସାରେ ଶବସତ୍କାରର ପୂର୍ବବର୍ତ୍ତୀ କାର୍ଯ୍ୟ ସମ୍ପାଦନ କରି ଚନ୍ଦନ କାଷ୍ଠରେ ଚିତା ପ୍ରସ୍ତୁତ କଲେ । ଚିତାଉପରେ ପଶୁପତିଙ୍କର ମୃତଦେହ ସ୍ଥାପନ କରି ଅଗ୍ନି ସଂଯୋଗ କଲେ ।

କିନ୍ତୁ ଅକସ୍ମାତ ଶ୍ମଶାନଭୂମିରେ କାହାର ଏ ଆବିର୍ଭାବ ? ବ୍ରାହ୍ମଣଦ୍ୱୟ ବିସ୍ମିତ ଦୃଷ୍ଟିରେ ଚାହିଁ ଦେଖିଲେ ଜଣେ ମଳିନବସନା ରୁକ୍ଷକେଶୀ ଆଲୁଳାୟିତ କୁନ୍ତଳ, ଭସ୍ମ ଧୂଳି ସଂସର୍ଗରେ ବିବର୍ଣ୍ଣା ଉନ୍ମାଦିନୀ ଆସି ଶ୍ମଶାନ ଭୂମିରେ ଉପସ୍ଥିତ । ରମଣୀ ବ୍ରାହ୍ମଣ ଦୁଇଜଣଙ୍କର ନିକଟବର୍ତ୍ତୀ ହେଲେ । ଦୁର୍ଗାଦାସ ସଭୟେ ପଚାରିଲେ—ଆପଣ କିଏ ?

ରମଣୀ କହିଲେ—ତୁମେ କାହାର ଶବ ସତ୍କାର କରୁଛ ?

ଦୁର୍ଗାଦାସ—ମୃତ ଧର୍ମାଧିକାରୀ ପଶୁପତିଙ୍କର ।

ରମଣୀ—ପଶୁପତିଙ୍କର କିଭଳି ମୃତ୍ୟୁ ହେଲା ?

ଦୁର୍ଗାଦାସ କହିଲେ—ପ୍ରାତଃକାଳରେ ଜନରବ ହେଲା—ସେ ଯବନଙ୍କର୍ତ୍ତୃକ କାରାରୁଦ୍ଧ ହୋଇଥିଲେ—କିନ୍ତୁ କୌଶଳକ୍ରମେ ବନ୍ଦୀଶାଳାରୁ ପଳାୟନ କରିଛନ୍ତି । କିନ୍ତୁ ଆଜ ତାଙ୍କର ଅଟ୍ଟାଳିକା ଭସ୍ମୀଭୂତ ହୋଇଥିବା ଦେଖି ମୁଁ ଭଗ୍ନସ୍ତୂପ ମଧ୍ୟରୁ ଇଷ୍ଟଦେବୀ ଅଷ୍ଟଭୁଜାଙ୍କୁ ଉଦ୍ଧାର କରିବାପାଇଁ ଯାଇଥିଲି । ସେଠାରେ ପ୍ରଭୁ ପଶୁପତିଙ୍କର ମୃତଦେହ ଦେଖିବାକୁ ପାଇଲି ।

ରମଣୀ ଏକଥା ଶୁଣି ନିରୁତ୍ତର ରହିଲେ । ଗଙ୍ଗାକୂଳରେ ସେଇ ବାଲୁକା ଶେଯରେ ବସିରହିଲେ । ବହୁକ୍ଷଣ ନୀରବ ରହିବା ପରେ ପଚାରିଲେ—ତୁମେମାନେ କିଏ ?

ଦୁର୍ଗାଦାସ କହିଲେ—ଆମେ ଦୁହେଁ ବ୍ରାହ୍ମଣ । ଧର୍ମାଧିକାରୀଙ୍କ ଅନ୍ନରେ ପ୍ରତିପାଳିତ । ଆପଣ କିଏ ?

Digitized by srujanika@gmail.com

ତରୁଣୀ—ମୁଁ ତାଙ୍କର ପତ୍ନୀ ।

ଦୁର୍ଗାଦାସ—ତାଙ୍କର ପତ୍ନୀ ବହୁକାଳରୁ ନିରୁଦ୍ଦିଷ୍ଟା—ଆପଣ କପରି ତାଙ୍କର ପତ୍ନୀ ହେଲେ ?

ଯୁବତୀ—ମୁଁ ସେଇ ନିରୁଦ୍ଦିଷ୍ଟା ବୈଷ୍ଣବ-କନ୍ୟା । ପିତା ମୋର, ମୋ ସ୍ୱାମୀଙ୍କ ମୃତ୍ୟୁରେ ମୁଁ ବିଧବା ହୋଇ ତାଙ୍କ ଚିତାନଳରେ ଝାସ ଦେବା ଭୟରେ ଏତେ ଦିନ ଧରି ମୋତେ ଲୁଚାଇ ରଖିଥିଲେ । ମୁଁ ଆଜ ସେଇ ବିଧିଲିପି ପୂର୍ଣ୍ଣ କରିବା ନିମିତ୍ତ ଏଠାରେ ଉପସ୍ଥିତ ।

ପିତାପୁତ୍ର ଏକଥା ଶୁଣି ଶିହରି ଉଠିଲେ । ସେ ଦୁହିଁଙ୍କୁ ନିରୁତ୍ତର ଦେଖି ବିଧବା ରମଣୀ କହିଲେ—ବର୍ତ୍ତମାନ ତାଙ୍କର ସ୍ତ୍ରୀ ଭାବେ ମୋର କର୍ତ୍ତବ୍ୟର ବେଳ ଆସିଛି—ତୁମେ ଏଥିପାଇଁ ବ୍ୟବସ୍ଥା କର ।

ଦୁର୍ଗାଦାସ ତରୁଣୀଙ୍କର ଅଭିପ୍ରାୟ ବୁଝିଲେ । ପୁତ୍ରର ମୁଖକୁ ଚାହିଁ ପଚାରିଲେ—କ'ଣ କହୁଛୁ ?

ପୁତ୍ର ମଧ୍ୟ କିଛି ଉତ୍ତର ଦେଇପାରିଲେ ନାହିଁ । ଦୁର୍ଗାଦାସ ନିଜେ ଶେଷରେ କହିଲେ—ମା, ତୁମେ ବିଧବା ହେଲେ ବି ବାଳିକା—ଏ କଠିନ କାର୍ଯ୍ୟ କରିବା ପାଇଁ କାହିଁକି ଇଚ୍ଛା କରୁଛ ?

ତରୁଣୀ ଭ୍ରୂକୁଞ୍ଚନ କରି କହିଲେ—ବ୍ରାହ୍ମଣ ହୋଇ ଧର୍ମର ଅନୁଷ୍ଠାଚରଣ କରିବାପାଇଁ କିମ୍ପା ମୋତେ ଉପଦେଶ ଦେଉଛ ? ବିଳମ୍ବ ନକରି ଉଚିତ ବ୍ୟବସ୍ଥା କର ।

ବ୍ରାହ୍ମଣ ବାଧ୍ୟହୋଇ ଆୟୋଜନ ନିମିତ୍ତ ପୁନର୍ବାର ନଗରମଧ୍ୟକୁ ଗଲେ । ଯିବା ସମୟରେ ବିଧବା ଦୁର୍ଗାଦାସଙ୍କୁ କହିଲେ—ତୁମେ ନଗରକୁ ଯାଉଛ । ନଗର ଶେଷପ୍ରାନ୍ତରେ ରାଜାଙ୍କର ଉପବନ ବାଟିକାରେ ହେମଚନ୍ଦ୍ର ନାମକ ଜଣେ ବିଦେଶୀ ରାଜକୁମାର ବାସ କରୁଛନ୍ତି । ତାଙ୍କୁ ଦେଖିଲେ କହିଦେବ—ମନୋରମା ଗଙ୍ଗାକୂଳରେ ଚିତାନଳରେ ଝାସ ଦେଉଛନ୍ତି—ସେ ଥରକପାଇଁ ଆସି ତାଙ୍କୁ ଶେଷ ସାକ୍ଷାତ ଦେଇଯାଆନ୍ତୁ । ମନୋରମାର ଏ ଜନ୍ମରେ ତାଙ୍କୁ ଏତିକି ମାତ୍ର ଭିକ୍ଷା ।

ହେମଚନ୍ଦ୍ର, ବ୍ରାହ୍ମଣ ମୁଖରୁ ଯେତେବେଳେ ଶୁଣିଲେ ଯେ ମନୋରମା ପଶୁପତିଙ୍କ ପତ୍ନୀଭାବେ ନିଜକୁ ପରିଚୟ ଦେଇ ମୃତ ସ୍ୱାମୀଙ୍କର ଅନୁଗାମୀ ହୋଇ ଚିତାନଳରେ ଝାସ ଦେବାକୁ ବସିଛନ୍ତି—ସେ କିଛି ବୁଝିପାରିଲେ

Digitized by srujanika@gmail.com

ନାହିଁ । ସେ କାଳ ବିଳମ୍ବ ନକରି ଦୁର୍ଗାଦାସଙ୍କ ସହ ଗଙ୍ଗାକୂଳକୁ ଆସିଲେ । ଦେଖିଲେ ମନୋରମାଙ୍କର ସେଇ ଅପୂର୍ବ ମଳିନ ଉନ୍ମାଦିନୀ ମୂର୍ତ୍ତି । ତାହା ଦେଖି ହେମଚନ୍ଦ୍ରଙ୍କର ଦୁଇ ଚକ୍ଷୁରୁ ଲୋତକଧାରା ଅବିରାମ ଗତିରେ ବହିଚାଲିଲା । ସେ ଆକୁଳ କଣ୍ଠରେ କହିଉଠିଲେ--"ଭଉଣୀ – ତୁମେ ଏ କି'ଣ କରିବାକୁ ଯାଉଛ ?"

ମନୋରମା ଜ୍ୟୋତ୍ସ୍ନାଲୋକିତ ସରୋବର ତୁଲ୍ୟ ସ୍ଥିର ମୂର୍ତ୍ତି ଭାବେ ମୃଦୁ-ଗମ୍ଭୀର ସ୍ୱରରେ କହିଲେ—ଭାଇ, ଯେଉଁଥିପାଇଁ ମୁଁ ଜୀବନ ଧାରଣ କରିଥିଲି ତାହା ଆଜ ସଫଳ ହୋଇଛି । ଆଜ ମୁଁ ମୋର ସ୍ୱାମୀଙ୍କର ଅନୁଗାମୀ ହେବି ।

ମନୋରମା ସଂକ୍ଷେପରେ ହେମଚନ୍ଦ୍ରଙ୍କୁ ପୂର୍ବ ପରିଚୟ ଦେଇ କହିଲେ— "ମୋର ସ୍ୱାମୀ ଅପରିମିତ ଧନ ସଞ୍ଚୟ କରି ରଖିଯାଇଛନ୍ତି । ମୁଁ ବର୍ତ୍ତମାନ ସେ ସମ୍ପତ୍ତିର ଅଧିକାରିଣୀ । ମୁଁ ତାହା ତୁମକୁ ଦାନକରିଯାଉଛି—ତୁମେ ତାହା ଦୟା କରି ଗ୍ରହଣ କର । ତୁମେ ଗ୍ରହଣ ନକଲେ ପାପିଷ୍ଠ ଯବନ ତାହା ଭୋଗ କରିବ । ସେଇ ସମ୍ପତ୍ତିର କିୟଦଂଶ ବ୍ୟୟ କରି ଜନାର୍ଦ୍ଦନ ଶର୍ମାଙ୍କୁ କାଶୀଧାମରେ ଅବସ୍ଥାନ କରାଇବ । ଜନାର୍ଦ୍ଦନଙ୍କୁ ଅଧିକ ଧନ ଦେବ ନାହିଁ— ତାହା କଲେ ଯବନ ତାଙ୍କଠାରୁ ଛଡ଼ାଇନେଇପାରେ । ମୋର ଚିତାଦାହ ପରେ ସ୍ୱାମୀଙ୍କର ଗୃହକୁ ଯାଇ ସେଇ ଅର୍ଥର ସନ୍ଧାନ ନେବ । ମୁଁ ଯେଉଁ ସ୍ଥାନ କହୁଛି ସେଇ ସ୍ଥାନକୁ ଖୋଳିଲେ ତୁମେ ପାଇପାରିବ ।" ଏହା ପରେ ମନୋରମା ଗୁପ୍ତଧନ ପୋତାହୋଇଥିବା ସ୍ଥାନଟିର ସୂଚନା ଦେଲେ ।

ମନୋରମା ହେମଚନ୍ଦ୍ରଙ୍କଠାରୁ ପୁଣି ଥରେ ବିଦାୟ ନେଲେ । ଜନାର୍ଦ୍ଦନ ଓ ତାଙ୍କର ପତ୍ନୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ହେମଚନ୍ଦ୍ରଙ୍କ ହାତରେ ସେମାନଙ୍କ ନିକଟକୁ ବହୁ ସ୍ନେହସୂଚକ ବାର୍ତ୍ତା କହିପଠାଇଲେ । ଏହାପରେ ବ୍ରାହ୍ମଣଦ୍ୱୟ ଶାସ୍ତ୍ରବିଧି ଅନୁସାରେ ମନୋରମାଙ୍କର ପତି ସହ ଗମନ ବ୍ୟବସ୍ଥା କରାଇଲେ । ଶାସ୍ତ୍ରାନୁଯାୟୀ ମନୋରମା ବ୍ରାହ୍ମଣ ଆଣିଥିବା ନୂତନ ବସ୍ତ୍ର ପରିଧାନ କଲେ । କଣ୍ଠରେ ପୁଷ୍ପମାଳା ନେଇ ପଶୁପତିଙ୍କର ପ୍ରଜ୍ୱଳିତ ଚିତା ପ୍ରଦକ୍ଷିଣ କରି, ତାହା ଉପରେ ଆରୋହଣ କରି ହସ ହସ ମୁଖରେ ସେଇ ପ୍ରଜ୍ୱଳିତ ଚିତାନଳରେ ଉପବେଶନ କଲେ । ପ୍ରଚଣ୍ଡ ସୂର୍ଯ୍ୟ ତାପରେ କୁସୁମ କଳିକା ଝାଉଁଳି ପଡ଼ିବା ପରି ମୂହୂର୍ତ୍ତକ ମଧ୍ୟରେ ପ୍ରଚଣ୍ଡ ଅଗ୍ନିଶିଖାରେ ଝରିପଡ଼ିଲା ମନୋରମାଙ୍କର ଜୀବନକଳିକା ।

Digitized by srujanika@gmail.com

ପରିଶିଷ୍ଟ

ହେମଚନ୍ଦ୍ର ମନୋରମାଙ୍କ ପ୍ରଦତ୍ତ ଧନରାଶି ଉଦ୍ଧାର କରି ତାହାର କିଛି ଅଂଶ ଜନାର୍ଦ୍ଦନଙ୍କୁ ଦେଇ କାଶୀଧାମ ପ୍ରେରଣ କଲେ । ଅବଶିଷ୍ଟ ଧନ ଗ୍ରହଣ କରିବେ କି ନା ମାଧବାଚାର୍ଯ୍ୟଙ୍କୁ ପଚାରିଲେ । ମାଧବାଚାର୍ଯ୍ୟ କହିଲେ—ଏହି ଧନବଳରେ ପଶୁପତିର ବିନାଶକାରୀ ବଖ୍ତିୟାର ଖିଲିଜିକୁ ଉପଯୁକ୍ତ ପ୍ରତିଫଳ ଦେବା ତୁମର କର୍ତ୍ତବ୍ୟ । ସେହି ଉଦ୍ଦେଶ୍ୟରେ ଏହାକୁ ଗ୍ରହଣ କରିବା ଉଚିତ । ଦକ୍ଷିଣାଞ୍ଚଳରେ ସମୁଦ୍ର ଉପକୂଳରେ ବହୁ ପ୍ରଦେଶ ଜନହୀନ ଅବସ୍ଥାରେ ପଡ଼ି ରହିଛି । ତେଣୁ ତୁମେ ଏହି ଧନ ନେଇ ସେଠାରେ ରାଜ୍ୟ ସ୍ଥାପନ କର ଏବଂ ଯବନ ଦମନ ଉଦ୍ଦେଶ୍ୟରେ ସେନା ପ୍ରସ୍ତୁତ କର । ସେହି ସେନାବାହିନୀ ବଳରେ ପଶୁପତିର ଶତ୍ରୁ ବଖ୍ତିୟାରକୁ ନିଧନ କରିବା ନିମିତ୍ତ ସଂକଳ୍ପବଦ୍ଧ ହୁଅ ।

ମାଧବାଚାର୍ଯ୍ୟଙ୍କର ଏହିଭଳି ପରାମର୍ଶ ଅନୁଯାୟୀ ସେହି ରାତିରେ ହେମଚନ୍ଦ୍ର ଦକ୍ଷିଣାଞ୍ଚଳକୁ ଯାତ୍ରା କଲେ । ପଶୁପତିଙ୍କର ଧନରାଶି ହେମଚନ୍ଦ୍ର ଗୋପନରେ ସଙ୍ଗରେ ନେଇଗଲେ । ମୃଣାଳିନୀ ଗିରିଜାୟା ଏବଂ ଦିଗ୍‌ବିଜୟ ମଧ୍ୟ ଏ ଯାତ୍ରାରେ ତାଙ୍କର ସହଗାମୀ ହେଲେ । ମାଧବାଚାର୍ଯ୍ୟ ମଧ୍ୟ ନୂତନ ରାଜ୍ୟ ପ୍ରତିଷ୍ଠାରେ ସାହାଯ୍ୟ କରିବା ନିମିତ୍ତ ହେମଚନ୍ଦ୍ରଙ୍କ ସଙ୍ଗରେ ଗଲେ । ଯବନ ଶାସନକର୍ତ୍ତାଙ୍କର ଧର୍ମବିଦ୍ୱେଷ ନୀତି ଫଳରେ ବହୁ ରାଜା ଉତ୍ପୀଡ଼ିତ ହୋଇ ରାଜ୍ୟ ତ୍ୟାଗ କରି ସେହି ଦକ୍ଷିଣାଞ୍ଚଳକୁ ନିରାପଦ ଭାବି ପଳାୟନ କଲେ । ଫଳରେ ହେମଚନ୍ଦ୍ରଙ୍କ ନେତୃତ୍ୱରେ ସେହି ଦକ୍ଷିଣାଞ୍ଚଳରେ ଦୃଢ଼ ରାଜ୍ୟ ପ୍ରତିଷ୍ଠା ଅନାୟାସରେ ସମ୍ଭବପର ହେଲା ।

ମାଧବାଚାର୍ଯ୍ୟଙ୍କ ପରାମର୍ଶ ଗ୍ରହଣ କରି ବହୁ ଧନଶାଳୀ ବ୍ୟକ୍ତି ସେଠାରେ ଯାଇ ଅବସ୍ଥାନ କଲେ । ଅଳ୍ପ କାଳ ମଧ୍ୟରେ ସେହି ରାଜ୍ୟ ହୋଇଉଠିଲା ଧନ-ଧାନ୍ୟଭରା, ସୌଭାଗ୍ୟଶାଳୀ ଏବଂ ସୌଷ୍ଠବାନ୍ୱିତ । ଧୀରେ ଧୀରେ ସୈନ୍ୟ-ସଂଗ୍ରହ ଅଭିଯାନ ଚାଲିଲା । ନିର୍ମିତ ହେଲା ରମଣୀୟ ରାଜପ୍ରାସାଦ । ମୃଣାଳିନୀ ସେହି ରାଜପ୍ରାସାଦରେ ମହିଷୀଭାବେ ପୁରମଣ୍ଡନ କଲେ । ଗିରିଜାୟା ସଙ୍ଗେ ଦିଗ୍‌ବିଜୟଙ୍କର ଶୁଭ ପରିଣୟ ଅନୁଷ୍ଠିତ ହେଲା । ଗିରିଜାୟା ମୃଣାଳିନୀଙ୍କର

Digitized by srujanika@gmail.com

ପରିଚର୍ଯ୍ୟାରେ ନିଯୁକ୍ତ ହେଲେ । ବିଗତ୍ ବିଜୟ ପ୍ରବଳ ହେମଚନ୍ଦ୍ରଙ୍କର କାର୍ଯ୍ୟ ନିର୍ବାହ କରିବାରେ ଲାଗିଲେ ।

ହେମଚନ୍ଦ୍ରଙ୍କୁ ଏଇଭଳି ନୂତନ ରାଜ୍ୟରେ ଅଧିଷ୍ଠିତ କରାଇବା ପରେ ମାଧବାଚାର୍ଯ୍ୟ କାମରୂପ ଯାତ୍ରାକଲେ । ହେମଚନ୍ଦ୍ର [redacted] ଶାସନରୁ ମୁସଲମାନମାନଙ୍କର ଶତ୍ରୁତାଚରଣ କରିବାରେ ଲାଗିଲେ । [redacted]ୟାର ଖିଲଜ୍ ପରାସ୍ତ ହୋଇ କାମରୂପ ବାଟେ ଦୂରକୁ ପଳାୟନକଲେ । କାମରୂପରୁ ପ୍ରତ୍ୟାବର୍ତ୍ତନ ସମୟରେ ଅପମାନ ଏବଂ ପଥକଷ୍ଟରେ ସେ ପ୍ରାଣତ୍ୟାଗ କଲେ । କେଉଁ ପରିସ୍ଥିତିରେ ଏବଂ କିଭଳି ଭାବେ ବଖତିୟାର ଖିଲଜ୍ ପ୍ରାଣତ୍ୟାଗକଲେ ସେ ବିଷୟ ବର୍ଣ୍ଣନା କରିବାର ଅଭିପ୍ରାୟ ନାହିଁ ।

ରତ୍ନମୟୀ ଜଣେ ଧନବାନ୍ ବଣିକଙ୍କୁ ବିବାହ କରି ହେମଚନ୍ଦ୍ରଙ୍କ ନୂତନ ରାଜ୍ୟରେ ଯାଇ ବସବାସକଲେ । ମୃଣାଳିନୀଙ୍କ ଯୋଗୁ ରତ୍ନମୟୀର ସ୍ୱାମୀ ମଧ୍ୟ ରାଜ ଅନୁଗ୍ରହ ଲାଭକଲେ । ଗିରିଜାୟା ଓ ରତ୍ନମୟୀ ଦୁଇଜଣ ଦୁଇ ସଖୀଭାବେ ହସ କୌତୁକରେ କାଳ କାଟିଲେ । ମୃଣାଳିନୀ ମାଧବାଚାର୍ଯ୍ୟଙ୍କଦ୍ୱାରା ହୃଷୀକେଶଙ୍କୁ ଅନୁରୋଧ କରାଇ ମଣିମାଳିନୀଙ୍କୁ ନିଜ ରାଜଧାନୀକୁ ଆଣାଇଲେ । ମଣିମାଳିନୀ ରାଜପୁରରେ ମୃଣାଳିନୀଙ୍କର ବାନ୍ଧବୀ ଭଳି ବାସକଲେ । ମଣିମାଳିନୀଙ୍କ ସ୍ୱାମୀ ମଧ୍ୟ ରାଜପୁରୋହିତ ଭାବେ ନିଯୁକ୍ତି ପାଇଲେ ।

ଶାନ୍ତଶୀଳ ପେଚେତବେତଳ ଦେଖିଲେ ହିନ୍ଦୁମାନେ ଆଉ ଗୌଡରାଜ୍ୟ ଫେରି ପାଇବାର ସମ୍ଭାବନା ନାହିଁ, ତେଣୁ ନିଜର ଚତୁରତା ଏବଂ କର୍ମଦକ୍ଷତା ବଳରେ ସେ ଯବନଗଣଙ୍କୁ ସନ୍ତୁଷ୍ଟ କରି ସେମାନଙ୍କର ପ୍ରିୟପାତ୍ର ହେବାକୁ ଚେଷ୍ଟାକଲେ । ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର ଓ ବିଶ୍ୱାସଘାତକତା କରିବା ଫଳରେ ତାଙ୍କର ଧୃଷ୍ଟତା ଚରିତାର୍ଥ ହେଲା । ସେ ଯବନ ଅଧୀନରେ ରାଜକାର୍ଯ୍ୟରେ ନିଯୁକ୍ତ ହେଲେ ।

Digitized by srujanika@gmail.com